# ଧରିତ୍ରୀ
DHARITRI

ପୃଷ୍ଠା-୧୬+୧୨+୮

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ (୧୬+୧୨+୮=୩୬ ପୃଷ୍ଠା) Bhubaneswar, Tuesday, March 12/2024 Page 16+12+8=36 ₹ 7.00 | SAMBALPUR

୫୦ଶ ଭାଗ ୧୦୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 109 ମୂଲ୍ୟ ₹୭/-







# ଆଜି ଇଲେକ୍ଟୋରାଲ ବଣ୍ଡ ତଥ୍ୟ ଦିଅ

**ନୂଆଦିଲ୍ଲୀ,୧୧।୩(ପି.ଟି.)**

ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ ପାଇଁ ସମୟ ବଢ଼ାଇବା ନିମନ୍ତେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ମଙ୍ଗଳବାର ଅଫିସ ସମୟ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡ ତଥ୍ୟ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍‌ବିଆଇ ଦାଖଲ କରିଥିବା ତଥ୍ୟକୁ ମାର୍ଚ୍ଚ ୧୫ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସରକାରୀ ୱେବ୍‌ସାଇଟ୍‌ରେ ରଖିବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପୀଠରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପର୍ଦ୍ଦିୱାଲ ଏବଂ ମନୋଜ ମିଶ୍ରା ରହିଥିଲେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଏସ୍‌ବିଆଇ ଯଦି ଫେବୃଆରୀ ୧୫ରେ ରାୟକୁ କାର୍ଯ୍ୟକାରୀ କରିବାରେ ବିଫଳ ହୁଏ, ତେବେ ଏହା ବିରୋଧରେ 'ଇଚ୍ଛାକୃତ ଅବମାନନା' ନେଇ ଅଦାଲତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ନୋଟିସ୍ ମାଧ୍ୟମରେ ଜଣାଇଦେଇଛନ୍ତି।

ରାଜନୈତିକ ଦଳଗୁଡ଼ିକ ପାଇଁ ଚାନ୍ଦା ସଂଗ୍ରହର ମାଧ୍ୟମ ସାଜିଥିବା ଇଲେକ୍ଟୋରାଲ ବଣ୍ଡ ଅସମ୍ବିଧାନିକ ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଥିବା ଦର୍ଶାଇ ଗତ ମାସ ୧୫ରେ ସାମ୍ବିଧାନିକ ପୀଠ ଏହାକୁ ରଦ୍ଦ କରିଦେଇଥିଲେ। କେଉଁ ରାଜନୈତିକ ଦଳକୁ କେଉଁମାନେ କେତେ ଟଙ୍କା ଇଲେକ୍ଟୋରାଲ ବଣ୍ଡ ଜରିଆରେ ଦେଇଛନ୍ତି, ତାହାର ସବିଶେଷ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରିବା ନିମନ୍ତେ ଏସ୍‌ବିଆଇକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏତେ କମ୍ ସମୟରେ ତଥ୍ୟ ସଂଗ୍ରହ କରିବା ସହଜ ନୁହେଁ ଦର୍ଶାଇ ଏସ୍‌ବିଆଇ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ବଢ଼ାଇବାକୁ ଅଦାଲତଙ୍କୁ ନିବେଦନ କରିଥିଲା। ଉକ୍ତ ପିଟିଶନ ଅଦାଲତ ଖାରଜ କରିଦେବା ସହ ମଙ୍ଗଳବାର ସୁଦ୍ଧା ତଥ୍ୟ ଦାଖଲ କରିବାକୁ କହିଛନ୍ତି। ☞ପୃଷ୍ଠା-୧୩

## ଏସ୍‌ବିଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



# ନିର୍ବାଚନ ପୂର୍ବରୁ ଲାଗୁ ହେଲା ସିଏଏ

**ନୂଆଦିଲ୍ଲୀ,୧୧।୩ (ପି.ଟି.)**

ଲୋକ ସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ଦେଶରେ ବିବାଦୀୟ ନାଗରିକତ୍ୱ(ସଂଶୋଧନ) ଆଇନ (ସିଏଏ) ଲାଗୁ ପାଇଁ ସୋମବାର ନିୟମାବଳୀର ବିଜ୍ଞପ୍ତି ଜାରି ହୋଇଛି। ଫଳରେ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ବିନା କାଗଜପତ୍ରରେ ଆସି ଭାରତରେ ରହିଯାଇଥିବା ଅଣମୁସଲମାନମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ପଥ ପରିଷ୍କାର ହୋଇଯାଇଛି। ଏହି ନିୟମ ଅନୁଯାୟୀ ପଡୋଶୀ ଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ମିଳିବ। ୨୦୧୯ ଡିସେମ୍ବରରେ ସିଏଏ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ




ଲାଭ କରିଥିଲା। ତେବେ ଏହା ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଆନ୍ଦୋଳନ ହେବାରୁ ଆଇନକୁ କାର୍ଯ୍ୟକାରୀ କରାଯାଇ ପାରି ନ ଥିଲା। ସିଏଏ ବିରୋଧୀ ଆନ୍ଦୋଳନ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନରେ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ଆଇନର ନିୟମାବଳୀ ଉପରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ପାର୍ଲାମେଣ୍ଟ କାର୍ଯ୍ୟର ମାନୁଆଲ ଅନୁଯାୟୀ କୌଣସି ଆଇନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବାର ୬ ମାସ ମଧ୍ୟରେ ନିୟମାବଳୀ ପ୍ରସ୍ତୁତ ହେବା ଆବଶ୍ୟକ। ଏହି ସମୟସୀମା ବଢ଼ାଇବା ପାଇଁ ସରକାର ଲୋକସଭା ଏବଂ ରାଜ୍ୟସଭାର କମିଟି ନିକଟରେ ଏକାଧିକ ଥର ଆବେଦନ କରିଥିଲେ। ନାଗରିକତ୍ୱ ଆବେଦନର ସମସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ପୋର୍ଟାଲ ପ୍ରସ୍ତୁତ କରିଛନ୍ତି। ବିନା ଡକ୍ୟୁମେଣ୍ଟରେ ଆବେଦନକାରୀ କେବେ ଭାରତ ଆସିଥିଲେ, ଉକ୍ତ ବର୍ଷ ଘୋଷଣା କରିବାକୁ ହେବ। ଏହା ବ୍ୟତୀତ ଆବେଦନକାରୀଙ୍କୁ ଅନ୍ୟ କୌଣସି ଦସ୍ତାବିଜ ମଗାଯିବ ନାହିଁ। ଲୋକ ସଭା ନିର୍ବାଚନ ପୂର୍ବରୁ ସିଏଏ କାର୍ଯ୍ୟକାରୀ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗତ ମାସରେ କହିଥିଲେ।

# ୧୮ରୁ କୁଆପଥର ସହ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୧।୩(ଅନିଲ ଦାସ)**

ରାଜ୍ୟରେ ଆସନ୍ତା ୨୧ ତାରିଖ ଯାଏ ତାତି ବଢ଼ିବ ନାହିଁ। ଦିନର ସର୍ବୋଚ୍ଚ ତାପମାତ୍ରା ୩୫ରୁ ୩୬ ଡିଗ୍ରୀ ସେଲ୍‌ସିୟସ ରହିବ। ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୭ରୁ ୩୮ ଡିଗ୍ରୀ ସେଲ୍‌ସିୟସ ରହିବା ସମ୍ଭାବନା ରହିଛି। ରାତ୍ରିରେ ପାଗ ଆରାମଦାୟକ ରହିବ। ସର୍ବନିମ୍ନ ତାପମାତ୍ରା ୧୬ରୁ ୨୨ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୧୬ ତାରିଖରୁ ସମୁଦ୍ର ☞ପୃଷ୍ଠା-୧୩

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ନାରୀ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

## ଚତୁରତା ଫସର ଫାଟିଲା

# ଆଜି ଓଡ଼ିଶାର ୨୭୪ ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର, ଲୋକାର୍ପଣ

- ୪୧ଟି ୱାନ ଷ୍ଟେଶନ ୱାନ ପ୍ରଡକ୍ଟ ଷ୍ଟଲ
- ଗଡ଼ିବ ତୃତୀୟ ବନ୍ଦେ ଭାରତ ଏକ୍ସପ୍ରେସ୍

**ଭୁବନେଶ୍ୱର,୧୧।୩ (ଅନୁରାଧା ମହାରଣା)**

ରେଲୱେ ଭିତ୍ତିଭୂମିର ଅଭିବୃଦ୍ଧି ଏବଂ ଭାରତୀୟ ରେଳ ସଂଯୋଗୀକରଣ ପ୍ରକ୍ରିୟାର ବୃଦ୍ଧି ହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ୮୫ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ରେଳ ଷ୍ଟେଶନରେ ଏକସଙ୍ଗେ ୧୦ ହଜାର ଲାଇଭ ସ୍କ୍ରିନ ମାଧ୍ୟମରେ ଭାରତର ୭୬୪ଟି ସ୍ଥାନରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ସୋମବାର ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରା ଏନେଇ ସୂଚନା ଦେଇଛନ୍ତି। ଅତିରିକ୍ତ ମହାପ୍ରବନ୍ଧକ ବେହେରା କହିଛନ୍ତି, ମୋଟ ୬ହଜାରଟି ପ୍ରକଳ୍ପ ମଧ୍ୟରୁ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ୨୭୪ ରେଳ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ। ଏହି ପ୍ରକଳ୍ପଗୁଡ଼ିକରେ ୧୬୨ ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମ, ୪୧ 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଷ୍ଟଲ୍, ୫୦ ସୋଲାର୍ ପାୱାର୍ ଷ୍ଟେଶନ, ୫ ଗୁଡ୍‌ସ ଶେଡ୍, ୯ଟି ନୂଆ ଲାଇନ, ଦୋହରୀକରଣ ଏବଂ ତୃତୀୟ ଲାଇନ ପ୍ରୋଜେକ୍ଟ, ୪ ଅଟୋ ସିଗ୍‌ନାଲ ସିଷ୍ଟମ, ଗୋଟିଏ ଗତି ଶକ୍ତି ଟର୍ମିନାଲ, ଗୋଟିଏ ଜନଔଷଧି କେନ୍ଦ୍ର ଏବଂ ଗୋଟିଏ ରେଳ କୋଚ୍ ରେଷ୍ଟୁରାଣ୍ଟ ରହିଛି। ପ୍ରଧାନମନ୍ତ୍ରୀ ତୃତୀୟ ବନ୍ଦେ ☞ପୃଷ୍ଠା-୧୩

# ମାଟି ତଳୁ ମୃତଦେହ କାଢ଼ି ତଦନ୍ତ

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା

**ଝରିଗାଁ,୧୧।୩(କିଶୋର ଚନ୍ଦ୍ର ମଣ୍ଡଳ)**

୪ ଦିନ ତଳେ ଜଣେ ବୃଦ୍ଧା ନିଖୋଜ ହୋଇଯାଇଥିଲେ। ସେ ଗୁଣିଗାରେଡ଼ି କରୁଥିବା ନେଇ ଗାଁର କେତେଜଣ ବୃଦ୍ଧାଙ୍କୁ ହତ୍ୟା କରିଛନ୍ତି ବୋଲି ମୃତକଙ୍କ ଝିଅ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ବୃଦ୍ଧାଙ୍କ ମୃତଦେହ ତାଙ୍କ ଜମିରେ ପୋତାଯାଇଥିବା ଜାଣିଥିଲା। ସେଠାରୁ ମୃତଦେହ ବାହାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏପରି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବେଲଗାଁ ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଗାଁର ରଇବାରୀ ସାନ୍ତା(୬୦)। ରାଇବରୀଙ୍କ ଝିଅ ବୁଟୁଲି ଝରିଗାଁ ଥାନାରେ ମା'ଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏତଲାନୁଯାୟୀ, ରଇବାରୀ ନିଜ ପରିବାର ସହ କେନ୍ଦୁଗୁଡ଼ା ଗାଁରେ ରହୁଥିଲେ। ରଇବାରୀ ଗୁଣି ଗାରେଡି କରୁଥିବା ଅଭିଯୋଗ କରି ଗାଁର କେତେଜଣ ତାଙ୍କ ସହ ସବୁବେଳେ ଗଣ୍ଡଗୋଳ କରୁଥିଲେ। ଏନେଇ ଝରିଗାଁ ଥାନାରେ ରଇବାରୀ ଲିଖିତ ଅଭିଯୋଗ କରିବା ପରେ ଝରିଗାଁ ଥାନା ପକ୍ଷରୁ ଉଭୟଙ୍କୁ ଡାକି ରାଜିନାମା କରାଯାଇଥିଲା। ୭ ତାରିଖ ଦିନ କେନ୍ଦୁଗୁଡ଼ା ଗ୍ରାମର ସାରଥୀ ସାନ୍ତା, ତାଙ୍କ ସ୍ତ୍ରୀ କାଜଳୀ, ମୁଗୁରୀ ସାନ୍ତା, ତାଙ୍କ ସ୍ତ୍ରୀ ଚମ୍ପା, ଲଖି ସାନ୍ତା, ପଳାଦୁ ସାନ୍ତା, ମାତିରି ସାନ୍ତା ଗୁଣି ଗାରେଡି କରୁଥିବା ସନ୍ଦେହରେ ରଇବାରୀଙ୍କୁ ଗାଳିଗୁଲଜ କରିବା ସହ ଘରେ ପଶି ତାଙ୍କୁ ମାଡ଼ ମାରିଥିଲେ। ପରେ ସମସ୍ତେ ରଇବାରୀଙ୍କୁ ମୁଗୁରୀ ସାନ୍ତାଙ୍କ ଘରକୁ ଟାଣି ନେଇଥିଲେ। ସେବେଠାରୁ ରଇବାରୀ ଘରକୁ ଫେରିନଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ମଧ୍ୟ ରଇବାରୀଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ରଇବାରୀଙ୍କୁ ମାରି ପୋତି ଦେଇଥିବା ଜାଣିବା ପରେ ବୁଟୁଲି ସୋମବାର ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ପୋଲିସ କେସ୍ ନମ୍ବର ୫୪/୨୪ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଝରିଗାଁ ଥାନାଧିକାରୀ ତପନ କୁମାର ପତିଙ୍କ ନେତୃତ୍ୱରେ ଏକ ଟିମ୍ କେନ୍ଦୁଗୁଡା ଗ୍ରାମ ଯାଇ ତଦନ୍ତ କରିଥିଲେ। ହତ୍ୟା ପରେ ଗାଁଠାରୁ ପ୍ରାୟ ତିନି କିଲୋମିଟର ଦୂର ରଇବାରୀଙ୍କ ନିଜ ଜମିରେ ☞ପୃଷ୍ଠା-୧୩




DHARITRI
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୨୪ Bhubaneswar, Tuesday, March 12/2024

# ୪୬ ଲକ୍ଷ ଚାଷୀଙ୍କୁ ମିଳିଲା କାଳିଆ ସହାୟତା

**ଭୁବନେଶ୍ୱର, ୧୧।୩(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ୯୩୩.୦୭ କୋଟି ଟଙ୍କାର କାଳିଆ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ରାଜ୍ୟର ସମସ୍ତ ଜିଲାରେ ଚାଷୀମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ବୈଷୟିକ ସହାୟତା ପ୍ରଦାନ କରିବା ପାଇଁ କାଳିଆ କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଚାଷୀ ପରିବାର ସମ୍ମାନ ସହ ବଞ୍ଚନ୍ତୁ, ସଶକ୍ତ ହୁଅନ୍ତୁ ଏବଂ ଓଡ଼ିଶାର ସମୃଦ୍ଧିରେ ଯୋଗଦାନ ରଖନ୍ତୁ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କାଳିଆ ଯୋଜନାର ଅବଧି ଆଉ ୩ ବର୍ଷ ଅର୍ଥାତ୍ ୨୦୨୬-୨୭ ପର୍ଯ୍ୟନ୍ତ ବୃଦ୍ଧି କରାଗଲା ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୦୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। କାଳିଆ ହିତାଧିକାରୀ ପିଲାମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଚଳିତ ଶିକ୍ଷାବର୍ଷରୁ କାଳିଆ ଛାତ୍ରବୃତ୍ତି



ନବୀନ ପଟ୍ଟନାୟକ

କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣି ଏନ୍‌ଆଇଟି, ଆଇଆଇଟି, ଆଇଆଇଏମ୍,ଏମ୍ସ, ଆଇସିଆର୍ ପରି ସମ୍ମାନଜନକ ଶିକ୍ଷାନୁଷ୍ଠାନ ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ଘରୋଇ ବୈଷୟିକ ଓ ବୃତ୍ତିଗତ ଶିକ୍ଷାନୁଷ୍ଠାନରେ ପଢୁଥିବା ଚାଷୀ ପରିବାରର ପିଲାମାନଙ୍କୁ କାଳିଆ ଛାତ୍ରବୃତ୍ତି ପ୍ରଦାନ କରାଯିବ।

**■ ଚାଷୀଙ୍କ ଖୁସିରେ ମୁଁ ଖୁସି: ମୁଖ୍ୟମନ୍ତ୍ରୀ**

**■ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ଭୂମିହୀନ ଚାଷୀଙ୍କୁ ଆର୍ଥିକ ସହାୟତା ଦିଆଯାଉଛି:୫-ଟି ଅଧ୍ୟକ୍ଷ**

ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ସେମାନଙ୍କୁ କୃଷି ସମ୍ବନ୍ଧୀୟ ବୈଷୟିକ ସହାୟତା ପ୍ରଦାନ ନିମନ୍ତେ ମୁଖ୍ୟମନ୍ତ୍ରୀ ୩୦ଟି ଜିଲାରେ କାଳିଆ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏଗୁଡ଼ିକ କୃଷିକ୍ଷେତ୍ରରେ ଅଭିନବ ଚିନ୍ତାଧାରା ଓ ସମ୍ବଳ କେନ୍ଦ୍ର ଭାବରେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଭୂମିହୀନ ଚାଷୀ ପରିବାରକୁ ଚଳିତ ଖରିଫ ଋତୁ ପାଇଁ ଅତିରିକ୍ତ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟର ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଭୂମିହୀନ ଚାଷୀ ପରିବାର ଉପକୃତ ହେବେ। ସମୁଦାୟ ୩୬୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଖରିଫ-୨୦୨୪ ପାଇଁ ରାଜ୍ୟର ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କାଳିଆ ସହାୟତା ବାବଦରେ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ଏହାଦ୍ୱାରା ୪୫ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେବେ। ଚାଷୀ ଭାଇର ସମୃଦ୍ଧି ହିଁ ରାଜ୍ୟର ସମୃଦ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ୫ ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ କାଳିଆ ଯୋଜନା ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିଲା। ଏହି ଯୋଜନା ଜାତୀୟ ସ୍ତରରେ ଉଚ୍ଚ ପ୍ରଶଂସିତ ହେବା ସହ ଓଡ଼ିଶାର ଚାଷୀମାନଙ୍କ ପାଇଁ ସହାୟକ ହୋଇପାରିଛି। ☞ପୃଷ୍ଠା-୧୩

# ମୋଦିଙ୍କ ଅରୁଣାଚଳ ଗସ୍ତ: ପ୍ରତିବାଦ ଜଣାଇଲା ଚାଇନା

**ବେଜିଂ, ୧୧।୩ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅରୁଣାଚଳପ୍ରଦେଶ ଗସ୍ତରେ ଯାଇଥିବାରୁ ଚାଇନା ସୋମବାର ଭାରତ ନିକଟରେ ପ୍ରତିବାଦ ଜଣାଇଛି। ଅରୁଣାଚଳକୁ ଚାଇନା ନିଜର ଦାବି କରିଆସୁଥିବାବେଳେ ଭାରତର ପଦକ୍ଷେପ ସୀମା ପ୍ରସଙ୍ଗକୁ ଜଟିଳ କରିବ ବୋଲି ବେଜିଂ ଦୋହରାଇଛି। ଗତ ଶନିବାର ପ୍ରଧାନମନ୍ତ୍ରୀ ଅରୁଣାଚଳପ୍ରଦେଶ ଯାଇ ୧୩,୦୦୦ ଫୁଟ ଉଚ୍ଚତାରେ ନିର୍ମିତ ସେଲା ଟନେଲକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ତାୱାଙ୍ଗକୁ ଏହା ସବୁଦିନିଆ ସଂଯୋଗ ଯୋଗାଇଦେବା ସହ ଫ୍ରଣ୍ଟିୟର ଅଞ୍ଚଳକୁ ସେନା ଓ ଅସ୍ତ୍ରଶସ୍ତ୍ର ପରିବହନ ସହଜ ହୋଇପାରିବ। ୮୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟନେଲ ଆସାମର ତେଜପୁରକୁ ଅରୁଣାଚଳପ୍ରଦେଶର ୱେଷ୍ଟ କାମେଙ୍ଗ ଜିଲାକୁ ସଂଯୋଗ କରୁଛି। ୧୩,୦୦୦ ଫୁଟ୍ ଉଚ୍ଚତାରେ ଏହା ବିଶ୍ୱର ଦୀର୍ଘତମ ବାଇଲେନ୍ ଟନେଲ। ଚାଇନା କ୍ରମାଗତ ଭାବେ ଅରୁଣାଚଳପ୍ରଦେଶକୁ ଦକ୍ଷିଣ ତିବ୍ବତ ଭାବେ ଦାବି କରିବା ସହ ସେଠାକୁ ଭାରତୀୟ ନେତାମାନଙ୍କ ଗସ୍ତକୁ ବିରୋଧ କରିଆସୁଛି। ଉକ୍ତ ଅଞ୍ଚଳକୁ ବେଜିଂ ଜାଙ୍ଗ୍‌ନାନ ଭାବେ ନାମିତ କରିଛି। ଅନ୍ୟପକ୍ଷରେ ଚାଇନାର ଦାବିକୁ ଭାରତ ପ୍ରତ୍ୟାଖ୍ୟାନ କରିଆସିଛି। ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ସେଠାର ବିଭିନ୍ନ ଅଞ୍ଚଳକୁ ଚାଇନା ନାମକରଣ କରିବାକୁ ମଧ୍ୟ ନୂଆଦିଲ୍ଲୀ ବିରୋଧ କରିଛି।

# ଭାଜପା ରାଜ୍ୟ ନେତାଙ୍କ ଆଲୋଚନା ସରୁନି

## ବିଜେଡି-ଭାଜପା ମେଣ୍ଟ

**ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନକୁ ନେଇ ବିଜେଡି-ଭାଜପା ଭିତରେ ଆରମ୍ଭ ହୋଇଥିବା ମେଣ୍ଟ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୫ ତାରିଖରେ ଓଡ଼ିଶା ଗସ୍ତ ସାରି ଫେରିବା ପରଠାରୁ ହିଁ ଏହି ଚର୍ଚ୍ଚା ଆଲୋଚନାର ବିଷୟବସ୍ତୁ ପାଲଟିଛି। ତେବେ ବିଜେଡିର ଦୁଇ ଜଣ ଆଗଧାଡ଼ିର ନେତା କାର୍ତ୍ତିକ ପାଣ୍ଡିଆନ ଏବଂ ପ୍ରଣବ ପ୍ରକାଶ ଦାସ ଗତ ଗୁରୁବାର ଦିଲ୍ଲୀ ଗସ୍ତରେ ଯାଇଥିଲେ। ସେମାନେ ଏହି ଗସ୍ତ କାଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରି ଫେରିବା ପରେ ମଧ୍ୟ ବିଜେଡି କେବେହେଲେ ମେଣ୍ଟ କଥାକୁ ଖଣ୍ଡନ କରିନାହିଁ। ମାତ୍ର ରବିବାର ଦ୍ୱିତୀୟ ଥର ଦିଲ୍ଲୀ ଗସ୍ତ କରିବା ପର୍ଯ୍ୟନ୍ତ ମେଣ୍ଟ ବିଷୟରେ କୌଣସି ଆଲୋଚନା ହୋଇ ନ ଥିବା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଆସୁଥିଲେ। ମିଳିଥିବା ସୂଚନା ମୁତାବକ, ସୋମବାର ବିଜେଡି-ଭାଜପା ମେଣ୍ଟକୁ ନେଇ ଭାଜପା ରାଜ୍ୟ ନେତୃତ୍ୱଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା ହୋଇଛି। କେନ୍ଦ୍ରର କେତେଜଣ ବରିଷ୍ଠ ନେତା ଏବଂ ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ମଧ୍ୟ ଦୀର୍ଘ ସମୟ ଧରି ଭାଜପା ନେତାମାନେ ବୈଠକ କରିଥିବା ଜଣାପଡ଼ିଛି। ହେଲେ ମେଣ୍ଟ ବିଷୟ କେତେ ବାଟ ଆଗେଇଲାଣି ସେକଥାର ତଥ୍ୟ କେହିହେଲେ ଠିକ୍ ଭାବେ ଦେଇପାରୁ ନାହାନ୍ତି। ତେବେ ଭାଜପା ଏବଂ ବିଜେଡିର ବହୁ ଆଗଧାଡ଼ିର ନେତାଙ୍କ କହିବାନୁଯାୟୀ, ମଙ୍ଗଳବାର ମେଣ୍ଟ ନେଇ କିଛି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଯାଇପାରେ।

୨୦୨୪ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଭାଜପା ନିକଟରେ ଘୋଷଣା କରିସାରିଛି। ସୋମବାର ଦ୍ୱିତୀୟ ଥର ଲାଗି ଭାଜପାର ସେଣ୍ଟ୍ରାଲ ନିର୍ବାଚନ କମିଟି(ସିଇସି) ବୈଠକ ଅନୁଷ୍ଠିତ ହୋଇଛି। ଆଉ କେତେଗୁଡ଼ିଏ ରାଜ୍ୟ ପାଇଁ ଭାଜପା ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି କୁହାଯାଉଛି। ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାରୁ କାହା ନାଁ ନ ଥିଲା। ଏଥର ମଧ୍ୟ ଓଡ଼ିଶାକୁ ପ୍ରାର୍ଥୀ ତାଲିକାରେ ରଖା ନ ଯାଇପାରେ। ତେଣୁ ଏଥର ସିଇସି ବୈଠକ ସରିବା ପରେ ଓଡ଼ିଶାରେ ବିଜେଡି-ଭାଜପା ମଧ୍ୟରେ ହେବାକୁ ଥିବା ମେଣ୍ଟ ନେଇ କିଛି ଚୂଡ଼ାନ୍ତ ଆଲୋଚନା ହେବା ସଙ୍ଗେ ସଙ୍ଗେ ସ୍ପଷ୍ଟ ଚିତ୍ର ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିରେ ମେଣ୍ଟ ସମ୍ପର୍କିତ ଆସନ ବୁଝାମଣା ବିଷୟରେ କୁଆଡେ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳିଛି। ଯେହେତୁ ଭାଜପା ମହାରାଷ୍ଟ୍ର ଏବଂ ବିହାରରେ କରିବାକୁ ଥିବା ମେଣ୍ଟ ନେଇ କିଛି ଚୂଡ଼ାନ୍ତ ଏପର୍ଯ୍ୟନ୍ତ କରିପାରିନାହିଁ, ସେଥିଲାଗି ମଧ୍ୟ ଓଡ଼ିଶା କଥାରେ ବିଳମ୍ବ ହେଉଥାଇପାରେ ବୋଲି କେତେଜଣ ରାଜନୈତିକ ବିଶ୍ଲେଷକ ମତ ରଖୁଛନ୍ତି। ଏହି ଦୁଇ ରାଜ୍ୟର ଅଙ୍କ ଛିଣ୍ଡିବା ପରେ ଯାଇ ଓଡ଼ିଶା କଥା ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ଅନ୍ୟପଟେ ସିଇସି ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବୈଠକ ସରି ନ ଥିବାରୁ ଶୀର୍ଷ ନେତୃତ୍ୱ ଆଲୋଚନା କରିପାରି ନ ଥିବା କୁହାଯାଉଛି। ଏହାରି ଭିତରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ସୋମବାର ଅମିତ ଶାହାଙ୍କୁ ଭେଟିବା ମଧ୍ୟ ମେଣ୍ଟ ସମ୍ପର୍କିତ ଚର୍ଚ୍ଚାକୁ ଆହୁରି ବଢ଼ାଇଦେଇଛି।

ଏସବୁ ଭିତରେ ରାଜ୍ୟ ଭାଜପା ନେତୃତ୍ୱ ମଧ୍ୟ ଓଡ଼ିଶା ଫେରିନାହାନ୍ତି। ଅର୍ଥାତ୍ ମେଣ୍ଟକୁ ନେଇ ଏଥର ରାଜ୍ୟ ନେତୃତ୍ୱଙ୍କ ସହ କେନ୍ଦ୍ରର ଭାଜପା ଶୀର୍ଷ ନେତୃତ୍ୱ କିଛି ଚୂଡ଼ାନ୍ତ ଆଲୋଚନା କରିପାରନ୍ତି। ଏସବୁ ଭିତରେ ମଙ୍ଗଳବାର ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଯାହା ଚର୍ଚ୍ଚା ହେଉଛି ସେକଥାର ମଧ୍ୟ କିଛି ସ୍ପଷ୍ଟଚିତ୍ର ଆସିନି। ଦେଶର ବିଭିନ୍ନ ରାଜ୍ୟରେ ☞ପୃଷ୍ଠା-୧୩






# 'କୃତ୍ରିମ ବୁଦ୍ଧିମତ୍ତା ବିପଜ୍ଜନକ, ଦରକାରୀ ମଧ୍ୟ'




ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବୋରାସମ୍ବର-ସେନାପତି ତର୍କ ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟଙ୍କ ସମେତ କୃତି ପ୍ରତିଯୋଗୀ ଓ ଅନ୍ୟମାନେ।

**କଟକ, ୧୧।୩ (କାର୍ତ୍ତିକ ସାହୁ)**

ମଣିଷର ବୈପ୍ଳବିକ ସୃଷ୍ଟି ହେଉଛି କୃତ୍ରିମ ବୁଦ୍ଧିମତ୍ତା। ଏହାଦ୍ୱାରା ଜଟିଳ କାର୍ଯ୍ୟ ସହଜ ହୋଇପାରୁଛି। କୃତ୍ରିମ ବୁଦ୍ଧିମତ୍ତା ମଣିଷ ପାଇଁ ବିପଜ୍ଜନକ, ଦରକାରୀ ମଧ୍ୟ ବୋଲି ମତବ୍ୟକ୍ତ କରିଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ। କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ସେଭେନ୍ ପିଲାର୍ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ବୋରାସମ୍ବର-ସେନାପତି ଇଂଲିଶ୍ ତର୍କ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକ ଭାବେ ସତପଥୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ତର୍କରେ ନିଜର ସ୍ୱଷ୍ଟ ମତ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ବିଚାରକ ଭାବେ ଓଡ଼ିଶା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା ଏକ ନୂଆ ବିଶ୍ୱ ଆଣିଦେବ। ହେଲେ ଏହି ବୈଷୟିକ ଜ୍ଞାନକୌଶଳର ଦୁରୁପଯୋଗ ନ ହେବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ମୁଖ୍ୟ ବିଚାରକ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଦେବଦାସ ଛୋଟରାୟ

## ରେଭେନ୍ସାରେ ବୋରାସମ୍ବର-ସେନାପତି ଇଂଲିଶ୍ ତର୍କ ପ୍ରତିଯୋଗିତା

ପ୍ରତିଯୋଗୀମାନଙ୍କୁ ଦୃଢ଼ତାର ସହ ନିଜ ପକ୍ଷ ରଖିବାକୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ।

ଚଳିତବର୍ଷ ବିତର୍କର ପ୍ରସଙ୍ଗ 'କୃତ୍ରିମ ବୁଦ୍ଧିମତ୍ତା ମାନବିକତାର ଚରମ ଅବନତି' ଉପରେ ତର୍କ ହୋଇଥିଲା। ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ୧୫ ଜଣ ପ୍ରତିଯୋଗୀଙ୍କୁ ଏହି ଅନ୍ତିମ ପର୍ଯ୍ୟାୟ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ଦିଆଯାଇଥିଲା। ସେଥିମଧ୍ୟରୁ ସ୍ରିଷ୍ଟି ସ୍ୱାଇଁ ପ୍ରଥମ, ସୌମ୍ୟା ପଟ୍ଟନାୟକ ଦ୍ୱିତୀୟ ଏବଂ ଶିବଶଙ୍କର ଦାଶ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ବାବଦକୁ ଯଥାକ୍ରମେ ୫୦୦୦, ୩୦୦୦, ୨୦୦୦ ଟଙ୍କା ଗ୍ରହଣ କରିଥିଲେ।

ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧିକାରୀ ତଥା ପ୍ରାଧ୍ୟାପିକା ଅଳକାନନ୍ଦା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପରିଷଦ ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ ଓ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନେତାଜୀ ଅଭିନନ୍ଦନ ଧନ୍ୟବାଦ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ନୀଳମଣି ସେନାପତି ତତ୍କାଳୀନ ଇଂରେଜ ସରକାରଙ୍କ ଅଧୀନରେ ଆଇସିଏସ୍ ଚାକିରି କରୁଥିବାବେଳେ ସମ୍ବଲପୁର ଅଞ୍ଚଳରେ କାମ କରୁଥିଲେ। ୧୯୩୪ ମସିହାରେ ତାଙ୍କର ବଦଳି ବେଳେ ବୋରାସମ୍ବର ରାଜାଙ୍କ ତରଫରୁ ଆୟୋଜିତ ବିଦାୟ ଉତ୍ସବରେ ସଂଗୃହୀତ ୬୦୦ ଟଙ୍କା ସେନାପତି ରେଭେନ୍ସା କଲେଜକୁ ଦାନ କରିଥିଲେ। ସେହି ଅନୁଦାନରେ ୧୯୩୭ ମସିହାଠାରୁ ଇଂଲିଶ ତର୍କରେ ବିଜେତାମାନଙ୍କୁ ଏହି ବୋରାସମ୍ବର-ସେନାପତି ସ୍ମାରକୀ ପୁରସ୍କାର ଦିଆଯାଇଆସୁଛି। ଏହି ପ୍ରତିଯୋଗିତାର ବିଜେତାମାନଙ୍କୁ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ କୁଳାଧିପତି, କୁଳପତି, କୁଳ ସଚିବଙ୍କ ନାମରେ ନାମିତ ସ୍ୱର୍ଣ୍ଣ ପଦକ ସହିତ ସମ୍ମାନିତ କରାଯାଇଆସୁଛି।

# ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ସଚେତନତା ଅଭିଯାନ ଶୁଭାରମ୍ଭ

**ପୁରୀ, ୧୧।୩ (ଅଜିତ ମହାନ୍ତି)**

■ ୧୩ରୁ ୩ ଜିଲାରୁ ଚଳାଚଳ ଆରମ୍ଭ
■ ୧୮ ଜିଲା ଦେଇ ପୁରୀରେ ପହଞ୍ଚିବ

ରାଜ୍ୟ ସରକାରଙ୍କ ତରଫରୁ ପୁରୀରେ ସୋମବାର ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ପ୍ରଦର୍ଶନ ଓ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ସରକାର ପ୍ରତ୍ୟେକ ଜିଲାରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ମାଧ୍ୟମରେ ପରିବହନ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସ୍ଲିପର ବସ୍ ଚଳାଇବାର ବ୍ୟବସ୍ଥା କରାଯାଇଛି ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ କହିଛନ୍ତି। ପୁରୀ ବସ୍‌ଷ୍ଟାଣ୍ଡରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର କୋଚ୍‌ର ସୁବିଧା, ସୁଯୋଗ ଓ ବ୍ୟବସ୍ଥା ସମ୍ପର୍କରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଯୋଗଦେଇ ବିଶ୍ୱାଳ କହିଥିଲେ, ବର୍ତ୍ତମାନ ସମସ୍ତ ୩୦ ଜିଲାର ପ୍ରତି ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାଚଳ କରୁଛି। ସେହିପରି ଜିଲା ସଦର ମହକୁମାରୁ ଅନ୍ୟ ଜିଲା ସଦର ମହକୁମାକୁ ଲକ୍ଷ୍ମୀ ଏକ୍ସପ୍ରେସ ଏବଂ ଭୁବନେଶ୍ୱର ଦେଇ ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ଚଳାଚଳର ବ୍ୟବସ୍ଥା କରାଯାଇଛି। ଆସନ୍ତା ୧୩ ତାରିଖରୁ ମାଲକାନଗିରି, ନବରଙ୍ଗପୁର ଓ ସୁନ୍ଦରଗଡ଼ରୁ ପୁରୀକୁ ନୂତନ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ସ୍ଲିପର ବସ୍ ଚଳାଚଳ କରିବ। ଏହା ମୋଟ ୧୮ଟି ଜିଲା ଦେଇ ପୁରୀରେ ପହଞ୍ଚିବ। ଏହି ଭଲ୍‌ଭୋ ବସ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଓ ଏଥିରେ ୪୨ ସିଟ୍ ରହିଛି। ଏଥିରେ ଯାତ୍ରା ଲାଗି ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତି ସୁବିଧା ରହିଛି ବୋଲି ବିଶ୍ୱାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଓଏସ୍‌ଆର୍‌ଟିସିର ଜିଲା ପରିଚାଳିକା ରଶ୍ମି ସାହୁ ଏବଂ ପରିବହନ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୨ କଏଦୀ ଫେରାର ଘଟଣାରେ ଜେଲ ଡିଆଇଜିଙ୍କ ତଦନ୍ତ

**ଟିଟିଲାଗଡ଼, ୧୧।୩ (ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପକାରାଗାରରୁ ୨ ବିଚାରାଧୀନ କଏଦୀ ଫେରାର ଘଟଣାରେ ସୋମବାର ଜେଲ ବିଭାଗ ଡିଆଇଜି କୁଳମଣି ବେହେରା ଓ ଏସ୍‌ପି ଋଷିକେଶ ଖିଲାରି ତଦନ୍ତ କରିଛନ୍ତି। ଡିଆଇଜି କର୍ମଚାରୀଙ୍କ ସହ ଆଲୋଚନା କର ଜେଲ ଚାରିପଟ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ୨ ବିଚାରାଧୀନ କଏଦୀ ଫେରାର ମାରିବା ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ନଦୀ ସୁରକ୍ଷା ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା।
- ସୈନିକ ସ୍କୁଲ ନିକ ପଡ଼ିଆରୁ ଡମ୍ପିୟାର୍ଡ ହଟାଇବା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ, ସ୍ଥାନ: ଗାଡ଼କଣ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଡିଆନ ଚାମ୍ବର ଅଫ କମର୍ସର ଗୋଲଟେବୁଲ ବୈଠକ, ସ୍ଥାନ: ସିଆଇପିଇଟି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଂକଳ୍ପ ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ଅପରାହ୍ନ ୧ଟା।
- ଓଡ଼ିଶା ଓମେନ ଆୱାର୍ଡ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## ପୁରୀ

- ଓଁ ଶ୍ରୀଶ୍ରୀ ରାଧାକୃଷ୍ଣାୟ ନମଃ ଅଷ୍ଟମ ପ୍ରହର ନାମଯଜ୍ଞ ନଗର କୀର୍ତ୍ତନ, ସ୍ଥାନ: ଝାମ୍ପୁଲାକୁଦ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଫନି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଫନି ହିତାଧିକାରୀଙ୍କ ହକ୍ ପାଇଁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପଞ୍ଚଶଖା ଖେଳ ପଡ଼ିଆ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଅହଲ୍ୟାବାଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କେରଙ୍ଗ ଫୁଟ୍‌ବଲ ପଡ଼ିଆ, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- ମା'ଦକ୍ଷିଣକାଳୀଙ୍କ ପୀଠରେ ୧୬ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନିରଞ୍ଜନପୁର ଗ୍ରାମ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।
- ନୀଳକଣ୍ଠେଶ୍ୱର ଦେବଙ୍କ ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଅବସରରେ ନାଟକ 'କେତେ କାନ୍ଦିବୁରେ ଗୌର ଦାସ' ପରିବେଷଣ, ସ୍ଥାନ: ମନ୍ଦିର ପରିସର, ବିଲଖଉରୁଣି, ବୋଲଗଡ଼, ସମୟ: ରାତି ୮ଟା।

## ବାଲେଶ୍ୱର

- ଖଇରାକୁ ଏନଏସି ମାନ୍ୟତା ଦାବିରେ ଖଇରା ସ୍ୱାଭିମାନ ମଞ୍ଚର ଗଣଧାରଣା, ସ୍ଥାନ: ଖଇରା ବ୍ଲକ ସମ୍ମୁଖ ସୋର-କୁପାରୀ ରାସ୍ତା ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତରା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅନ୍ତରା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।

## ଭଦ୍ରକ

- ନିର୍ବାଚନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଏସ୍‌କେୱାଇ କାର୍ଡ ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ବଂଶପାଣି- ଦୈତାରୀ- ଯଖପୁରା ପର୍ଯ୍ୟନ୍ତ ଦ୍ୱିତୀୟ ରେଲଲାଇନ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ, ସ୍ଥାନ: ଜରୋଳି ରେଳ ଷ୍ଟେଶନ, ସମୟ: ସକାଳ ୮ଟା।
- ଶ୍ରୀଜଗନ୍ନାଥ ଓ ଶ୍ରୀ ସତ୍ୟ ସାଇବାବାଙ୍କ ବିଗ୍ରହ ସ୍ଥାପନ ଉତ୍ସବ, ସ୍ଥାନ: ସାଇଜ୍ୟୋତି, ସତ୍ୟସାଇ ସେବା ସମିତି, ବଡ଼ବିଲ, ସମୟ: ମଧ୍ୟାହ୍ନ ୧୨ଟା୩୦ରୁ ଅପରାହ୍ନ ୪ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସାଇଜ୍ୟୋତି, ସତ୍ୟସାଇ ସେବା ସମିତି, ବଡ଼ବିଲ ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ମେଗା ରକ୍ତଦାନ ଓ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଉଦଳା ବ୍ଲକ କଇଁସାରି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ:ସକାଳ ୯ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଦରଖଳି ମନ୍ଦିର ସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଶାମାଖୁଣ୍ଟା ବ୍ଲକ ସରପଞ୍ଚ ସାହି, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବନ୍ଦେ ଭାରତ ଟ୍ରେନ ଚଳାଚଳ ଆରମ୍ଭ,ସ୍ଥାନ: ବ୍ରହ୍ମପୁର ରେଳଷ୍ଟେଶନ, ସମୟ: ସକାଳ ୮ଟା ।
- ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ବାର୍ଷିକୋତ୍ସବ,ସ୍ଥାନ:ବ୍ରହ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ଇଂରାଜୀ ବିଭାଗର ଆନ୍ତର୍ଜାତିକ ଛାତ୍ର ସମ୍ମିଳନୀ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜିସି କମିଟି ହଲ,ସମୟ: ପୂର୍ବାହ୍ନ ୧୧ଟା୩୦।
- ସିଏସ୍‌ସି ବାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ,ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସନ୍ଧ୍ୟା ୫ଟା୩୦।
- ସ୍ୱଚ୍ଛ ସାଥୀ ଓ ଜଳସାଥୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଇଏମସି କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ୧୨ ଘଣ୍ଟିଆ ବନ୍ଦ, ସ୍ଥାନ: ଭଞ୍ଜନଗର, ସମୟ: ସକାଳ ୬ଟାରୁ ।
- ବସଷ୍ଟାଣ୍ଡ ଉଦଘାଟନ, ସ୍ଥାନ: ଆସିକା ପୁରୁଣା ଓଆର୍‌ଟି ଗ୍ୟାରେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗିମାରୀ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: କ.ନୂଆଗାଁ ବ୍ଲକ ରାଜଘରା, ସମୟ: ସକାଳ ୯ଟା।
- ଜିଲା ସ୍ୱାସ୍ଥ୍ୟ ସମିତି କାର୍ଯ୍ୟନିର୍ବାହୀ କମିଟି ବୈଠକ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ପରିଷଦ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଢେଙ୍କାନାଳ

- ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ବେନିଫିଟ୍ ଡିଷ୍ଟ୍ରିବ୍ୟୁସନ କ୍ୟାମ୍ପ, ସ୍ଥାନ:ଗଁଦିଆ ବ୍ଲକ କ୍ୟାମ୍ପସ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ବିଏସ୍‌କେୱାଇ ନବୀନ କାର୍ଡ ବିତରଣ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ ପବିତ୍ରମୋହନ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏକ ଦିବସୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କଣିହାଁ ବ୍ଲକ ରଙ୍ଗବେଡା ଗ୍ରାମ ବାପୁଜୀ କ୍ଲବ ଖେଳ ପଡିଆ, ସମୟ: ଅପରାହ୍ନ ୨ଟା।
- ଅଲେଖ ମହିମା ଧ୍ୱନି ନାମ ସଂକୀର୍ତ୍ତନ, ସ୍ଥାନ: କଣିହାଁ ବ୍ଲକ ବଡହୀରା ଗ୍ରାମ, ସମୟ: ଅପରାହ୍ନ ୫ ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ରାଜପଥ ଓ ରେଳ ବିଭାଗର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ ସମୟ: ପୂର୍ବାହ୍ନ ୧୧ଟା।
- ସିଏସ୍‌ଆରର ସମୀକ୍ଷା ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ଶିକ୍ଷା ବିଭାଗର ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର

- ବାଲିତୁଠରେ ବାଇପାସ୍ ରାସ୍ତାର ଶିଳାନ୍ୟାସ ଉତ୍ସବ, ସ୍ଥାନ: ବାଲିକୁଦ, ବାରୁଣୀ ପଡ଼ିଆ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତି ଉନ୍ନୟନ ସଂଘ(ଏସ୍‌ଡିଏ)ଜରିଆରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ପୌରପରିଷଦ ୱାର୍ଡ ନଂ.୨, ୪, ସମୟ: ପୂର୍ବାହ୍ନ ୧୦ଟା।
- ୨ଟି ଏମ୍‌ସିସି (ମାଇକ୍ରୋ କମ୍ପୋଜ ସେଣ୍ଟର) ପାଇଁ ଶିଳାନ୍ୟାସ, ସ୍ଥାନ: ପାରାଦୀପ, ରଙ୍ଗିଆଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଲୁଣିନଦୀ ଉପରେ ବଡ଼ଙ୍ଗ ସେତୁର ଶିଳାନ୍ୟାସ ଉତ୍ସବ, ସ୍ଥାନ: କୁଜଙ୍ଗ, ବଡ଼ଙ୍ଗ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ନକୁଲିଆ, ରାଜପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ନୂଆ ବସ୍‌ଷ୍ଟାଣ୍ଡ ଉଦ୍ଘାଟନ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ମା'ପାର୍ବତୀ ଦେବୀ ଓ ମା'ତାରିଣୀ ଦେବୀଙ୍କ ଯଜ୍ଞ ଉତ୍ସବରେ ଗୀତା ପାଠ, ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ନଣ୍ଡାମହାଦେବ ମନ୍ଦିର, ସମୟ: ସକାଳ ୬ଟା ।
- ଭୀମ ଆର୍ମି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା, ସ୍ଥାନ : ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ : ପୂର୍ବାହ୍ନ ୧୧ଟା୩୦।
- ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ:ଧର୍ମଶାଳା ବାଣୀପୀଠ। ସମୟ: ଅପରାହ୍ନ ୪ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଆନ୍ଦୋଳନ, ଅନଶନ ଓ ପ୍ରତିବାଦ ସଭା, ସ୍ଥାନ : ନୀଳାଚଳ କାରଖାନା ସମ୍ମୁଖ, ସମୟ : ଅପରାହ୍ନ ୪ଟା।

## ନୟାଗଡ଼

- ନାଗରିକ ମଞ୍ଚ ପକ୍ଷରୁ ଧାରଣାର ୩୫ତମ ଦିବସ, ସ୍ଥାନ: ଓଡ଼ଗାଁ ବ୍ଲକର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ତନ୍ତି ସମାଜର ବାର୍ଷିକ ସାଧାରଣ ସଭା, ସ୍ଥାନ: ନୟାଗଡ଼ ବ୍ଲକର ଚମ୍ପତିପୁର କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ନୟାଗଡ଼ ବ୍ଲକର ଦବଲେଇ, ସମୟ: ପୂର୍ବାହ୍ନ ୧୦ଟା।
- ମଡେଲ ମଣ୍ଡିର ଭୂମିପୂଜା, ସ୍ଥାନ: ତୁଳସିପୁ, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା

- ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତୃତୀୟ ରେଳ ଲାଇନ୍ ଓ ୱାନ୍ ଷ୍ଟେଶନ ୱାନ୍ ପ୍ରଡକ୍ଟ ଷ୍ଟଲ ଉଦଘାଟନ, ସ୍ଥାନ: ରାୟଗଡ଼ା ରେଳ ଷ୍ଟେଶନ, ସମୟ: ସକାଳ ୮ଟା ୩୦।
- ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ବଣ୍ଟନ, ସ୍ଥାନ: ରାୟଗଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପୋଲିଙ୍ଗ ଓ ପ୍ରିଜାଇଡିଂ ଅଫିସରଙ୍କ ତାଲିମ. ସ୍ଥାନ: ନବରଙ୍ଗପୁର ଆର୍‌ସିଡି ହାଇସ୍କୁଲ ଓ ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୯ଟା ୩୦।

## କୋରାପୁଟ

- ଶିଶୁ ପୁଷ୍ଟିହୀନତା ନେଇ ତୃତୀୟ ରାଉଣ୍ଡ ଟେବୁଲ ବୈଠକ, ସ୍ଥାନ: ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜୟପୁର ମାଷ୍ଟର ପ୍ଲାନ କାର୍ଯ୍ୟକାରିତା ନେଇ ପରିଚାଳନା କମିଟି ବୈଠକ। ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ। ସମୟ: ଅପରାହ୍ନ ୪ଟା।
- ଜାଗା ମିଶନର ବସ୍ତିବାସିନ୍ଦାଙ୍କୁ ତାଲିମ, ସ୍ଥାନ: ଟାଉନହଲ୍, ସମୟ: ପୂର୍ବାହ୍ନ ୧୦.୩୦।
- କଂଗ୍ରେସର କର୍ମୀ ସମ୍ମିଳନୀ, ଶୋଭାଯାତ୍ରା, ସ୍ଥାନ: ଦଶହରା ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବଜାଜ କମ୍ପାନୀର ଚେତକ ଦୁଇଚକିଆ ଯାନର ଶୁଭାରମ୍ଭ, ସ୍ଥାନ: ପରଧିଆପାଲିସ୍ଥିତ ଉତ୍କୋଳ ଗୋବିନ୍ଦ ଅଟୋ ଶୋରୁମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓବିସି ମଞ୍ଚର ବୈଠକ, ସ୍ଥାନ: ଜିଲା ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ, ସ୍ଥାନ: ପାଟଣାଗଡ ବ୍ରହ୍ମପୁରାସ୍ଥିତ ଆଦିବାସୀ ଭବନ ପଡ଼ିଆ, ସମୟ: ସକାଳ ୯ଟା।
- ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନ ଉତ୍ସବ, ସ୍ଥାନ: ଖପ୍ରାଖୋଲ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦।୩୦।
- ବଲାଙ୍ଗୀର ନାଗରିକ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା୫।

## ସୁବର୍ଣ୍ଣପୁର

- ବିନିକାକୁ ସବ୍‌ଡିଭିଜନ ଦାବିନେଇ ଧାରଣା, ସ୍ଥାନ: ବିନିକା ତହସିଲ ସମ୍ମୁଖ, ସମୟ: ସକାଳ ୮ଟା।

## ରାଉରକେଲା

- ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୬ଟା ୩୦।
- ପ୍ରଧାନମନ୍ତ୍ରୀଙ୍କ ଆଭାଷୀ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ରେଳ ଷ୍ଟେଶନ, ସମୟ: ସକାଳ ୮ଟା।
- ଭାଷା ସଂସ୍କୃତି ଦିବସ ଉଦ୍‌ଯାପନ, ସ୍ଥାନ: ଛେଣ୍ଡ, ସମୟ: ସକାଳ ୯ଟା।
- ଶ୍ରଦ୍ଧା ଶିକ୍ଷାନୁଷ୍ଠାନ ପକ୍ଷରୁ କର୍ମଶାଳା, ସ୍ଥାନ: ଝିରପାଣି, ସମୟ: ସକାଳ ୯ଟା ୩୦।
- ସିଡବ୍ଲ୍ୟୁଏସ୍ ପକ୍ଷରୁ ମହିଳା ଦିବସ, ସ୍ଥାନ: ରେଳବାଇ କଲୋନୀ, ସମୟ: ଅପରାହ୍ନ ୩ଟା।
- ନାୟିକା ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ଅଷ୍ଟମ ପ୍ରହର ନାମ ଯଜ୍ଞ ଓ ୧୦୮ କଳସ ଯାତ୍ରା, ସ୍ଥାନ: କାଲୋଶିହିରିଆ ପଞ୍ଚାୟତ ସମ୍ମୁଖ ପଡିଆ,ସମୟ: ଅପରାହ୍ନ ୨ ଟା।
- ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ପନଛି ସପନୋ କି ଉଡାନ ପ୍ରକଳ୍ପର ଉଦ୍‌ଘାଟନ ସମାରୋହ, ସ୍ଥାନ- ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୧ଟା।

## ବରଗଡ଼

- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭଟଲି, ସମୟ: ସକାଳ ୭ଟା
- ମାର୍କଣ୍ଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଶନପୁରୀ(ଫୁଲବନ୍ଧ), ଭଟଲି, ସମୟ: ପୂର୍ବାହ୍ନ ୯ଟା।
- ଚିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଶ୍ରୀରାମକୃଷ୍ଣ ଦେବଙ୍କ ୧୮୮ତମ ଜନ୍ମତିଥି ଉତ୍ସବ, ସ୍ଥାନ: ଏମ୍. ରାମପୁର ଶ୍ରୀରାମକୃଷ୍ଣ ଆଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବିସ୍ଥାପିତ ଦୋକାନୀ ସଂଘ ସହ ପୌର ପ୍ରଶାସନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ବେଦାନ୍ତରେ ନିଯୁକ୍ତି ପାଇଁ ବନ୍ଧାଗୁଡା ଓ କୁଟଦୁଆର ଗ୍ରାମବାସୀଙ୍କ ଆନ୍ଦୋଳନ, ସ୍ଥାନ: ଲାଞ୍ଜିଗଡ଼ ବେଦାନ୍ତ ସମ୍ମୁଖ, ସମୟ: ସକାଳ ୮ଟା।

## ନୂଆପଡ଼ା

- ମନ୍ତ୍ରୀଙ୍କ ବିରୋଧ ଦିଆଯାଇଥିବା ୧୧ ଦଫା ଦାବିର ସିବିଆଇ ଦାବିରେ ନୂଆପଡା ବନ୍ଦ, ସ୍ଥାନ: ନୂଆପଡ଼ା ସଦର ମହକୁମା, ସମୟ: ସକାଳ ୬ଟାରୁ ଅପରାହ୍ନ ୪ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାରେ ଗଣିତ ଓ ବିଜ୍ଞାନ ପ୍ରଶିକ୍ଷଣ ଶିବିର, ସ୍ଥାନ: ଘଣ୍ଟାପଡା ଉଚ୍ଚ ବିଦ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦

## ଦେବଗଡ଼

- ଦୁଗ୍ଧ ଶୀତଳକରଣ ସେଣ୍ଟର ଉଦ୍‌ଘାଟନ, ସ୍ଥାନ: ରିଆମାଳ ବ୍ଲକ କୁଣ୍ଡେଇଗୋଲା ଗ୍ରାମ,ସମୟ: ପୂର୍ବାହ୍ନ ୧୧ଟା ୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦବୁ ଦବୁ ବୋଲି ପୁରିଲା ମାସେ**
**ଆଉରି ବୋଲୁଛି କାଲିକି ଆସେ।**

ହାତରୁ ଧନ ଥରେ ଅନ୍ୟ ହାତକୁ ଚାଲିଗଲେ ସହଜରେ ଆଉ ତାହା ଫେରି ଆସିନଥାଏ। ନେଉଥିବା ବ୍ୟକ୍ତି ଆଜି ଦେବା କାଲି ଦେବା କହି ସମୟ ଗଡାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା କେବଳ ସାର ହୋଇଥାଏ। ଧାରୁଆ ବ୍ୟକ୍ତି ଋଣକରଜ ପରିଶୋଧ ନ କରିପାରି ଆଜିକାଲି କହି ଦିନ ଗଡ଼ାଇ ଚାଲୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦକ୍ଷିଣ ଦୁଆରି ଘର**

**ଯେ ନ ପଶିବ ସେ ପଶିବ**
**କାହାକୁ କରିବ ପର।**

ପ୍ରବେଶ ଦ୍ୱାର ଦକ୍ଷିଣ ଦିଗରେ ଥିଲେ, ଘରକୁ ବନ୍ଧୁ ଓ ଅତିଥୀଙ୍କ ଆଗମନ ଅଧିକ ହୁଏ। ଜନସମ୍ପର୍କ ବୃଦ୍ଧିପାଇଥାଏ। ସମସ୍ତଙ୍କ ସହ ସଦଭା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଓକିଲଙ୍କୁ ଦୁର୍ବ୍ୟବହାର ନେଇ ଉତ୍ତେଜନା



ବରିଷ୍ଠ ଆଇନଜୀବୀଙ୍କୁ ଢେଙ୍କାନାଳ ତହସିଲଦାର ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଜିଲା ଓକିଲ ସଂଘ ପକ୍ଷରୁ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବା ପରେ ପୋଲିସ ସହାୟତାରେ ତହସିଲଦାରଙ୍କୁ ବାସଭବନକୁ ନିଆଯାଉଛି।

**ଢେଙ୍କାନାଳ,୧୧।୩**
**(ରତନ ନାୟାର)**

ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟରେ ସୋମବାର ମଧ୍ୟାହ୍ନରେ ଜଣେ ବରିଷ୍ଠ ଆଇନଜୀବୀଙ୍କ ସମେତ ଅନ୍ୟ ଆଇନଜୀବୀମାନଙ୍କୁ ତହସିଲଦାର ଲିତୁସ୍ମିତା ମିଶ୍ର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦିନତମାମ ଉତ୍ତେଜନା ଦେଖିବାକୁ ମିଳିଥିଲା। ଜିଲା ଓକିଲ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଘେରାଉ କରାଯାଇଥିଲା।

ଘଟଣାରୁ ପ୍ରକାଶ, ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ମିଶ୍ର ଜମିଜମା ସମ୍ପର୍କିତ ଏକ ସାର୍ଟିଫାଏଡ୍ କପି ବାହାର କରିବା ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡୁଥିଲେ। ସୋମବାର ଉକ୍ତ କାର୍ଯ୍ୟରେ ସେ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତହସିଲଦାରଙ୍କ ପ୍ରକୋଷ୍ଠକୁ ପ୍ରବେଶ କରୁଥିବା ବେଳେ ତହସିଲଦାର ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅନ୍ୟ ଆଇନଜୀବୀମାନଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଜାଣିବା ପାଇଁ କେତେଜଣ ଆଇନଜୀବୀ ତହସିଲଦାରଙ୍କ ନିକଟକୁ ଯାଇଥିଲେ। ସେମାନଙ୍କୁ ମଧ୍ୟ ତହସିଲଦାର ଗେଟ୍ ଆଉଟ୍ କହିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଆଇନଜୀବୀମାନେ କହିଛନ୍ତି। ଏହାପରେ ସଂଘର ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚିବାରୁ ତହସିଲଦାର ତାଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଆଇନଜୀବୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲା ଓକିଲ ସଂଘର ସଦସ୍ୟମାନେ ତହସିଲ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ତହସିଲଦାରଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ଜିଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର ଏ ସଂକ୍ରାନ୍ତରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ଫୋନ୍‌ରେ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ଘଟଣାର ସମାଧାନ ପାଇଁ ତହସିଲଦାର ଓ ସଦର ଏସ୍‌ଡିପିଓଙ୍କ ଉପସ୍ଥିତିରେ ଜିଲା ଓକିଲ ସଂଘ ସଭାପତି, ପୂର୍ବତନ ସଭାପତି ଓ ସମ୍ପାଦକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ସହ ଆଲୋଚନା କରୁଥିବା ବେଳେ ତହସିଲଦାର 'ମୋର କିଛି ଦୋଷ ନାହିଁ, ମୋତେ ବେଶି ବାଧିଛି, ମୁଁ କାହିଁକି କମ୍ପରମାଇଜ୍ କରିବି' ବୋଲି କହି ରାଗରେ ଉଠି ତାଙ୍କ ପ୍ରକୋଷ୍ଠକୁ ପଳାଇଥିଲେ। ଏହାର ପ୍ରତିବାଦ କରି ସଂଘ ସଦସ୍ୟମାନେ ତହସିଲଦାର ତୁରନ୍ତ ଭୁଲ ମାଗନ୍ତୁ ଏବଂ ତାଙ୍କୁ ବଦଳି କରାଯାଉ ବୋଲି ଅଡି ବସିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାରଙ୍କୁ ପୋଲିସ ସୁରକ୍ଷା ବଳୟରେ ସେ ରହୁଥିବା ସର୍କିଟ ହାଉସକୁ ନିଆଯାଇଥିଲା। ଘଟଣାର ସମାଧାନ ପାଇଁ ଜିଲାପାଳ ଅପରାହ୍ନ ୪ଟାରେ ସମସ୍ତଙ୍କ ସହ ଆଲୋଚନା କରିଥିଲେ। ବିନା ସର୍ତ୍ତରେ ତହସିଲଦାର ଭୁଲ ମାଗନ୍ତୁ ଓ ତାଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଓକିଲ ସଂଘ ପକ୍ଷରୁ ଏଥିରେ ଦାବି କରାଯିବାରୁ ସନ୍ଧ୍ୟା ୬ଟାରେ ତହସିଲଦାର, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଆଲୋଚନା କରାଯିବ ଏବଂ ପରବର୍ତ୍ତୀ ସମୟରେ ସମସ୍ତ ଅଧିକାରୀ, ସଚେତନ ନାଗରିକ, ଓକିଲ ସଂଘର ସଦସ୍ୟଙ୍କୁ ନେଇ ବୈଠକ ଡକାଯିବ ବୋଲି ଜିଲାପାଳ କହିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତେବେ ଘଟଣାର ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ପାଣି ପାଇଁ ରାସ୍ତା ଅବରୋଧ

**ଫୁଲବାଣୀ,୧୧।୩**
**(ରାକେଶ କୁମାର ରାଉତ)**

ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଅନେକ ସ୍ଥାନରେ ଏବେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଲାଣି। ପାନୀୟ ଜଳର ଉତ୍କଟ ସମସ୍ୟା ପ୍ରତିବାଦରେ ସୋମବାର ଫୁଲବାଣୀ ସଦର ଥାନା ଅନ୍ତର୍ଗତ ଗୁମାଗଡ ପଞ୍ଚାୟତ ସଦନମେଣ୍ଡି ଗ୍ରାମବାସୀ ଫୁଲବାଣୀ-ବ୍ରହ୍ମପୁର ୧୫୭ ନଂ ରାଜପଥ ଅବରୋଧ କରିଛନ୍ତି। ହାଣ୍ଡି, ମାଠିଆ, ବାଲଟି ଧରି ଲୋକେ ରାସ୍ତା ଉପରେ ବସି ରହିବା ଫଳରେ ଏହି ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ପଞ୍ଚାୟତର ୭ ନଂ ୱାର୍ଡ ସଦନମେଣ୍ଡିରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖା ଦେଇଛି। ଗାଁରେ ୬ଟି ନଳକୂପ ଥିଲେ ମଧ୍ୟ ସେଥିରୁ ୩ଟି ଅଚଳ ହୋଇପଡିଛି। ଅନ୍ୟ ୩ଟିରେ କାଁ ଭାଁ ପାଣି ଆସୁଛି। ୱାର୍ଡ ମେମ୍ବର ସ୍ମୃତିପୂର୍ଣ୍ଣା ଦିଗାଲଙ୍କ ନେତୃତ୍ୱରେ ରାସ୍ତା ଅବରୋଧ କରିଛୁ ବୋଲି ଗ୍ରାମବାସୀ କହିଥିଲେ। ବିଡିଓ ପ୍ରତୀକ ସାହୁ, ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ କୁନାମି ହେମ୍ବ୍ରମ, ବିଧାୟକ ପ୍ରତିନିଧି ନୀଳାମ୍ବର କହଁର ପ୍ରମୁଖ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହିତ ୭ଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ମାନସିକ ଅସ୍ଥିରତା ମଧ୍ୟରେ ବ୍ୟସ୍ତବିବ୍ରତ କରାଇପାରେ। ଫଳରେ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇନେବାରେ ଅସୁବିଧା ହେବ। ବିଶେଷ ଗୁରୁତର ନ ହେଲେ ମଧ୍ୟ ସାମୟିକ ଭାବେ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜି ଅଟକି ରହିଯାଇଥିବା କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ବୃଷ** ପ୍ରତି କ୍ଷେତ୍ରରେ ସମସ୍ୟାକୁ ସୁଧାରିନେବା ପାଇଁ ପ୍ରଯତ୍ନ କରିବେ। ଗୃହ ସାଜସଜ୍ଜା କାମର ଚାପ ପ୍ରଭାବରୁ ଟେନ୍‌ସନ ଲାଗିରହିବ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ମାନସିକ ଅଶାନ୍ତିର କାରଣ ହୋଇପାରେ। ବିବାଦୀୟ ଘଟଣା ଭିନ୍ନ ରୂପ ଧାରଣ କରିପାରେ। ଆନୁଷ୍ଠାନିକ କାମକୁ ଆମନ୍ତ୍ରିତହୋଇ ଉପଢୌକନ ଓ ସମ୍ମାନ ପାଇପାରନ୍ତି।

**ମିଥୁନ** ହସଖୁସି ପରିବେଶରେ ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏଁ କରି ପାରୁ ନ ଥିଲେ ଆଜି ତାହା ସୁବିଧାରେ ହୋଇଯିବ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ଦେବଦର୍ଶନ ସାଙ୍ଗକୁ ନୂତନ ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ଜୁଟିବ।

**କର୍କଟ** ଆଜି ଯାହା କରିବା ପାଇଁ ଚିନ୍ତା କରିଛନ୍ତି ସେଥିରେ ଅସୁବିଧା ହେବନାହିଁ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଯାହାକି ଅସୁସ୍ଥତାର କାରଣ ହୋଇପାରେ। କର୍ମଜଞ୍ଜାଳର ବହୁଳତା କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ବନ୍ଧୁ ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଆଶ୍ୱସ୍ତି ଲାଭ କରିବେ।

**ସିଂହ** ଆଜି ପରିବାରରେ କିଛି ଅଭାବ ଓ ଅସୁବିଧାକୁ ନେଇ ଆଲୋଚନା ହୋଇପାରେ। ବାଣିଜ୍ୟ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ସାମାନ୍ୟ ପ୍ରତିରୋଧ ଆସିବ। ସମ୍ପର୍କୀୟଙ୍କୁ କରଜ ଦେଇଥିବା ଟଙ୍କାକୁ କେନ୍ଦ୍ରକରି ଟଣା ଓଟରା ଲାଗିପାରେ। ଅବଶ୍ୟ ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା** ଦୀର୍ଘଦିନ ହେଲା ଯେଉଁ କାମଟିକୁ ଆରମ୍ଭକରିବାକୁ ମନ ବଳାଇଥିଲେ ଆଜି ତାହା ସମ୍ପନ୍ନ କରିବେ। ଦକ୍ଷତା ଓ ପରୋପକାର ପ୍ରବୃତ୍ତି ଯୋଗୁ ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧିପାଇବ। ରାଜନୀତି, ସଙ୍ଗଠନ, ସାମ୍ବାଦିକତା ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଆଜିର ଯାତ୍ରା ସଫଳ ହେବାରୁ ଚିତ୍ରାର ମନ ଖୁସି ରହିବ।

**ତୁଳା** ଆଜି ଭୁଲ୍ ବୁଝାମଣା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବ ରହିଲେ ସମସ୍ୟା ପ୍ରାୟତଃ ଆଗକୁ ବଢ଼ିପାରିବ ନାହିଁ।

**ବିଛା** ଦୀର୍ଘଦିନ ଧରି ଲାଗିରହିଥିବା ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇବାରୁ ମନ ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ସମସ୍ୟା ବୃଦ୍ଧିପାଇଲେ ମଧ୍ୟ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ଯୋଗୁ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଭ୍ରାତୃ ସମ୍ପର୍କରେ ଅବନତି ଦେଖାଦେଇପାରେ, ମାତ୍ର ଆର୍ଥିକ ସ୍ଥିତି ପୂର୍ବପରି ରହିବ।

**ମକର** ଭଲ ସମ୍ପର୍କ ନ ଥିବା ଲୋକମାନଙ୍କ ନିକଟରୁ ପ୍ରଶଂସା ଆଶା କରିବା ମୂଲ୍ୟହୀନ ହେବ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ। ସଭା ସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଆପୋସ ମିଳାମିଶା ଓ ସହମତିତା କାରଣରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ସବୁ ଭଲ ଥିଲେ ମଧ୍ୟ ପୁଅଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ଆକସ୍ମିକ ଭାବରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୁରୁଣା ବନ୍ଧୁ କିଛି ଖବର ନେଇ ଆସିପାରନ୍ତି। ପୂର୍ବସ୍ଥିରୀକୃତ ନୂଆ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମାଲୋଚିତ ହେବାକୁ ପଡ଼ିବ।

**ମୀନ** ଗୋଟିଏ ସମସ୍ୟା ଶେଷ ନ ହେଉଣୁ ଅନ୍ୟ ଏକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

ଆଜି ମାର୍ଚ୍ଚ ୧୨ ତାରିଖ, ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ମଙ୍ଗଳବାର, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ରମ୍‌ଜାନ ମାସର ରୋଜା ଆରମ୍ଭ। ରାଶି ନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୮।୫୮ ମି. ଗତେ, ଘ.୧୦।୪୫ ମି. ମଧ୍ୟେ, ୦୧।୦୭ ମି. ଗତେ, ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୫୪ ମି. ଗତେ, ଘ.୦୪।୨୩ ମି. ମଧ୍ୟେ ରାହୁକାଳ।

# ମାଲକାନଗିରି ସହରରେ ଭାଲୁ

**ମାଲକାନଗିରି,୧୧।୩**
**(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସହର ଉପକଣ୍ଠରେ ଭାଲୁ ଆତଙ୍କ ଦେଖାଦେଇଛି। ମା ଭାଲୁ ସହ ୨ ଶାବକ ସହର ନିକଟସ୍ଥ ପଲିଟେକ୍‌ନିକ୍ କଲେଜ ପାର୍ଶ୍ୱରେ ଅଟକି ରହିଥିବା ବେଳେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏସିଏଫ ମନସୁନ ଖେମୁଣ୍ଡୁଙ୍କ ନେତୃତ୍ୱରେ ପ୍ରାୟ ୪୦ ବନ କର୍ମଚାରୀ ଭାଲୁକୁ ଜଗି ବସିଥିବା ବେଳେ ପୋଲିସର ମଧ୍ୟ ସାହାଯ୍ୟ ଲୋଡ଼ାଯାଇଛି। ଏହାସହ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଭାଲୁ ଥିବା ସ୍ଥାନରୁ ହଟାଇବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ଭାଲୁଗୁଡିକୁ ଧରିବା ପାଇଁ ଯନ୍ତା ଲଗା ଯାଇଛି। ତେବେ ବର୍ତ୍ତମାନ ମଧ୍ୟ ଭାଲୁ ଗୁଡିକ ସେଠାରେ ହି ରହିଥିବା ଜଣା ପଡିଛି।


छत्तीसगढ़ शासन
मोदी की
एक और गारंटी
होने जा रही पूरी
श्री नरेन्द्र मोदी
माननीय प्रधानमंत्री
श्री विष्णु देव साय
माननीय मुख्यमंत्री, छत्तीसगढ़
कृषक उन्नति योजना
दिनांक 12 मार्च 2024
प्रदेश के 24.72 लाख से अधिक
किसानों के खाते में आएंगे
₹13,320 करोड़
खुशहाल किसान ▪ समृद्ध छत्तीसगढ़ ▪ विकसित भारत
एमएसपी के बाद अब अंतर की राशि का भुगतान करने जा रही सरकार
किसानों को प्रति एकड़ 19,257 रुपए के मान से आदान सहायता
39986/59
मोदी की गारंटी - विष्णु का सुशासन
सबका साथ, सबका विकास, सबका विश्वास और सबका प्रयास
Visit us : ChhattisgarhCMO ChhattisgarhCMO ChhattisgarhCMO ChhattisgarhCMO DPRChhattisgarh DPRChhattisgarh www.dprcg.gov.in
छत्तीसगढ़ जनसंपर्क

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ବୈଦିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଛି। -ଶ୍ରୀଅରବିନ୍ଦ

-ରମଜାନ ମାସ ଆରମ୍ଭ



# ଚତୁରତା ଫସର ଫାଟିଲା

୨୦୧୪ ନିର୍ବାଚନରେ ଯେତେବେଳେ ଭାଜପା କ୍ଷମତାକୁ ଆସିଲା ସେତେବେଳେ କହିଥିଲା ଯେ, ବିଦେଶୀ ବ୍ୟାଙ୍କରେ ଯେଉଁମାନେ ପୂର୍ବ ସରକାରଙ୍କ ଦ୍ୱାରା ଲାଭବାନ ହୋଇ କଳାଟଙ୍କା ରଖିଛନ୍ତି ସେମାନଙ୍କ ନାମ ପ୍ରକାଶ କରିବା ସହିତ ସେହିସବୁ ଅର୍ଥକୁ ଦେଶକୁ ଫେରାଇ ଅଣାଯିବ। ପ୍ରତ୍ୟେକ ଭାରତୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦିଆଯିବ। କିନ୍ତୁ ସେହି ୧୫ ଲକ୍ଷ ଏପର୍ଯ୍ୟନ୍ତ ଆସିନାହିଁ। ଏପରିକି ମୋଦି ସରକାରଙ୍କର ଦୀର୍ଘ ୧୦ ବର୍ଷ ବିତିଯିବା ପରେ ବି କୌଣସି ଗୋଟିଏ ନାମ ପଦାକୁ ଆସିପାରି ନାହିଁ। ଏହାର ଦୁଇଟି ଅର୍ଥ ହୋଇପାରେ। ପ୍ରଥମ କଥାଟି ହେଉଛି ମୋଦି ସରକାରଙ୍କ ଏହି କଥା ସମ୍ପୂର୍ଣ୍ଣ ମିଥ୍ୟା ଥିଲା। ଦ୍ୱିତୀୟଟି ହେଉଛି ଯେଉଁସବୁ ପ୍ରଭାବଶାଳୀ ଶିଳ୍ପପତି କିମ୍ବା ରାଜନେତା ବିଦେଶୀ ବ୍ୟାଙ୍କରେ ଭାରତରୁ ଲୁଟିଥିବା ପଇସାକୁ ରଖିଥିଲେ ସେମାନଙ୍କ ସହିତ ବୁଝାମଣା ଓ ନେଣଦେଣ ହୋଇଯାଇଥିବାରୁ କୌଣସି ଅର୍ଥ ଫେରିଲା ନାହିଁ।

ଓଡ଼ିଆରେ ଗାଉଁଲି କଥା ଅଛି ''ଯିଏ ଥରେ ମିଛ କହେ, ସିଏ ବାରମ୍ବାର ମିଛ କହିପାରେ।'' ବିଦେଶରେ ଭାରତର ଧନ ଠୁଳ ରହିଛି ବୋଲି ଦାବି କରିଆସୁଥିବା ମୋଦି ନିଜେ କ୍ଷମତାରେ ଥାଇ ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନାକୁ କାର୍ଯ୍ୟକାରୀ କରାଇଲେ। ଇଲେକ୍ଟୋରାଲ୍ ବଣ୍ଡ୍ ମାଧ୍ୟମରେ ଯେଉଁମାନେ ରାଜନୈତିକ ଦଳକୁ ଅର୍ଥ ଦେବାକୁ ଚାହିଁବେ ତାଙ୍କ ନାମ ଗୋପନ ରଖାଯିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଯେକୌଣସି ବ୍ୟକ୍ତି ବା ସଂସ୍ଥା ୨୦ ହଜାର ଟଙ୍କାରୁ ଅଧିକ କୌଣସି ରାଜନୈତିକ ଦଳକୁ ଦାନ ଦେବ ତାହାକୁ ସମ୍ପୃକ୍ତ ରାଜନୈତିକ ଦଳକୁ ବାଧ୍ୟତାମୂଳକ ଭାବେ ସର୍ବସମ୍ମୁଖରେ ଜଣାଇବାକୁ ପଡ଼ିବ। ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନାରେ ଏହିଭଳି ଗୋପନୀୟତା ଯୋଗୁ ତାହାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି। ଏପର୍ଯ୍ୟନ୍ତ ପ୍ରାୟ ୧୩ ହଜାର କୋଟି ଇଲେକ୍ଟୋରାଲ୍ ବଣ୍ଡ୍ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକୁ ଆସିଛି। ଜଣାଥାଉ ଯେ ଇଲେକ୍ଟୋରାଲ୍ ବଣ୍ଡ୍ କେବଳମାତ୍ର ୧ ହଜାର, ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ ଏବଂ ୧ କୋଟି ମୂଲ୍ୟର ଚିଠା ମାଧ୍ୟମରେ ଏସ୍‌ବିଆଇ ଦ୍ୱାରା ପ୍ରଦାନ କରାଯାଇଛି। ଆଶ୍ଚର୍ଯ୍ୟର ବିଷୟ ହେଲା ୯୦ ପ୍ରତିଶତରୁ ଅଧିକ ଇଲେକ୍ଟୋରାଲ୍ ବଣ୍ଡ୍ ୧ କୋଟି ମୂଲ୍ୟର କିଣାଯାଇଛି। ଏହା ପ୍ରମାଣ କରୁଛି ଯେ ସାଧାରଣ ଜନତା ଇଲେକ୍ଟୋରାଲ୍ ବଣ୍ଡ୍ ମାଧ୍ୟମରେ ତାଙ୍କ ପ୍ରିୟ ରାଜନୈତିକ ଦଳଗୁଡ଼ିକୁ ଅର୍ଥ ଦାନ କରିନାହାନ୍ତି। ଏହି ପ୍ରଚ୍ଛଦପଟରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଜନତାଙ୍କୁ ଇଲେକ୍ଟୋରାଲ୍ ବଣ୍ଡ୍ କିଣିଥିବା ବ୍ୟକ୍ତିବିଶେଷ ଓ କମ୍ପାନୀମାନଙ୍କ ନାମ ଜାଣିବାର ଅଧିକାର ଅଛି। କାରଣ ଏହି ବ୍ୟକ୍ତିବିଶେଷ କିମ୍ବା କମ୍ପାନୀ ଆଡକୁ ନବନିର୍ବାଚିତ ସରକାର ଢଳିବା ଅବଶ୍ୟମ୍ଭାବୀ।

ଇଲେକ୍ଟୋରାଲ୍ ବଣ୍ଡ୍ ଯୋଜନା ବିରୋଧରେ ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରାଇଟ୍ସ (ଏଡିଆର୍) ଏବଂ ଅନ୍ୟ କେତେକ ସଂସ୍ଥା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଫେବୃଆରୀ ୧୫ ତାରିଖରେ ସେହି ଯୋଜନାକୁ ବେଆଇନ ଘୋଷଣା କରି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଯିଏକି ଏକମାତ୍ର ଇଲେକ୍ଟୋରାଲ୍ ବଣ୍ଡ୍ ଗ୍ରହଣ କରିବାର କ୍ଷମତାପ୍ରାପ୍ତ ହୋଇଥିଲା, ତାହା ନିକଟରେ ଥିବା ବଣ୍ଡ୍ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ମାର୍ଚ୍ଚ ୬ ସୁଦ୍ଧା ନିର୍ବାଚନ କମିଶନଙ୍କ ସମ୍ମୁଖରେ ପ୍ରଦାନ କରିବ। ଷ୍ଟେଟ୍‌ବ୍ୟାଙ୍କ ସେହି ରାୟକୁ ମାନିବା ପରିବର୍ତ୍ତେ ତଥ୍ୟ ଦେବାକୁ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ବୃଦ୍ଧି କରିବାକୁ ନିବେଦନ କଲା। ସେହି ନିବେଦନ ଉପରେ ଶୁଣାଣି କରି ନିର୍ଦ୍ଦେଶ ଦେବା ପୂର୍ବରୁ ଏଡିଆର୍, ସିପିଏମ୍ ଏବଂ କାନ୍‌କାଜ୍ (ଏକ ଏନ୍‌ଜିଓ) ତରଫରୁ ସୁପ୍ରିମ୍‌କୋର୍ଟରେ ଆବେଦନ କରାଗଲା ଯେ ଆଜିର ଯୁଗରେ ଷ୍ଟେଟ୍‌ବ୍ୟାଙ୍କ ପାଖରେ ସବୁ ତଥ୍ୟ କମ୍ପ୍ୟୁଟରାଇଜଡ ହୋଇ ରହୁଛି। ତତ୍‌ସହିତ ପ୍ରତ୍ୟେକ ଇଲେକ୍ଟୋରାଲ୍ ବଣ୍ଡ୍ କିଣିଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ବାଧ୍ୟବାଧକତାମୂଳକ ତାଙ୍କର କେୱାଇସି ପୂରଣ କରିଛନ୍ତି। ସେଥିପାଇଁ ଷ୍ଟେଟ୍‌ବ୍ୟାଙ୍କଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଏକାଠି କରି ପ୍ରଦାନ କରିବାକୁ ହେଲେ ମାତ୍ର ଘଣ୍ଟାଏ କି ଦୁଇଘଣ୍ଟା ସମୟ ଲାଗିବ। ଅଧିକ ସମୟ ମାଗିବା ପଛରେ ଏସ୍‌ବିଆଇର ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସମସ୍ତେ ବୁଝିପାରିଲେ। ବ୍ୟାଙ୍କର ନିବେଦନରେ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ମାଗିବାର ଉଦ୍ଦେଶ୍ୟ ହେଉଛି ନିର୍ବାଚନ ଶେଷ ହୋଇଯାଇଥିବ।

ଯିଏ କଳାଧନ ବିଦେଶରୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ ସିଏ ଏବେ ତାଙ୍କ ଅଧୀନ ବ୍ୟାଙ୍କକୁ ତଥ୍ୟ ଦେବାରୁ ବିରତି ରହିବା ପାଇଁ ନିର୍ଦ୍ଦେଶ ଦେଇଥାଇ ପାରନ୍ତି ବୋଲି କେତେକ ମହଲରେ ଆଲୋଚନା ହେଉଛି। ଆଜିର ଶୁଣାଣି ପରେ ସୁପ୍ରିମ୍‌କୋର୍ଟ ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୧୨ ତାରିଖରେ ଷ୍ଟେଟ୍‌ବ୍ୟାଙ୍କଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସମୟସୀମାରେ କାମ କରିବା ପାଇଁ ନିର୍ଦ୍ଦେଶ ସାଧାରଣରେ ଭାରତୀୟ ବ୍ୟବସ୍ଥାରେ କେହି କାହାକୁ ଦିଅନ୍ତି ନାହିଁ। ଏହି ଖବର ଗଣମାଧ୍ୟମରେ ସର୍ବୋଚ୍ଚକୁ ଚାଲିଆସିଲେ ରାଜନୈତିକ କ୍ଷତି ଘଟିପାରେ ବୋଲି ବୋଧହୁଏ ସରକାର ଚିନ୍ତା କଲେ। ସେଥିପାଇଁ ବିନା ପ୍ରସ୍ତୁତିରେ ସିଏଏ (ନାଗରିକ ସଂଶୋଧନ ଆଇନ) କାର୍ଯ୍ୟକାରୀ କରାଯିବ ବୋଲି ଆଜି କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | 1 | |
| 2 | | | 9 | 4 | 1 | | 3 | |
| | | | 5 | 3 | | | | |
| 7 | | | | | | | 8 | |
| 1 | | | 4 | | | | | |
| 4 | | | | 1 | 3 | 6 | | |
| 8 | | 6 | | | | | | |
| | | 2 | | | 5 | 3 | | |
| 3 | | | | 2 | 6 | 8 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 4 | 2 | 1 | 5 | 9 | 6 |
| 2 | 4 | 6 | 9 | 5 | 8 | 7 | 3 | 1 |
| 5 | 1 | 9 | 6 | 3 | 7 | 8 | 4 | 2 |
| 6 | 9 | 3 | 1 | 8 | 4 | 2 | 7 | 5 |
| 4 | 5 | 1 | 2 | 7 | 9 | 3 | 6 | 8 |
| 8 | 7 | 2 | 5 | 6 | 3 | 9 | 1 | 4 |
| 1 | 2 | 8 | 7 | 9 | 6 | 4 | 5 | 3 |
| 7 | 3 | 4 | 8 | 1 | 5 | 6 | 2 | 9 |
| 9 | 6 | 5 | 3 | 4 | 2 | 1 | 8 | 7 |

ଗତକାଲିର ଉତ୍ତର

# 'ସାଇନିଂ ଇଣ୍ଡିଆ' ବନାମ 'ମୋଦି କୀ ଗ୍ୟାରେଣ୍ଟି'



ସୌଭାଗ୍ୟ ସୁନ୍ଦରରାୟ

ପୁନର୍ବାର କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ୨୦୦୪ ମସିହାରେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନୀ ବିଜ୍ଞାପନର ସ୍ଲୋଗାନ ଥିଲା 'ସାଇନିଂ ଇଣ୍ଡିଆ' ବା ଚମକୁଥିବା ଭାରତ। ତେବେ ଏହି ନିର୍ବାଚନରେ ଦଳ ୧୪୪ ଆସନରେ ବିଜୟୀ ହେଲା। କଂଗ୍ରେସ ପାଇଥିଲା ୧୫୯ ଆସନ। ଫଳରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନଡିଏ ପୁନର୍ବାର କ୍ଷମତାକୁ ଫେରିପାରି ନଥିଲା। ୨୦୨୪ ନିର୍ବାଚନ ପାଇଁ ଦଳର ବିଜ୍ଞାପନ ସ୍ଲୋଗାନ ରହିଛି 'ମୋଦି କୀ ଗ୍ୟାରେଣ୍ଟି' ବା ମୋଦିଙ୍କ ପ୍ରତିଶ୍ରୁତି। ଏହି ପ୍ରତିଶ୍ରୁତି ହେଉଛି ଦେଶର ଗରିବ ଜନସାଧାରଣଙ୍କୁ ୫ ବର୍ଷ ପାଇଁ ମାଗଣା ଚାଉଳ ଯୋଗାଣ ଓ ବିକଶିତ ଭାରତର ସ୍ୱପ୍ନ। ୨୦୦୪ ମସିହା ସାଇନିଂ ଇଣ୍ଡିଆ ସ୍ଲୋଗାନରେ ମଧ୍ୟ ଏକ ବିକାଶଶୀଳ ଭାରତବର୍ଷର ପ୍ରତିଛବି ନିହିତ ରହିଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସ୍ୱର୍ଣ୍ଣ ଚତୁର୍ଭୁଜ, ସର୍ବନିମ୍ନ ଗୃହଋଣ, ନିୟନ୍ତ୍ରିତ ଦରଦାମ୍‌କୁ ନେଇ ଏହି ସ୍ଲୋଗାନର ପରିକଳ୍ପନା କରାଯାଇଥିଲା।

୨୦୧୪ ମସିହାରୁ ଦୁଇ ଥର କ୍ଷମତାକୁ ଆସିସାରିବା ପରେ ୨୦୨୪ ମସିହାରେ ତୃତୀୟ ପାଳି କ୍ଷମତାକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଅତ୍ୟନ୍ତ ଆତ୍ମବିଶ୍ୱାସ ଏହି ବିଜ୍ଞାପନରେ ନିହିତ ରହିଥିବା ପରି ଜଣାପଡୁଛି। ତେବେ ଏଠାରେ ଭାରତୀୟ ଜନତା ପାର୍ଟିର ପ୍ରଥମ ଦୁଇ ପାଳି ସ୍ଲୋଗାନ ଆଲୋଚନାର ଆବଶ୍ୟକତା ରହିଛି। ପ୍ରଥମ ପାଳି କ୍ଷମତାକୁ ଆସିବା ସମୟରେ ସ୍ଲୋଗାନ ଥିଲା 'ଅଚ୍ଛେ ଦିନ୍ ଆୟେଗା'। ବିଦେଶରେ ରହିଥିବା ଦେଶର ବିପୁଳ କଳାଟଙ୍କା ଦେଶକୁ ଫେରିବ। ଏହା ଗରିବ ଜନସାଧାରଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଏ ଗ୍ୟାରେଣ୍ଟି ଥିଲା ଭାଜପାର। ତେବେ ୧୦ ବର୍ଷ ପରେ ମଧ୍ୟ ଦେଶବାସୀ ଏହାର ଉତ୍ତର ପାଇପାରିଲେ ନାହିଁ। ଖାଉଟି ବଜାର ଅନିୟନ୍ତ୍ରିତ ଅବସ୍ଥାରେ ରହିଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଦୁର୍ବିଷହ ଅବସ୍ଥାରେ ରହିଛନ୍ତି। ପ୍ରଥମ ପାଳିରେ ୨୦୧୬ ନଭେମ୍ବରରେ ଦେଶରେ ବିମୁଦ୍ରୀକରଣ କରାଯିବା ସମୟରେ କଳାଟଙ୍କା ହ୍ରାସ ପାଇ ଆତଙ୍କବାଦୀ କାର୍ଯ୍ୟକଳାପ ହ୍ରାସ ପାଇବ ବୋଲି କୁହାଗଲା। କିନ୍ତୁ ଦେଖାଗଲା କୌଣସିଟି ଠିକ୍ ହେଲା ନାହିଁ। ବରଂ ସରକାରଙ୍କ ସେହି ପାଳିରେ ୨୦୧୯ ଫେବୃଆରୀରେ ଭାରତୀୟ ସେନାଙ୍କୁ ନେଇ ଯାଉଥିବା ଜମ୍ମୁ-ଶ୍ରୀନଗର ରାଜପଥର ପୁଲୱାମା ନିକଟରେ ଆତଙ୍କବାଦୀ ବିସ୍ଫୋରଣରେ ୪୦ ଜଣ ସିଆର୍‌ପିଏଫ ଯବାନ ପ୍ରାଣ ହରାଇଥିଲେ। ୨୦୧୬ ସେପ୍ଟେମ୍ବର ୧୮ରେ ଉରି ସ୍ଥିତ ସେନା ବ୍ରିଗେଡ ମୁଖ୍ୟାଳୟରେ ଆତଙ୍କବାଦୀ ଆକ୍ରମଣରେ ୧୯ ଜଣ ଭାରତୀୟ ସେନା ନିହତ ହୋଇଥିଲେ। ସେହି ମାସରେ ଭାରତୀୟ ସେନା ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ



କରିଥିଲା। ଏହାର ପର ନିର୍ବାଚନ ୨୦୧୯ ମସିହା ବେଳକୁ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ହେଲା 'ଫିର୍ ଏକ ବାର୍ ମୋଦି ସରକାର'। ସଦ୍ୟ ପୁଲ୍‌ୱମା ଆକ୍ରମଣ ଓ ଉରି ଆକ୍ରମଣ ପରବର୍ତ୍ତୀ ସର୍ଜିକାଲ ଷ୍ଟ୍ରାଇକରୁ ଫାଇଦା ନେଇ ଭାଜପା ନିଜକୁ ରାଷ୍ଟ୍ରଭକ୍ତ ଦଳ ଭାବେ ଉପସ୍ଥାପିତ କରି ପୁଣି ଥରେ ମୋଦି ସରକାରଙ୍କୁ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲା ଏବଂ ଏଥିରେ ସଫଳ ହୋଇଥିଲା। ଏହି ସମୟ ବେଳକୁ ଦଳ ଅଚ୍ଛେ ଦିନ୍ ସ୍ଲୋଗାନ ଭୁଲି ଯାଇଥିଲା। ନିର୍ବାଚନ ପ୍ରଚାରରେ ମୁଖ୍ୟତଃ ଆତଙ୍କବାଦ ଓ ପାକିସ୍ତାନ ବିଷୟ ଉଠାଇ ରାଷ୍ଟ୍ରବାଦର ପରିବେଶ ସୃଷ୍ଟି କରିପାରିଥିଲା।

ଦିଲ୍ଲୀରେ ରହିଛି ଏକ ନିର୍ବାଚିତ ସରକାର। ଏହି ସରକାରକୁ କେନ୍ଦ୍ର ଏକ ପ୍ରକାର ଅଚଳ କରି ରଖିଛି। ଦିଲ୍ଲୀ ଅମଲାତନ୍ତ୍ର ନିୟନ୍ତ୍ରଣ ନିର୍ବାଚିତ ସରକାରଙ୍କ ଉପରେ ନ୍ୟସ୍ତ ନିମନ୍ତେ ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚ ରାୟ ଦେଇଥିଲେ। କିନ୍ତୁ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ବଳରେ ଏହି ରାୟକୁ ଅକାମୀ କରିଥିଲେ। ଏହି ଆଚରଣ ନିର୍ବାଚିତ ସରକାର ବା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବେଖାତିର ମନୋଭାବ ସଦୃଶ ହୋଇଛି। ଚଣ୍ଡିଗଡ଼ ମ୍ୟୁନିସିପାଲ କର୍ପୋରେଶନ ନିର୍ବାଚନରେ ରିଟର୍ନିଂ ଅଫିସର ଦାୟିତ୍ୱ ତୁଲାଇଥିବା ଭାଜପା କର୍ପୋରେଟର ୮ଟି ଭୋଟ ବିକୃତ କରିଥିଲେ। ପରେ ଏହାକୁ ରଦ୍ଦ କରି ଭାଜପା ସପକ୍ଷରେ ମେୟର ପଦବୀ ନେଇଥିଲେ। ମାମଲା ସୁପ୍ରିମକୋର୍ଟ ଆସିଲା। ଅଦାଲତ ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ଦର୍ଶାଇ ମେୟର ପଦବୀରେ ଆମ୍ ଆଦମୀ ପାର୍ଟି କର୍ପୋରେଟରଙ୍କୁ ବସାଇଥିଲେ। ୧୦୧୭ ମସିହାରେ ପ୍ରଥମ ପାଳିରେ ସରକାର ଅର୍ଥ ବିଲ୍‌ରେ ନିର୍ବାଚନୀ ବଣ୍ଡ ପ୍ରଚଳନ କଲେ। ଏହା ଏପରି ଏକ ବଣ୍ଡ୍, ଯେଉଁଥିରେ ରାଜନୈତିକ ଦଳକୁ ଦାନ ଦେଉଥିବା ଦାତାଙ୍କ ନାମ ଗୋପନ ରଖାଯିବାର ବ୍ୟବସ୍ଥା ରହିଥିଲା। ଏପରି ଏକ ବ୍ୟବସ୍ଥାକୁ ଅସାମ୍ବିଧାନିକ ଦର୍ଶାଇ ସମସ୍ତ ଦାତାଙ୍କ ନାମ ପ୍ରକାଶ କରିବାକୁ ନିକଟରେ ସୁପ୍ରିମକୋର୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବଣ୍ଡ୍ ପ୍ରଚଳନ ସମୟରେ ଭାରତୀୟ ନିର୍ବାଚନ କମିଶନ ମଧ୍ୟ ଏଥିସହ ଏକମତ ନଥିଲେ।

ଚଳିତ ନିର୍ବାଚନ ପାଇଁ ଯେଉଁ ଗ୍ୟାରେଣ୍ଟି ବିଷୟ ଉଠୁଛି ସେଥିରେ 'ଇସ୍ ବାର୍ ୪୦୦ ପାର୍' ମଧ୍ୟ ସଂଯୋଜିତ ହୋଇ ରହିଛି। ତେବେ ଏହି ଚାରସୋ ପାର୍ ନେଇ ଖୋଦ୍ ଦଳ ଆଶଙ୍କାରେ ରହିଥିବା ମନେହୁଏ। ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଦଳ 'ଇସ୍ ବାର୍ ୨୦୦ ପାର୍' ସ୍ଲୋଗାନ ଦେଇଥିଲା। କିନ୍ତୁ ବିଜୟୀ ହେଲା ୭୭ଟି ଆସନରେ। ଏହି ୭୭ ଆସନ ମଧ୍ୟ ଦଳ ପାଇଁ ବେଶ୍ ସଫଳତା ଥିଲା। କାରଣ ପୂର୍ବ ନିର୍ବାଚନରେ ଦଳ ମାତ୍ର ୩ଟି ଆସନ ପାଇଥିଲା। ତେବେ ଏତେ ଅଧିକ କରି ସ୍ଲୋଗାନ କ'ଣ ପାଇଁ ? ଏହା ସାଧାରଣ ଜନତାଙ୍କୁ ଭ୍ରମିତ କରିବା ପାଇଁ। ସାଧାରଣ ଜନତାଙ୍କ ମନରେ ଦଳ ସପକ୍ଷରେ ହାୱା ବହୁଥିବା ଧାରଣା ସୃଷ୍ଟି କରିବା ଏପ୍ରକାର ନାରାର ଉଦ୍ଦେଶ୍ୟ। ଚଳିତ ନିର୍ବାଚନ ପାଇଁ ଦଳ ମନରେ ଯେଉଁ ଆଶଙ୍କା ରହିଛି ତାହା ହେଲା ମହାରାଷ୍ଟ୍ରରେ ଗତ ନିର୍ବାଚନରେ ଶିବସେନା ସହ ଦଳ ମେଣ୍ଟ କରି ମୋଟ ୪୮ଟି ଆସନ ଲାଭ କରିଥିଲା। ସେଥିମଧ୍ୟରୁ ଶିବସେନା ୧୮ଟି ଲୋକ ସଭା ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ୨୩ଟି ଆସନରେ ବିଜୟୀ ହୋଇଥିଲା। କିନ୍ତୁ ଚଳିତ ଥର ଶିବସେନା ବିଭାଜିତ ହୋଇଛି। ତେଣେ ଏନ୍‌ସିପି ମଧ୍ୟ ବିଭାଜିତ ହୋଇଛି। ଏଣୁ ରାଜ୍ୟରେ ବ୍ୟାପକ ଭାବେ ଭୋଟ ବିଭାଜନ ହେବା ଆଶଙ୍କା ରହିଛି। ଗତ ନିର୍ବାଚନରେ ଉତ୍ତରପ୍ରଦେଶର ୮୦ଟି ଆସନ ମଧ୍ୟରୁ ଭାଜପା ୫୨ ଆସନରେ ବିଜୟ ଲାଭ କରିଥିଲା। ପରବର୍ତ୍ତୀ ସମୟରେ ଉତ୍ତରପ୍ରଦେଶରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟି ବେଶ୍ ସଫଳତା ହାସଲ କରିଛି। ଭାଜପା ପୂର୍ବ ବିଧାନସଭା ନିର୍ବାଚନରେ ୩୨୫ ଆସନ ପାଇଥିବାବେଳେ ୨୦୨୨ ନିର୍ବାଚନରେ ଆସନ ସଂଖ୍ୟା ୨୫୫କୁ ହ୍ରାସ ପାଇଥିଲା। ଦିଲ୍ଲୀର ସମସ୍ତ ୭ଟି ଯାକ ଲୋକ ସଭା ଆସନ ଗତ ଥର ଭାଜପା ସପକ୍ଷରେ ଯାଇଥିବାବେଳେ ଚଳିତ ଥର ଦିଲ୍ଲୀରେ କଂଗ୍ରେସ-ଆପ୍ ମେଣ୍ଟ ଭାଜପା ପାଇଁ ଅଡୁଆ ସୃଷ୍ଟି କରିପାରେ। ବିହାରରେ ଗତ ଲୋକ ସଭା ନିର୍ବାଚନରେ ମୋଟ ୪୦ ଆସନ ମଧ୍ୟରୁ ଭାଜପା ୧୭ଟି ଓ ଜନତା ଦଳ (ୟୁ) ୧୬ଟି ଆସନରେ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଜେଡି(ୟୁ) ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ରାଜ୍ୟରେ ଜନତା ଦଳ (ୟୁ) ପାଇଁ ଦ୍ୱାର ବନ୍ଦ ବୋଲି ଏକଦା କହିଥିବା ଭାଜପା ଲୋକ ସଭା ଆସନ ସ୍ଥିତି ନେଇ କିଛି ଆଶଙ୍କା କରି ପୁଣି ଜେଡି (ୟୁ) ସହ ମେଣ୍ଟ କରିବାକୁ ରାଜି ହୋଇଛି। ହିମାଚଳରେ ମୋଟ ୪ଟି ଯାକ ଲୋକ ସଭା ଆସନ ଭାଜପାକୁ ଯାଇଥିବାବେଳେ ଚଳିତ ଥର ହିମାଚଳପ୍ରଦେଶ ବିଧାନସଭାରେ କଂଗ୍ରେସ ସରକାର ଗଠନ କରିଛି। ପଞ୍ଜାବରେ ଆପ୍ ସରକାର ରହିଛି। ତେଲଙ୍ଗାନାରେ କଂଗ୍ରେସ ସରକାର ରହିଛି। ଗୁଜରାଟରେ ଆପ୍‌ର ଅନୁପ୍ରବେଶ ଘଟିଛି। କର୍ନାଟକରେ ଏବେ କଂଗ୍ରେସ ସରକାର ଗଠନ ହୋଇଛି। ଓଡ଼ିଶାରେ ଶାସକ ଦଳ ସହ ମେଣ୍ଟ ପାଇଁ ଭାଜପା ଇଚ୍ଛୁକ। ମୁହଁରେ କହୁଥିଲେ ମଧ୍ୟ ଭାଜପା ମନରେ ଆସନ ନେଇ ଶଙ୍କା ରହିଛି। ଏହି କାରଣରୁ ଏକଦା ଏନ୍‌ଡିଏ ହାତ ଛାଡ଼ିଥିବା ଦଳଗୁଡ଼ିକ ସହ ପୁନର୍ବାର ମେଣ୍ଟ ପାଇଁ ଭାଜପା ପ୍ରସ୍ତୁତ ଥିବା ଜଣାଯାଉଛି।

ମୋ-୯୪୩୭୨୨୯୨୩୩

# ମା' ଗୁଣେ ଝିଅ



ଡା. ଶୁଭଶ୍ରୀ ମିଶ୍ର

କୁହାଯାଏ- ଝିଅମାନେ ବାପାଙ୍କର ବେଶି ପ୍ରିୟ, ଆଉ ପୁଅମାନେ ମା'ଙ୍କର ବେଶି ପ୍ରିୟ। ଏହା ତ ନିଶ୍ଚିତ ଭାବରେ ଠିକ୍ କଥା। କିନ୍ତୁ ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖିବା ଉଚିତ, ଝିଅମାନେ ମା'ଙ୍କଠାରୁ ଅନେକ କଥା ଶିକ୍ଷା କରିଥାନ୍ତି। ଏହା ସେମାନଙ୍କର ଜନ୍ମଗତ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଶିଖାଇବା ପୂର୍ବରୁ ଝିଅମାନେ ମା'ମାନଙ୍କର ଅନେକ କଥାକୁ ନିଜ ଭିତରେ ଗ୍ରହଣ କରିନେଇଥାନ୍ତି। ବିଶେଷକରି, ନାରୀସୁଲଭ ଗୁଣଗୁଡ଼ିକୁ ସେମାନେ ସମସ୍ତଙ୍କ ଅଜାଣତରେ ତଥା ବିନା ଶିକ୍ଷାରେ ଗ୍ରହଣ କରିନେଇଥାନ୍ତି। ସେହିଭଳି ସନ୍ତାନର ଲାଳନପାଳନ ଗୁଣଟିକୁ ସେମାନେ କେବେ ବି ମା'ଙ୍କ ପାଖରେ ସୀମିତ ହୋଇ ରହିବାକୁ ଦିଅନ୍ତି ନାହିଁ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଝିଅଟିଏ ଯେତେବେ ବୟସ ପ୍ରାପ୍ତ ହୋଇଯାଏ ସେତେବେଳେ ସେ ତା ମନକୁ ମନ ମା'ଙ୍କ ଠାରୁ ସବୁକଥା ଶିଖିବାକୁ ଆରମ୍ଭକରେ। ସେହିଭଳି ଅନେକ କିଛି ଗୁଣ ତା' ନିଜ ଭିତରେ ଥାଏ, ଯାହା ବୟସର କ୍ରମାନ୍ୱୟରେ ସେସବୁ ତା' ନିକଟରେ ଆତ୍ମପ୍ରକାଶ କରେ। ଏହି କଥା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ହେଉଛି ମାନବୀୟ ବ୍ୟବହାର (ବିଶେଷକରି ନାରୀଙ୍କ କ୍ଷେତ୍ରରେ)ର ଏକ ସିକ୍ରେଟ୍।

ନାରୀମାନଙ୍କୁ ସାଧାରଣତଃ ରହସ୍ୟମୟୀ ବୋଲି କୁହାଯାଇଥାଏ। କିନ୍ତୁ ବାସ୍ତବରେ ଠିକ୍ କି ଭୁଲ୍ ତାହା ଗବେଷଣାସାପେକ୍ଷ। ତେବେ ସେମାନଙ୍କ ଗୁଣାବଳୀରେ ଅନେକ ରହସ୍ୟ ଖୁନ୍ଦିରୁନ୍ଦି ହୋଇ ରହିଛି ବୋଲି ବହୁ ପ୍ରମାଣିତ। ଏହି ତଥ୍ୟକୁ ଆଧାର କରି ଆମେରିକାର ଓହାୟୋ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ଏକ ଅଧ୍ୟୟନ କରାଯାଇଥିଲା। ଷ୍ଟେଟ୍ ୟୁନିଭର୍ସିଟିର ଏକ୍ସପର୍ଟମାନେ ଏହି ଗବେଷଣାକୁ ଫଳପ୍ରଦ କରିବା ପାଇଁ ଦୁଇ ଜେନେରେଶନର ମହିଳାଙ୍କୁ ସାମିଲ କରିଥିଲେ। ଏହାବ୍ୟତୀତ ସେହି ମହିଳାମାନଙ୍କର ବିଭିନ୍ନ ବୟସର ପିଲା, ବିଶେଷକରି ଝିଅମାନଙ୍କୁ ସାମିଲ କରିଥିଲେ। ଏକାଧିକ ବର୍ଷଧରି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ, ଝିଅମାନେ ସିଧାସଳଖ ମା'ଙ୍କର ଗୁଣାବଳୀକୁ ଗ୍ରହଣ କରି ନେଉଛନ୍ତି, ଯାହା ପୁଅମାନଙ୍କ କ୍ଷେତ୍ରରେ ହେଉନାହିଁ। ସେହିଭଳି ଗବେଷକମାନେ ମା'ମାନଙ୍କୁ ଅନେକ କାମ କରାଇଥିଲେ ଆଉ ଝିଅମାନଙ୍କ କ୍ଷେତ୍ରରେ ତାହାର କିଭଳି ପ୍ରଭାବ ପଡୁଛି, ସେକଥା ଦେଖିବାର ପ୍ରୟାସ କରିଥିଲେ। ଶେଷରେ ସେମାନଙ୍କର



ଧାରଣା ସତ୍ୟ ପ୍ରତିପାଦିତ ହୋଇଥିଲା।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଏଥିପାଇଁ ଜିନ୍‌କୁ ହିଁ ଦାୟୀ କରାଯାଇପାରିବ। କାରଣ ଜିନ୍‌ର ପ୍ରଭାବ ସମଲିଙ୍ଗୀଙ୍କ ଉପରେ ସର୍ବାଧିକ ପଡ଼ିଥାଏ। ବାୟୋଲୋଜିକାଲ ବିଶ୍ଳେଷଣରୁ ଜଣାପଡ଼େ ଯେ, ମହିଳାଙ୍କ ନିକଟରେ ସମଗୁଣର ଦୁଇଟି ଜିନ୍ ଥାଏ, ଯାହାକୁ ପ୍ରାଣୀବିଜ୍ଞାନୀମାନେ ଇଂଲିଶ୍‌ର 'ଏକ୍ସ' ଅକ୍ଷର ବୋଲି ନାମିତ କରିଥାନ୍ତି। ଅର୍ଥାତ୍ ଏକ୍ସ ଏକ୍ସ। ସେହି ଅନୁଯାୟୀ ଦୁଇ ମହିଳାଙ୍କ ମଧ୍ୟରେ ଅନେକ ମାନସିକ ସାମଞ୍ଜସ୍ୟ ମିଳିପାରିଥାଏ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମା'ଠାରୁ ଜିନ୍ ବାଟଦେଇ ଝିଅ ନିକଟକୁ ଅନେକ ଗୁଣ ଆସିବା ସ୍ୱାଭାବିକ। ଏହାକୁ ଆମେ ସାଧାରଣତଃ 'ସହଜାତ ଗୁଣ' ବୋଲି କହିଥାଉ। ଏହି ସହଜାତ ଗୁଣଗୁଡ଼ିକ ବୟସର କ୍ରମାନୁସାରେ ଆପଣାଛାଏଁ ଜଣକ ନିକଟରେ ଆତ୍ମ ପ୍ରକାଶ ହୋଇଥାଏ। ସେଥିପାଇଁ ଗ୍ରାମାଞ୍ଚଳରେ ବେଳେବେଳେ କୁହାଯାଏ - ମା' ଗୁଣେ ଝିଅ, ବାପ ଗୁଣେ ପୁଅ। ଅବଶ୍ୟ ଅନେକ କ୍ଷେତ୍ରରେ ଏହାର ବିରୋଧାଭାସ ଦେଖାଯାଏ। ଅର୍ଥାତ୍ ଝିଅଟିଏ ନିକଟରେ ମା'ର ସବୁ ଗୁଣ ପ୍ରକଟିତ ହୋଇ ନ ପାରେ। କିନ୍ତୁ ଭଲ ଭାବରେ ଧ୍ୟାନଦେଲେ ଅନେକ କ୍ଷେତ୍ରରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ। ମା'ଙ୍କଠୁ ଝିଅ ଶିଖିବାର ଗୁଣଟି ପିଢ଼ି କ୍ରମରେ ପୁନରାବୃତ୍ତି ହୋଇଥାଏ। ଏହା ପୁନରାବୃତ୍ତି ହୋଇଥାଏ - ଅର୍ଥାତ୍ ମା'ଠୁ ଝିଅ ପାଖକୁ ଯେଉଁଗୁଣ ଆସିଥାଏ ସେହି ଗୁଣଟିକୁ ମା' ତାଙ୍କର ମା'ଠାରୁ ହିଁ ଶିଖିଥାନ୍ତି। ଠିକ୍ ସେହିଭଳି ଝିଅଟିଏ ତା' ମା'ଠାରୁ ଯେଉଁଗୁଣ ଶିଖିଥାଏ ବା ହାସଲ କରିଥାଏ ସେହିଗୁଣକୁ ତା'ର ଝିଅ ତା'ଠାରୁ ଗ୍ରହଣ କରିନେଇଥାଏ। ଏହା ଏକ ଜୈବିକ ବାଧାପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ। ଜିନ୍‌ର ଏହି ପ୍ରକ୍ରିୟା କେବେ ବି ବାଧାପ୍ରାପ୍ତ ହୋଇ ନ ଥାଏ। ଏକାଧିକ ଝିଅ ଥିଲେ ହୁଏତ ସମସ୍ତଙ୍କ ନିକଟକୁ ମା'ର ଗୁଣଟି ସଞ୍ଚରିତ ହୋଇଯାଏ। ମା' ଏବଂ ଝିଅଙ୍କ ମଧ୍ୟରେ ଏଭଳି ଜିନ୍‌ଗତ ବୁଝାମଣା ରହିଥିବା ବେଳେ ବାପ ଏବଂ ପୁଅଙ୍କ ମଧ୍ୟରେ ବି କିଛି ପରିମାଣରେ ଜିନ୍‌ଗତ ବୁଝାମଣା ରହିଥିବା ଅନୁମାନ କରାଯାଏ। ତେବେ ଏହାକୁ ନେଇ ଅଧ୍ୟୟନ କିମ୍ବା ଗବେଷଣା ହୋଇନାହିଁ। କିନ୍ତୁ ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ, ବାପାର ଅନେକ ଗୁଣ ପୁଅ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। ତେବେ ପୁଅଟିଏ ପ୍ରାପ୍ତବୟସ୍କ ହେବା ପରେ ହିଁ ତା' ନିକଟରେ ବାପାଙ୍କର କିଛି ଗୁଣ ଠାବ କରାଯାଇପାରେ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ
ମୋ: ୯୮୬୧୪୬୩୪୦୬

## ଏଇ ଭାରତରେ

ସ୍ୱଚ୍ଛତା ପାଇଁ ବ୍ୟକ୍ତିଗତ ସ୍ତରରେ ଅନେକେ ଚେଷ୍ଟା କରୁଛନ୍ତି। କିନ୍ତୁ ରାଜସ୍ଥାନର ବିଷ୍ଣୁ ଭରତେଶଙ୍କର ଏ ଦିଗରେ ଏକ ଭିନ୍ନ ପ୍ରୟାସ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ସେ ବାଇକରେ ଗାଁଗାଁ ବୁଲି ସର୍ବସାଧାରଣ ସ୍ଥାନରୁ ବର୍ଜ୍ୟ ସଫା କରୁଛନ୍ତି। ସଫେଇ କାର୍ଯ୍ୟ ଆରମ୍ଭବେଳେ ଲୋକେ ଯାହାଙ୍କୁ ପାଗଳ କହୁଥିଲେ ସେ ଏବେ ଜଣେ ସ୍ୱଚ୍ଛତା ହିରୋ ପାଲଟିଯାଇଛନ୍ତି। ଭରତେଶ ସାଉଦି ଆରବରେ କିଛି ଦିନ ରହି କାମ କରୁଥିଲେ। ସେଠାକାର ସ୍ୱଚ୍ଛ ପରିବେଶ ତାଙ୍କୁ ପ୍ରଭାବିତ କରିଥିଲା। ପରେ ସେ ଭାରତକୁ ଫେରି ସଫେଇ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଷ୍ଣୁ ପେସାରେ ଜଣେ ଦରଜି। ଭାରତକୁ ଆସିବା ପରେ ସେ ଦରଜି ଭାବେ କାମ କରିବା ସହ ସେଥିରୁ ସମୟ ବାହାର କରି ନିଜ ବାଇକରେ ବୁଲି ସଫେଇ କାର୍ଯ୍ୟ କରୁଛନ୍ତି। ସେ ଏହି ଅଭିଯାନର ନାମ ରଖିଛନ୍ତି 'ସ୍ୱଚ୍ଛ ଭାରତ କ୍ରାନ୍ତି'। ସଫା କରିବାକୁ ଗଲା ସମୟରେ ଏକ ଡଷ୍ଟବିନ ଓ ସଫା ପାଇଁ ଆବଶ୍ୟକ ଉପକରଣ ନେଉଛନ୍ତି। ଭରତେଶ ଗତ ୯ ବର୍ଷ ହେଲା ଏହି କାର୍ଯ୍ୟ କରିଆସୁଛନ୍ତି। ଏବେ ତାଙ୍କୁ 'ସ୍ୱଚ୍ଛତା ଭାଇ' ବୋଲି ଲୋକେ ସମ୍ବୋଧନ କରୁଛନ୍ତି। ଭରତେଶ ଯେଉଁ ସବୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି ତାହାକୁ ଏବେ ରିସାଇକେଲିଂ କେନ୍ଦ୍ରକୁ ପଠାଇବା ଲାଗି ଯୋଜନା କରିଛନ୍ତି।

## ଚିରନ୍ତନୀ

ମହାନଦୀପରେ ଅଶିଣଗୋଧୂଳି ଯାଉଛି ବିତି
ଆର ପାରେ ଉଡିଯାଏ ଅଗଣନ ବାଦୁଡ଼ିକୁଳ।
ନାଉରୀ କୁହାଟେ ଚେତନା ଜାଗିଲା ଚକିତ କବି
ପଠା-କାଶବନେ ନିରେଖି ରଚିଲା ତରୁଣ ଗୀତି।
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଧିକାଂଶ ପଞ୍ଚାୟତରେ କମ୍ପ୍ୟୁଟର ଅଚଳ

ମହାଶୟ,

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ କମ୍ପ୍ୟୁଟରୀକରଣ କରାଯାଇଛି। ଜନସାଧାରଣଙ୍କୁ ସହଜରେ ବିଭିନ୍ନ ସେବା ଯୋଗାଇ ଦେବା ନେଇ ଏହି ଯୋଜନା ହାତକୁ ନିଆଯାଇଥିଲା। ୨୦୧୨ ମସିହାଠାରୁ ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ ଅଧୀନ ୨୪ ପଞ୍ଚାୟତକୁ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସଂଯୋଗ ଦିଆଯାଇଥିଲା। ମାତ୍ର ଏହା ଲୋକଙ୍କ ସେବାରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଅଧିକାଂଶ ପଞ୍ଚାୟତ କମ୍ପ୍ୟୁଟର ଘରେ ତାଲା ଝୁଲୁଥିବାରୁ ଲୋକେ ବାଧ୍ୟ ହୋଇ ସାଇବର କେଫ୍‌ର ସାହାରା ନେଉଛନ୍ତି। ଅନ୍ୟପକ୍ଷରେ କମ୍ପ୍ୟୁଟର ରକ୍ଷଣାବେକ୍ଷଣ ଓ ମରାମତି ଲାଗି ବାର୍ଷିକ ପଞ୍ଚାୟତ ପାଣ୍ଠିରୁ ୬ରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କମ୍ପ୍ୟୁଟର ରକ୍ଷଣାବେକ୍ଷଣ ଲାଗି କୌଣସି ଅଭିଜ୍ଞ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଅଧିକାଂଶ ସମୟରେ କମ୍ପ୍ୟୁଟର ଅଚଳ ହୋଇପଡୁଛି। ଅନେକ କ୍ଷେତ୍ରରେ ବହୁ ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକ ନିଜ ଘରକୁ ଏହି ସରକାରୀ କମ୍ପ୍ୟୁଟର ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏନ୍‌ଆରଇଜିଏସ୍ ସମେତ ଅନ୍ୟ କେତେକ କାଗଜପତ୍ରକୁ ସୁରକ୍ଷିତ ରଖିବା ଲାଗି ଡିଜିଟାଲକରଣ ପାଇଁ ଏହି କମ୍ପ୍ୟୁଟର ବ୍ୟବସ୍ଥା ହୋଇଥିଲା। ତାହା ହିତାଧିକାରୀଙ୍କ କୌଣସି କାର୍ଯ୍ୟରେ ଲାଗୁ ନାହିଁ। ଏହା ଉପରେ ବିଭାଗୀୟ ମନ୍ତ୍ରୀ ଓ ପୁରୀ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

- ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଅଧ୍ୟାପକ ପଦ ପୂରଣ ହେଉ

ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଅଧ୍ୟାପକ, ଅଧ୍ୟାପିକାଙ୍କୁ ନିଯୁକ୍ତି ମିଳିପାରିନାହିଁ। ଏଥିପ୍ରତି ସରକାର ଦୃଷ୍ଟିଦେବା ଉଚିତ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦିଆଯାଉ। ସତ୍ୟବାଦୀ ତଥା ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଆଦୌ ନିଯୁକ୍ତି କରାଯାଉନାହିଁ। ସରକାରୀସ୍ତରରେ ଏହାର ସମାଧାନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଉ ଯାହାଦ୍ୱାରା ଅନ୍ତରାୟ ଶିକ୍ଷାଦାନରେ ବାଧକ ସାଜିବ ନାହିଁ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମେଳା ବୁଲିବାକୁ ଯିବାବେଳେ ଦୁର୍ଘଟଣା: ଜଣେ ମୃତ, ୪ ଆହତ

ବେଦବ୍ୟାସ/ରାଉରକେଲା, ୧୧।୩, (ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)

ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ମେଳା ବୁଲିବାକୁ ଯାଇଥିବା ବେଳେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଲୁଙ୍ଗାର ସାଗର ବାରିକ(୨୭)। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ କଲୁଙ୍ଗା ପାର୍ଶ୍ୱରୁ ଜଣେ ସାଇକେଲ ଆରୋହୀ ଆସୁଥିଲେ। ଅପରପାର୍ଶ୍ୱରୁ ୩ଟି ବାଇକ୍‌ରେ ୪ଜଣ ଯୁବକ ବେଦବ୍ୟାସ ମେଳାକୁ ଯାଉଥିଲେ। ସାଇକେଲ ଆରୋହୀ ଆସୁଥିବା ପାର୍ଶ୍ୱରୁ ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତଗତିରେ ଆସି ସାଇକେଲ ଓ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଜେପି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସାଗରଙ୍କ ମୃତ୍ୟୁ ହୋଇଛି।

# ଗୁହାରି କଲେ ନାଇଁ ଶୁନବାର୍

## ବାଙ୍କିଆ ବସ୍ତିନେ ନାଇଁନ ଗୋଷ୍ଠୀ ପାଇଖାନା

ରାଉରକେଲା, ୧୧।୩(ବିପ୍ଲବ ରଞ୍ଜନ ଦାଶ)

ଆରଏମସି ଭିତ୍‌ରେ ଯାଉଛେ ୱାର୍ଡ ନଂ. ୧ ବାଙ୍କିଆ ବସ୍ତି। ଇଠାନେ ଗୁରୁଦୁଟେ ଲୋକ ରହୁଛନ୍। ଇଠାନର ଲୁକବାକ୍ ୫ଶହନୁ ଜହ ରହୁଛନ୍। ଇ ବସ୍ତି ଥିନ ଆଦିବାସୀ କେତନି କେତେ ଅଛନ। ଗଲା ୧୦ବଛର ଭିତରେ ଇ ବସ୍ତି ଥିନ କେତନି କେତେ ନୁକୋ ନୁକୋ କାମମାନେ ବି ହେଇଛେ। ଇତାର ସାଙ୍ଗେ ବାଙ୍କିଆ ବସ୍ତିର ଲୁକ୍‌କର ଦେହ ପାଏନ ଲାଗିର ୧୩ଲାଖ୍ ଖରଚ୍ ଥିନ ବଢ଼ିଆଁଟା ଗୁଟେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭିଲ ତିଆର୍ ହେଇଛେ। ଇତିକି ହେବାର ପରେ ଭିଲ ଇନର ଲୁକବାକ ମାନକର ଝାଡାଝପଡ ଆରୁ ଗଧାପଧାର ବାଗିର ମୁରଧାନି ଅସବିଧାକେ ଦୁର କରବାର ଲାଗିର ଘର ଗୁଟେ ତିଆର ନାଇଁ ହେଇ ପାରବାର। ଇ ମୁରଧାନି ଅସବିଧାର ଉପରେ ବସ୍ତିର ଲୁକବାକ ବାରମାସୀ ଆଠକାଳି ଆରଏମସିର ଠାନେ ଆପତି କରୁଛନ୍। ହେଲେ କାଏଁ କରବ ଏତକି ଦିନ ହୋଇଗଲାନ ଲୁକକର ଅସବିଧାକେ ଆରଏମସି ନୁକୋ କରି ନିଘା ନାଇଁ କରବାର।



ବାଙ୍କିଆ ବସ୍ତିବାସୀ।

ଆଏଜକେ ଦୁଇ ବଛର ତଳେ ବାଙ୍କିଆ ବସ୍ତିଥିନ ଏନ୍ତା ଘରଗୁଟେ ତିଆରବାର ଲାଗିର ଆରଏମସି ତରପଟୁ ଜମିନ ଚିହ୍ନା କାରଯ ବି ହେଇଥିଲା। ଇ କାରଯ ଲାଗିର୍ ବାଙ୍କିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଖେଁ ଥିବାର କ୍ଲବ ଘର କେ ଲାଗିକରି ଗୁଟେ ଜାଗାକେ ଭିଲ ବଛା ଯାଇଥିଲା। ଜାଗା ବଛା ଯିବାର ପରେ ସାର୍ବଜନୀକ ଝାଡାଝପଡ ଓ ଗଧାପୁଧା ଘର ତିଆର ହେବାରଟା ଫାଇନାଲ ଭିଲ ହେଲା। ଇତାର ପରେ ଲାଗି ପାଟି କରି ଘର ତିଆରି ଲାଗିର ଆରଏମସି ତରପଟୁ ନିହି ଖୁଲା କାରଯ ଚାଲଲା। ହେଲେ ଇ କାମ ଥିନ ଗୁଟେ କେଁ ବାହରଲା ଆରୁ ଇ କେଁ ଲାଗିର କାମ କେ ଅଟକା ଗଲା। ହେଲେ ଇତାର ଉତାରୁ ଏ ବିଶେ ଥିନ ଆରଏମସି ତରପଟୁ କେନସି ରାୟରକମ ଆରୁ ନାଇଁ ହେଲା। ଯେନଥିର ଲାଗି ବଛର କେ ବଛର ବିତୁଛେ ହେଲେ ବାଙ୍କିଆ ବସ୍ତିର ଲୁକବାକ ମାନଙ୍କର ମୁରଧାନୀ ଅଡୁଆ ନାଇଁ ଛିଡବାରା। ଇଥିର ଲାଗିର ବାଙ୍କିଆ ବସ୍ତିର ଲୁକେ ୧୦ ମାଇଲ ଦୁରେଁ ରେଲ ଲାଇନ ଠାନେ ଥିବାର ସାର୍ବଜନୀନ ଝାଡାଝପଡ ଏବଂ ଗଧାପୁଧା ଘରେ ଝାଡାଝପଡ ଆରୁ ଗଧାପଧା କରୁଛନ୍। ଯେନ ଥିର ଲାଗିର ଇନର ଲୁକକୁ ବାରମାସୀ ୧୦ ମାଇଲ ଯିବାରକେ ପଡୁଛେ ଆରୁ ଇଥିର ଲାଗିର ଇନର ଗୁରୁଦୁଟେ ଲୁକେ ଘାଂଟିସାନି ହେଉଛୁଁ ବୋଲି ଆପତି ଅଭିଯୋଗ କରୁଛନ୍। ଇତାର ବାହାରେ ଆରଏମସିର ସ୍ମାର୍ଟ ପ୍ଲାନ ହିସାବେଁ ବାଙ୍କିଆ ବସ୍ତିର ସବୁ ଖୁଲି ଥିନ୍ ରାଏତ ସମିୟା ଥିନ ବସ୍ତିର ଖୁଲି ଉଜାଳା କରବାର ଲାଗିର ୨୭ଟା ଲାଇଟ ଲଗାଯାଇଛେ। ହେଲେ ବସ୍ତି ଖୁଲି ମାନକେ ଥିବାର ୨୭ଟା ଲାଇଟରୁ ଖାଏଲ ୭ଟି ଲାଇଟ୍ ଜଳୁଛେ। ଯେନଥିର ଲାଗିର ରାଏତ ହେଲେ ଇ ବସ୍ତିର ଖୁଲି ମାନକେ କୁହୁ କୁହୁ ଅନ୍ଧାର ରାଏତ ମାଡୁଛେ। ବସ୍ତିର ଇ ମୁରଧାନୀ ବିଶେ ଥିନ ଆରଏମସିର ଇ ବିଭାଗର ବାବୁମାନେ ଟିକେ ଦୁରୁଷ ପକାଲେ ଅଏନ ହେତା ବୋଲି ବାଙ୍କିଆ ବସ୍ତିର ସତ୍ୟ ନାରାୟଣ ପ୍ରଧାନ, ସରସ୍ୱତୀ ମାଝୀ, ଜୟନ୍ତୀ ପ୍ରଧାନ, କେତକୀ ପ୍ରଧାନ, ବାଦଖ ଖାଖା ଆରୁ ଜିତେଶ ତିର୍କୀ ଆପତି କରିଛନ୍। ଇ ବାବଦେ ଆରଏମସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀ ଆଜ୍ଞାକୁ ପଚରାବାରରୁ ସେ କହିଛନ୍ ଯେ, ବାଙ୍କିଆ ବସ୍ତି ଲୁକକର ମୁରଧାନୀ ଅସବିଧା ବିଶେ ମୁଇଁ ନାଇଁଜାନି। ଏବେ ବସ୍ତିର ଲୁକକର ଅସବିଧା ବିଶେ ଜାନଲିଁ। ଆଗକେ ଇ ମୁରଧାନୀ କାଏଜ ହେବାର ଲାଗିର ମୋର ଦୁରୁଷର ହେବା ବଲିକରି କହିଥିଲେ।

## ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କଲେ ଶ୍ରମମନ୍ତ୍ରୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମମନ୍ତ୍ରୀ ଏବଂ ଅନ୍ୟମାନେ।

ରାଉରକେଲା, ୧୧।୩(ଦିନେଶ ମିଶ୍ର)

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ କୋଏଲନଗର ସ୍ଥିତ ବି' ବ୍ଲକଠାରେ ଗୀତା ଆଶ୍ରମ ଓ ଦୁର୍ଗାପୂଜା ପେଣ୍ଡାଲ ଉନ୍ନତୀକରଣ, ୱାର୍ଡ ନଂ. ୧୪ ସ୍ଥିତ ବାଗୁଡି ଶାରନା ଟୋଲାଠାରେ ଟ୍ରାଇବାଲ ହେରିଟେଜ୍ ରିସର୍ଚ୍ଚ ସେଣ୍ଟର ଓ ଛେଣ୍ଡ କଲୋନୀ ସ୍ଥିତ ଧାମରା ସଂଘ କାର୍ଯ୍ୟାଳୟ ନୂତନ କୋଠା ନିର୍ମାଣ ଓ ନାଳ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧକ୍ଷ ରଶ୍ମିବାଳା ମିଶ୍ର, ହାଲୁ ମୁଣ୍ଡାରୀ, ଜିଲା ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ଭଗବାନ ରାଉତ, ଅକ୍ଷୟ କୁମାର ଦାସ, କାବୁଲି ପ୍ରତିହାରୀ, ସୁବାସ ପଣ୍ଡା, ମୋହନ ମୁଣ୍ଡାରୀ, ଅନୁପ ସାମଲ, ସୁଷମା ମିଶ୍ର, ଲିଟୁ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କ ସ୍ୱଚ୍ଛତା ଅଭିଯାନ

**ରାଉରକେଲା, ୧୧।୩(ସଙ୍ଗୀତା ଜେନା):** ଜଗଦା ସ୍ଥିତ ଜୟଦେବ କଳାବିକାଶ କେନ୍ଦ୍ର ଓ ବରିଷ୍ଠ ନାଗରିକ ଅନୁଷ୍ଠାନ ପକ୍ଷରୁ ସୋମବାର ଶୁକ୍ରା ଓରାମ ଛକରୁ ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଜୟଦେବ କଳାବିକାଶ କେନ୍ଦ୍ର ପ୍ରତିଷ୍ଠାତା ପ୍ରଦୀପ ପଣ୍ଡା ଓ ବରିଷ୍ଠ ନାଗରିକ ସଂସ୍ଥାର ଭୋଳାନାଥ ମାଝୀଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ନାୟକ, ଜ୍ୟୋତିରଞ୍ଜନ ଓରିଆ, କରୁଣାକର ସାହୁଙ୍କ ସମେତ ଅନ୍ୟମାନେ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ଉତ୍ତମ ପର୍ଯ୍ୟାବରଣ ପାଇଁ ଏପରି କରାଯାଉଥିବା ସ୍ୱେଚ୍ଛାସେବୀମାନେ କହିଥିଲେ।

## ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

ରାଉରକେଲା, ୧୧।୩(ଦିନେଶ ମିଶ୍ର)

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ପୋଲିଂ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି କ୍ରମରେ ରାଉରକେଲାର ୩ଟି କେନ୍ଦ୍ରରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଉରକେଲା, ବୀରମିତ୍ରପୁର ଓ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପୋଲିଂ ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନରମାନେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଏସ୍‌କେ ଡିଏଭି ପଲିଟେକ୍ନିକାଲ କଲେଜ ଓ ମ୍ୟୁନିସିପାଲ କଲେଜରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ୧୫ଶହ ପୋଲିଂ ଅଫିସର ପ୍ରଶିକ୍ଷଣ ନେଇଛନ୍ତି। ଶିବିରରେ ଇଭିଏମ ଭିଭିପାଟ ବ୍ୟବହାର, ନିର୍ବାଚନ ସମୟରେ ପୋଲିଂ ଅଫିସରମାନଙ୍କ ପ୍ରମୁଖ କାର୍ଯ୍ୟ ବିଷୟରେ ଅବଗତ କରାଯାଇଥିଲା। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି ଓ ପାନପୋଷ ଉପଜିଲାପାଳ ବିଜୟ ନାୟକ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି କରିଥିଲେ।


ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। (ଫଟୋ: ବିବେକ)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ। (ଫଟୋ: ବିବେକ)

## ସୁବର୍ଣ୍ଣରେଖାରେ ମହିଳା ଦିବସ ପାଳିତ

ରାଉରକେଲା, ୧୧।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ବ୍ୟାସଭବନ ପରିସରରେ ସୁବର୍ଣ୍ଣରେଖା ଅନୁଷ୍ଠାନ ପକ୍ଷରୁ ସଭାପତି ମନୋରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଜାତୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆରଜିଏଚ୍‌ର ସ୍ତ୍ରୀ ଓ ପ୍ରସୂତି ବିଭାଗ ମୁଖ୍ୟ ଡାକ୍ତର ସୁଧାରାଣୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଛବିରାଣୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଝାନସୀରାଣୀ ଲକ୍ଷ୍ମୀବାଈଙ୍କ ସାହସିକତା, ପରୀ ବେଓ୍ୱଙ୍କ ଆତ୍ମ ବଳିଦାନ, ମାଡାମ କ୍ୟୁରୀଙ୍କ ବିଜ୍ଞାନ ବିରଳ ନୋବେଲ ପୁରସ୍କାର ବିଜେତା ହେବା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜାତୀୟ ଭଲିବଲ ଖେଳାଳି ଆନ୍ନା କେରକେଟ୍ଟା, ଜାତୀୟ ଖେଳାଳି ଅଞ୍ଜଳି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କୁନି କଳାକାର ମାନିନୀ ପାତ୍ର ଓ ସାଥୀ ଐଶ୍ୱର୍ଯ୍ୟା ପାତ୍ର ମହିଳା ଦିବସ ଥିମ୍ ଉପରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ମହିଳା କଳାକାରମାନଙ୍କ ଦ୍ୱାରା ଏକ ନାରୀର ଆବେଗଭରା କାହାଣୀ ପର୍ଯ୍ୟବେକ୍ଷିତ ନାଟକ 'ସମ୍ପର୍କ' ମଞ୍ଚସ୍ଥ ହୋଇଥିଲା। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଲୋପାମୁଦ୍ରା ଦାସ ସ୍ୱାଗତ ଭାଷଣ ଏବଂ ସୁପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହିଳା ସମ୍ପାଦିକା କନକଲତା ଜେନା ବିବରଣୀ ପ୍ରଦାନ କରିଥିଲେ। ମନସ୍ୱିନୀ ଜେନା ମଞ୍ଚ ପରିଚାଳନା କରିଥିବାବେଳେ ଆଇନଜୀବୀ ଗୀତାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାମରେ ଆସୁନି ସିୟୁଜି ନମ୍ବର

ରାଉରକେଲା, ୧୧।୩(ସଙ୍ଗୀତା ଜେନା)

**ରାଉରକେଲା ପୋଲିସ ଜିଲା**
- ଯୋଗାଯୋଗରେ ହେଉଛି ବାଧକ
- ଶୀଘ୍ର ଜାରି ହେବ ନୂତନ ନମ୍ବର: ଡିଆଇଜି

ଅପରାଧ ରୋକିବା ଓ ସାଧାରଣ ଲୋକଙ୍କ ସହ ପୋଲିସର ଉତ୍ତମ ଯୋଗାଯୋଗ ରଖିବାକୁ ସମସ୍ତ ପୋଲିସ ଥାନା ଓ ଫାଣ୍ଡିରେ ଲ୍ୟାଣ୍ଡ ଫୋନ୍ ବ୍ୟବସ୍ଥା ହୋଇଥିଲା। ପରେ ବୈଷୟିକ କୌଶଳ ବିକାଶ ଘଟି ଲ୍ୟାଣ୍ଡ ଲାଇନ୍ ପରିବର୍ତ୍ତେ ମୋବାଇଲ ଫୋନ୍ ବ୍ୟବହାର କରାଗଲା। ବର୍ଷାଋତୁ ଓ ପ୍ରତିକୂଳ ପରିସ୍ଥିତିରେ ନେଟୱାର୍କ ଫେଲ୍ ଯୋଗୁ ଲ୍ୟାଣ୍ଡ ଫୋନ୍ ସେବାରେ ପ୍ରତିବନ୍ଧକ ହେଲା। ଏହାକୁ ଦୃଷ୍ଟିରେ ରଖି ଲ୍ୟାଣ୍ଡଫୋନ୍ ପରିବର୍ତ୍ତେ ମୋବାଇଲ ବ୍ୟବସ୍ଥା କରାଗଲା। ଏହି ମୋବାଇଲ୍ ସେବାରେ ଏକ ନିର୍ଦ୍ଦିଷ୍ଟ ନମ୍ବର ଆଲଟ୍‌ମେଣ୍ଟ କରି ପ୍ରତ୍ୟେକ ଥାନାଧିକାରୀଙ୍କୁ ସ୍ଥାୟୀ ନମ୍ବର ପ୍ରଦାନ କରାଗଲା। ଥାନାଧୀକାରୀଙ୍କ ବଦଳି ହୋଇଗଲେ ମଧ୍ୟ ଏହି ସ୍ଥାୟୀ ନମ୍ବର ଦ୍ୱାରା ଲୋକମାନେ ସହଜରେ ଥାନା ସହ ସମ୍ପର୍କ ରଖିପାରୁଥିଲେ। ୨୦୧୭ରେ ପ୍ରତ୍ୟେକ ଥାନା ପାଇଁ କ୍ଲୋଜର ୟୁଜର ଗ୍ରୁପ୍ (ସିୟୁଜି) ନମ୍ବର ଲାଗୁ କରାଗଲା। ସାଧାରଣ ଜନତା ଏହାର ଲାଭ ଉଠାଉଥିବା ବେଳେ ବର୍ତ୍ତମାନ ଏହି ନମ୍ବରଗୁଡ଼ିକ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଜରୁରୀ ସମୟରେ ଥାନା ସହ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ଏଭଳି ସମସ୍ୟା ରାଉରକେଲା ପୋଲିସ ଜିଲା ଅଧୀନ ବିଭିନ୍ନ ଥାନାରେ ଦେଖିବାକୁ ମିଳୁଛି।

ରାଉରକେଲା ପୋଲିସ ଜିଲା ଅଧୀନରେ ବିଶ୍ରା, ସେକ୍ଟର-୪ ମହିଳା ଥାନା, ବ୍ରାହ୍ମଣୀତରଙ୍ଗ, ମହୁଲପଦା, ବଣେଇ, ପ୍ଲାଣ୍ଟସାଇଟ୍, ବନ୍ଧମୁଣ୍ଡା, ରଘୁନାଥପାଲୀ, ଚାନ୍ଦିପୋଷ, ସେକ୍ଟର-୧୫, ସେକ୍ଟର-୧୯, ସେକ୍ଟର-୭, ସେକ୍ଟର-୩, ଛେଣ୍ଡ, ଗୁରୁଣ୍ଡିଆ, ଝିରପାଣି, ଟାଙ୍ଗରପାଲୀ, କେ. ବଲାଙ୍ଗ, ଟିକାୟତପାଲୀ, କୋଇଡ଼ା, ଲହୁଣୀପଡ଼ା, ଉଦିତନଗର ଏବଂ ଲାଠିକଟା ଆଦି ଥାନା ରହିଛି। ଉକ୍ତ ଥାନାମାନଙ୍କରେ ଥିବା ଅଧିକାରୀଙ୍କ ସ୍ଥାୟୀ ନମ୍ବର ଗୁଡ଼ିକରେ ଲୋକେ ଯୋଗସୂତ୍ର ସ୍ଥାପନ କରି ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜ ନାମ ଗୋପନ ରଖି ସେକ୍ଟର-୩ ଅଞ୍ଚଳର ଜଣେ ବ୍ୟକ୍ତି କହିଛନ୍ତି, ରାଉରକେଲାରେ ରାତି ସମୟରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ହେଉଛି। ହେଲେ ସମ୍ପୃକ୍ତ ଅଞ୍ଚଳର ଥାନା ସହ ଯୋଗାଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ। ଅନେକ ସମୟରେ ମୋବାଇଲରେ ଫଲ୍ସ ରିଂ ହେଉଛି। ଏହି କ୍ଷେତ୍ରରେ ଅସାମାଜିକ ତତ୍ତ୍ୱମାନେ ସହଜରେ ଖସିଯାଉଛନ୍ତି। ଏ ସମ୍ପର୍କରେ ରାଉରକେଲା ପୋଲିସ ଡିଆଇଜି ମିତ୍ରଭାନୁ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ସିୟୁଜି ନମ୍ବର ମୋବାଇଲ ବ୍ୟବହାରରେ ସମସ୍ୟା ଦେଖାଯାଉଛି। ଅନେକ ସମୟରେ ନେଟୱାର୍କ ରହୁନି। ତେଣୁ ଯଥାଶୀଘ୍ର ନୂତନ ୱେବସାଇଟ୍ ପ୍ରସ୍ତୁତ କରି ସେଥିରେ ସମସ୍ତ ଥାନାର ସ୍ଥାୟୀ ନମ୍ବର ପ୍ରଦାନ କରାଯିବ। ଏହାଦ୍ୱାରା ଲୋକେ ସୁବିଧାରେ ସମ୍ପୃକ୍ତ ଥାନା ସହ ଯୋଗସୂତ୍ର ରକ୍ଷା କରିପାରିବେ ବୋଲି ଡିଆଇଜି ମହାପାତ୍ର କହିଥିଲେ।

## କ୍ରୀଡ଼ା ପ୍ରତିଭା ସମ୍ବର୍ଦ୍ଧିତ

ରାଉରକେଲା, ୧୧।୩(ସଙ୍ଗୀତା ଜେନା)

ରାଉରକେଲା ୟଙ୍ଗମ୍ୟାନ୍ ଆସୋସିଏଶନ ପ୍ରାଙ୍ଗଣରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ର ବହୁ ଖ୍ୟାତନାମା ଖେଳାଳି ଭାରୋତ୍ତୋଳକ, ସାଇକ୍ଲିଷ୍ଟ, ୱେଟଲିଫ୍ଟର, ପାୱାର ଲିଫ୍ଟରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସଭାରେ ପାୱାର ଲିଫ୍ଟିଂ ଆସୋସଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦିକା ସଙ୍ଗୀତା ସିଂହ ମୁଖ୍ୟ ଅତିଥି, ରାଜ୍ୟ ସାଇକେଲ୍ ସଙ୍ଗଠନର ସହାୟକ ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଏମାର ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଖେଳ ସଙ୍ଗଠକଙ୍କ ସହ ସୁନ୍ଦରଗଡ଼ ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳଙ୍କୁ ବିବରଣୀ ପ୍ରଦାନ କରାଯାଇଥିଲା। ନକୁଳ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କ୍ରୀଡ଼ା ପ୍ରତିଭା।

## ସାହିତ୍ୟରେ ବିବିଧ ବିଚାର ଆଲୋଚନାଚକ୍ର

ରାଉରକେଲା, ୧୧।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ବୌଦ୍ଧିକ ବକ୍ତୃତାମାଳାର ଅଷ୍ଟମ ଅର୍ଘ୍ୟ ଅଧୀନ ସାହିତ୍ୟରେ ମଧ୍ୟେ ବିଭିନ୍ନ ବିଚାର ଶୀର୍ଷକରେ ଆଲୋଚନା ହୋଇଯାଇଛି। ଏଥିରେ ସ୍ୱତନ୍ତ୍ର ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡାକ୍ତର ଜୟନ୍ତ କର ଶର୍ମା ଯୋଗଦେଇ ବିଶ୍ୱ ସାହିତ୍ୟରେ ଦଳିତ ଚେତନା ୟୁରୋପିଆନ ଏବଂ ଅଷ୍ଟ୍ରେଲିଆ ମହାଦେଶର ଦଳିତ ସାହିତ୍ୟରେ ଥିବା ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ଏହାସହିତ ସମକାଳୀନ ସାହିତ୍ୟ ଦଳିତ ସାହିତ୍ୟ ମଧ୍ୟରେ ଥିବା ଭିନ୍ନତା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡାକ୍ତର ବିଜୟ କୁମାର ବେହେରାଙ୍କ ଅଧକ୍ଷତାରେ ଚାଲିଥିବା କାର୍ଯ୍ୟକ୍ରମରେ ବକ୍ତୃତାମାଳାର ସଂଯୋଜିକା ଡକ୍ଟର ସସ୍ମିତା ସାମଲ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ହିନ୍ଦୀ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ ନମିତା ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧାପକ ପ୍ରେମ ପ୍ରକାଶଙ୍କ ସଂଯୋଜନାରେ ପରିଚାଳିତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧାପିକା ପ୍ରିୟା ବାରିକ, ନିଶା ପୋଦ୍ଦାର, ସଫିରା ଖାଖା, ଉର୍ବଶୀ ତିକନ ପ୍ରମୁଖ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

## ଆତ୍ମବିଶ୍ୱାସୀ ହେଲେ ମହିଳା ଶକ୍ତିର ଅଭ୍ୟୁଦୟ ସୁନିଶ୍ଚିତ

ରାଉରକେଲା, ୧୧।୩(ବିପ୍ଲବ ରଞ୍ଜନ ଦାଶ)

ଆରଏସ୍‌ପିର ଗୋପବନ୍ଧୁ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଆରଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମବିଶ୍ୱାସ ସହିତ ନିଜ ଦକ୍ଷତା, ସାମର୍ଥ୍ୟ ଏବଂ ପ୍ରତିଭା ଉପରେ ଆସ୍ଥା ରଖିବାକୁ ମହିଳା କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସବରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ସାମଗ୍ରୀ ପରିଚାଳାନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଭାରତୀୟ ମହିଳା ହକି ଦଳ ପୂର୍ବତନ ଅଧିନାୟକ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ସୁଶ୍ରୀ ମଧୁ ଯାଦବ ଓ ଆରଟିଆଇ ଭାରତୀୟ ସେନା ନୂଆଦିଲ୍ଲୀର ନିର୍ଦ୍ଦେଶକ ଡକ୍ଟର ସୁମିତା ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡ. ବି. କେ. ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ଆରଏସ୍‌ପି ବିଭିନ୍ନ ୟୁନିଟ୍‌ର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ କର୍ମଚାରୀ ଉପସ୍ଥିତ ଥିଲେ।

ଚଳିତ ବର୍ଷ ଦିବସ ପାଳନର ସନ୍ଦର୍ଭ ମହିଳାଙ୍କଠାରେ ନିବେଶ, ମହିଳା ସମୁଦାୟ ପ୍ରଗତି ତ୍ୱରାନ୍ୱୟନ ଉପରେ ପର୍ଯ୍ୟବେଶିତ ଥିଲା। ସାମାଜିକ ସମୃଦ୍ଧତା ପାଇଁ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ ଉପରେ ଡିଆଇସି ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ମହିଳାଙ୍କଠାରେ ନିବେଶ କେବଳ ସାମାଜିକ ନ୍ୟାୟ ଏବଂ ମାନବାଧିକାର ବିଷୟ ନୁହେଁ ବରଂ ସ୍ଥାୟୀ ବିକାଶ, ଅର୍ଥନୈତିକ ସମୃଦ୍ଧତା ଏବଂ ଲିଙ୍ଗଗତ ସମାନତା ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ସକାଶେ ଏକ ସ୍ମାର୍ଟ ରଣନୀତି।



ଅତନୁ ଭୌମିକ ଜଣେ ମହିଳା ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରୁଛନ୍ତି।

ଭୌମିକ ମହିଳା କର୍ମଚାରୀମାନଙ୍କ ପାଇଁ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଭାବେ ଉନ୍ନତି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଆରଏସପିର ପ୍ରତିବଦ୍ଧତାକୁ ଆଲୋକପାତ କରିଥିଲେ। ସେ ଆହୁରି କହିଥିଲେ, ଏକ ପ୍ରଗତିଶୀଳ ସଙ୍ଗଠନ ଭାବେ ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ସକରାତ୍ମକ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଆମର ଆନ୍ତରିକ ପ୍ରୟାସ ରହି ଆସିଛି, ଯେଉଁଠାରେ ମହିଳା କର୍ମଚାରୀମାନେ ବ୍ୟକ୍ତିଗତ ତଥା ବୃତ୍ତିଗତ ଭାବେ ସମୃଦ୍ଧ ହେବାର ସମାନ ସୁଯୋଗ ପାଇବେ ବୋଲି ଭୌମିକ କହିଥିଲେ। ସାମାଜିକ ପ୍ରଗତିରେ ମହିଳାଙ୍କ ଅବଦାନର ମହତ୍ତ୍ୱ ଉପରେ ଡକ୍ଟର ପଟ୍ଟନାୟକ ତାଙ୍କର ଦୃଷ୍ଟିକୋଣ ଆଲୋଚନା କରିଥିଲେ। ସୁଶ୍ରୀ ମଧୁ ଯାଦବ ପାରମ୍ପରିକ ପରିବାରରୁ ଆସି ଜଣେ କ୍ରୀଡାବିତ୍ ଭାବେ ତାଙ୍କ ଜୀବନ କାହାଣୀ ବିଷୟରେ ଉଲ୍ଲେଖ କରିଥିଲେ। ଡିଆଇସି ସମ୍ମାନୀତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେ ୩ ଜଣ ମହିଳା କ୍ରେନ ଅପରେଟରଙ୍କୁ ସ୍ୱୟଂସିଦ୍ଧା ପୁରସ୍କାର ଏବଂ ୧୭ଜଣ ମହିଳା କର୍ମଚାରୀଙ୍କୁ ତେଜସ୍ୱିନୀ ପୁରସ୍କାରରେ ସମ୍ମାନୀତ କରିଥିଲେ। ଏହି ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଓ ବିଚାରକମାନଙ୍କୁ ଇଡି ପୁରସ୍କୃତ କରିଥିଲେ। ଆରମ୍ଭରେ ଏଚ୍‌ଆରଡି ବିଭାଗ ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ସମାବେଶକୁ ସ୍ୱାଗତ କରିଥିଲେ। ସିଏସ୍‌ଆର ବିଭାଗର ସିଜିଏମ ସୁଶ୍ରୀ ମୁନମୁନ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରୋଜେକ୍ଟ ବିଭାଗର ମ୍ୟାନେଜର ସୁଶ୍ରୀ ତ୍ରିଶିଳା ପାଣିଗ୍ରାହୀ ଏବଂ ଖଣି ବିଭାଗର ଏମଟି(ଟି) ଶୁଭ କୁମାର ଶର୍ମା ସମାରୋହ ସଂଯୋଜନା କରିଥିଲେ।

## କଳାହାଣ୍ଡି ଏମ୍‌ପି ଟିକେଟକୁ ନେଇ ଅନ୍ତର୍ଦ୍ୱନ୍ଦ୍ୱରେ ଭାଜପା

# ଏଥର ବସନ୍ତ ନା ବିକଳ୍ପ


ବସନ୍ତ ପଣ୍ଡା


ଦୀପଜ୍ୟୋତି ମୁଣ୍ଡ


ହିମାଂଶୁ ଶେଖର ମେହେର


ଅର୍କ କେଶରୀ ଦେଓ


ପ୍ରଦୀପ୍ତ ନାଏକ

ଭବାନୀପାଟଣା,୧୧।୩(ଉତ୍ତମ କୁମାର ଦାଶ)

ବିଜେଡି-ଭାଜପା ମେଣ୍ଟ ହେବାକୁ ନେଇ ସମଗ୍ର ରାଜ୍ୟରେ ହଟଚମଟ ଦେଖାଦେଇଛି। ଏପରିସ୍ଥଳେ କଳାହାଣ୍ଡି ଜିଲା ଭାଜପାରେ ଦେଖାଦେଇଛି ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ। କଳାହାଣ୍ଡି ଲୋକ ସଭା ଆସନକୁ ନେଇ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ଭାଜପା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଗତ ବୁଧବାର ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟ ଓ ସର୍କିଟ ହାଉସ୍‌ଠାରେ କଳାହାଣ୍ଡି ଲୋକ ସଭା ଓ ବିଧାନସଭା ଆସନକୁ ନେଇ ଦଳୀୟ ମତ ସଂଗ୍ରହ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କଳାହାଣ୍ଡି ପର୍ଯ୍ୟବେକ୍ଷକ ବଲାଙ୍ଗୀର ଜିଲାର ଶିବାଜୀ ମହାନ୍ତି ଓ ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଯୋଗଦେଇ ଜିଲା କାର୍ଯ୍ୟକାରିଣୀ, ଜିଲାର ପଦାଧିକାରୀ ଓ ରାଜ୍ୟ ପଦାଧିକାରୀମାନଙ୍କୁ ୱାନ୍-ଟୁ-ୱାନ୍ ଡକାଯାଇ ଗ୍ରୀନ୍ ରୁମ୍‌ରେ ବ୍ୟକ୍ତିଗତ ମତ ସଂଗ୍ରହ କରିଥିଲେ। ଚିଟ୍‌ରେ ସେମାନେ ମତପ୍ରଦାନ କରିଥିଲେ। ଭାଜପା ଦଳୀୟ ସୂତ୍ରରୁ ଯାହା ସାମ୍ନାକୁ ଆସିଛି ବର୍ତ୍ତମାନର ଏମ୍‌ପି ବସନ୍ତ ପଣ୍ଡାଙ୍କ ବିପକ୍ଷରେ ଜିଲାର ପଦାଧିକାରୀମାନେ ମତ ଦେଇଥିବା ଜଣାପଡ଼ିଛି। କେବଳ ସେତିକି ନୁହଁ, ଏହି କାର୍ଯ୍ୟକ୍ରମରେ ଖୋଲାଖୋଲି ଭାବେ ସଭିଏଁ ଏମ୍‌ପି ପଣ୍ଡାଙ୍କ ବିରୋଧରେ ମତପ୍ରକାଶ କରିବା ଚର୍ଚ୍ଚାର ବିଷୟ ହୋଇଛି। ବିଗତ ୫ ବର୍ଷରେ ଲୋକ ସଭା ଏମ୍‌ପି ପଣ୍ଡା କଳାହାଣ୍ଡିରେ ତାଙ୍କ କାର୍ଯ୍ୟାଳୟଟିଏ କଲେ ନାହିଁ। ଦଳୀୟ ନେତା କର୍ମୀଙ୍କୁ ଉପେକ୍ଷା କରିଆସିଛନ୍ତି। ତାଙ୍କ ପରିବର୍ତ୍ତେ ଦଳ ଲୋକ ସଭା ଆସନ ଟିକେଟ ଆଶାୟୀ ଥିବା ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରୁ ଯାହାକୁ ଦେଲେ ବି ଗ୍ରହଣ କରାଯିବ ବୋଲି ଆଲୋଚନା ହେଉଛି। ମାତ୍ର ଏମ୍‌ପି ପଣ୍ଡାଙ୍କୁ ଟିକେଟ ଦେଲେ ଅସହଯୋଗ କରାଯିବ ବୋଲି ଜିଲାର ଅନେକ ନେତା ଓ କର୍ମୀ ମତପୋଷଣ କରୁଛନ୍ତି। ଏହା ପୂର୍ବରୁ ଗତ ୫ ତାରିଖ ନର୍ଲାଠାରେ ଆୟୋଜିତ ଇଏଲ୍‌ପିଓ ୱାର୍କଶପ୍ ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଏମ୍‌ପି ପଣ୍ଡା ଯୋଗଦେବାକୁ ଯାଇଥିବା ବେଳେ ସେଠାରେ ମଧ୍ୟ ତାଙ୍କୁ ସ୍ଥାନୀୟ ନେତା ଓ କର୍ମୀଙ୍କ ବିରୋଧର ସାମ୍ନା କରିବାକୁ ପଡ଼ିଥିଲା। ପୂର୍ବରୁ କଳାହାଣ୍ଡିରେ ଏଭଳି ଏକାଧିକ କାର୍ଯ୍ୟକ୍ରମରେ ଏମ୍‌ପି ପଣ୍ଡାଙ୍କୁ ଦଳୀୟ ନେତା ଓ କର୍ମୀଙ୍କ ଯୋଗୁ ହଟହଟା ହେବାକୁ ପଡ଼ିଛି।

ବର୍ତ୍ତମାନ ସ୍ଥିତିରେ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ ଓ ତାଙ୍କ ସ୍ତ୍ରୀ ମାଳବିକା ଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଭୁବନେଶ୍ୱର ମେୟର ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁନୀତ ମୁଣ୍ଡ ଏବଂ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ କଳାହାଣ୍ଡି ଲୋକ ସଭା ଆସନ ସକାଶେ ଆଶାୟୀ ଅଛନ୍ତି। ତେଣୁ ଏମାନେ ବସନ୍ତଙ୍କ ବିକଳ୍ପ ଭାବେ ଉଭା ହୋଇଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ଚାଲିଛି। ଏଭଳି ସ୍ଥଳେ ଭାଜପା ଭିତରେ ଦେଖାଦେଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଦେଖି ଏବେ କଳାହାଣ୍ଡି ଲୋକ ସଭା ଆସନକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ପାଇଁ ଆଗାମୀ ନିର୍ବାଚନରେ ଭଲ ସୁଯୋଗ ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି।

# ସିଟ୍ ବିଜେଡି ହାତରେ ପଡୁ

## ଭଦ୍ରକ ଲୋକ ସଭା ଆସନ

ଭଦ୍ରକ, ୧୧।୩ (ରବିନାରାୟଣ ଖିଲାର)

ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ଦ୍ୱନ୍ଦ୍ୱରେ। କେତେକେ ମେଣ୍ଟ ଚାହୁଁଥିବାବେଳେ ଅଧିକାଂଶ ସପକ୍ଷରେ ନାହାନ୍ତି। ଏଭଳିସ୍ଥଳେ ଭଦ୍ରକ ବିଜେଡି ଲୋକ ସଭା ଆସନକୁ ଅକ୍ତିଆର କରିବା ପାଇଁ ରାଜ୍ୟ ମୁଖିଆଙ୍କୁ ଅବଗତ କରାଇଛନ୍ତି।

ଭଦ୍ରକ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ବାଲେଶ୍ୱର ଜିଲାର ସୋର ଓ ସିମୁଳିଆକୁ ମିଶାଇଲେ ମୋଟ ୭ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଭଦ୍ରକ ଲୋକ ସଭା ଆସନ। ମେଣ୍ଟ ହେଲେ ଭଦ୍ରକ ଏମ୍‌ପି ଆସନ ଭାଜପା ଭାଗରେ ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଏହାକୁ ନେଇ ବିଜେଡି ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିନେଇ ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଯୁବ ସଭାପତି ମୁକୁନ୍ଦ ସାମଲ, ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକଙ୍କ ସମେତ କେତେ ଜଣ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିବା ସହ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମାଙ୍କୁ ମଧ୍ୟ ଏ ବିଷୟରେ ଅବଗତ କରାଇଛନ୍ତି।

ଏହି ବିଜେଡି ନେତାଙ୍କ କହିବା କଥା ହେଲା, ଭଦ୍ରକ ସଂସଦୀୟ କ୍ଷେତ୍ରରେ ପ୍ରାୟ ୧ ଲକ୍ଷ ୮୦ ହଜାର ସଂଖ୍ୟାଲଘୁ ଭୋଟର ଅଛନ୍ତି। ଅଧିକାଂଶ ସଂଖ୍ୟାଲଘୁ ଭୋଟର ବିଜେଡି ସହ ଅଛନ୍ତି। ଏଭଳି କ୍ଷେତ୍ରରେ ମେଣ୍ଟ ହେଲେ ଭାଜପା ଯଦି ଏମ୍‌ପି ପ୍ରାର୍ଥୀ ଦିଏ, ତେବେ ସଂଖ୍ୟାଲଘୁ ଭୋଟରଙ୍କୁ ବିଜେଡି ହାତଛଡ଼ା କରିବ ବୋଲି ଜିଲା ସଭାପତି ସ୍ୱାଇଁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ରରେ ସମସ୍ତେ ସଚେତନ ଭୋଟର ଅଛନ୍ତି। ଏଣୁ ଏହାକୁ ବିଚାରକୁ ନେଇ ଯଦି ମେଣ୍ଟ ହୁଏ ଏବଂ ଭଦ୍ରକ ସଂସଦୀୟ କ୍ଷେତ୍ରକୁ ବିଜେଡିକୁ ଦିଆଯାଏ, ତେବେ ଦଳ ମଜଭୁତ ସ୍ଥିତିରେ ରହିବ ବୋଲି ସେମାନେ ଦାବି କରିଛନ୍ତି। ୨୦୧୯ରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ୨୮,୮୦୩ ଭୋଟ୍‌ରେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରିଥିଲା। ଏଥର କିନ୍ତୁ ଭାଜପା ଏହି ଆସନ ଉପରେ ଅଧିକ ଫୋକସ୍ କରୁଛି। ପ୍ରକାଶଥାଉ କି, ୧୯୯୫ଠାରୁ ଲଗାତର ବିଜେଡି ଭଦ୍ରକ ଲୋକ ସଭା ଆସନରେ ବିଜୟୀ ହୋଇଆସୁଛି।


କଂଗ୍ରେସ ଭବନଠାରେ ସୋମବାର ଅନ୍ନପ୍ରାଶନ କାର୍ଯ୍ୟକ୍ରମ କରାଯାଇଛି।

# କଂଗ୍ରେସରୁ ବାପ ନା ପୁଅ

## ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ

ହାଟଡିହୀ,୧୧।୩(ଶୁଭକାନ୍ତ ନାୟକ)


କର୍ମୀ ସମ୍ମିଳନୀରେ କଂଗ୍ରେସ ନେତା ଜୟଦେବ ଯେନା ଭାଷଣ ଦେଉଛନ୍ତି।

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୦୯ଠାରୁ ବିଜୁ ଜନତା ଦଳ(ବିଜେଡି) ପ୍ରାର୍ଥୀ ବିଜୟୀ ହୋଇ ଆସିଛନ୍ତି। ୨୦୦୪ରେ କଂଗ୍ରେସର ଜୟଦେବ ଯେନା ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଛି। ୨୦୨୪ ନିର୍ବାଚନ ଥିବାରୁ ଜୟଦେବ କଂଗ୍ରେସର ଘର ସଜାଡ଼ିବାରେ ଲାଗିଛନ୍ତି। ଆନନ୍ଦପୁର ଏବଂ ହାଟଡିହୀ ବ୍ଲକର ବିଭିନ୍ନ ଅଞ୍ଚଳରେ ସଭା, ସମିତି ଆରମ୍ଭ କଲେଣି। ସେ କର୍ମୀମାନଙ୍କୁ ଏକଜୁଟ କରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ବିରୋଧୀଙ୍କ ଆଗରେ ନିଜ ଥାଟ ଦେଖାଇବା ପାଇଁ ୫୦୦ ଟଙ୍କା ଭଡ଼ା ଦେଇ ଲୋକଙ୍କୁ ସଭାସ୍ଥଳକୁ ବୁହାଇ ଆଣୁଥିବା ଆଲୋଚନା ହେଉଛି। ୨୦୧୯ ନିର୍ବାଚନ ପରେ ନିର୍ବାଚନମଣ୍ଡଳୀରେ ଦେଖାଦେଇ ନ ଥିବା ଜୟଦେବ ଓ ତାଙ୍କ ସମର୍ଥକମାନେ ଏବେ ସକ୍ରିୟ ହେବା ବିଷୟକୁ କାହାରିକୁ ବୁଝାଇବା ଦରକାର ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି।

ଏଥର ଜୟଦେବ ନା ତାଙ୍କ ପୁଅ ମନୋଜ କିଏ ପ୍ରାର୍ଥୀ ହେଉଛନ୍ତି, ତାହାକୁ ଦଳୀୟ କର୍ମୀ ଅନାଇ ରହିଛନ୍ତି। କାରଣ କଂଗ୍ରେସ ତରଫରୁ ଆୟୋଜିତ ସଭାସମିତିରେ ଲାଗୁଥିବା ବ୍ୟାନରର ଗୋଟିଏ ପଟେ ଜୟଦେବଙ୍କ ଫଟୋ ଥିବା ବେଳେ ଅନ୍ୟ ପଟେ ତାଙ୍କ ପୁଅଙ୍କ ଫଟୋ ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଜୟଦେବ ନିଜ ପାଇଁ ନା ତାଙ୍କ ପୁଅ ପାଇଁ ଏଥର ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି ତାହା ବୁଝାପଡୁନି। ଜୟଦେବ ରାଜନୀତିରୁ ସନ୍ନ୍ୟାସ ନେଇ ତାଙ୍କ ସ୍ଥାନରେ ତାଙ୍କ ପୁଅଙ୍କୁ ସୁଯୋଗ ଦେବେ ବୋଲି କେହି କେହି କହୁଥିବା ବେଳେ ଆସନ୍ତା ନିର୍ବାଚନର ସ୍ଥିତିକୁ ଲକ୍ଷ୍ୟରେ ରଖି ଜୟଦେବ ଆବଶ୍ୟକ ପଡ଼ିଲେ ପ୍ରାର୍ଥୀ ହୋଇ ପାରନ୍ତି ବୋଲି ଆଉ କେହି କହୁଛନ୍ତିନ୍। କିନ୍ତୁ ଜୟଦେବ ଏବଂ ତାଙ୍କ ପୁଅଙ୍କୁ ଛାଡି ଦେଲେ କଂଗ୍ରେସରେ ଅନ୍ୟ କୌଣସି ଆଶାୟୀ ପ୍ରାର୍ଥୀ ଥିବା ନେଇ ଅଦ୍ୟାବଧି ଜଣାପଡ଼ିନି।

ଗତ ୨୦୦୯, ୨୦୧୪, ୨୦୧୯ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହି ଲଗାତର ଭାବେ ବିଜେଡିଠାରୁ ପରାଜିତ ହେଉଛି। ୨୦୦୯ ରେ କଂଗ୍ରେସ ୪୮,୯୬୦ ଖଣ୍ଡ, ୨୦୧୪ରେ ୬୦,୨୯୬ ଖଣ୍ଡ ଏବଂ ୨୦୧୯ରେ ୪୫,୬୫୭ ଖଣ୍ଡ ଭୋଟ ପାଇଥିଲା। ଶେଷ ଦୁଇଟି ନିର୍ବାଚନକୁ ଦେଖିଲେ କଂଗ୍ରେସର ଭୋଟ କମୁଥିବା ଲକ୍ଷ୍ୟ କରାଯାଉଛି। ପୁଣି ଯଦି ବିଜେଡି-ଭାଜପା ମେଣ୍ଟ ହୁଏ, ତେବେ କଂଗ୍ରେସ କିଭଳି ସ୍ଥିତିରେ ରହିବ ତାହା ବଡ଼ କଥା। କର୍ମୀ ଏବଂ ଭୋଟରମାନେ ମଧ୍ୟ ଏ ନେଇ ଭିତିରି ଆଲୋଚନା ଏବଂ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଭଳି ସ୍ଥଳେ କଂଗ୍ରେସ ଭୋଟର 'ଦିନେ ନାହିଁ, କାଳେ ନାହିଁ, ଗହ୍ମା ପୁନେଇଁରେ ମାଇଁ ମାଇଁ' ଭଳି ନିର୍ବାଚନ ସମୟରେ ଜୟଦେବଙ୍କୁ ଦେଖି ନାନା ପ୍ରଶ୍ନ ପଚାରୁଥିବା ଦେଖିବାକୁ ମିଳୁଛି।

# ୧୦ ଦୁର୍ନୀତି ପ୍ରସଙ୍ଗରେ ଲୋକଙ୍କ ପାଖକୁ ଯିବ କଂଗ୍ରେସ

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

## ଅନ୍ନପ୍ରାଶନ କାର୍ଯ୍ୟକ୍ରମ ପାଳିଲା

ଓଡ଼ିଶାର ୧୦ଟି ଦୁର୍ନୀତି ପ୍ରସଙ୍ଗକୁ ନେଇ କଂଗ୍ରେସ ଲୋକଙ୍କ ପାଖକୁ ଯିବ। ଚିଟ୍‌ଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି, ଗୁଣ୍ଡାରାଜ, ମାସ୍କ ସ୍କାମ୍, ତାମିଲ ଶାସନ, ଜମି ହଡ଼ପ, ଜବ୍ ଜୁମ୍‌ଲା, ସରକାରୀ ଚାକିରି ବିକ୍ରି, ବିଦ୍ୟୁତ୍ ଯନ୍ତ୍ରଣା ଓ ଦରଦାମ୍ ବୃଦ୍ଧି ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଦଳ ଲୋକଙ୍କ ନିକଟରେ ପହଞ୍ଚାଇ ବିଜେଡି ଏବଂ ଭାଜପାର ଅସଲ ଚେହେରା ଦେଖାଇବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର କଂଗ୍ରେସ ପକ୍ଷରୁ ଅନ୍ନପ୍ରାଶନ କାର୍ଯ୍ୟକ୍ରମ କରାଯାଇଛି। କଂଗ୍ରେସ ୧୦ଟି ନକଲି ଛୁଆଙ୍କ କଣ୍ଢେଇ ଆଣି ସେମାନେ ବିଜେଡି ଓ ଭାଜପା ଔରସରୁ ଜନ୍ମ ହୋଇଥିବା କଥା କହିଛି। ସେହି ୧୦ କଣ୍ଢେଇ ସନ୍ତାନଙ୍କ ନାମକରଣ ମଧ୍ୟ କଂଗ୍ରେସ ପକ୍ଷରୁ କରାଯାଇଛି। ସେମାନଙ୍କ ନାମ ଚିଟ୍‌ଫଣ୍ଡ ଦୁର୍ନୀତି, ଖଣି ଦୁର୍ନୀତି, ଗୁଣ୍ଡା, ମାସ୍କ ସ୍କାମ୍, ତାମିଲ ଶାସନ, ଜମି ହଡ଼ପ, ଜବ୍ ଜୁମ୍‌ଲା, ସରକାରୀ ଚାକିରି ବିକ୍ରି, ବିଦ୍ୟୁତ୍ ଯନ୍ତ୍ରଣା ଓ ଦରଦାମ ବୃଦ୍ଧି ବୋଲି ଦଳ ଦାବି କରିଛି। କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀ ଆୟୋଜନ କରି ଅଜୟ କୁମାର କହିଛନ୍ତି ଯେ, ଚିଟ୍‌ଫଣ୍ଡ ହେଉଛି ଏଭଳି ଏକ ଶିଶୁ ଯାହାର ତଦନ୍ତ କରିବାରେ ସିବିଆଇ ଫେଲ୍ ମାରିଛି। ୬୦ ଲକ୍ଷରୁ ଅଧିକ ପରିବାର ଏହି ଦୁର୍ନୀତିର ଶିକାର ହୋଇଛନ୍ତି। କିନ୍ତୁ ଭାଜପା ଓ ବିଜେଡିର ସଲାସୁତରା ଯୋଗୁ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ମିଳିପାରିନାହିଁ। ବର୍ଷ ବର୍ଷ ଧରି ତଦନ୍ତ ପରେ ମଧ୍ୟ ସିବିଆଇ ଫାଇନାଲ ଚାର୍ଜଶିଟ୍ ଦାଖଲ କରୁନାହିଁ। ସେପଟେ ଗରିବ ଓ ମଧ୍ୟବିତ୍ତ ପରିବାରର ଜମାକାରୀମାନେ ଜମା ଟଙ୍କା ଫେରିପାଇବାକୁ ଚାହିଁ ବସିଛନ୍ତି। ଖଣି ଦୁର୍ନୀତିର ମଧ୍ୟ ସମାନ ଅବସ୍ଥା। ଶାହା କମିଶନ ଏହି ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସ୍ତାବ ଦେଇଥିଲେ। କିନ୍ତୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ହୁ ହୁ ହୋଇ ବୃଦ୍ଧି ପାଇବାରେ ଲାଗିଛି। ୟୁପିଏ ସରକାର ସମୟରେ ଯେଉଁ ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୪୧୦ ଟଙ୍କା ଥିଲା, ତାହା ଏବେ ବଢ଼ି ୧୧୦୦ ଟଙ୍କା ହେଲାଣି। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୫୫ ଟଙ୍କାରୁ ବଢ଼ି ୧୦୦ ଟଙ୍କାରୁ ଅଧିକ ହେଲାଣି। ତେଣୁ ଭାଜପା ଓ ବିଜେଡି ଔରସରୁ ଜନ୍ମ ଏହି ୧୦ ସନ୍ତାନଙ୍କୁ ଦମନ କରିବା ପାଇଁ ରାଜ୍ୟବାସୀ ଏକ ହେବା ଆବଶ୍ୟକ ବୋଲି ଅଜୟ କହିଛନ୍ତି। ଅନ୍ୟପଟେ ଆସନ୍ତା ନିର୍ବାଚନରେ ରାଜ୍ୟବାସୀ ଉଭୟ ବିଜେଡି ଓ ଭାଜପାକୁ ଉପଯୁକ୍ତ ଜବାବ ଦେବାକୁ ଅଜୟ କୁମାର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କଂଗ୍ରେସ ଭବନ ସମ୍ମୁଖରେ ଏକ ଅନ୍ନପ୍ରାଶନ କାର୍ଯ୍ୟକ୍ରମ କରାଯାଇଛି। କଂଗ୍ରେସ ନେତାମାନେ ପୁରୋହିତଙ୍କୁ ଡାକି ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି।

# ସଂକଳ୍ପପତ୍ର ପାଇଁ ଅଭିମତ ସଂଗ୍ରହ ଅଭିଯାନ ଶୁଭାରମ୍ଭ କଲା ଭାଜପା

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୩ୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସାଇବା ଲକ୍ଷ୍ୟରେ ଭାଜପା ସାରା ଦେଶରେ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବାକୁ ପ୍ରୟାସ ଆରମ୍ଭ କରିଛି। ୩ୟ ଥର ଭାଜପା କ୍ଷମତାକୁ ଆସିଲେ କ'ଣ ସବୁ ଜନମଙ୍ଗଳକାରୀ ଯୋଜନା ଲାଗୁ କରିବା ଆବଶ୍ୟକ ସେନେଇ ସାଧାରଣ ଜନତାଙ୍କ ମତାମତ ଲୋଡ଼ିବାକୁ ଦଳ ପକ୍ଷରୁ ଏକ ପ୍ରୟାସ ଆରମ୍ଭ ହୋଇଛି। ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ଓଡ଼ିଶାର ୨୧ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ୧୪୭ ବିଧାନସଭାକୁ ୩୪ଟି ଭିଡିଓ ଭ୍ୟାନ୍/ପ୍ରଚାର ଗାଡ଼ିର ଶୁଭାରମ୍ଭ କରାଯାଇଛି। ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ କନକ ବର୍ଦ୍ଧନ ସିଂହଦେଓ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହା ପ୍ରତ୍ୟେକ ବିଧାନସଭାରେ ୨ରୁ ୩ ଦିନ ପର୍ଯ୍ୟନ୍ତ ପ୍ରାୟ ୩୦ଟି ସଭା ମାଧ୍ୟମରେ ଜନତାଙ୍କ ମତାମତ ସଂଗ୍ରହ କରିବ। ୯୦୯୦୯୦୨୦୨୪ ନମ୍ବରକୁ ମିସ୍‌ଡ୍ କଲ୍ ଏବଂ ନରେନ୍ଦ୍ର ମୋଦି ଆପ୍‌ରେ ନିଜର ଅଭିମତ ପ୍ରଧାନମନ୍ତ୍ରୀଙ୍କ ପାଖକୁ ପ୍ରେରଣ କରିପାରିବ।

# କଂଗ୍ରେସରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା



ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

୩ ଦିନ ତଳେ ବିଜେଡିରୁ ଇସ୍ତଫା ଦେଇଥିବା ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ସୋମବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନ ଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଓ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ନିଜ ସମର୍ଥକମାନଙ୍କ ସହିତ ସୁଦର୍ଶନ ଦଳରେ ସାମିଲ ହୋଇଛନ୍ତି। ତାଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ କଂଗ୍ରେସକୁ ସ୍ୱାଗତ କରାଯାଇଛି। କଂଗ୍ରେସରେ ଯୋଗଦେବା ପରେ ସୁଦର୍ଶନ କହିଛନ୍ତି ଯେ, ଏ ଦେଶର ସମ୍ବିଧାନ, ଧର୍ମନିରପେକ୍ଷତା ଓ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ସେମାନେ କଂଗ୍ରେସରେ ଯୋଗ ଦେଇଛନ୍ତି। ଉଭୟ ବିଜେଡି ଓ ଭାଜପାକୁ ପରାସ୍ତ କରିବା ତାଙ୍କ ଲକ୍ଷ୍ୟ ହେବ ବୋଲି ସେ କହିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ସୁଦର୍ଶନ ଉଲ୍ଲେଖ କରିଥିଲେ ଯେ, ୨୦୧୪ ନିର୍ବାଚନରେ ଦଳର କିଛି ଲୋକଙ୍କ ବିଶ୍ୱାସଘାତକତା ଯୋଗୁ ସେ ହାରି ଯାଇଥିଲେ। ହେଲେ ଏଭଳି ସ୍ଥିତି ଉପୁଜିବା ସତ୍ତ୍ୱେ ଦଳ ପାଇଁ କାମ କରିଥିଲେ। ଭଲ କାର୍ଯ୍ୟ କରିବା ସତ୍ତ୍ୱେ ଦଳର ଜିଲା ସଙ୍ଗଠନ ଓ ଏହାର ଦାୟିତ୍ୱରେ ରହିଥିବା ନେତାମାନେ ତାଙ୍କୁ ଅପମାନିତ ଏବଂ ଅଣଦେଖା କରିଥିଲେ। ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେ ଦଳରେ ଏବେ ଅଦରକାରୀ ହୋଇପଡ଼ିଥିବାରୁ ଇସ୍ତଫା ଦେଉଥିବା ଦର୍ଶାଇଥିଲେ। ୨୦୦୯ରେ ସୁଦର୍ଶନ ବିଜେଡି ଟିକେଟରେ ରେମୁଣାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ରେ ସେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କଠାରୁ ୧୩ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ ହୋଇଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇ ନ ଥିଲା।

# ଭାଜପା ଟିକେଟ ଆଶାରେ ୬

ବାସୁଦେବପୁର,୧୧।୩
(ନାରାୟଣ ପ୍ରସାଦ ବାରିକ୍)

## ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ


ମନୋଜ କୁମାର ନାୟକ


ସବ୍ୟସାଚୀ ମହଲା


ଉଦୟ ନାରାୟଣ ମଲିକ


ପ୍ରତାପ କୁମାର ନାୟକ


ଅଶୋକ କୁମାର ସାହୁ


ଦୀନବନ୍ଧୁ ପତି

ଭଦ୍ରକ ଜିଲାର ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀ ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ପୌରପାଳିକାର ୨୩ ୱାର୍ଡ ଓ ତିହିଡ଼ି ବ୍ଲକର ୯ ପଞ୍ଚାୟତକୁ ନେଇ ଗଠିତ। ୨୦୦୦ ମସିହାରୁ ଏହି ଆସନକୁ ବିଜୁ ଜନତା ଦଳ (ବିଜେଡି) ଅକ୍ତିଆର କରିଆସିଛି। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ଏବେ ବିଧାୟକ ଅଛନ୍ତି। ଭାଜପା ଏଠାରୁ ଖାତା ଖୋଲିପାରି ନ ଥିବାରୁ ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି କସରତ କରୁଛି।

ବିଜେଡି-ଭାଜପା ମେଣ୍ଟ ନେଇ ଚର୍ଚ୍ଚା ଚାଲିଥିଲେ ମଧ୍ୟ ବାସୁଦେବପୁର ବିଧାନସଭା ଆସନ ପାଇଁ ଭାଜପାରୁ ୬ ଆଶାୟୀ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଆଧାର କରି ଆଶାୟୀ ପ୍ରାର୍ଥୀମାନେ ନିଜର ସମର୍ଥକଙ୍କୁ ଧରି ପଞ୍ଚାୟତ ଓ ଗାଁ ପରିକ୍ରମା କରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଚଳାଇଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ଦେଖିଲେ ଦଳର ବରିଷ୍ଠ ନେତା ତଥା ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିବା ମାଧବାନନ୍ଦ ମଲିକଙ୍କ ପୁଅ ଉଦୟ ନାରାୟଣ ମଲିକ ସକ୍ରିୟ ଅଛନ୍ତି। ଉଦୟ ଭାଜପାର ଜିଲା ଉପସଭାପତି ଅଛନ୍ତି। ୨୦୧୯ ନିର୍ବାଚନରେ ପିତା ମାଧବାନନ୍ଦଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିଲେ। ଏହି ନିର୍ବାଚନରେ ମାଧବାନନ୍ଦଙ୍କୁ ୩୫ ହଜାର ଭୋଟ୍ ମିଳିଥିଲା। ପିତାଙ୍କ ଅପେକ୍ଷା କିଭଳି ଅଧିକ ସମର୍ଥନ ପାଇବେ ସେଥିରେ ସେ ଲାଗିପଡ଼ିଛନ୍ତି। ସେହିପରି ୨୦୧୪ରେ ଭାଜପା ଟିକେଟରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ଜିଲା ସଭାପତି ଦୀନବନ୍ଧୁ ପତି ବାସୁଦେବପୁରରେ ଦଳକୁ ସୁଦୃଢ଼ କରିବାରେ ନିଜକୁ ନିୟୋଜିତ କରିଛନ୍ତି। ଦଳର ଜଣେ କ୍ୟାଡର ନେତା ଓ ସଂଘ ପରିବାର ସହ ସେ ଯୋଡ଼ି ହୋଇ ରହିଥିବା ବେଳେ ତିହିଡ଼ି ଓ ବାସୁଦେବପୁର ବ୍ଲକରେ ତାଙ୍କର ମଧ୍ୟ ପ୍ରଭାବ ରହିଛି। ଅନୁରୂପ ଭାବେ ୨୦୦୯ରେ ଦଳୀୟ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିଥିବା ଅଶୋକ କୁମାର ସାହୁ ମଧ୍ୟ ଟିକେଟ ପାଇବା ଲାଗି ଆଶାରେ ଅଛନ୍ତି। ସଂଘ ପରିବାର ସହ ମଧ୍ୟ ତାଙ୍କ ସମ୍ପର୍କ ମଜଭୁତ ରହିଛି।

ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରତାପ କୁମାର ନାୟକ ଏଠାରୁ ମଧ୍ୟ ଟିକେଟ ଆଶାୟୀ ଅଛନ୍ତି। ଶିକ୍ଷାବିତ୍ ଭାବେ ଏ ଅଞ୍ଚଳରେ ସେ ଜଣେ ଚିହ୍ନାମୁହଁ ହୋଇଥିବା ବେଳେ ଭାଜପା ରାଜ୍ୟ ବୁଦ୍ଧିଜୀବୀ ସେଲ୍‌ର ସେ ସଂଯୋଜକ ଥିବା ସହ ଦଳୀୟ ଓ ସାଙ୍ଗଠନିକ କାର୍ଯ୍ୟରେ ଲାଗି ରହିଛନ୍ତି। ଅନ୍ୟତମ ଆଶାୟୀ ଯୁବ ବ୍ୟବସାୟୀ ମନୋଜ କୁମାର ନାୟକ। ସେ ମଧ୍ୟ ଗାଁଗଣ୍ଡା ବୁଲି ସଭା ସମିତିରେ ସାମିଲ ହେବା ସହ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଛନ୍ତି। ଅନ୍ୟତମ ନୂଆ ଚେହେରା ସବ୍ୟସାଚୀ ମହଲା। ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତରେ ତାଙ୍କ ଘର ହୋଇଥିବା ବେଳେ ସେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସବ୍ୟସାଚୀ ଜଣେ ଓବିସି ଶ୍ରେଣୀଭୁକ୍ତ ଆଶାୟୀ ହୋଇଥିବାରୁ ବାସୁଦେବପୁର, ତିହିଡ଼ି ଅଞ୍ଚଳର ଭାଜପା ଭୋଟ ସହ ଓବିସି ଶ୍ରେଣୀର ଭୋଟର ତଥା ଯାଦବ ଭୋଟରମାନେ ତାଙ୍କୁ ଅଧିକ ସହଯୋଗ କରିବେ ବୋଲି ସେ ଆଶା ବାନ୍ଧିଛନ୍ତି।

ଦୀର୍ଘବର୍ଷ ଧରି ବିଜେଡି ପ୍ରାର୍ଥୀ ଜିତି ଆସୁଥିବାରୁ ଆଗାମୀ ନିର୍ବାଚନରେ ଭୋଟର ଭାଜପାକୁ ପସନ୍ଦ କରିବେ ବୋଲି ଦଳୀୟ ନେତା ଓ କର୍ମୀ କହୁଛନ୍ତି। ହେଲେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ଏହା ରାଜ୍ୟ ଓ ଜିଲା ନେତୃମଣ୍ଡଳୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ତେବେ ଏହି ଆଶାୟୀଙ୍କ ମଧ୍ୟରୁ ଦଳ କାହାକୁ ପ୍ରାର୍ଥୀ କରିବ, ସେଥିନେଇ କୌଣସି ଆଭାସ ମିଳିପାରୁ ନାହିଁ। ପୁଣି ବିଜେଡି-ଭାଜପା ମେଣ୍ଟ ଝୁଲି ରହିବା ଆଉ ଏକ ଦିଗକୁ ଇଙ୍ଗିତ କରୁଛି।

# ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍

**ନୂଆଦିଲ୍ଲୀ,୧୧।୩**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ଲାଗି ପ୍ରଚଳିତ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ କାର୍ଯ୍ୟକାରୀ ହେବା ଦିନଠାରୁ ଏହାକୁ ବିରୋଧ କରାଯାଇଥିଲା। ଏହି ଯୋଜନାରେ ଚାନ୍ଦା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କ ନାଁକୁ ଗୋପନ ରଖାଯାଉଥିବାରୁ କିଏ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଉଛନ୍ତି, କେଉଁ ସୂତ୍ରରୁ ଦଳଗୁଡ଼ିକ ଏତେ ପରିମାଣରେ ଅର୍ଥ ପାଉଛନ୍ତି, ସେ ସମ୍ପର୍କରେ ଜାଣିବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ଥିଲା। ଏହା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ସାମ୍ବିଧାନିକ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ ବୋଲି ଦର୍ଶାଇ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଅନ୍ୟମାନେ ମଧ୍ୟ ବଣ୍ଡ୍ ବ୍ୟବସ୍ଥାକୁ ବିରୋଧ କରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ।




SBI
भारतीय स्टेट बैंक STATE BANK OF INDIA
इलेक्टोरल बॉण्ड / ELECTORAL BOND
For value received, the Bank hereby promises to pay on demand to the eligible Payee which is holding this instrument, upon surrender of the original instrument in the Designated Account of the eligible Political Party with the Bank, the sum representing the value of this instrument of ₹ 1,000/- (Rupees One Thousand only) in accordance with the Scheme called 'The Electoral Bond Scheme, 2018', notified by the Central Government vide Gazette Notification No. 20 dated the 2nd January, 2018.
On payment of the said amount, the liability of the Bank hereunder shall stand fully extinguished.
स्थान / Place : NEW DELHI
SAMPLE
Authorized Signatory

ଲୋକ ସଭା ନିର୍ବାଚନ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଏହି ଐତିହାସିକ ରାୟ ବଳରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିଦେଇଥିଲେ। ଫଳରେ ସରକାରଙ୍କ ପାଇଁ ଏହା ବଡ଼ ଝଟ୍‌କା ହୋଇଛି। ଚାନ୍ଦା ସଂଗ୍ରହରେ ଇଲେକ୍ଟୋରାଲ ବଣ୍ଡର ପ୍ରଚଳନ ଅସାମ୍ବିଧାନିକ ବୋଲି ଅଦାଲତ କହିବା ସହ ଏହା ମାଧ୍ୟମରେ ଚାନ୍ଦା ଦେଇଥିବା ବ୍ୟକ୍ତି ଓ ଗ୍ରହଣ କରିଥିବା ଦଳଙ୍କ ନାଁ ଓ ଚାନ୍ଦା ପରିମାଣ ଜଣାଇବାକୁ ଅଦାଲତ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ରେ ଏହି ଯୋଜନା ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାରର ଉଲ୍ଲଂଘନ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ। ରାଜନୈତିକ ଚାନ୍ଦା ସଂଗ୍ରହରେ ସ୍ୱଚ୍ଛତା ଆଣିବା ଏବଂ କଳାଧନ ରୋକିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଥିବା ସରକାର ଯୁକ୍ତି ଦର୍ଶାଇଥିଲେ ହେଁ, ସାମ୍ବିଧାନିକ ପୀଠ ଏଥିରେ ସହମତ ହୋଇ ନ ଥିଲେ। ଉକ୍ତ ଯୋଜନାକୁ ତୁରନ୍ତ ବନ୍ଦ କରିବା ସହ ବଣ୍ଡ୍ ବିକ୍ରି କରୁଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)କୁ ମାର୍ଚ୍ଚ ୬ ସୁଦ୍ଧା ସବିଶେଷ ବିବରଣୀ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ଦାଖଲ ପାଇଁ ସମୟ ବଢ଼ାଇବା ନିମନ୍ତେ ଏସ୍‌ବିଆଇ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ମଙ୍ଗଳବାର ଅଫିସ ସମୟ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଦାଖଲ କରିବା ଲାଗି ଏସ୍‌ବିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏସ୍‌ବିଆଇ ଦାଖଲ କରିଥିବା ତଥ୍ୟକୁ ମାର୍ଚ୍ଚ ୧୫ ଅପରାହ୍ନ ୫ଟା ସୁଦ୍ଧା ସରକାରୀ ୱେବ୍‌ସାଇଟ୍‌ରେ ରଖିବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗୋପନ ବାଲଟ ବ୍ୟବସ୍ଥା ଭଳି ଚାନ୍ଦା ଦେଉଥିବା ବ୍ୟକ୍ତି ଓ ସଂସ୍ଥାଗୁଡ଼ିକର ନାଁ ଗୋପନ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ପ୍ରଚଳନ ହୋଇଥିଲା ବୋଲି କେନ୍ଦ୍ର ସରକାର ଦର୍ଶାଇଥିବା ତ୍ରୁଟିପୂର୍ଣ୍ଣ ଯୁକ୍ତିକୁ ଅଦାଲତ ଖଣ୍ଡନ କରିଦେଇଥିଲେ। ଉକ୍ତ ବଣ୍ଡ୍ ଜରିଆରେ ଶାସକ ଦଳଗୁଡ଼ିକ ଜନସାଧାରଣ ଏବଂ ସଂସ୍ଥାକୁ ଚାନ୍ଦା ଦେବା ପାଇଁ ବାଧ କରୁଥାଇପାରନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଓ ଭୋଟରଙ୍କ ତଥ୍ୟ ଜାଣିବା ଅଧିକାରକୁ ଉଲ୍ଲଂଘନ କରିବା ପାଇଁ ସେଥିରେ ରହିଥିବା ବିବାଦୀୟ ବ୍ୟବସ୍ଥା ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ)ରେ ରହିଥିବା ବାକ୍ ଓ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ବୋଲି ସାମ୍ବିଧାନିକ ପୀଠ କହିଥିଲେ। ସୁପ୍ରିମକୋର୍ଟଙ୍କ ଏହି ରାୟ ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ଆଣିବ ବୋଲି ବିଭିନ୍ନ ରାଜନୈତିକ ଦଳ ପ୍ରତିକ୍ରିୟାରେ କହିଥିଲେ। ଇଲେକ୍ଟୋରାଲ ବଣ୍ଡ୍ କାର୍ଯ୍ୟକାରୀ ହେବା ଦିନରୁ କଂଗ୍ରେସ ଏହାକୁ ଅସ୍ୱଚ୍ଛ ଓ ଅଗଣତାନ୍ତ୍ରିକ କହିବା ସହ ବିରୋଧ କରୁଥିଲା ବୋଲି ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୋଦି ସରକାରଙ୍କ ଏହି ବିବାଦୀୟ ଯୋଜନା ବନ୍ଦ କରିବା ପାଇଁ ୨୦୧୯ରେ କଂଗ୍ରେସ ଆଣିଥିବା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ରାଜନୈତିକ ଓ ନିର୍ବାଚନୀ ଚାନ୍ଦା ସଂଗ୍ରହରେ ସଂସ୍କାର ଅଣାଯିବା ଜରୁରୀ ବୋଲି ସିପିଆଇ(ଏମ୍) ପଲିଟି ବ୍ୟୁରୋ ପକ୍ଷରୁ କୁହାଯାଇଥିଲା।

## ମାମଲାର ଘଟଣାକ୍ରମ

**୨୦୧୭:** ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ୨୦୧୭ ଅର୍ଥ ବିଲ୍‌ରେ ଆଗତ ହୋଇଥିଲା।

**୨୦୧୭ ସେପ୍ଟେମ୍ବର ୧୪:** ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ମୁଖ୍ୟ ଆବେଦନକାରୀ ଭାବେ ଏହି ଯୋଜନାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

**୨୦୧୭ ଅକ୍ଟୋବର ୩:** ଏନ୍‌ଜିଓ ଦାଖଲ କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଆଧାରରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରିଥିଲେ।

**୨୦୧୮ ଜାନୁଆରୀ ୨:** କେନ୍ଦ୍ର ସରକାର ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ବିଜ୍ଞପ୍ତି ଜାରି କଲେ।

**୨୦୨୨ ନଭେମ୍ବର ୭:** ଉକ୍ତ ସ୍କିମ୍‌ରେ ସଂଶୋଧନ କରାଯାଇ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ଅବଧିକୁ ବର୍ଷକୁ ୭୦ ଦିନରୁ ୮୫ ଦିନକୁ ବୃଦ୍ଧି କରାଯାଇଥିଲା।

**୨୦୨୩ ଅକ୍ଟୋବର ୧୬:** ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଇଲେକ୍ଟୋରାଲ ବଣ୍ଡ୍ ମାମଲାର ବିଚାର ପାଇଁ ୫ ଜଣିଆ ସାମ୍ବିଧାନକ ପୀଠକୁ ପଠାଇଥିଲେ।

**୨୦୨୩ ଅକ୍ଟୋବର ୩୧:** ପ୍ରଧାନ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଗଢ଼ାଯାଇଥିଲା।

**୨୦୨୩ ନଭେମ୍ବର ୨:** ଶୁଣାଣି ଶେଷ କରିବା ପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

**୨୦୨୪ ଫେବୃଆରୀ ୧୫:** ମତବ୍ୟକ୍ତ କରିବାର ସାମ୍ବିଧାନିକ ଅଧିକାର ଏବଂ ତଥ୍ୟ ଜାଣିବା ଅଧିକାର ଉଲ୍ଲଂଘନ କରୁଥିବା ଦର୍ଶାଇ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡ୍‌କୁ ରଦ୍ଦ କରିଥିଲେ।

**୨୦୨୪ ମାର୍ଚ୍ଚ ୪:** ଇଲେକ୍ଟୋରାଲ ବଣ୍ଡର ସବିଶେଷ ତଥ୍ୟ ନିର୍ବାଚନ କମିଶନଙ୍କୁ ଦେବା ପାଇଁ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ବଢ଼ାଇବାକୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ସୁପ୍ରିମକୋର୍ଟରେ ଆବେଦନ କରିଥିଲା।

**୨୦୨୪ ମାର୍ଚ୍ଚ ୭:** ଧାର୍ଯ୍ୟ ସମୟ ମାର୍ଚ୍ଚ ୬ ମଧ୍ୟରେ ତଥ୍ୟ ନ ଦେଇ ଏସ୍‌ବିଆଇ ଜାଣିଶୁଣି ଅଦାଲତ ନିର୍ଦ୍ଦେଶର ଅବମାନନା କରୁଥିବା ଦର୍ଶାଇ ଏହା ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ପାଇଁ ୨ଟି ଏନ୍‌ଜିଓ ପକ୍ଷରୁ ଆବେଦନ କରାଯାଇଥିଲା।

**୨୦୨୪ ମାର୍ଚ୍ଚ ୧୧:** ସମୟ ବଢ଼ାଇବା ପାଇଁ ଏସ୍‌ବିଆଇର ଆବେଦନକୁ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ଖାରଜ କରିଦେଇଛନ୍ତି। ଏଥିସହିତ ୧୨ ତାରିଖ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡର ସବିଶେଷ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇଲେକ୍ଟୋରାଲ ବଣ୍ଡ୍ କ'ଣ

ରାଜନୈତିକ ଦଳଗୁଡ଼ିକର ଚାନ୍ଦା ସଂଗ୍ରହ ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ଆର୍ଥିକ ସାଧନ। ଏଥିରେ କ୍ରେତା ଏବଂ ପ୍ରାପକଙ୍କ ନାଁ ରହୁ ନ ଥିବାରୁ ଏହା ଏକ ବିଅରିଂ ସାଧନ ଭାବେ କାର୍ଯ୍ୟ କରିଥାଏ ଏବଂ ଦାତାଙ୍କୁ ଗୋପନ ରଖିଥାଏ। ୨୦୧୭-୧୮ କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ପ୍ରଥମେ ଇଲେକ୍ଟୋରାଲ ବଣ୍ଡ୍ ଘୋଷଣା କରିଥିଲେ। ଭାରତର ନାଗରିକ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏହା ଜରିଆରେ ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇପାରିବେ। ଜଣେ କ୍ରେତା କେତେ ବଣ୍ଡ୍ କିଣିବେ, ତାହାର କୌଣସି ସୀମା ଧାର୍ଯ୍ୟ ହୋଇ ନ ଥିଲା। ୧,୦୦୦ରୁ ଆରମ୍ଭ କରି ୧୦ ହଜାର, ୧ ଲକ୍ଷ, ୧୦ ଲକ୍ଷ ଏବଂ ୧ କୋଟି ଟଙ୍କା ମୂଲ୍ୟର ବଣ୍ଡ୍ ଉପଲବ୍ଧ ରହିଥିବାବେଳେ ୧ କୋଟି ମୂଲ୍ୟର ବଣ୍ଡ ସର୍ବାଧିକ ବିକ୍ରି ହୋଇଥାଏ। କେବଳ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କେତେକ ନିର୍ଦ୍ଦିଷ୍ଟ ଶାଖା ଜରିଆରେ ଏହି ବଣ୍ଡ୍ ବିକ୍ରି ହୋଇଥାଏ। ୧୫ ଦିନ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଏହାକୁ ନ ମୁକୁଳାଇଲେ, ତାହା ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିକୁ ଚାଲିଯାଇଥାଏ। ୭ ବର୍ଷ ଧରି ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଚାନ୍ଦା ସଂଗ୍ରହ କରୁଥିବାବେଳେ ସୁପ୍ରିମକୋର୍ଟ ଗତ ମାସ ୧୫ ତାରିଖରେ ଏହାକୁ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିଦେଇଛନ୍ତି।

## କେବେ ଆସିଥିଲା ଏହି ଯୋଜନା

୨୦୧୭ର ଅର୍ଥ ବିଲ୍‌ରେ ପ୍ରସ୍ତାବିତ ସଂଶୋଧନ ଉପରେ ସେହିବର୍ଷ ଜାନୁଆରୀ ୨୮ରେ ଅର୍ଥ ମନ୍ତ୍ରଣାଳୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମତାମତ ଲୋଡ଼ିଥିଲେ। ୩୦ ତାରିଖରେ ଆର୍‌ବିଆଇ ଏହାର ଉତ୍ତରରେ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ଗମ୍ଭୀର ଆଶଙ୍କା ବ୍ୟକ୍ତ କରିଥିଲା। ଏହି ବଣ୍ଡ୍ ଦ୍ୱାରା ବେଆଇନ ଆର୍ଥିକ କାରବାରର ସୁଯୋଗ ଦେବା ସହ ସ୍ୱଚ୍ଛତା ରହିବ ନାହିଁ ବୋଲି ଆର୍‌ବିଆଇ କହିଥିଲା। ତେବେ କେନ୍ଦ୍ର ସରକାର ଆର୍‌ବିଆଇର ଉଦ୍‌ବେଗକୁ ଏଡ଼ାଇ ଯାଇ ୨୦୧୭ ଫେବୃଆରୀ ୧ରେ ଲୋକ ସଭାରେ ଇଲେକ୍ଟୋରାଲ ବଣ୍ଡ୍ ସମ୍ପର୍କରେ ଘୋଷଣା କରିଥିଲେ। ଅର୍ଥବିଲ୍ ହୋଇଥିବାରୁ ଏହା ପାର୍ଲାମେଣ୍ଟର ଉଭୟ ଗୃହରେ ଅନାୟାସରେ ଗୃହୀତ ହୋଇଥିଲା। ୨୦୧୮ ଜାନୁଆରୀ ୨ରେ ଏହା ଉପରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ୧୬ ହଜାର କୋଟିର ବଣ୍ଡ୍ ବିକ୍ରି

ବିବାଦୀୟ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା କାର୍ଯ୍ୟକାରୀ ହେବାଠାରୁ ଅଦ୍ୟାବଧି ରାଜନୈତିକ ଦଳଗୁଡ଼ିକୁ ଏହାର ବିକ୍ରିରୁ ୧୬,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ମିଳିଛି। ଏଥିରୁ ଏକ ସିଂହଭାଗ ଶାସକ ଦଳ ଭାଜପାକୁ ମିଳିଥିଲା। ସୁପ୍ରିମକୋର୍ଟ ଉକ୍ତ ଯୋଜନାକୁ ରଦ୍ଦ କରିଦେବା ଭାଜପା ପାଇଁ ସବୁଠୁ ବଡ଼ ଝଟକା। ନିର୍ବାଚନ କମିଶନ ଏବଂ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପାଖରେ ଥିବା ତଥ୍ୟ ଅନୁଯାୟୀ ଗତ ଆର୍ଥିକ ବର୍ଷ ସୁଦ୍ଧା ସବୁ ରାଜନୈତିକ ଦଳ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାରେ ୧୨,୦୦୦ କୋଟି ଟଙ୍କାରୁ ଅଧିକ ଚାନ୍ଦା ପାଇଥିବାବେଳେ ସେଥିରୁ ଭାଜପାର ଭାଗ ଥିଲା ୫୫ ପ୍ରତିଶତ ବା ୬,୫୬୫ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ର ତଥ୍ୟ ଅନୁଯାୟୀ ୨୦୧୮ ମାର୍ଚ୍ଚରୁ ଗତ ଜାନୁଆରୀ ସୁଦ୍ଧା ରାଜନୈତିକ ଦଳଗୁଡ଼ିକୁ ସମୁଦାୟ ୧୬,୫୧୮.୧୧ କୋଟି ଟଙ୍କା ଇଲେକ୍ଟୋରାଲ ବଣ୍ଡରୁ ମିଳିଛି। ବିଭିନ୍ନ ରାଜ୍ୟରେ କ୍ଷମତାରେ ଥିବା ଆଞ୍ଚଳିକ ଦଳଗୁଡ଼ିକର ମୋଟ ଚାନ୍ଦାର ୯୦ ପ୍ରତିଶତରୁ ଅଧିକ ଉକ୍ତ ବଣ୍ଡରୁ ପାଇଛନ୍ତି। ତେବେ ମୋଟାମୋଟି ଦେଖିଲେ ଇଲେକ୍ଟୋରାଲ ବଣ୍ଡରୁ ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଚାନ୍ଦା ମୋଟ ଆୟର ଅଧାରୁ ଅଧିକ ଥିଲା। ଉପା ସରକାରର ଶେଷ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ ସବୁଠୁ ଧନୀ ଦଳ ଥିଲା। ୨୦୧୩-୧୪ ଆର୍ଥିକ ବର୍ଷରେ ଚାନ୍ଦା ସଂଗ୍ରହରେ ଭାଜପା କଂଗ୍ରେସକୁ ଟପିଥିଲା।



ଆସାମର ନାଗାଁଓ ଜିଲାରେ ସିଏଏ ବିରୋଧୀ ଆନ୍ଦୋଳନରେ ସ୍ଥାନୀୟ ବାସିନ୍ଦା ( ୪ ଜାନୁଆରୀ ୨୦୨୦)।

# ବିରୋଧ ସତ୍ତ୍ୱେ ଲାଗୁହେଲା ସିଏଏ

**ନୂଆଦିଲ୍ଲୀ,୧୧।୩**

୨୦୨୪ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ଆଇନ୍(ସିଏଏ) ନେଇ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସିଏଏରେ ବ୍ୟବସ୍ଥିତ ହୋଇଥିବା ଆଇନକୁ ସାର୍ବଜନୀନ କରାଯିବା ସହ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ପୂର୍ବରୁ ୨୦୧୯ ଡିସେମ୍ବର ୧୧ରେ ଏହି ବିଲ୍ ପାର୍ଲାମେଣ୍ଟରେ ପାସ୍ ହୋଇଥିଲା। ପଡ଼ୋଶୀ ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶରେ ଧାର୍ମିକ ନିର୍ଯାତନା ଯୋଗୁ ବିତାଡ଼ିତ ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁମାନଙ୍କୁ ଭାରତୀୟ ନାଗରିକତା ଯୋଗାଇବ ଏହି ଆଇନ୍। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଏହି ୩ ପଡ଼ୋଶୀ ଦେଶରୁ ଭାରତରେ ଶରଣ ନେଇଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ୍, ପାର୍ସି ଓ ଖ୍ରୀଷ୍ଟିଆନମାନେ ଏହି ଆଇନ୍ ଦ୍ୱାରା ନାଗରିକତା ପାଇପାରିବେ। ଡିସେମ୍ବର ୧୦, ୨୦୧୯ରେ ଲୋକ ସଭାରେ ଏହି ବିଲ୍ ପାସ୍ ହୋଇଥିଲା। ବିଲ୍ ସପକ୍ଷରେ ୩୧୧ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୮୦ଟି ଭୋଟ ପଡ଼ିଥିଲା। ସେହିପରି ଡିସେମ୍ବର ୧୧, ୨୦୧୯ରେ ରାଜ୍ୟସଭାରେ ଏହି ବିଲ୍ ପାସ୍ ହୋଇଥିଲା। ବିଲ୍ ସପକ୍ଷରେ ୧୨୫ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୧୦୫ଟି ଭୋଟ ପଡ଼ିଥିଲା। ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ଡିସେମ୍ବର ୧୨, ୨୦୧୯ରେ ଏହି ବିଲ୍ ଆଇନରେ ପରିଣତ ହୋଇଥିଲା।

**ଆନ୍ଦୋଳନରେ ଯାଇଥିଲା ଶତାଧିକ ଜୀବନ**

> ସିଏଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବାରୁ ମୋଦି ସରକାରଙ୍କୁ ୪ ବର୍ଷ ୩ ମାସ ସମୟ ଲାଗିଗଲା। ସମୟାନୁବର୍ତ୍ତିତାକୁ ନେଇ ଭାଷଣ ମାରୁଥିବା ପ୍ରଧାନମନ୍ତ୍ରୀଙ୍କର ଏହା ଆଉ ଏକ ଖୋଲା ମିଛ।
> **-ଜୟରାମ ରମେଶ, କଂଗ୍ରେସ ରାଜ୍ୟ ସଭା ସଦସ୍ୟ**

> ଲୋକ ସଭା ନିର୍ବାଚନ ପୂର୍ବରୁ ଏହା କେନ୍ଦ୍ର ସରକାରଙ୍କ ପବ୍ଲିସିଟି ଷ୍ଟଣ୍ଟ। ଯଦି ଏହା ଦ୍ୱାରା ଲୋକେ ନିଜ ଅଧିକାରରୁ ବଞ୍ଚିତ ହୁଅନ୍ତି ତେବେ ଏହା ବିରୋଧରେ ଟିଏମ୍‌ସି ଲଢ଼େଇ କରିବ।
> **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

> ସିଏଏ ଦ୍ୱାରା ଦେଶରେ ସାମ୍ପ୍ରଦାୟିକ ଆଧାରରେ ବିଭାଜନ ସୃଷ୍ଟି ହେବ। ଏହାକୁ କେରଳରେ କାର୍ଯ୍ୟକାରୀ କରାଯିବ ନାହିଁ।
> **-ପିନାରାୟୀ ବିଜୟନ, କେରଳ ମୁଖ୍ୟମନ୍ତ୍ରୀ**

ତେବେ ଏହି ଆଇନରେ ମୁସଲୀମ୍ ଧର୍ମକୁ ବାଦ ଦିଆଯାଇଥିବାରୁ ଏହାକୁ ନେଇ ଦେଶବ୍ୟାପୀ ବିଭିନ୍ନ ବିରୋଧୀ ଦଳ ଓ ସଂଗଠନ ତରଫରୁ ପୂର୍ବରୁ ମାସ ମାସ ଧରି ପ୍ରତିବାଦ କରାଯାଇଥିଲା। ଏହି ଆନ୍ଦୋଳନରେ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ଭାରତକୁ ଧର୍ମୀୟ ଆଧାରରେ ବିଭାଜିତ କରି ଅର୍ଥନୈତିକ ମନ୍ଥରତା ଓ ବେକାରୀ ସମସ୍ୟାରୁ ବିଭ୍ରାନ୍ତ କରିବାକୁ କେନ୍ଦ୍ର ସରକାର ଏହି ବିଲ ଆଣିଥିବା ଅଭିଯୋଗ କରି ବିଭିନ୍ନ ବିରୋଧୀ ଦଳ ଓ ସଂଗଠନ ପକ୍ଷରୁ ସିଏଏ ବିରୋଧୀ ଆନ୍ଦୋଳନକୁ ତୀବ୍ରତର କରାଯାଇଥିଲା। ଦେଶବ୍ୟାପୀ ପ୍ରବଳ ବିରୋଧ ଯୋଗୁ କେନ୍ଦ୍ର ସରକାର ଏହି ଆଇନ୍‌କୁ ଦୀର୍ଘ ୪ ବର୍ଷ ଧରି ସ୍ଥଗିତ କରିଥିଲେ।

## କ'ଣ ଥିଲା ଘଟଣାକ୍ରମ

**୪ ଡିସେମ୍ବର ୨୦୧୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ନାଗରିକତ୍ୱ ସଂଶୋଧନ ବିଲ୍ (ସିଏଏ)କୁ ପାର୍ଲାମେଣ୍ଟରେ ଆଗତ ନେଇ ସୂଚନା ଦିଆଗଲା। ବିଲ୍‌କୁ ବିରୋଧକରି ଆସାମର ଦିସ୍‌ପୁରରେ ପୋଲିସ ସହ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ତ୍ରିପୁରା ରାଜଧାନୀ ଅଗରତାଲାରେ ଆନ୍ଦୋଳନରେ ହିଂସା ଘଟି ୬ ଜଣଙ୍କର ମୃତ୍ୟୁ ଘଟିବା ସହ ୫୦ ଜଣ ଆହତ ହୋଇଥିଲେ।

**୯ ଡିସେମ୍ବର ୨୦୧୯:** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକ ସଭାରେ ନାଗରିକତ୍ୱ ସଂଶୋଧନ ବିଲ (ସିଏଏ) ଆଗତ କଲେ।

**୧୦ ଡିସେମ୍ବର ୨୦୧୯:** ୩୧୧ ଭୋଟ ସହ ଲୋକ ସଭାରେ ପାସ୍ ହେଲା ସିଏଏ।

**୧୧ ଡିସେମ୍ବର ୨୦୧୯:** ୧୨୫ ଭୋଟ ସହ ରାଜ୍ୟ ସଭାରେ ବିଲ୍ ପାସ୍ ହେଲା।

**୧୨ ଡିସେମ୍ବର ୨୦୧୯:** ରାଷ୍ଟ୍ରପତିଙ୍କ ଠାରୁ ଅନୁମତି ପାଇ ନାଗରିକତ୍ୱ ସଂଶୋଧନ ବିଲ୍ ଆଇନରେ ପରିଣତ ହେଲା।

**୧୪ ଡିସେମ୍ବର ୨୦୧୯:** ପୋଲିସ ଗୁଳିରେ ଆସାମର ଈଶ୍ୱର ନାୟକ ନାମକ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଲା। ଦିଲ୍ଲୀର ଯନ୍ତରମନ୍ତର ଠାରେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ବିଲ୍ ବିରୋଧରେ ଏକାଠି ହେଲେ।

**୧୫ ଡିସେମ୍ବର ୨୦୧୯:** ଦିଲ୍ଲୀରେ ସିଏଏ ବିରୋଧୀ ଆନ୍ଦୋଳନ ଉଗ୍ରରୂପ ଧାରଣ କଲା। ଦିଲ୍ଲୀ ପରିବହନ ନିଗମର ୩ଟି ବସ୍‌କୁ ଉତ୍ତେଜିତ ଆନ୍ଦୋଳନକାରୀମାନେ ଜାଳିଦେଲେ। ଦିଲ୍ଲୀର ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟରେ ପୋଲିସ ଛାତ୍ରଙ୍କୁ ଗିରଫ କରିଥିଲା। ଅଲିଗଡ଼ ବିଶ୍ୱବିଦ୍ୟାଳୟ ସାମ୍ନାରେ ଆନ୍ଦୋଳନ ଉଗ୍ର ରୂପ ନେବାରୁ ଛାତ୍ରମାନଙ୍କ ଉପରେ ପୋଲିସ ଲାଠି ଚାର୍ଜ କରିଥିଲା। ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଉଗ୍ର ଆନ୍ଦୋଳନକାରୀମାନେ ୫ଟି ଟ୍ରେନ ଜାଳିଦେଇଥିଲେ।

**୧୭ ଡିସେମ୍ବର ୨୦୧୯:** ଦିଲ୍ଲୀର ସଲିମପୁରରେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ଏକ ଥାନା ଜାଳିଦେଇଥିଲେ। କର୍ନାଟକର ଦୁଇ ଜଣ ଓ ଉତ୍ତରପ୍ରଦେଶରେ ଜଣେ ଆନ୍ଦୋଳନକାରୀ ପୋଲିସ ଗୁଳିରେ ନିହତ ହୋଇଥିଲେ। ଭାଜପା ଶାସିତ କର୍ନାଟକ ଓ ଉତ୍ତରପ୍ରଦେଶରେ ସାର୍ବଜନୀନ ସଭା କରିବା ପାଇଁ ବାରଣ କରାଗଲା। ଦିଲ୍ଲୀରେ ସିପିଏମ୍ ନେତା ସୀତାରାମ ୟେଚୁରୀଙ୍କ ସହ ୧୨୦୦ ଆନ୍ଦୋଳନକାରୀଙ୍କୁ ଗିରଫ କଲା ପୋଲିସ। ଉତ୍ତରପ୍ରଦେଶର କେତେକ ଜିଲାରେ ଇଣ୍ଟରନେଟ ସେବା ବନ୍ଦ ହେଲା।

**୨୨ ଡିସେମ୍ବର ୨୦୧୯:** ସିଏଏ ବିରୋଧରେ ରାଜସ୍ଥାନର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସମ୍ବିଧାନ ବଚାଓ ରାଲି ଆରମ୍ଭ କରିଥିଲେ।

**୨୯ ଡିସେମ୍ବର ୨୦୧୯:** ଦିଲ୍ଲୀର ସାହିନ୍‌ବାଗ୍ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ମୁସଲିମ ମହିଳା ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**୧ ଜାନୁଆରୀ ୨୦୨୦:** କୋଚିର ବିଭିନ୍ନ ମୁସଲିମ ସଂଗଠନ ପକ୍ଷରୁ ସିଏଏ ବିରୋଧୀ ରାଲିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା।

**୪ ଜାନୁଆରୀ ୨୦୨୦:** ୧ ଲକ୍ଷରୁ ଅଧିକ ଆନ୍ଦୋଳନକାରୀ ହାଇଦ୍ରାବାଦରେ ସିଏଏ ବିରୋଧୀ ମାର୍ଚ୍ଚ ବାହାର କରିଥିଲେ।

**୫ ଜାନୁଆରୀ ୨୦୨୦:** ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଦେଶ ବିରୋଧୀ ଗତିବିଧି ଚାଲିଥିବା ଅଭିଯୋଗ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଟେକା ଓ ପଥର ମାଡ଼ କରାଯାଇଥିଲା, ଫଳରେ ୪୦ ଜଣ ଛାତ୍ରୀଛାତ୍ର ଓ ପ୍ରଫେସର ଆହତ ହୋଇଥିଲେ।

**୬ ଜାନୁଆରୀ ୨୦୨୦:** ମହାରାଷ୍ଟ୍ରର ମାଲେଗାଉଁରେ ୫୦ ହଜାର ମହିଳା ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ।


ଦିଲ୍ଲୀର ସାହିନ୍‌ବାଗ୍ ଅଞ୍ଚଳରେ ମୁସଲିମ ମହିଳା ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ। (୨୯ ଡିସେମ୍ବର ୨୦୧୯)

**ମାଡପିଟ୍ ଘଟଣା, ୪ ଗିରଫ** ରାଉରକେଲା (ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅଧୀନ ସେକ୍ଟର-୨୧ ନୟାବଜାର ଅଞ୍ଚଳରେ ରବିବାର ଏକ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଦୀପ ବେହେରା, ରାହୁଲ ପ୍ରସାଦ, ଦିନେଶ ବେହେରା ଓ ସୁଧୀର ସାଣ୍ଡିଲ। ଏ ନେଇ ପୋଲିସ ୨ଟି ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ଟ୍ରେନରୁ ଖସିପଡି ୨ ମୃତ

**ରାଉରକେଲା,୧୧।୩(ସଙ୍ଗୀତା ଜେନା):** ରାଉରକେଲା ଜିଆରପି ପୋଲିସ ୨ ଜଣଙ୍କ ମୃତଦେହ ଜବତ କରିଛି। ସୋମବାର ପୂର୍ବାହ୍ନରେ ଜଣେ ଯୁବକ ଏକ ଚଳନ୍ତା ଟ୍ରେନରୁ ଖସି ମୃତ୍ୟୁବରଣ କରିଥିଲେ। ମୃତକ ହେଲେ ବିରଜାପାଲୀ ଅଞ୍ଚଳର ରାକେଶ ପଞ୍ଚବିହାର(୪୯)। ଏ ନେଇ ପୋଲିସ ଏକ ମାମଲା (ନଂ.୧୬/୨୪) ରୁଜୁ କରିଛି। ସେହିପରି ଅପରାହ୍ନରେ ଜମ୍ମୁତୱି ଟ୍ରେନରୁ ଜଣେ ଯୁବକ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ସେ ଉତ୍ତରପ୍ରଦେଶ ଫରିଦାବାଦ ଅଞ୍ଚଳର ବୋଲି ଜଣାପଡ଼ିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭/୨୪) ରୁଜୁ କରିଛି। ଉଭୟ ମୃତଦେହ ଆରଜିଏଚ୍ ମର୍ଗ ହାଉସରେ ରଖାଯାଇଛି।

### ବଡ଼ଗାଁ ପ୍ରଖଣ୍ଡର ଦୁର୍ଗା ବାହିନୀ ଗଠିତ

**ବଡ଼ଗାଁ,୧୧।୩(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ପ୍ରଖଣ୍ଡର ଦୁର୍ଗା ବାହିନୀ ଗଠନ ସହିତ ବଜରଙ୍ଗଦଳ କର୍ମୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ବଡ଼ଗାଁ ବସ୍ତିସ୍ଥିତ ମାରୱାଡ଼ି ଧର୍ମଶାଳାରେ ଏକ ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ ଅଖିଳେଶ ଶାହି, ଦୁର୍ଗା ବାହିନୀର ଜିଲା ସହ ସଂଯୋଜିକା ରୁବୀ ମାଝି, ବିଶ୍ୱ ହିନ୍ଦୁ ପରିଷଦ ବଡ଼ଗାଁ ପ୍ରଖଣ୍ଡ ପ୍ରମୁଖ ରାଜେଶ ଦାସ, ବଜରଙ୍ଗଦଳ ବଡ଼ଗାଁ ସଂଯୋଜକ ତୁଷାରକାନ୍ତ ଜୟପୁରୀୟା, ସହ ସଂଯୋଜକ ଦିବ୍ୟ ବାରିକ, ବଜରଙ୍ଗଦଳ ସୁରକ୍ଷା ପ୍ରମୁଖ ଯୁଗେନ୍ଦ୍ର ନାଗ, ପ୍ରଖଣ୍ଡ ବିଦ୍ୟାର୍ଥୀ ପ୍ରମୁଖ ଅନମୋଲ ଅଗ୍ରୱାଲ, ବିଶ୍ୱହିନ୍ଦୁ ପରିଷଦର ଜିଲା ପ୍ରଚାର ପ୍ରସାର ଦାୟିତ୍ୱରେ ଥିବା ଅଶୋକ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଦୁର୍ଗା ବାହିନୀର କମିଟି ଗଠନ ଓ ବଜରଙ୍ଗଦଳ କର୍ମକର୍ତ୍ତାଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ଆୟୋଜିତ ବୈଠକରେ ସଂଗଠନକୁ ନେଇ ଆଲୋଚନା କରାଯାଇଥିଲା। କର୍ମକର୍ତ୍ତାମାନେ ନାରୀ ସଶକ୍ତିକରଣ, ଧର୍ମ ଓ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ଉପରେ ଭିଏଚପିର ଜିଲା ସମ୍ପାଦକ ଅଖିଳେଶ ଶାହି ମାର୍ଗଦର୍ଶନ ଦେଇଥିଲେ। ବୈଠକରେ ସର୍ବ ସମ୍ମତି କ୍ରମେ ବିଶ୍ୱହିନ୍ଦୁ ପରିଷଦ (ଭିଏଚପି)ର ବଡ଼ଗାଁ ପ୍ରଖଣ୍ଡ ଉପ ସଭାନେତ୍ରୀ ଭାବେ ଅନୀତା ଅଗ୍ରୱାଲ, ଦୁର୍ଗା ବାହିନୀର ମାତୃ ଶକ୍ତି ପ୍ରମୁଖଭାବେ ହେମଲତା କର୍ସେଲ, ଉପ ପ୍ରମୁଖ ଭାବେ ଜିତାରାଣୀ ପାଣିଗ୍ରାହୀ, ସହ ସଂଯୋଜୀକା ଭାବେ ଲିଲିମା ରାଉତ, ସଂଯୋଜିକା ଭାବେ ସଞ୍ଜୁଲତା ବାଗଙ୍କୁ ଚୟନ କରାଯାଇଥିଲା। ଭିଏଚପିର ଧର୍ମ ପ୍ରସାର ପ୍ରମୁଖ ଭାବେ ଗୌରବ କୁମାର୍ ଲେହେରି, ସତସଙ୍ଗ ପ୍ରମୁଖ ଭାବେ ଲବଣୀଧର ରାଉତ, ମିଡିଆ ପ୍ରମୁଖ ଭାବେ ରାଜବିର କର୍ସେଲ, ସୂଚନା ପ୍ରମୁଖ ଭାବେ ଅନିଶ କର୍ସେଲ ଓ ସହ ସୂଚନା ପ୍ରମୁଖ ଭାବେ ଶରତ କୁମାର ସାହୁଙ୍କୁ ଚୟନ କରାଯାଇଥିଲା।




ଜିଲାପାଳଙ୍କ ଅଫିସ ଘେରିବାକୁ ଆସିଥିବା ଆଦିବାସୀ ମହିଳା ଓ ପୁରୁଷ।

# ହାଇଟେକ୍ ସର୍ଭେ, ବନ୍ଦୋବସ୍ତ ବିରୋଧରେ ଗର୍ଜିଲେ ଆଦିବାସୀ

**ସୁନ୍ଦରଗଡ,୧୧।୩(ଜୟ ନାରାୟଣ ମେଣ୍ଡୁଲି)**

**ଜିଲାପାଳଙ୍କ ଅଫିସ ଘେରାଉ**

ହାଇଟେକ୍ ସର୍ଭେ ଓ ବନ୍ଦୋବସ୍ତକୁ ବିରୋଧ ତଥା ଅନ୍ୟାନ୍ୟ ଦାବି ନେଇ ସୋମବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ମାଟି ବଞ୍ଚାଅ ମଞ୍ଚ ନେତୃତ୍ୱରେ ଆଦିବାସୀ ମହିଳା ଓ ପୁରୁଷମାନେ ପ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ସ୍ଥାନୀୟ ମାଦ୍ରିକାଲୋ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଘେରାଉ କରିଥିଲେ। ସେଠାରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜେନ ଏକ୍କା, ଜିଲା କଂଗ୍ରେସ କମିଟିର ସଭାପତି ଜନାର୍ଦ୍ଦନ ଦେହୁରୀ, ବରିଷ୍ଠ କଂଗ୍ରେସ ନେତା ରାଜ କିଶୋର ଷଡ଼ଙ୍ଗୀ, ବେଣୁମାଧବ ତ୍ରିପାଠୀ, ଆଦିବାସୀ ନେତା ଆଲବର୍ଟ କିଣ୍ଡୋ, ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ସୁଧାରାଣୀ ରାଉତିଆ, ଅରୁଣା ସାମଲ, ଅଜିତ ପ୍ରସାଦ ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରଙ୍କ ହାଇଟେକ ସର୍ଭେ ଓ ବନ୍ଦୋବସ୍ତକୁ ବିରୋଧ କରିଥିଲେ। ଏହାସହ ବେଆଇନ ଜମି ଅଧିଗ୍ରହଣ,ଜଙ୍ଗଲ ଅଧିକାର ଆଇନ-୨୦୦୬ର ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଶିରୋନାମା ପ୍ରଦାନରେ ବିଳମ୍ବ ଏବଂ ସହାୟକ ଜିଲାପାଳ ସୁସ୍ମିତା ମିଞ୍ଜଙ୍କ ଘଟଣାର ସିବିଆଇ ତଦନ୍ତ ଦାବି କରାଯାଇଥିଲା। ପରେ ଏହି ମର୍ମରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଜବରଦଖଲ ଉଚ୍ଛେଦ ଦାବି**

**ବ୍ରଜରାଜନଗର,୧୧।୩(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୩ରେ ଥିବା ହନୁମାନ ନଗରବାସୀ ଜବରଦଖଲ ଉଚ୍ଛେଦ ଦାବିରେ ସୋମବାର ପୌର କାର୍ଯ୍ୟାଳୟ ସମୁଖରେ ଧାରଣା ଦେଇଥିଲେ।

ହନୁମାନ ନଗରବାସୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ପଡ଼ାର ପିଲାମାନଙ୍କ ଖେଳକୁଦ ପାଇଁ ଖାଲି ଥିବା ଉକ୍ତ ଜମିରେ ପୌର ପ୍ରଶାସନ ତରଫରୁ ଏକ ମିନିପାର୍କ କରାଯିବା ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ ଓ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ୫ମାସ ପୂର୍ବରୁ ଏକ ଏସ୍‌ଏସ୍‌ଜି ଗ୍ରୁପକୁ କାମକରିବା ପାଇଁ କାର୍ଯ୍ୟାଦେଶ ଦେଇଥିଲେ। କାମ ଆରମ୍ଭ ପାଇଁ ଶୁଭ ଦେବାକୁ ଯିବାବେଳେ ଉକ୍ତ ଜାଗାକୁ ଜବଦଦଖଲ କରିଥିବା ୨ଜଣ ବ୍ୟକ୍ତି ବିରୋଧ କରିଥିଲେ। ଫଳରେ କାର୍ଯ୍ୟ ଆଗକୁ ବଢିପାରି ନ ଥିଲା। ପଡ଼ାବାସୀ ବିରୋଧ କରି ଆର୍‌ଆଇ, ତହସିଲଦାର ଏପରି କି ଜିଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ସୁଫଳ ନ ମିଳିବାରୁ ସୋମବାର ଶତାଧିକ ମହିଳାପୁରୁଷ ପୌର କାର୍ଯ୍ୟାଳୟ ସମୁଖରେ ଧାରଣା ଦେଇଥିଲେ। ୨ଘଣ୍ଟା ପରେ ପୌର କାର୍ଯ୍ୟାଳୟ ପକ୍ଷରୁ ଖୁବ ଶୀଘ୍ର କାମ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଘଟଣା ସମ୍ପର୍କରେ ପୌରାଧ୍ୟକ୍ଷା ଓରାମଙ୍କୁ ପଚାରିବାରେ ୫ମାସ ପୂର୍ବେ ସେ ଜାଗାରେ ପିଲାମାନଙ୍କ ଉଦ୍ଦେଶ୍ୟରେ ଏକ ମିନି ପାର୍କ କରିବା ପାଇଁ ପୌର ପ୍ରଶାସନ ତରଫରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ଶୁଭ ଦେବାପାଇଁ ଯିବାବେଳେ ନିର୍ବାହୀ ଅଧିକାରୀ ସେ ଜାଗାରେ କାମ ହେବ ନାହିଁ କହି ସମସ୍ତଙ୍କୁ ଫେରାଇ ଆଣିଥିଲେ। କିନ୍ତୁ ବର୍ତ୍ତମାନ ୭ଦିନ ଭିତରେ କାମ ଆରମ୍ଭ ହେବ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ସେ କହିଥିଲେ।



ଧାରଣାରେ ସାମିଲ ହୋଇଥିବା ପଡ଼ାର ମହିଳାପୁରୁଷ।

### ନୂଆଁପଡ଼ା ଚାମ୍ପିୟନ

**ରିଆମାଳ,୧୧।୩ (ନିରଞ୍ଜନ ବେହେରା):** ରିଆମାଳ ବ୍ଲକ ନୂଆଁପଡାରେ ୭ଦିନ ଧରି ଚାଲିଥିବା ନୂଆଁପଡା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସଞ୍ଜୀବନୀ ସୁଲଡାକୁ ୨୬ ରନ୍‌ରେ ହରାଇ ନୂଆଁପଡା ମା' ହିଙ୍ଗୁଳା ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ସୁଦୀପ୍ତ ସାହୁ ଓ ପ୍ରଦ୍ୟୁମ୍ନ ସେଠୀ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବପୁନ ଦାୟିତ୍ୱ ନିର୍ବାହ କରିଥିଲେ। କ୍ଲବ ସଭାପତି ସୁଦୀପ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବକୁ ସମ୍ପାଦକ ବିଜି ପଲ୍ଲବ ସେଠୀ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ପୂର୍ବତନ ଭାଜପା ଜିଲା ସଭାପତି ମୀନକେତନ ପ୍ରଧାନ, ଯୁବନେତା ମୁନସୁନ୍ କୁମାର ସାହୁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ସନ୍ତୋଷ ଧଳ, ତ୍ରିନାଥ ଧଳ, ସିଦ୍ଧାନ୍ତ ଦେହୁରୀ, କାହ୍ନା ଘଡେଇ ତଥା କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଲୋକଙ୍କୁ ସହାୟତା ଯୋଗାଇବାରେ ଏନ୍‌ଟିପିସି ଦର୍ଲିପାଲି ପ୍ରତିବଦ୍ଧ

**ସୁନ୍ଦରଗଡ,୧୧।୩(ଜୟ ନାରାୟଣ ମେଣ୍ଡୁଲି)**

ଏନ୍‌ଟିପିସି ଦର୍ଲିପାଲି ବୃହତ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଦେଶର ଏକ ପ୍ରମୁଖ ବିଦ୍ୟୁତ୍ ଉତ୍ପାଦନକାରୀ ପ୍ରକଳ୍ପ ଭାବେ ବର୍ତ୍ତମାନ ଏକ ମଡେଲ ହୋଇପାରିଛି। ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ସିକିମ ଓ ଗୁଜରାଟ ରାଜ୍ୟକୁ ବିତରଣ କରାଯାଉଛି। ଏହି ପ୍ରକଳ୍ପରୁ ସମୁଦାୟ ଉତ୍ପାଦିତ ବିଦ୍ୟୁତ୍ ମଧ୍ୟରୁ ଓଡିଶାକୁ ୫୮ପ୍ରତିଶତ ବିଦ୍ୟୁତ ୟୁନିଟ ପିଛା ସର୍ବନିମ୍ନ ୧ଟଙ୍କା୨୮ପଇସା ଦରରେ ଯୋଗାଇ ଦିଆଯାଉଛି। ଯାହାକି ଦେଶର ସର୍ବନିମ୍ନ ମୂଲ୍ୟ ବୋଲି ଏନଟିପିସି ଦର୍ଲିପାଲି ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପର ମୁଖ୍ୟ ଏଚଏନ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି। ସୋମବାର ପ୍ରକଳ୍ପର ପ୍ରଶାସନିକ ଭବନ ପରିସରରେ ଆୟୋଜିତ ବାର୍ଷିକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି। ମହିଳା, ଛାତ୍ର, ବାଳିକା, ଶିଶୁ ଏବଂ ଭିନ୍ନକ୍ଷମଙ୍କ ଉପରେ ଧ୍ୟାନ ଦେଇ ସମାଜର ବିଭିନ୍ନ ବର୍ଗର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଏନଟିପିସି ଦର୍ଲିପାଲିର ସିଏସଆର ବିଭାଗ ଦ୍ୱାରା ନିୟମିତ ନିଆଯାଉଥିବା ଉଲ୍ଲେଖନୀୟ ପଦକ୍ଷେପ ଉପରେ ଆଲୋକପାତ କରାଯାଇଥିଲା। ସ୍ଥାନୀୟ ଲୋକଙ୍କୁ ନିରନ୍ତର ସହାୟତା ଯୋଗାଇ ଦେବାପାଇଁ ଏନଟିପିସି ଦର୍ଲିପାଲି ପ୍ରତିବଦ୍ଧ। ସୁନ୍ଦରଗଡଠାରେ ମେଡିକାଲ କଲେଜ ଏବଂ ହସ୍ପିଟାଲ ଇତ୍ୟାଦି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ଲୋକଙ୍କ ଜୀବନ ଉଜ୍ୱଳ କରିଦେଇଛି। ପ୍ରକଳ୍ପ ପ୍ରଭାବିତ ଗ୍ରାମର ଯୁବକ ଓ ଛାତ୍ରୀଛାତ୍ରଙ୍କୁ ଆତ୍ମ ନିଯୁକ୍ତି ପାଇଁ ବିଭିନ୍ନ ତାଲିମ ପ୍ରଦାନ ସହ ଖୁବ ଶୀଘ୍ର ଏକ ପଲିଟେକନିକ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି। ଏଥିସହ ପରିବେଶ ନିୟମକୁ ଅନୁପାଳନ ପୂର୍ବକ ଏହି ପ୍ରକଳ୍ପରୁ ନିର୍ଗତ ପାଉଁଶର ଉଚିତ ପରିଚାଳନା କରାଯାଉଛି। ଏଥିସହ ପରିବେଶ ସନ୍ତୁଳନ ଓ ରକ୍ଷା ଉପରେ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର ବନୀକରଣ କାର୍ଯ୍ୟ ମଧ୍ୟ କରାଯାଉଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ,ଏନଟିପିସି ଦର୍ଲିପାଲି କେବଳ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଉତ୍କୃଷ୍ଟତା ହାସଲ ପାଇଁ ନୁହେଁ, ସମାଜର ସମଗ୍ର କଲ୍ୟାଣ ନିମନ୍ତେ ପାଦ ବଢାଇବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ହରେରାମ ସିଂ, ଜିଏମ(ପରିଚାଳନା ଓ ରକ୍ଷଣାବେକ୍ଷଣ),ବିଶାଲ ମାଥୁର(ଜିଏମ,ପ୍ରୋଜେକ୍ଟ)ସୁଭାଷ ଠାକୁର(ଜିଏମ, ରକ୍ଷଣା ବେକ୍ଷଣ))ଅଜିତ କୃଷ୍ଣା ପାମିଲା, ପ୍ରତିଭା ସିଂହ(ଏଚଆର ମୁଖ୍ୟ),ଅନନ୍ତ ବ୍ୟାସ ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ପ୍ରକଳ୍ପର ସଫଳତା, ସାମ୍ପ୍ରତିକ ବିକାଶ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।




ଜିଲାପାଳଙ୍କ ଅଫିସ ଘେରିବାକୁ ଆସିଥିବା ଆଦିବାସୀ ମହିଳା ଓ ପୁରୁଷ।

## ଜିଇଏଲ ଚର୍ଚ୍ଚଙ୍କୁ ଆକାଉଣ୍ଟ ଅଡିଟ୍ ପାଇଁ ନିର୍ଦ୍ଦେଶ

**ସୁନ୍ଦରଗଡ,୧୧।୩(ଜୟ ନାରାୟଣ ମେଣ୍ଡୁଲି)**

ରାଜଗାଙ୍ଗପୁର ଜିଇଏଲ ଚର୍ଚ୍ଚ କର୍ତ୍ତୃପକ୍ଷଙ୍କ ନାମରେ ଆସିଥିବା ଏକ ଆର୍ଥିକ ଅନିୟମିତତା ମାମଲାର ଶୁଣାଣି କରି ସୁନ୍ଦରଗଡ ଜିଲା ଖାଉଟି ଅଦାଲତର ଆୟୁକ୍ତ ଡ.ରମାକାନ୍ତ ସତପଥୀ ଓ ସଭ୍ୟ ସଦାନନ୍ଦ ତ୍ରିପାଠୀ ପ୍ରତିବାଦୀଙ୍କୁ ଏକ ମାସ ମଧ୍ୟରେ ଚର୍ଚ୍ଚର ଆୟ ବ୍ୟୟର ଅଡିଟ କରିବାକୁ କହିଛନ୍ତି। ୫୦ହଜାର ଟଙ୍କା କ୍ଷତି ପୂରଣ ଦେବା ସହ ମକର୍ଦ୍ଦମା ଖର୍ଚ୍ଚ ବାବଦକୁ ୧୦ହଜାର ଟଙ୍କା ଏବଂ ଜିଲା ଖାଉଟି ଉନ୍ନତି ମୂଳକ ଫଣ୍ଡରେ ୧୫ହଜାର ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅଦାଲତ ଅତିରିକ୍ତ ଜିଲାପାଳ ତଥା ସହ ନିବନ୍ଧକ,ସମବାୟସମିତିଙ୍କୁ ମାସେ ମଧ୍ୟରେ ଏହି ଅଡିଟ କାର୍ଯ୍ୟ ସରିବା ପାଇଁ ନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ,ଅଭିଯୋଗକାରୀ ୩ଜଣଙ୍କ ପକ୍ଷରୁ ଚର୍ଚ୍ଚର ବିଶପଙ୍କ ବିରୋଧରେ ଏହି ଖାଉଟି ମାମଲା ଦାୟର ହୋଇଥିଲା। ଅଭିଯୋଗ କାରୀଙ୍କ ପକ୍ଷରୁ ମାମଲା ଆଗତ କରି ଅଭିଯୋଗ କରାଯାଇଥିଲା ଯେ,ଜିଇଏଲ ଚର୍ଚ୍ଚ କର୍ତ୍ତୃପକ୍ଷ ସଭ୍ୟଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରିବା ସହ ଚର୍ଚ୍ଚର ଗଛ କାଟି ବିକ୍ରୟ କରିବା ଏବଂ ଚର୍ଚ୍ଚର ଜମି ବିକ୍ରୟ କରୁଥିଲେ। ଏଥିସହିତ ଚର୍ଚ୍ଚ କର୍ତ୍ତୃପକ୍ଷ କୌଣସି ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ନକରି ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରୁଥିବା ଅଭିଯୋଗ କାରୀଙ୍କ ଓକିଲ ଶ୍ୟାମ ସୁନ୍ଦର ମିଶ୍ର ଦୃଢ ଯୁକ୍ତି ବାଢିଥିଲେ। ଦୁଇ ପକ୍ଷର ଯୁକ୍ତି ଶୁଣିଲା ପରେ ଆୟୁକ୍ତ ଖାଉଟି ବିବାଦୀୟ ନଂ ୭୫/୨୦୨୩ରେ ପ୍ରତିବାଦୀଙ୍କୁ ମାସେ ମଧ୍ୟରେ ଆୟ ବ୍ୟୟରେ ଅଡିଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହେମଗିରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ସୁନ୍ଦରଗଡ଼,୧୧।୩:(ଜୟ ନାରାୟଣ ମେଣ୍ଡୁଲି):** ଜିଲା ପ୍ରଶାସନ ପକ୍ଷରୁ ସୋମବାର ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏବଂ ଜିଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୭ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୫୨ ବ୍ୟକ୍ତିଗତ ଏବଂ ୨୫ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ଜନିତ, ପାନୀୟ ଜଳ, ରାସନ କାର୍ଡ,ପୋଖରୀ ମରାମତି ଆଦି ପ୍ରମୁଖ ରହିଥିଲା। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ, ତହସିଲଦାର ଲାବନେନ୍ଦୁ ମହାନ୍ତି ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୧୧।୩( ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ୨୮ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୬ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ୦.୦୪ ଜମିର ପଟ୍ଟା, ବିଦ୍ୟୁତ୍ ସମସ୍ୟା, ବ୍ରିଜ, ସଡ଼କ ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲାପାଳ ଉପାଧ୍ୟାୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା,ବନ ଖଣ୍ଡ ଅଧିକାରୀ ମଗରଧନାଜୀ ରାଓସେ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ ଓ ସମସ୍ତ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




ଜିଲାପାଳ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

## ଅନ୍ତର୍ଜାତୀୟ ମହିଳା ଦିବସ, ଫୁଟ୍‌ବଲ ପ୍ରତିଯୋଗିତା ଆୟୋଜିତ

**ଟେନ୍‌ସା,୧୧।୩ (ସମୀର କୁମାର ପାଢୀ)**

ସୁନ୍ଦରଗଡ ଜିଲା ଟେନ୍‌ସା ସ୍ଥିତ ବରସୁଆଁ ଲୌହ ଖଣି (ସେଲ)ପେରିଫେରିୟଲ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଇସ୍ପାତ ଷ୍ଟାଡିୟମଠାରେ ସୋମବାର ପାଳିତ ହୋଇଯାଇଛି। ଏ ନେଇ ମହିଳାଙ୍କ ମଧ୍ୟରେ ଫୁଟବଲ ପ୍ରତିଯୋଗୀତା, ମିୟୁଜିକ ଚେୟାର, ବାସ୍କେଟ ବଲ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ଫୁଟବଲ ପ୍ରତିଯୋଗିତାରେ କୋଇଡା ଦଳ ବିଜୟ ଲାଭ କରିଥିଲା। ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥିଭାବେ ଟେନ୍‌ସା ସରପଞ୍ଚ ଅନିତା ପୂର୍ତ୍ତି, ଅନ୍ୟ ଅତିଥିଭାବେ ବରସୁଆଁ ଲୌହଖଣିର ଜେନେରାଲ ମ୍ୟାନେଜର ବି.ସି ବରୁଆ, ବରସୁଆଁ ଲୌହଖଣି ମହିଳା ସମିତି ସଭାପତି ଗାୟତ୍ରୀ ପଟ୍ଟନାୟକ, ଶୁଆ ଶାରୀ ଡିଭିର ପରିଚାଳିକା ପୁଷ୍ପିତାରାଣୀ ପାଢ଼ୀ, ବରସୁଆଁ ଲୌହଖଣି ସିଏସଆର ବି. ଦତ୍ତ, ଅମୀୟ ରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ମହିଳାମାନେ ସବୁକ୍ଷେତ୍ରରେ ଆଗୁଆ ରହିଛନ୍ତି। ପୁରୁଷଙ୍କ ପରି ମହିଳା ଫୁଟବଲ,କ୍ରିକେଟ, ଖେଳି ଦେଶର ନାଁ ରଖୁଛନ୍ତି। ମହିଳା ମାନେ ଆଗ ପରି ଘର ଭିତରେ ରହୁ ନ ରହି ନିଜ ଗୋଡ଼ରେ ନିଜେ ଛିଡା ହୋଇ ପାରିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକର୍ମକୁ ପେରିଫେରିୟଲ ବିଭାଗ ଅମୀୟ ରଞ୍ଜନ ରାଉତ, ନରେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ଭୁବନେଶ୍ୱରକୁ ହରାଇ କଟକ ଫାଓ ଚାମ୍ପିୟନ

**ସର୍ବଭାରତୀୟ ବିଜୁ ପଟ୍ଟନାୟକ ଫୁଟବଲ**

**ରାଉରକେଲା,୧୧।୩(ଦିନେଶ ମିଶ୍ର)**

ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଚାଲିଥିବା ୧୮ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫ୍ଲଡଲାଇଟ୍ ପ୍ରତିଯୋଗିତା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାସ୍ତା ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ଆଥଲେଟିକ୍ ପ୍ରଶିକ୍ଷକ ପଞ୍ଚାନନ ଗନ୍ତାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଦେଶର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କଟକ ଫୁଟବଲ ଆସୋସିଏଶନ ଓ ଜଗା ୟୁନାଇଟେଡ ଭୁବନେଶ୍ୱର ମଧ୍ୟରେ ଖେଳାଯାଇଥିଲା। ଏଥିରେ କଟକ ଫାଓ ଦଳ ଭୁବନେଶ୍ୱର ଜଗା ୟୁନାଇଟେଡକୁ ଖେଳର ପ୍ରଥମାର୍ଦ୍ଧରେ ଲଗାତର ୪ଟି ଗୋଲ ଦେଇଥିବା ବେଳେ ଜଗା ୟୁନାଇଟେଡ ଗୋଟିଏ ଗୋଲ କରି ବ୍ୟବଧାନକୁ ୪-୧କୁ ହ୍ରାସ କରିବାରେ ସକ୍ଷମ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଖେଳ ଆରମ୍ଭରୁ ଜଗା ୟୁନାଇଟେଡ୍ ଖେଳାଳି ପ୍ରତିପକ୍ଷ ଉପରେ ଆକ୍ରମକ ଖେଳ ପ୍ରଦର୍ଶନ କରି ଖେଳର ୫୩ ମିନିଟ୍‌ରେ କାର୍ଫୁଲ ଲାକ୍ରା ଓ ୬୪ ମିନିଟ୍‌ରେ ଖାଣ୍ଟୁ ମାରାଣ୍ଡିଙ୍କ ଗୋଲ ବଳରେ ବ୍ୟବଧାନ ୪-୩କୁ ହ୍ରାସ କରିବାରେ ସକ୍ଷମ ହୋଇଥିଲା । ତେବେ ପୁଣିଥରେ ଫାଓ ପକ୍ଷରୁ ଫରୱାର୍ଡ୍ ଖେଳାଳି ରାହୁଲ ମୁଖୀ ଦଳ ପାଇଁ ଏକାକୀ ୫ଟି ଗୋଲ ସ୍କୋର କରିଥିଲେ। ଶେଷରେ ଫାଓ କଟକ ଦଳ ୫-୩ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷ ଚାମ୍ପିୟନ ଟାଇଟଲ ହାସଲ କରିଥିଲା। ଏହି ଫାଇନାଲ ମ୍ୟାଚ୍‌କୁ ଜାତୀୟ ରେଫରି ଶିବଶଙ୍କର ପଣ୍ଡା, ନବୀନ ନାୟକ ଓ ଆଶୀର୍ବାଦ କାନୁନ୍‌ଗୋ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗାମାଧବ ନାୟକ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଏଥିରେ କଟକ ଫାଓ ଚାମ୍ପିୟନ ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ଓ ଉପବିଜେତା ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଫାଇନାଲ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ଫାଓ ଦଳର ରାହୁଲ ମୁଖୀ ଓ ଶ୍ରେଷ୍ଠ ଗୋଲକିପର ଭାବେ ଫାଗୁ ବାସ୍କେଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରତିଯୋଗିତାରେ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ଫାଓର ଅରବିନ ଲାକ୍ରାଙ୍କୁ ପୁରସ୍କୃତ କରାଯାଇଥିଲା। ରାଉରକେଲା ସ୍ପୋର୍ଟସ ଆସୋସିଏଶନ ସଭାପତି ମିହିର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

## ସଂକ୍ଷେପରେ

### ମନୋଜ ହୋତାଙ୍କ ସ୍ମୃତିରେ କ୍ରିକେଟ ପ୍ରତିଯୋଗିତା

ସମ୍ବଲପୁର,୧୧।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ରବିବାର ବୀର ସୁରେନ୍ଦ୍ର ସାଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ମନୋଜ ହୋତାଙ୍କ ସ୍ମୃତିରେ ଏକ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଖେଳାଳିମାନଙ୍କୁ ନେଇ ପ୍ରତିଯୋଗିତାରେ ମୋଟ ଚାରିଟି ଦଳ ଭାଗନେଇଥିଲେ। ସେଗୁଡିକ ହେଲା ଯୁଯୁମୁରା, ଡଙ୍ଗାପାଲ, ଲିପିଣ୍ଡ-ଭାଡ଼ିମରା (ମିଳିତ), ଗଡଲୋଇସିଂହ-କେଶାପାଳି (ମିଳିତ)। ଯୁଯୁମୁରା ଓ ଗଡଲୋଇସିଂହ-କେଶାପାଳି ମିଳିତ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ମିଳିତ ଦଳ ୪ ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ଆଦିତ୍ୟ ନାଏକ ଓ ବିଜୟ ସେଠୀ ଖେଳ ପରିଚାଳନା କରିଥିଲେ। ଯୁଯୁମୁରା ପଞ୍ଚାୟତ ଅଧିକାରୀ ଲାଲମୋହନ ବୁଡେକ ଅତିଥି ଭାବେ ଯୋଗଦେଇ ମନୋଜଙ୍କ ସ୍ମୃତିଚାରଣ କରିଥିଲେ।

### ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ

ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ ସୋମବାର ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଦୀପ ହରିପାଲଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସୁଜମଲ୍ ମହାବିଦ୍ୟାଳୟ ଅଧକ୍ଷ ଡ. ମନୋଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଆ ଭାଷାର ବ୍ୟବହାରିକ ପ୍ରୟୋଗକୁ ଶାଣିତ କରିବା ପାଇଁ ଓଡ଼ିଆ ଶବ୍ଦକୋଷକୁ ବ୍ୟାପକ କରିବାକୁ ହେବ। କୋର୍ଟ କଚେରି, ଡାକ୍ତରୀ, ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ ଏହାର ବ୍ୟବହାର ହୋଇପାରିବ ବୋଲି ସେ କହିଥିଲେ। ବୁର୍ଲା ଏନ୍‌ଏସି କଲେଜ ଅଧ୍ୟାପକ ଡ. ଜ୍ୟୋତିରଞ୍ଜନ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାର ବିଭିନ୍ନ ଦିଗ ଓ ଏହାଦ୍ୱାରା ମିଳିବାକୁ ଥିବା ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ତଥା ଇତିହାସ ବିଭାଗ ମୁଖ୍ୟ ଦୁର୍ଲଭ କୁମାର ସା, ଇଂରାଜୀ ବିଭାଗ ଅଧ୍ୟାପକ ବୀରସେନ ବଡ଼ାଇ ମଞ୍ଚାସୀନ ଥିଲେ। ମେଞ୍ଚା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର

ସମ୍ବଲପୁର,୧୧।୩(ବି.ଶଙ୍କର)

ସମ୍ବଲପୁର ସଦର ବନାଞ୍ଚଳରେ ସୋମବାର ଜନଜୀବନ ରକ୍ଷା ଓ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ବଳାରଙ୍ଗା ଓ ମାଟିଖାଇଠାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ଥିଲେ। ସଦର ବନାଞ୍ଚଳ ପକ୍ଷରୁ ବନପାଳ ସୁଚରିତା ମେଣ୍ଡେଲି, ବନରକ୍ଷୀ ବର୍ଣ୍ଣି ସାହୁ, ଦଳପତି ପଙ୍କଜିନୀ ସାହୁ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ନିମନ୍ତେ ଗ୍ରାମବାସୀ ସାମୂହିକ ଶପଥ ପାଠ କରିଥିଲେ।

# ୧୯ 'ଏକ ଷ୍ଟେଶନ ଏକ ଉତ୍ପାଦ' ଷ୍ଟଲ୍‌ର ଲୋକାର୍ପଣ ଆଜି

## ସମ୍ବଲପୁର ରେଳ ମଣ୍ଡଳ

ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ଅତିରିକ୍ତ ରେଳ ପ୍ରବନ୍ଧକ ସୂଚନା ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆଭାସି ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ୬ ହଜାରରୁ ଊର୍ଦ୍ଧ୍ୱ ରେଳ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଣ୍ଡଳ ଅତିରିକ୍ତ ପ୍ରବନ୍ଧକ ଆନନ୍ଦ ସିଂ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ସମ୍ବଲପୁର ରେଳ ମଣ୍ଡଳ ଅଧୀନ ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, କେସିଙ୍ଗା ଓ ମହାସମୁନ୍ଦ ଆଦି ୫ ରେଳ ଷ୍ଟେଶନରେ ଏକସଙ୍ଗେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସିଂ ସୂଚନା ଦେଇଛନ୍ତି। ସେଥିମଧ୍ୟରେ ଯାତ୍ରୀଙ୍କ ସୁବିଧା ପାଇଁ ଏହି ରେଳ ମଣ୍ଡଳ ଅଧୀନ ସମ୍ବଲପୁର ରେଳ ଷ୍ଟେଶନରେ ୩ଟି ମିଶାଇ ମୋଟ ୧୫ଟି ଷ୍ଟେଶନରେ ୧୯ଟି 'ଏକ ଷ୍ଟେଶନ ଏକ ଉତ୍ପାଦ' ଷ୍ଟଲ୍‌ର ଲୋକାର୍ପଣ ହେବ। ସେହିପରି ବାଗବାହାରା ରେଳ ଷ୍ଟେଶନରେ ରେଳଯାତ୍ରୀଙ୍କ କଲ୍ୟାଣ ପାଇଁ ଗୋଟିଏ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧି କେନ୍ଦ୍ରକୁ ମଧ୍ୟ ଲୋକାର୍ପଣ କରିବେ। ଏହି ଷ୍ଟଲ୍‌ଗୁଡ଼ିକରେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀଠାରୁ ଆରମ୍ଭକରି ସ୍ଥାନୀୟ କାରିଗରଙ୍କ ପ୍ରସ୍ତୁତ କଳାକୃତି, ଟେରାକୋଟା, କାଠ ଓ ଚମଡ଼ା ସାମଗ୍ରୀ, ଖେଳନା, ତନ୍ତବସ୍ତ୍ର, ରତ୍ନ ଓ ଅଳଙ୍କାର ଆଦି ସୁଲଭ ମୂଲ୍ୟରେ ବିକ୍ରୟ ହେବ। ଏହା ସ୍ଥାନୀୟ ଚିତ୍ରଶିଳ୍ପୀ, ବୁଣାକାର, କୁମ୍ଭକାର, ହସ୍ତଶିଳ୍ପୀ ତଥା କାରିଗରଙ୍କ ଜୀବିକାରେ ବିଶେଷ ସହାୟକ ହେବ। ଖବରଦାତା ସମ୍ମିଳନୀରେ ସମ୍ବଲପୁର ରେଳ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଗାରିମା ତିୱାରୀ ଉପସ୍ଥିତ ଥିଲେ।

# ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ବିକ୍ଷୋଭ



ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସିଏଲ୍‌ଆର୍ କର୍ମଚାରୀଙ୍କ ମଜୁରି ବୃଦ୍ଧି ଦାବି

ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)

ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ୨୮୦ଜଣ ସିଏଲ୍‌ଆର୍‌ଙ୍କୁ ସ୍ଥାୟୀ କରିବା ସହ ସର୍ବନିମ୍ନ ମଜୁରି ପ୍ରଦାନ ଦାବିରେ ସୋମବାର ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ ସମ୍ବଲପୁର ଶାଖା ପକ୍ଷରୁ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଯୁଗ୍ମ ସମ୍ପାଦକ ସଦାଶିବ ବିଶୋଇ, ରାଜ୍ୟ ଉପସଭାପତି ନାରାୟଣ ନାଗ, ରୋହିତ ବେହେରା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ ସହ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ସେମାନେ ଏ ସମ୍ପର୍କରେ ଲିଖିତ ଭାବେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଉକ୍ତ ୨୮୦ ଜଣ ସିଏଲ୍‌ଆର୍ ନାମକୁମାତ୍ର ଅସ୍ଥାୟୀ କର୍ମଚାରୀ। ହେଲେ ସେମାନେ ଦୈନିକ ୮ରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ସ୍ଥାୟୀ କର୍ମଚାରୀ ଭଳି କାର୍ଯ୍ୟ କରୁଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ବଗତ ଦିନରେ ସରକାରଙ୍କ ନିକଟରେ ଦାବି କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। କିଛିଦିନ ତଳେ ଅନେକ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ରାଜ୍ୟ ସରକାର ସ୍ଥାୟୀ ମାନ୍ୟତା ଦେଇଛନ୍ତି। ହେଲେ ସମ୍ବଲପୁର ଜନସ୍ୱାସ୍ଥ୍ୟ ବିଭାଗରେ ସିଏଲ୍‌ଆର୍ ଭାବେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟା ସମାଧାନ ହେଲାନାହିଁ। ତେବେ ୧୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ନାଟକ ଥିପଥିପ ପାନିର ଏକ ଦୃଶ୍ୟ।

ସମ୍ବଲପୁର,୧୧।୩(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ)ର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଚତୁର୍ଥ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏସ୍‌ୟୁ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଓ କୁଳସଚିବ ଡ. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚ ନାଟକରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ବରିଷ୍ଠ ଅଭିନେତା ଉତ୍ତମ ବେହେରାଙ୍କୁ ହୀରାଖଣ୍ଡ ନାଟ୍ୟ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଏହାପରେ ମହୋତ୍ସବ ଆୟୋଜକ ଅଦୃଶ୍ୟ ନାଟ୍ୟ ଆଶ୍ରମର କଳାକାରଙ୍କ ଦ୍ୱାରା ଥିପ ଥିପ ପାନି ନାଟକ ମଞ୍ଚସ୍ଥ ହୋଇଥିଲା। ବର୍ତ୍ତମାନ ସମୟରେ ଅଧିକାଂଶ ଅଞ୍ଚଳରେ ପାଣି ସଂକଟ ଦେଖାଦେଉଛି। ଏହି ପ୍ରସଙ୍ଗ ଆଧାରରେ ନାଟକ ପରିବେଷିତ ହୋଇଥିଲା। ନାଟ୍ୟକାର ଅତିଶ କୁମାର ଶତପଥୀଙ୍କର ଲିଖିତ ଓ ନିର୍ଦ୍ଦେଶିତ ଏହି ନାଟକଟି ଉଚ୍ଚକୋଟିର ହୋଇଥିଲା। ଅଧ୍ୟାପକ ଅରବିନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ନାଟକ ଶେଷରେ ଟକ୍ ଉଇଥ ଡାଇରେକ୍ଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର ଓ ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା (ଶନିବାର)ରେ ଦେବଗଡ ଜିଲାର ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ନାଟ୍ୟାନୁଷ୍ଠାନ ପକ୍ଷରୁ ଓଡିଆ ନାଟକ ଲୁହର ରଙ୍ଗ ମଞ୍ଚସ୍ଥ ହୋଇଥିଲା। ଅଶୋକ ବହିଦାର ଏହାକୁ ରଚନା କରିଥିବା ବେଳେ ସୁଜିତ ପାତ୍ର ନିର୍ଦ୍ଦେଶନା ଦେଇଥିଲେ। ଜିଏମ୍‌ୟୁର ଭୀମଭୋଇ ଚେୟାର ଅଧକ୍ଷ ପ୍ରଫେସର ପ୍ରଦୀକ କୁମାର ପଣ୍ଡା ଅତିଥି ଥିଲେ।

## ଫୁଟ୍‌ବଲ: ଟାଡା ଚାମ୍ପିୟନ

ସମ୍ବଲପୁର,୧୧।୩(ବି.ଶଙ୍କର)

ସମ୍ବଲପୁରସ୍ଥିତ ଚାରଭାଟିର ନେତାଜୀ ଯୁବକ ସଂଘ ପକ୍ଷରୁ ୨ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ ଧନକଉଡ଼ା ଓ ଟାଡ଼ା ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ଟାଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କ ଝିଅ ତଥା ଭାଜପା ନେତ୍ରୀ ଶୁଭଶ୍ରୀ ମିଶ୍ର ଯୋଗଦେଇଥିଲେ। କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଅନ୍ତର୍ଜାତୀୟ ଆଥଲେଟ ସୁନ୍ଦରମଣି ବାରିକ, ମାଲୁ ଓରାମ, ସୁମିତ୍ର ଯତି, ସନ୍ତୋଷ ଡାଲୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ନେତାଜୀ ଯୁବକ ସଂଘ ସଭାପତି ଅର୍ଜୁନ ଓରାମଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ରେଫରି ମଥୁରା ଓରାମ, ମନୋଜ ଭୋଇ, ଯୋଗେନ୍ଦ୍ର ଓରାମ, କାର୍ତ୍ତିକ ଓରାମ, ଅରୁଣ ଭୋଇ, ଜଲେନ୍ଦ୍ର ଓରାମ, ଗୋପୀନାଥ ପାଣ୍ଡେ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ



ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକ।

## ଜିଲା କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର,୧୧।୩(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ସୋମବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ୯ ବ୍ଲକ୍ ଓ ୫ ସହର କମିଟି ସଭାପତିମାନେ ଯୋଗଦେଇଥିଲେ। କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପଧାନ, ପିସିସି ସମ୍ପାଦକ ଅମିତ ଗୁରୁ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ପରିପ୍ରେକ୍ଷୀରେ ସମସ୍ତ ବ୍ଲକ ଓ ସହର କଂଗ୍ରେସ କମିଟି ସଭାପତିମାନେ ସଂଗଠିତ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଜମନକିରା ବ୍ଲକ ସଭାପତି କେଦାରନାଥ ବେରିହା, ରେଙ୍ଗାଲି ବ୍ଲକ ସଭାପତି ଚତୁର୍ଭୁଜ ଝାଙ୍କର, ରେଢ଼ାଖୋଲ ସଭାପତି ସଞ୍ଜୟ ପଧାନ, ଯୁଯୁମୁରା ସଭାପତି ସୁରେଶ୍ୱର ପଧାନ, ଧନକଉଡ଼ା ସଭାପତି ଶଙ୍କର୍ଷଣ ନାଥ, କୁଚିଣ୍ଡା ସହର କଂଗ୍ରେସ ସଭାପତି ଅଖିଳ ପ୍ରତାପ ସିଂ, ବୁର୍ଲା ସହର କଂଗ୍ରେସ ସଭାପତି ଗିରିଜା ଶଙ୍କର ନାୟକ, ସମ୍ବଲପୁର ସହର -୧ ସଭାପତି ପ୍ରତ୍ୟୁଷ ବହିଦାର ଓ ୨ର ସଭାପତି ସରୋଜ ବନଛୋର, ମାନେଶ୍ୱର ବ୍ଲକ୍ ଉପସଭାପତି ସୁଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

## ଗାଡ଼ିଆପାଳ-ତିଳେଇପସି ସେତୁ ନିର୍ମାଣରେ ବିଳମ୍ବ

# ଗ୍ରାମବାସୀଙ୍କ ରାସ୍ତାରୋକୋ

ରିଆମାଳ,୧୧।୩(ନିରଞ୍ଜନ ବେହେରା)



ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ଦେବଗଡ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ପଞ୍ଚାୟତ ଟିକିରା ନଦୀର ଗାଡିଆପାଳ-ତିଳେଇପସି ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ପ୍ରତିବାଦରେ ଶତାଧିକ ଗ୍ରାମବାସୀ ସୋମବାର ରାସ୍ତାରୋକୋ କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଭାଜପା ନେତା ସନ୍ତୋଷ ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ବାହାରି ବୁଢ଼ାପାଳ ଛକରେ ସକାଳ ୭ଟାରେ ପହଞ୍ଚି ରାସ୍ତା ରୋକୋ କରିଥିଲେ। ଆସନ୍ତା ୨୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ଦେବଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଏବଂ ଜେଇ ଲିଖିତ ପ୍ରତିଶ୍ରୁତି ଦେବାପରେ ରାସ୍ତା ରୋକୋ ହଟିଥିଲା। ଏହି ରାସ୍ତା ରୋକୋରେ ରସାନନ୍ଦ ବେହେରା, ହରେକୃଷ୍ଣ ବେହେରା, ଲୋଚନ ଦେହୁରୀ, ହେମନ୍ତ କୁମାର ଶତପଥି, ବଂଶୀଧର ବେହେରା, ମଦନ ମୋହନ ଦେହୁରୀ, ବଳରାମ ବେହେରା, ଲଳିତ ମୋହନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, କୂଳମଣି ସାହୁ, ଗୁଣ୍ଡିଚା ବେହେରା, କପିଳେଶ୍ୱର ବେହେରା, ନରେନ୍ଦ୍ର ନାଏକ, କୈଳାସ ପ୍ରଧାନ, କମଳ ପ୍ରଧାନ, ବିପିନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗାଡିଆପାଳ-ତିଳେଇପସି ସେତୁ ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା। ଏହି ସେତୁ ନିର୍ମାଣ ହେଲେ ରିଆମାଳ ତଥା ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଅନେକ ଲୋକ ଉପକୃତ ହୋଇପାରିବେ।

## ବୁଡ଼ ପକାଇ କ୍ଷମା ଯାଚନା କଲେ କଂସ ମହାରାଜ

ସମ୍ବଲପୁର,୧୧।୩(ବି.ଶଙ୍କର)

ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର କଂସ ମହାରାଜ ଓ ତାଙ୍କର ମନ୍ତ୍ରୀ ପରିଷଦ ସୋମବାର ସକାଳ ୮ଟାରେ ମହାନଦୀ ସମଲେଶ୍ୱରୀ ଘାଟରେ ବୁଡ ପକାଇଛନ୍ତି। ସେମାନେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଭବବାନ ଶ୍ରୀକୃଷ୍ଣଙ୍କଠାରେ କ୍ଷମା ଯାଚନା କରିଛନ୍ତି। ହେ ଜଗତ ପାଳକ, ନାଟକ ମାଧ୍ୟମରେ ଆମେ ଆପଣଙ୍କୁ ତିରସ୍କାର କରିଛୁ। ଏଥିସହ ଆପଣଙ୍କୁ ନେଇ ଷଡଯନ୍ତ୍ର କରିଛୁ। ତେଣୁ ଆମମାନଙ୍କୁ କ୍ଷମା କରିବାକୁ କଳାକାରମାନେ ନିବେଦନ କରିଛନ୍ତି। ବୁଡ ପକାଇବା ପରେ କଂସ ମହାରାଜ ଓ ମନ୍ତ୍ରୀ ପରିଷଦ ଗୋପାଳଜୀ ମଠସ୍ଥିତ ଜଗନ୍ନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ଦର୍ଶନ କରି ପାପ ହରଣ ଲାଗି ପୂଜାର୍ଚ୍ଚନା କରିଥିଲେ। ଏହାପରେ ସମସ୍ତେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିବା ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି। ଏହିସମୟରେ ଯାତ୍ରା କମିଟିର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ତୁରେଇନିକ୍ରିମାଲ ଚାମ୍ପିୟନ

କୁଚିଣ୍ଡା,୧୧।୩(ବିରଞ୍ଚି ଦର୍ଗା)

ବାମରା ବ୍ଲକ ତୁରେଇ ପଞ୍ଚାୟତ ମାଣ୍ଡିଆପୁରା କ୍ରିକେଟ କ୍ଲବ ପକ୍ଷରୁ ୫ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପାରୁଆଭାଡି ସମଲେଶ୍ୱରୀ କ୍ଲବକୁ ହରାଇ ତୁରେଇନିକ୍ରିମାଲ ଦଳ ଚାମ୍ପିୟନ ହୋଇଛି। ଟସ୍ ଜିତି ପାରୁଆଭାଡି ଦଳ ବ୍ୟାଟିଂ କରି ୬୦ ଓଭରରେ ୬୦ ରନ ସଂଗ୍ରହ କରିଥିଲା। ଜବାବରେ ତୁରେଇନିକ୍ରିମାଲ ୬ ଓଭରରେ ୬୧ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳକୁ ଅମ୍ପାୟାର ଭାବେ ସୁକାନ୍ତ ପଟେଲ, ହିମାଂଶୁ ନାଏକ, ବରୁଣ ବେହେରା ଓ ଶଙ୍କର ବଲୁଆ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ତୁରେଇ ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ୧୩ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫିସହ ୯ହଜାର ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏଥିସହ ତୁରେଇନିକ୍ରିମାଲ ଦଳର ରାଜାଙ୍କୁ ବେଷ୍ଟ ବୋଲର ଓ ସମଲେଶ୍ୱରୀ କ୍ଲବର ରାଜା କୁସୁମଙ୍କୁ ବେଷ୍ଟ ବେଟ୍‌ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟକୁ କ୍ରିକେଟ କ୍ଲବର ସଭାପତି ଫକିର ମୋହନ ନାଏକ, ସମ୍ପାଦକ ନିରୋହମ ଲାକ୍ରା ଓ ଦାଶରଥି ଧୁରୁଆ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ପ୍ରତିଭା ସଙ୍ଗମ ଦୁଲଦୁଲି କାର୍ଯ୍ୟକ୍ରମ

ସମ୍ବଲପୁର,୧୧।୩(ବି.ଶଙ୍କର)



ପ୍ରତିଭା ସଙ୍ଗମ ଦୁଲଦୁଲି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସମ୍ବଲପୁର ଶାଖା ପକ୍ଷରୁ ରାଷ୍ଟ୍ରୀୟ କଳାମଞ୍ଚର ଜିଲାସ୍ତରୀୟ ପ୍ରତିଭା ସଙ୍ଗମ ଦୁଲଦୁଲି କାର୍ଯ୍ୟକ୍ରମ ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୩ଶହ ଛାତ୍ରୀଛାତ୍ର ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏକକ ସଙ୍ଗୀତରେ ଅଙ୍କିତ ଷଡଙ୍ଗୀ, ଏକକ ଅଭିନୟରେ ସ୍ୱରୂପା ସାର, ଚିତ୍ରାଙ୍କନରେ ଖୁସି ସାହାଣୀ, ପାରମ୍ପରିକ ବେଶଭୂଷାରେ ପ୍ରଣୀତା ମେହେର, ଏକକ ନୃତ୍ୟରେ କେ. ପ୍ରୀତି ଲାଭାନ୍ୟା, ଦଳଗତ ନୃତ୍ୟରେ ସ୍ୱୟଂ ଡ୍ୟାନ୍ସ ଏକାଡେମୀ, କବିତା ଆବୃତ୍ତିରେ ସନ୍ଧ୍ୟା ସିଂ ପ୍ରଥମ ସ୍ଥାନ ଅଧିକାରକରି ପୁରସ୍କୃତ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଅର୍କ କେଶରୀ ଦାସ ମହାପାତ୍ର ମୁଖ୍ୟ ଅତିଥି, ମାରୱାଡ଼ି ଯୁବାମଞ୍ଚ ସଭାପତି ପରାଗ ଅଗ୍ରୱାଲ ସମ୍ମାନିତ ଅତିଥି, ଏବିଭିପି ଓଡ଼ିଶାର ପ୍ରାନ୍ତ ସହ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ବଲପୁର ଜିଲା ଜିଲା ସଂଯୋଜକ ପ୍ରୀତୀଶ କର, ନଗର ସମ୍ପାଦକ ନଗେନ ରାଉତ ମଞ୍ଚରେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ବିକାଶ ଫାଉଣ୍ଡେଶନ ଅଧକ୍ଷା ଡ. ମୃଦୁଳା ଠାକୁର ପ୍ରଧାନ ମୁଖ୍ୟ ଅତିଥି, ଶ୍ୱେତାଂଶୁ ବରେଇ ମୁଖ୍ୟବକ୍ତା ଓ ରାଜ୍ୟ ସହ ସମ୍ପାଦିକା ସିମ୍ରନ ପ୍ରଧାନ, ରାଷ୍ଟ୍ରୀୟ କଳା ମଞ୍ଚ ରାଜ୍ୟ ପ୍ରମୁଖ ସଂକେତ ସାହୁ, ରାଜ୍ୟ ବିଶ୍ୱବିଦ୍ୟାଳୟ ସହସଂଯୋଜକ ଯଶବର୍ଦ୍ଧନ ତିୱାରୀ ଉପସ୍ଥିତ ରହି ବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଜିଲା ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ସ୍ୱାଧୀନ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ।

# ଦାବି ପୂରଣ ନ ହେଲେ ପରୀକ୍ଷାଖାତା ମୂଲ୍ୟାୟନ ବର୍ଜନ: ଓଷ୍ଟା

## ନିର୍ବାଚନରେ ଅସହଯୋଗ କରିବାକୁ ନିଷ୍ପତ୍ତି

ସମ୍ବଲପୁର,୧୧।୩(ବି.ଶଙ୍କର)



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନରେ ଭୁବନେଶ୍ୱର ପିଏମ୍‌ଜି ଛକଠାରେ ୩୦ଦିନ ହେଲା ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀ ଧାରଣାରେ ବସିରହିଛନ୍ତି। ମାତ୍ର ସେମାନଙ୍କ ଦାବିକୁ ସରକାର ଆଡେଇ ଚାଲିଛନ୍ତି। ସରକାରଙ୍କ ଅନୁରୋଧ ଅନୁସାରେ ଛାତ୍ରୀଛାତ୍ରଙ୍କ କଲ୍ୟାଣ ପାଇଁ ଶିକ୍ଷୟିତ୍ରୀଶିକ୍ଷକ ବୋର୍ଡ ପରୀକ୍ଷାରେ ସହଯୋଗ କରିଥିଲେ। ହେଲେ ବର୍ତ୍ତମାନ ସରକାରଙ୍କ ଅବହେଳା ପରିଲକ୍ଷିତ ହେଉଛି। ଆଉ ଅଳ୍ପଦିନ ମଧ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁହୋଇଯିବ। ଏହା ପରେ ସମସ୍ତ ସରକାରୀ କାର୍ଯ୍ୟକ୍ରମ ବନ୍ଦ ହୋଇଯିବ। ଓଷ୍ଟା ରାଜ୍ୟ ସଂଗଠନର ନିଷ୍ପତ୍ତିକ୍ରମେ ୨ଦିନ ବ୍ୟାପୀ ସଚିବାଳୟ ସମ୍ମୁଖରେ ସଂକଳ୍ପ ସମାବେଶ ଅନୁଷ୍ଠିତ ହେବ। ସରକାର ଦାବି ପୂରଣ ନ କଲେ ସଂକଳ୍ପ ସମାବେଶରେ ପରୀକ୍ଷାଖାତା ମୂଲ୍ୟାୟନ ବର୍ଜନ ଓ ନିର୍ବାଚନରେ ଅସହଯୋଗ ଭଳି ଚରମ ନିଷ୍ପତ୍ତି ନେବା ପାଇଁ ବାଧ୍ୟ ହେବେ। ଏଥିରେ ସମ୍ବଲପୁର ଜିଲା ଓଷ୍ଟା ଶାଖା ସାମିଲ ହେବ। ରବିବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଷ୍ଟାର ଜିଲା ସାଧାରଣ ସମ୍ପାଦକ ହରିନାରାୟଣ ପଣ୍ଡା ଏହା କହିଛନ୍ତି।

ସେ ଆହୁରି କହିଥିଲେ, ପ୍ରତି ଜିଲାରୁ ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା ସମିତି କର୍ମକର୍ତ୍ତା ସମାବେଶରେ ସାମିଲ ହେବେ। ସରକାରଙ୍କୁ ତୁରନ୍ତ ଦୀର୍ଘଦିନର ଦାବି ଯଥା ଅନୁଦାନରୁ ବଞ୍ଚିତ ଯୋଗ୍ୟ ବିବେଚିତ ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନ୍‌ସନ ବ୍ୟବସ୍ଥା ଓ ଅବସରକାଳୀନ ସୁବିଧା, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ କରିବା, ବିଦ୍ୟାଳୟରେ ଖାଲିପଡ଼ିଥିବା ପଦବୀ ପୂରଣ, ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ କାର୍ଯ୍ୟକାରୀ କରିବା, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଗ୍ରେଡ୍ ପେ ସମସ୍ୟା ସମାଧାନ, ଅବସର ବୟସକୁ ୬୦ରୁ ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବାକୁ ସେ ନିବେଦନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଓଷ୍ଟା ସଭାପତି କୁଳଧର ପ୍ରଧାନ, ଉପସଭାନେତ୍ରୀ ସାଗରିକା ହୋତା ଓ ପ୍ରେମାନନ୍ଦ ଖମାରୀ, ସସ୍ମିତା ଦାଶ, ଭବବାନ ରାଉତ, ବିଭୂତିଭୂଷଣ ଚାନ୍ଦ, ଆନନ୍ଦ ଡନସନା, ବିଶ୍ୱମିତ୍ର ଦୀପ ଉପସ୍ଥିତ ରହି ସୂଚନା ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ତୁଷାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପି.ସି.ଚନ୍ଦ୍ରା ଜୁଏଲର୍ସର ବସନ୍ତ ଉତ୍ସବ

**ଭୁବନେଶ୍ୱର,୧୧ା୩:** ପି.ସି ଚନ୍ଦ୍ରା ଜୁଏଲର୍ସର ବହୁ ପ୍ରତୀକ୍ଷିତ 'ବସନ୍ତ ଉତ୍ସବ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଉତ୍ସବ ୨୦୨୪ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବା ଏକ୍ସକ୍ଲୁସିଭ ଷ୍ଟୋରଗୁଡ଼ିକରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଗ୍ରାହକ ଆକର୍ଷଣୀୟ ଡିଜାଇନ ଓ ଅଫର ସାଙ୍ଗକୁ ରିହାତିର ମଧ୍ୟ ସୁବିଧା ପାଇପାରିବେ ବୋଲି ପି.ସି ଚନ୍ଦ୍ରା ପକ୍ଷରୁ କୁହାଯାଇଛି।

# ଟୟୋଟା ହାଇଲକ୍ସର ଅଫରୋଡ଼ିଂ ଏକ୍ସପେରିଏନ୍ସ

**ଭୁବନେଶ୍ୱର,୧୧ା୩**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ 'ଟୟୋଟା ଇଣ୍ଡିଆ'ର ବହୁ ପ୍ରତୀକ୍ଷିତ ତଥା ବ୍ରାଣ୍ଡର ପ୍ରମୁଖ ମଡେଲ ଟୟୋଟା ହାଇଲକ୍ସର ଦୁଃସାହସିକ ଡ୍ରାଇଭିଂ କଳା ପ୍ରଦର୍ଶନୀ ସର୍ବଭାରତୀୟସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଏପରିକି କମ୍ପାନୀ ପକ୍ଷରୁ ଏକ ୩ ଦିନିଆ ସ୍ୱତନ୍ତ୍ର ଡ୍ରାଇଭିଂ ତଥା ଅଫରୋଡ଼ିଂ ଅଭିଜ୍ଞତାର କଳା ପ୍ରଦର୍ଶନୀ ଅଭିଜ୍ଞ ଓ ଦକ୍ଷ ଗାଡ଼ି ଚାଳକଙ୍କ ଦ୍ୱାରା ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର



ଇନ୍ସ୍ପିରୀ ଟୟୋଟା କଟକ, ନୀଳମ ଟୟୋଟା ପଟିଆ ଭୁବନେଶ୍ୱର ପକ୍ଷରୁ ରବିବାର ଭୁବନେଶ୍ୱରର ବରମୁଣ୍ଡା ଖେଳପଡ଼ିଆଠାରେ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଟୟୋଟା କିର୍ଲୋସ୍କାର ମୋଟର୍ସର ଆର୍‌ଏମ୍ ଅନିମେଶ ନାଗ, ଟିଏମ୍ ଚୟନ ସରକାରଙ୍କ ସମେତ ଇନ୍ସ୍ପିରୀ ଟୟୋଟାର ଏଭିପି (ସେଲ୍ସ ଆଣ୍ଡ ମାର୍କେଟିଂ) ସତୀର୍ଥ ନାୟକ,ନୀଳମ ଟୟୋଟାର ଏମ୍‌ଡି ସିଦ୍ଧାର୍ଥ ସାରାଓଗି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଟୟୋଟା ହାଇଲକ୍ସର ଦୁଃସାହସିକ ଡ୍ରାଇଭିଂ କଳା ପ୍ରଦର୍ଶନୀର ୨ୟ ଦିନରେ ୫୦ରୁ ଅଧିକ ଅଭିଜ୍ଞ ଗାଡି ଚାଳକ ଓ ମାଲିକ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀ ମଙ୍ଗଳବାର ମଧ୍ୟ ଉଭୟ ଇନ୍ସ୍ପିରୀ ଟୟୋଟା କଟକ ଓ ନୀଳମ ଟୟୋଟା ପଟିଆ ଭୁବନେଶ୍ୱରଙ୍କ ଜରିଆରେ ଆୟୋଜିତ ହେବ। ଏପରିକି ସକାଳ ୯ ଘଟିକାରୁ ଏହି ପ୍ରଦର୍ଶନୀ ଆରମ୍ଭ ହେଉଛି।

# ଏକାମ୍ର ଆୟକର ଆବାସ ପ୍ରକଳ୍ପ ଉଦ୍‌ଘାଟିତ

**ଭୁବନେଶ୍ୱର,୧୧ା୩ (ଅଭୟ ଦାଶ)**

ଆୟକର ବିଭାଗ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ସୁବିଧା ସୁଯୋଗ ବିଶିଷ୍ଟ ବହୁତଳ ପ୍ରାସାଦ 'ଏକାମ୍ର ଆୟକର ଆବାସ' ପ୍ରକଳ୍ପ ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ନୂଆଦିଲ୍ଲୀର ଅଧ୍ୟକ୍ଷ ନୀତିନ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏଫ୍‌ଏସି ନୂଆଦିଲ୍ଲୀର ପ୍ରଧାନ ମୁଖ୍ୟ ଆୟକର



ଆୟୁକ୍ତ ଦେବେନ୍ଦ୍ର ନାରାୟଣ କର, ବିହାର ଏବଂ ଝାଡ଼ଖଣ୍ଡର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଦିଲ୍ଲୀର ପ୍ରଧାନ ମୁଖ୍ୟ ଆୟକର ନିର୍ଦ୍ଦେଶକ (ପ୍ରଶିକ୍ଷଣ) ସୀମାଞ୍ଚଳ ଦାଶଙ୍କ ସମେତ ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ମୋରା ଭୂପାଳ ରେଡ୍ଡୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଭାଗର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଗାଡ଼କଣଠାରେ ୫ ଏକର ପରିବ୍ୟାପ୍ତ ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ଉକ୍ତ ପ୍ରକଳ୍ପରେ ମୋଟ ୨୦,୫୪୮ ବର୍ଗ.ମି. ଜମିରେ ସମସ୍ତ ପ୍ରକାର ସୁବିଧା ସହିତ ସୁରକ୍ଷା ଓ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ସେହିଭଳି ୧୧୫ଟି ଟାଇପ-୩ କ୍ୱାର୍ଟର୍ସ ରହିଥିବାବେଳେ ୮୨ଟି ଟାଇପ-୪ କ୍ୱାର୍ଟର୍ସ ଏବଂ ୨୨ଟି ଟାଇପ-୫ କ୍ୱାର୍ଟର୍ସ ଓ ୬ଟି ଟାଇପ-୬ କ୍ୱାର୍ଟର୍ସ ରହିଛି। ଅପରପକ୍ଷରେ କେନ୍ଦ୍ରୀୟ ସଂସ୍ଥା ବ୍ରିଜ ଆଣ୍ଡ ରୁଫ୍ କୋ. (ଇଣ୍ଡିଆ) ଲିମିଟେଡ ଦ୍ୱାରା ଉକ୍ତ ପ୍ରକଳ୍ପର ସମ୍ପୂର୍ଣ୍ଣ କାର୍ଯ୍ୟ କରାଯାଇଛି ବୋଲି ଭୁବନେଶ୍ୱର ଆୟକର କାର୍ଯ୍ୟାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ଆଗ୍ରହରୁ ଅଗ୍ରଣୀ ବ୍ୟବସାୟୀ


ଶୁଭ୍ରଜିତ ସାହୁ

**ବାଣିଜ୍ୟରେ ଉଚ୍ଚଶିକ୍ଷା ସହ ବିଦେଶରୁ ମ୍ୟାନେଜମେଣ୍ଟ ଶିକ୍ଷା ଶେଷକରି ୨୦୦୫ରେ ସେ ବିଧିବଦ୍ଧ ଭାବେ ପାରିବାରିକ ବ୍ୟବସାୟରେ ଯୋଗଦେଇଥିଲେ। ପିଲାଟି ଦିନରୁ ବ୍ୟବସାୟିକ ବାତାବରଣ ମଧ୍ୟରେ ବଢ଼ିଥିବାରୁ ବଡ଼ ହୋଇ ପ୍ରତିଷ୍ଠିତ ବ୍ୟବସାୟୀ ହେବାର ସ୍ୱପ୍ନକୁ ସେ ଯଥାର୍ଥ ପ୍ରମାଣିତ କରିବା ସହ ଜଣେ ସଫଳ ଓ ସୁଦକ୍ଷ ଯୁବ ଉଦ୍ୟୋଗୀ ହୋଇପାରିଛନ୍ତି। କେନ୍ଦ୍ରାପଡ଼ାର ଏକ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରରେ ଜନ୍ମିତ ତଥା ଇଷ୍ଟର୍ନ ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରଜିତ ସାହୁଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ......**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର – ବଜାରରେ ଫାବୋ ଫୁଡ୍‌ସର ଚାହିଦା କିଭଳି ରହିଛି ?**

ଉ– ଓଡ଼ିଶା ବଜାରରେ ଫାବୋ ଫୁଡ୍‌ସର ଚାହିଦା ଅନ୍ୟ ଫୁଡ୍ ବ୍ରାଣ୍ଡ ଭଳି ବହୁତ ଭଲ ରହିଛି। ବିଶେଷକରି ଫାବୋ ପାସ୍ତା ବଜାରରେ ବେଶ୍ ଲୋକପ୍ରିୟ ହୋଇଥିବାବେଳେ ପାସ୍ତାର ଅଗ୍ରଣୀ ଉତ୍ପାଦକ ଭାବେ ଫାବୋ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଅପରପକ୍ଷରେ ବଜାର ଚାହିଦା ଓ ଆବଶ୍ୟକତା ଅନୁଯାୟୀ ଆମେ ଉତ୍ପାଦ ଯୋଗାଇବା ସହ ଗୁଣାତ୍ମକ ସାମଗ୍ରୀ ପ୍ରସ୍ତୁତି ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସାଙ୍ଗକୁ ଅଭିଜ୍ଞ ମାନବ ସମ୍ବଳ ବ୍ୟବହାର କରୁଛୁ।

**ପ୍ର – ବଜାରରେ ବ୍ରାଣ୍ଡର ବିଶେଷତ୍ୱ କ'ଣ ରହିଛି ?**

ଉ– ଖାଦ୍ୟ ବ୍ୟବସାୟରେ ଭରସା ଓ ବିଶ୍ୱାସ ଏକ ବଡ଼ ମାଧ୍ୟମ ହୋଇଥିଲାବେଳେ ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକଙ୍କ ଆବଶ୍ୟକତାକୁ ଆମେ ସର୍ବାଧିକ ଗୁରୁତ୍ୱ ଦେଇଥାଉ। ସେହିଭଳି ଗୁଣବତ୍ତାସମ୍ପନ୍ନ କଞ୍ଚାମାଲ ଓ ଆବଶ୍ୟକ କଞ୍ଚାମାଲର ଠିକ୍ ସମ୍ମିଶ୍ରଣରୁ ସୁଷମ ଓ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ସହ ସମୟ ମଧ୍ୟରେ ବଜାରକୁ ଛାଡ଼ିଥାଉ।

**ପ୍ର– ବଜାରରେ ବ୍ରାଣ୍ଡ୍‌ର କେଉଁ ସବୁ ଉତ୍ପାଦ ଉପଲବ୍ଧ ?**

ଉ– ବର୍ତ୍ତମାନ ବଜାରରେ ବ୍ରାଣ୍ଡ (ଫାବୋ)ର ପାସ୍ତା ସହ ସିମେଇ, ଚକିଅଟା, ସୁଜି, ସୋୟା ଭଳି ଅନେକ ଉତ୍ପାଦ ଉପଲବ୍ଧ। ବିଶେଷକରି ବ୍ରାଣ୍ଡ ଉତ୍ପାଦ ବି୨ବି ପ୍ଲାଟ୍‌ଫର୍ମ ସହ ସ୍ୱତନ୍ତ୍ର ଆଉଟ୍‌ଲେଟ ଓ ଏକ୍ସକ୍ଲୁସିଭ କାଉଣ୍ଟରଗୁଡିକରେ ମଧ୍ୟ ଗୁଣାତ୍ମକ ମାନର ସାମଗ୍ରୀ ଗ୍ରାହକଙ୍କୁ ମିଳିପାରୁଛି।

**ପ୍ର – ଗ୍ରାହକ ସନ୍ତୁଷ୍ଟିକୁ କିଭଳି ଗୁରୁତ୍ୱ ଦେଇଥାନ୍ତି?**

ଉ – ବ୍ୟବସାୟରେ ଗ୍ରାହକ ସର୍ବଶ୍ରେଷ୍ଠ ମାଧ୍ୟମ ହୋଇଥିବା ବେଳେ ଗୁଣାତ୍ମକ ଉତ୍ପାଦ ଓ ବଜାର ଚାହିଦା ଏବଂ ଆବଶ୍ୟକତା ସହ ଉତ୍ତମ ସମ୍ପର୍କକୁ ଆମେ ପ୍ରାଧାନ୍ୟ ଦେଇଥାଉ। ଏପରିକି ଗ୍ରାହକଙ୍କ ପ୍ରସ୍ତାବ ଓ ଚାହିଦା ପୂରଣ ପାଇଁ ଆମେ ଆବଶ୍ୟକ ଉଦ୍ୟମ କରିଥାଉ।

**ପ୍ର– ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରକୁ କିଭଳି ଦେଖୁଛନ୍ତି ?**

ଉ– ଖାଦ୍ୟ ଉତ୍ପାଦନକାରୀ ଭାବେ ଅନେକ ପ୍ରକାର ସମସ୍ୟା ଓ ପ୍ରତିଯୋଗିତାକୁ ସାମ୍ନା କରିବାକୁ ପଡ଼ିଥାଏ। ବିଶେଷକରି ଦରବୃଦ୍ଧିଠାରୁ ଆରମ୍ଭକରି ଖାଦ୍ୟଶସ୍ୟ ସଂଗ୍ରହ ପର୍ଯ୍ୟନ୍ତ ନାନା ପ୍ରତିଯୋଗିତା ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏସବୁ ସତ୍ତ୍ୱେ ମଧ୍ୟ ବ୍ୟବସାୟରେ ତିଷ୍ଠିରହିବା ପାଇଁ ଆବଶ୍ୟକ ନୀତି ନିୟମ ଓ ଅନୁପାଳନ ସହ କଠିନ ପରିଶ୍ରମ ଏବଂ ଅଭିଜ୍ଞତାକୁ ମଧ୍ୟ ବିନିଯୋଗ କରିବାକୁ ପଡ଼ିଥାଏ।

**ପ୍ର– ବ୍ରାଣ୍ଡର ସମ୍ପ୍ରସାରଣ ଓ ବଜାର ଉପସ୍ଥିତି ସମ୍ପର୍କରେ କ'ଣ କହିବେ ?**

ଉ– ବ୍ୟବସାୟର ଅଭିବୃଦ୍ଧି ପାଇଁ ସମ୍ପ୍ରସାରଣର ଆବଶ୍ୟକତା ରହିଛି। କେନ୍ଦ୍ରାପଡ଼ାରେ ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରାୟତଃ ସବୁ ମାର୍କେଟରେ ଉପଲବ୍ଧ ହେଉଛି। ଆଗାମୀ ଦିନରେ ବ୍ରାଣ୍ଡ ସର୍ବଭାରତୀୟ ସ୍ତରରେ ସେବା ଓ ଉତ୍ପାଦ ଯୋଗାଇବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଛି।

**ପ୍ର– ଆଶାୟୀ ଉଦ୍ୟୋଗୀମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ ରହିବ ?**

ଉ– ବ୍ୟବସାୟରେ ଯୋଗଦେବା ବା ବ୍ୟବସାୟୀ ହେବା ଆଗରୁ କେତେକ ନୀତିନିୟମକୁ ପାଳନ କରିବାକୁ ହେବ। ବିଶେଷକରି କଠିନ ପରିଶ୍ରମ, ଲକ୍ଷ୍ୟସ୍ଥଳ, ଗବେଷଣାତ୍ମକ ପଦ୍ଧତିକୁ ଅନୁପାଳନ ସହ ସହନଶୀଳ ଓ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ସଫଳତା ପାଇଁ ସବୁ ସମୟରେ ପରିଶ୍ରମ ଓ ସତପଥରେ ରହିବାକୁ ହେବ। ବିଶ୍ୱାସଭାଜନ ପାଇଁ ସଚ୍ଚୋଟତା ଅବଲମ୍ବନ କରିବାକୁ ହେବ ନଚେତ୍ ସଫଳତା ଓ ବ୍ୟବସାୟରେ ତିଷ୍ଠିରହିବା କଷ୍ଟକର ହୋଇପଡ଼ିବ।


### ୨୫ତମ ବିବାହ ବାର୍ଷିକ



କପିଳ କୁମାର ସାହୁ
ନିରୁପମା ସାହୁ
ଯାଜପୁର, ସାନସୁଆର
ଆପଣ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ପୁଅ, ବୋହୂ, ପରିବାରବର୍ଗ ।
ଧ-୨୭୩୬


# ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୧୧ା୩**

ଦେଶର ପ୍ରମୁଖ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଭାରତୀ ଏୟାରଟେଲ ବା ଏୟାରଟେଲ୍ ଏବଂ ଆଇଡିଇଏମ୍‌ଆଇଏ ଗ୍ରୁପର ସହଯୋଗୀ ସଂସ୍ଥା ଆଇଡିଇଏମ୍‌ଆଇଏ ସିକ୍ୟୁର ଟ୍ରାଞ୍ଜାକ୍ସନ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଉକ୍ତ ବୁଝାମଣା ଅନୁଯାୟୀ ଉଭୟ କମ୍ପାନୀ ପରିବେଶ ଉପଯୋଗୀ ଏବଂ ଶୂନ୍ୟ ନିର୍ଗମନ (ନେଟ୍ ଜିରୋ) ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବେ। ବିଶେଷକରି କମ୍ପାନୀ ଭର୍ଜିନୀ ପ୍ଲାଷ୍ଟିକରୁ ନିର୍ମିତ ସିମ୍ କାର୍ଡକୁ ପୁନଃବ୍ୟବହୃତ ପ୍ଲାଷ୍ଟିକକୁ ବଦଳାଇଛି। ଏଥିପାଇଁ ଆଇଡିଇଏମଆଇଏ ସିକ୍ୟୁର ଟ୍ରାଞ୍ଜାକ୍ସନ ସହିତ କମ୍ପାନୀ ସହଭାଗୀ ହୋଇଛି। ଅପରପକ୍ଷରେ ରିସାଇକ୍ଲିଡ୍ ପ୍ଲାଷ୍ଟିକରୁ ନିର୍ମିତ ସିମ୍ କାର୍ଡ ବ୍ୟବହାର କରୁଥିବା ଏୟାରଟେଲ୍ ଭାରତୀୟ ଟେଲିକମ୍ ଇଣ୍ଡଷ୍ଟ୍ରିର ପ୍ରଥମ ଟେଲିକମ୍ କମ୍ପାନୀ ହୋଇଥିବାବେଳେ ଭର୍ଜିନୀ ପ୍ଲାଷ୍ଟିକ୍ ବଦଳରେ ବର୍ତ୍ତମାନ ରିସାଇକ୍ଲିଡ୍ ପ୍ଲାଷ୍ଟିକ୍ ସିମ୍ କାର୍ଡ ତିଆରିରେ ବ୍ୟବହୃତ ହେବ। ଫଳରେ ପ୍ଲାଷ୍ଟିକ ବ୍ୟବହାର ବର୍ଷକୁ ୧୬୫ଟନରୁ ଅଧିକ ହ୍ରାସ ପାଇବ। ଏପରିକି ୬୯୦ଟନରୁ ଅଧିକ ଅଙ୍ଗାରକାମ୍ଳ, ଡାଇଅକ୍ସାଇଡ୍ ନିର୍ଗମନ ମଧ୍ୟ ହ୍ରାସ ପାଇବ। ଭାରତୀ ଏୟାରଟେଲର ନିର୍ଦ୍ଦେଶକ (ଯୋଗାଣ ଶୃଙ୍ଖଳା)ପଙ୍କଜ ମିଗଲାନି କହିଛନ୍ତି, ଆମେ ଆଇଡିଇଏମଆଇଏ ସିକ୍ୟୁର ଟ୍ରାଞ୍ଜାକ୍ସନ ସହ ସହଭାଗିତା ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ।

# ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ,୧୧ା୩**

ଗତ କିଛି ସପ୍ତାହ ହେବ କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୬୧୭(୬୧୬.୭୫) ପଏଣ୍ଟ କମି ୭୩,୫୦୩ (୭୩,୫୦୨.୬୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୬୧ (୧୬୦.୯୦) ପଏଣ୍ଟ ହ୍ରାସ ଘଟି ୨୨,୩୩୩ (୨୨,୩୩୨.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ହୋଇଛି।


# Classified Everyday
0674-2580101, 2549949


REAL ESTATE

**SALE**

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ରେ ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914


CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**GENERAL**

**PURCHASE**

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନ୍ନାମାଗେଟ୍- ୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ- ୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.- ୯୧୭୮୯୨୪୬୯୮. ଧ-୨୫୪୬


FOR RENT

Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742


Healthcare

Relax, refresh your body, mind by expert therapist. Contact- 9938843929. D-76106

Newly open health benefits SPA special Offer @999 Bapuji Nagar. 8018429809. D-76107

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

**AFFIDAVIT**

I, Mamata Nahak, C/o- Kailash Nahak, born on 30.04.1999, residing at Arabindanagar, Kabisurjya Nagar, Ganjam, Odisha, 761104 have changed my name to Mamata Kumari Sasmal vide affidavit dated 21.09.23. D-2741

By virtue of an affidavit, Sl. No. A/22 on dtd. 01.03.2024 before Executive Magistrate(P), Udit Nagar, Rourkela, I have changed my name from TAPASWINI KAR to TAPASWINI HOTA for all future purposes. Henceforth, I shall be known as TAPASWINI HOTA, aged 43 years, W/o. Susanta Kumar Hota, resident of Qrs. No. A - 492, Koel Nagar, P.S.- Jhirpani, Rourkela-769014, Sundargarh, Odisha, India. D-2740

By virtue of an affidavit No-307, dated 26.02.2024 sworn before Notary, Hindol, I Chaitanya Samal (58), S/o- Late Chakradhar Samal, Vill-Magubereni, P.S.- Balimi, Dist.- Dhenkanal hereby declare that, at the time of preparation of my updated Aadhaar Card No- xxxx xxxx 6924 my name mentioned as Nilakantha Barik. Hence Chaitanya Samal and Nilakantha Barik same and one person. D-75426

**LOST**

I, Swastik Saurav, residing at Flat No.-2345, Matrubhaban, Lane-8, Sriram Vihar, Bharatpur, Bhubaneswar, I have lost my Saledeed and other documents of the land Mouza- Andharua under Khata Number- 689, Plot No.-7145, Area Ac.0.079 decimal and Saledeed document Number- 11131801571 registered on 21.02.2018. If found, please contact me at 8722201727 or return document to my address mentioned above. A reward will be offered as a token of gratitude. D-2739

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବର୍ଷିକୀ**



✓ ଡଃ ନାରାୟଣ ଦାଶ
ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମ୍ଭର ବିନମ୍ର ପ୍ରାର୍ଥନା।
ଆପଣଙ୍କ ହତଭାଗିନୀ ସ୍ତ୍ରୀ
ବୀଣାପାଣି ଦାଶ ଓ ପରିବାର ବର୍ଗ
ଧ-୭୫୮୦୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

OSRTC

5T

ଆମ ଓଡିଶା ନବୀନ ଓଡିଶା

LAXMI

ଘରେ ଘରେ ଲକ୍ଷ୍ମୀ



# ଆପଣଙ୍କ ସେବାରେ ଲକ୍ଷ୍ମୀ ବସ୍





## ବୌଦ୍ଧ ଜିଲ୍ଲାର ବିସ୍ତୃତ ମାର୍ଗ ବିବରଣୀ

### ବୌଦ୍ଧ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

**ବସ୍ଷ୍ଟାଣ୍ଡ ⇄ ବସଷ୍ଟାଣ୍ଡ**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବସ୍ଷ୍ଟାଣ୍ଡ | --- | ୬.୦୦ | --- | ୧୨.୦୦ |
| ମୁସୁଣ୍ଡି ଛକ | ୬.୦୭ | ୬.୦୯ | ୧୨.୦୭ | ୧୨.୦୯ |
| ବଲସିଂଘା | ୬.୧୧ | ୬.୧୨ | ୧୨.୧୧ | ୧୨.୧୨ |
| ଖୁଣ୍ଟବନ୍ଧ | ୬.୧୮ | ୬.୨୦ | ୧୨.୧୮ | ୧୨.୧୮ |
| ଜନ୍ପଙ୍କ | ୬.୨୩ | ୬.୨୫ | ୧୨.୨୧ | ୧୨.୨୩ |
| ତେଲିବନ୍ଧ | ୬.୨୮ | ୬.୩୦ | ୧୨.୨୬ | ୧୨.୨୮ |
| ତଳସରଡ଼ା | ୬.୩୫ | ୬.୩୬ | ୧୨.୩୩ | ୧୨.୩୪ |
| ବହିରା | ୬.୪୦ | ୬.୪୧ | ୧୨.୩୮ | ୧୨.୩୯ |
| ଅଁଳାପାଲି | ୬.୪୫ | ୬.୪୬ | ୧୨.୪୩ | ୧୨.୪୪ |
| ଭୁଆସୁଣି | ୬.୫୨ | ୬.୫୪ | ୧୨.୫୦ | ୧୨.୫୨ |
| କାମଟାଙ୍ଗି | ୬.୫୭ | ୬.୫୯ | ୧୨.୫୫ | ୧୨.୫୭ |
| ଗୁଡୁଗୁଡା ଛକ | ୭.୦୦ | ୭.୦୨ | ୧୨.୫୮ | ୧.୦୦ |
| ଦହିଆ ଛକ | ୭.୦୬ | ୭.୦୮ | ୧.୦୪ | ୧.୦୬ |
| ନୂଆପଲ୍ଲୀ | ୭.୧୧ | ୭.୧୨ | ୧.୦୯ | ୧.୧୦ |
| ମାସିନପଡ଼ା | ୭.୧୪ | ୭.୧୬ | ୧.୧୨ | ୧.୧୪ |
| ସାଣ୍ଟୁଗୁରିପାଲି | ୭.୧୯ | ୭.୨୦ | ୧.୧୭ | ୧.୧୮ |
| କଣ୍ଡୁରୁବନ୍ଧ | ୭.୨୪ | ୭.୨୬ | ୧.୨୨ | ୧.୩୨ |
| ସାଣ୍ଟୁଗିରିପାଲି | ୭.୩୮ | ୩.୩୯ | ୧.୩୬ | ୧.୩୭ |
| ମାସିନପଡ଼ା | ୭.୪୨ | ୭.୪୪ | ୧.୪୦ | ୧.୪୨ |
| ନୂଆପଲ୍ଲୀ | ୭.୪୬ | ୭.୪୭ | ୧.୪୪ | ୧.୪୫ |
| ଦହିଆଛକ | ୭.୫୦ | ୭.୫୨ | ୧.୪୮ | ୧.୫୦ |
| ଗୁଡୁଗୁଡା ଛକ | ୭.୫୬ | ୭.୫୮ | ୧.୫୪ | ୧.୫୬ |
| କାମଟାଙ୍ଗି | ୭.୫୯ | ୮.୦୧ | ୧.୫୭ | ୧.୫୯ |
| ଭୁଆଶୁଣି | ୮.୦୪ | ୮.୦୬ | ୨.୦୨ | ୨.୦୪ |
| ଅଁଳାପାଲି | ୮.୧୨ | ୮.୧୩ | ୨.୧୦ | ୨.୧୧ |
| ବହିରା | ୮.୧୭ | ୮.୧୮ | ୨.୧୫ | ୨.୧୬ |
| ତଳସରଡା | ୮.୨୨ | ୮.୨୩ | ୨.୨୦ | ୨.୨୧ |
| ତେଲିବନ୍ଧ | ୮.୨୮ | ୮.୩୦ | ୨.୨୬ | ୨.୨୮ |
| ଜନପଙ୍ଗ | ୮.୩୩ | ୮.୩୫ | ୨.୩୧ | ୨.୩୩ |
| ଖୁଣ୍ଟବନ୍ଧ | ୮.୩୮ | ୮.୪୦ | ୨.୩୬ | ୨.୩୮ |
| ବଲସିଙ୍ଗା | ୮.୪୬ | ୮.୪୭ | ୨.୪୪ | ୨.୪୫ |
| ମୁଶୁଣ୍ଡି | ୮.୪୯ | ୮.୫୧ | ୨.୪୭ | ୨.୪୯ |
| ବସ୍ଷ୍ଟାଣ୍ଡ | ୮.୫୮ | ୯.୨୮ | ୨.୫୬ | ୩.୨୬ |
| ବଢିଗାଁ | ୯.୩୭ | ୯.୩୯ | ୩.୩୫ | ୩.୩୭ |
| ପନ୍ଖିମାଲ | ୯.୪୮ | ୯.୪୯ | ୩.୪୬ | ୩.୪୭ |
| ରଙ୍ଗମାଟିଆ | ୯.୫୭ | ୯.୫୮ | ୩.୫୫ | ୩.୫୬ |
| ବାଘିଆପଡ଼ା | ୧୦.୦୨ | ୧୦.୦୪ | ୪.୦୦ | ୪.୦୨ |
| ଢିହକୁପା | ୧୦.୧୬ | ୧୦.୧୭ | ୪.୧୪ | ୪.୧୫ |
| ଟିକରପଡ଼ା | ୧୦.୨୨ | ୧୦.୩୨ | ୪.୨୦ | ୪.୩୦ |
| ଢିହକୁପା | ୧୦.୩୭ | ୧୦.୩୮ | ୪.୩୫ | ୪.୩୬ |
| ବାଘିଆପଡ଼ା | ୧୦.୫୦ | ୧୦.୫୨ | ୪.୪୮ | ୪.୫୦ |
| ରଙ୍ଗମାଟିଆ | ୧୦.୫୬ | ୧୦.୫୭ | ୪.୫୪ | ୪.୫୫ |
| ପନଖିମାଲ | ୧୧.୦୫ | ୧୧.୦୬ | ୫.୦୩ | ୫.୦୪ |
| ବଢ଼ିଗାଁ | ୧୧.୧୫ | ୧୧.୧୭ | ୫.୧୩ | ୫.୧୫ |
| ବସ୍ଷ୍ଟାଣ୍ଡ | ୧୧.୨୬ | --- | ୫.୨୪ | --- |

### ବୌଦ୍ଧ କଣ୍ଧମାଳ ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

**ବ୍ଲକ୍ ହେଡ୍‌କ୍ୱାର୍ଟର ⇄ ଘଣ୍ଟପଡ଼ା**

| | ଟ୍ରିପ୍-୧ | | ଟ୍ରିପ୍-୨ | |
|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବ୍ଲକ୍ ହେଡ୍‌କ୍ୱାର୍ଟର | --- | ୬.୦୦ | - | ୧.୦ |
| କୁଶଳ | ୬.୦୭ | ୬.୦୮ | ୧.୦୭ | ୧.୦୮ |
| ମଲିକୁଦ | ୬.୧୩ | ୬.୧୪ | ୧.୧୩ | ୧.୧୪ |
| ବରଗାଁ | ୬.୧୯ | ୬.୦୦ | ୧.୧୯ | ୬.୦୦ |
| ବୀରସିଂହପୁର | ୬.୨୪ | ୬.୨୫ | ୧.୨୪ | ୧.୨୫ |
| ସିଲେଇମାଲ | ୬.୩୩ | ୬.୩୪ | ୧.୩୩ | ୧.୩୪ |
| ନାରାୟଣପ୍ରସାଦ | ୬.୩୮ | ୬.୪୦ | ୧.୩୮ | ୧.୪୦ |
| ସିଲଟପଡ଼ା | ୬.୪୯ | ୬.୫୦ | ୧.୪୯ | ୧.୫୦ |
| ରାଘମୁଣ୍ଡା | ୬.୫୬ | ୬.୫୮ | ୧.୫୬ | ୧.୫୮ |
| ଦୁଖେଲମୁଣ୍ଡା | ୭.୦୨ | ୭.୦୪ | ୨.୦୨ | ୨.୦୪ |
| ଉମା | ୭.୦୮ | ୭.୧୦ | ୨.୦୮ | ୨.୧୦ |
| ମାସିଙ୍ଗୋରା | ୭.୧୫ | ୭.୧୬ | ୨.୧୫ | ୨.୧୬ |
| ଖୁଣ୍ଟିଗୋରା | ୭.୨୭ | ୭.୨୯ | ୨.୨୭ | ୨.୨୯ |
| ଅମ୍ବାଗାଓଁ | ୭.୩୯ | ୭.୪୧ | ୨.୩୯ | ୨.୪୧ |
| ଲାଣ୍ଡବାହାଲ | ୭.୨୯ | ୭.୩୧ | ୨.୨୯ | ୨.୩୧ |
| ଖାମଲମୁଣ୍ଡା | ୭.୩୭ | ୭.୩୯ | ୨.୩୭ | ୨.୩୯ |
| ନୂଆପଲ୍ଲୀ | ୭.୪୬ | ୭.୪୮ | ୨.୪୬ | ୨.୪୮ |
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ରାମପୁର | --- | ୭.୩୫ | ---- | ୧୦.୫୫ | ---- | ୨.୧୫ | ---- | ୫.୩୫ |
| ସାରସମାଳ | ୭.୪୦ | ୭.୪୧ | ୧୧.୦୦ | ୧୧.୦୧ | ୨.୨୦ | ୨.୨୧ | ୫.୪୦ | ୫.୪୧ |
| ନାଇକେନପାଲୀ | ୭.୪୩ | ୭.୪୫ | ୧୧.୦୩ | ୧୧.୦୫ | ୨.୨୩ | ୨.୨୫ | ୫.୪୩ | ୫.୪୫ |
| ପଣ୍ଡକିଟଲ | ୭.୪୮ | ୭.୫୦ | ୧୧.୦୮ | ୧୧.୧୦ | ୨.୨୮ | ୨.୩୦ | ୫.୪୮ | ୫.୫୦ |
| ମାୟାବରହା | ୭.୫୩ | ୭.୫୫ | ୧୧.୧୩ | ୧୧.୧୫ | ୨.୩୩ | ୨.୩୫ | ୫.୫୩ | ୫.୫୫ |
| ସହଜବାହାଲ | ୭.୫୮ | ୭.୫୯ | ୧୧.୧୮ | ୧୧.୧୯ | ୨.୩୮ | ୨.୩୯ | ୫.୫୮ | ୫.୫୯ |
| ବିଶିପାଲୀ | ୮.୦୫ | ୮.୦୬ | ୧୧.୨୫ | ୧୧.୨୬ | ୨.୪୫ | ୨.୪୬ | ୬.୦୫ | ୬.୦୬ |
| ଲିଙ୍ଗମାର୍ନି | ୮.୧୩ | ୮.୧୫ | ୧୧.୩୩ | ୧୧.୩୫ | ୨.୫୩ | ୨.୫୫ | ୬.୧୩ | ୬.୧୫ |
| ଲୁଡୁକିବେଢ଼ା | ୮.୨୧ | ୮.୨୨ | ୧୧.୪୧ | ୧୧.୪୨ | ୩.୦୧ | ୩.୦୨ | ୬.୨୧ | ୬.୨୨ |
| କୁଦଡେରା | ୮.୨୯ | ୮.୩୧ | ୧୧.୪୯ | ୧୧.୫୧ | ୩.୦୯ | ୩.୧୧ | ୬.୨୯ | ୬.୩୧ |
| ବାଙ୍କୀପାଲି | ୮.୩୨ | ୮.୩୪ | ୧୧.୫୨ | ୧୧.୫୪ | ୩.୧୨ | ୩.୧୪ | ୬.୩୨ | ୬.୩୪ |
| ବେହେରାମାଳ | ୮.୩୬ | ୮.୩୮ | ୧୧.୫୬ | ୧୧.୫୮ | ୩.୧୬ | ୩.୧୮ | ୬.୩୬ | ୬.୩୮ |
| ସମଲେଇଚୁଆଁ | ୮.୪୩ | ୮.୪୫ | ୧୨.୦୩ | ୧୨.୦୫ | ୩.୨୩ | ୩.୨୫ | ୬.୪୩ | ୬.୪୫ |
| ଡୁଙ୍ଗୁରିପାଲି | ୮.୫୫ | --- | ୧୨.୧୫ | --- | ୩.୩୫ | --- | ୬.୫୫ | -- |

### ବିନିକା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

ବିନିକା ⇆ କୁଲୁଣ୍ଡା

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବିନିକା | -- | ୬.୦୦ | -- | ୯.୨୦ | -- | ୧୨.୪୦ | -- | ୪.୦୦ |
| ଉର୍ଲି | ୬.୦୭ | ୬.୦୮ | ୯.୨୭ | ୯.୨୮ | ୧୨.୪୭ | ୧୨.୪୮ | ୪.୦୭ | ୪.୦୮ |
| ଚରଡ଼ା | ୬.୧୪ | ୬.୧୬ | ୯.୩୪ | ୯.୩୬ | ୧୨.୫୪ | ୧୨.୫୬ | ୪.୧୪ | ୪.୧୬ |
| ଶଙ୍କରା | ୬.୨୧ | ୬.୨୩ | ୯.୪୧ | ୯.୪୩ | ୧.୦୧ | ୧.୦୩ | ୪.୨୧ | ୪.୨୩ |
| କଉଡ଼ିଆମୁଣ୍ଡା | ୬.୩୧ | ୬.୩୨ | ୯.୫୧ | ୯.୫୨ | ୧.୧୧ | ୧.୧୨ | ୪.୩୧ | ୪.୩୨ |
| ମାହାଡ଼ା | ୬.୪୪ | ୬.୪୬ | ୧୦.୦୪ | ୧୦.୦୬ | ୧.୨୪ | ୧.୨୬ | ୪.୪୪ | ୪.୪୬ |
| କୁଇବାହଲ | ୬.୫୯ | ୭.୦୧ | ୧୦.୧୯ | ୧୦.୨୧ | ୧.୩୯ | ୧.୪୧ | ୪.୫୯ | ୫.୦୧ |
| ଅମାମୁଣ୍ଡା ଖେଳପଡ଼ିଆ | ୭.୦୭ | ୭.୦୮ | ୧୦.୨୭ | ୧୦.୨୮ | ୧.୪୭ | ୧.୪୮ | ୫.୦୭ | ୫.୦୮ |
| କୁଲୁଣ୍ଡା | ୭.୧୬ | -- | ୧୦.୩୬ | -- | ୧.୫୬ | -- | ୫.୧୬ | -- |

### ବିନିକା ବ୍ଲକର ବିସ୍ତୃତ ମାର୍ଗ ବିବରଣୀ

କୁଲୁଣ୍ଡା ⇆ ବିନିକା

| | ଟ୍ରିପ୍-୧ | | ଟ୍ରିପ୍-୨ | | ଟ୍ରିପ୍-୩ | | ଟ୍ରିପ୍-୪ | |
|---|---|---|---|---|---|---|---|---|
| ବସ୍ ଷ୍ଟପ୍ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| କୁଲୁଣ୍ଡା | -- | ୭.୩୦ | -- | ୧୦.୫୦ | -- | ୨.୧୦ | -- | ୫.୩୦ |
| ଅମାମୁଣ୍ଡା ଖେଳପଡ଼ିଆ | ୭.୩୮ | ୭.୩୯ | ୧୦.୫୮ | ୧୦.୫୯ | ୨.୧୮ | ୨.୧୯ | ୫.୩୮ | ୫.୩୯ |
| କୁଇବାହଲ | ୭.୪୫ | ୭.୪୬ | ୧୧.୦୫ | ୧୧.୦୬ | ୨.୨୫ | ୨.୨୬ | ୫.୪୫ | ୫.୪୬ |
| ମାହାଡ଼ା | ୭.୫୯ | ୮.୦୦ | ୧୧.୧୯ | ୧୧.୨୦ | ୨.୩୯ | ୨.୪୦ | ୫.୫୯ | ୬.୦୦ |
| କଉଡ଼ିଆମୁଣ୍ଡା | ୮.୧୨ | ୮.୧୩ | ୧୧.୩୨ | ୧୧.୩୩ | ୨.୫୨ | ୨.୫୩ | ୬.୧୨ | ୬.୧୩ |
| ଶଙ୍କରା | ୮.୨୧ | ୮.୨୩ | ୧୧.୪୧ | ୧୧.୪୩ | ୩.୦୧ | ୩.୦୩ | ୬.୨୧ | ୬.୨୩ |
| ଚରଡ଼ା | ୮.୨୮ | ୮.୩୦ | ୧୧.୪୮ | ୧୧.୫୦ | ୩.୦୮ | ୩.୧୦ | ୬.୨୮ | ୬.୩୦ |
| ଉର୍ଲି | ୮.୩୬ | ୮.୩୮ | ୧୧.୫୬ | ୧୧.୫୮ | ୩.୧୬ | ୩.୧୮ | ୬.୩୬ | ୬.୩୮ |
| ବିନିକା | ୮.୪୫ | -- | ୧୨.୦୫ | -- | ୩.୨୫ | -- | ୬.୪୫ | -- |



For more information Please login to http://www.osrtc.in/notificationsAndCirculars.html

## ସଂକ୍ଷେପରେ

### ରାମଲୀଳାର ତୃତୀୟ ସନ୍ଧ୍ୟା: ବାଳି ବଧ

**ଭେଡେନ,୧୧।୩(ସୁଦନ ମହାକୁର):** ରଗଡ଼ ଜିଲା ଭେଡେନ ବ୍ଲକ ରକ୍ଷୁଡା ପଞ୍ଚାୟତ ହାଟଗାଁ ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ଚାଲିଥିବା ରାମଲିଳା ମହୋତ୍ସବର ସୋମବାର ଥିଲା ତୃତୀୟ ସନ୍ଧ୍ୟା। ନାଟ୍ୟାଭିନୟରେ ରାମ ଓ ସୁଗ୍ରୀବ ମିତ୍ରତା,ରାମ ହାତେ ବାଳି ବଦ୍ଧ,ହନୁମାନର ଲଙ୍କା ପ୍ରବେଶ, ମାତା ସୀତା ଓ ହନୁମାନ ଭେଟ, ଅଶୋକ ବାଟୀକା ଧ୍ୱଂସ,ହନୁମାନ ଓ ଇନ୍ଦ୍ରଜିତ ମଧ୍ୟରେ ଯୁଦ୍ଧ, ଲଙ୍କା ଦହନ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ପୀଠରେ ନ୍ୟାଶକର୍ମ, ନାମା ରତ୍ନ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରାଜ ଦରବାରରେ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଅତାବିରା ଆର୍‌ଏମସି ଉପାଧ୍ୟକ୍ଷ ସୁବାସ ହୋତା, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା,ସରପଞ୍ଚ ସୌଦାମିନି ହୋତା, ସଂକ୍ରୀଡ଼ା ସରପଞ୍ଚ ସୁବ୍ରତ ଚାନ୍ଦ ଯୋଗଦେଇଥିଲେ।

### ସରକାରୀ ବସ୍‌କୁ ପଛରୁ ଧକ୍କାଦେଲା ଟ୍ରକ୍



**ବୌଦ୍ଧ, ୧୧।୩(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ପୁରୁଣାକଟକ ନିକଟରେ ସରକାରୀ ଯାତ୍ରୀବାହୀ ବସକୁ ଏକ ଟ୍ରକ ପଛରୁ ଧକ୍କା ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ରବିବାର ସରକାରୀ ବସ୍ ବ୍ରହ୍ମପୁରରୁ-ଝାରସୁଗୁଡ଼ା ଯାଉଥିଲା। ପୁରୁଣାକଟକ ସ୍ନାତକ ମହାବିଦ୍ୟାଳୟ ନିକଟରେ ବିଳମ୍ବିତ ରାତିରେ ବସର ଯାତ୍ରୀମାନେ ପରିଶ୍ରା କରିବା ପାଇଁ ଓହ୍ଲାଇ ଥିବାରୁ ଗାଡିଟି ରାସ୍ତା କଡରେ ଅଟକି ରହିଥିଲା। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ ଓଡି- ୦୨- ବିକେ ୨୧୦୬ ପଛରୁ ବସକୁ ଧକ୍କା ଦେଇଥିଲା। ଟ୍ରକ ଧକ୍କା ଦେବା ଯୋଗୁଁ ବସର ପଛ ଭାଙ୍ଗିଥିବା ବେଳେ ଟ୍ରକର ଆଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। କିନ୍ତୁ ବସରେ ଥିବା ୩୦ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ଖବରପାଇ ପୁରଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରକର ଚାଳକଙ୍କୁ ଅଟକ ରଖିଛି।

### ବିବାହ ବାର୍ଷିକୀରେ ବୃକ୍ଷରୋପଣ, ଚାରା ପ୍ରଦାନ



**ସୋହେଲା,୧୧।୩ (ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ପରିବେଶ ସୁରକ୍ଷା ମଞ୍ଚ ସମ୍ପାଦକ ପ୍ରକୃତିବନ୍ଧୁ ମୀନକେତନ ସାହୁଙ୍କ ଆହ୍ୱାନ କ୍ରମେ ସୋହେଲା ବ୍ଲକ ଘେଁସ ଗ୍ରାମରେ ପ୍ରକୃତି ବନ୍ଧୁ ସୁରେନ୍ଦ୍ର ମୋହନ ସାହୁଙ୍କ ୧୫ତମ ବିବାହ ବାର୍ଷିକୀ ପାଳନ ଅବସରରେ ବୃକ୍ଷରୋପଣ ସହିତ ୨୦ ଜଣଙ୍କୁ ଅଶୋକ ଚାରା ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ପରିବେଶ କର୍ମୀ ଡୋଲାମଣୀ ପଟେଲଙ୍କ ସଭାପତିତ୍ୱରେ ଶିଶୁ ଟିଏ ଗଛ ଟିଏ, ସାରା ଜୀବନର ସାଥୀ ସିଏ ପ୍ରସଙ୍ଗ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁରେନ୍ଦ୍ର ଅତିଥି ପରିଚୟ ଓ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥିଭାବେ ଲୋକକବି ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇ ପରିବେଶ ସୁରକ୍ଷାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ପ୍ରକୃତିବନ୍ଧୁ ମୀନକେତନ ସାହୁ ଯୋଗଦେଇ 'ଆଜିର ଶିଶୁ, ଆଗାମୀ ଭବିଷ୍ୟତ', ବିଶ୍ୱ ଉତ୍ତାପନ ଓ ଜୀବ ଜଗତ ଉପରେ ଏହାର ପ୍ରଭାବ, ବୃକ୍ଷରୋପଣ ଓ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋଭାଚନ୍ଦ୍ର ପ୍ରଧାନ, ଜୟ ପ୍ରକାଶ ସାହୁ, ବିକଳରାମ ପଟେଲ,କାନ୍ତ ପଟେଲ, ଅଶ୍ୱିନୀ ମହାପାତ୍ର,ସୁଧିର ପଟେଲ,ହେମନ୍ତ ମଣ୍ଡା,କ୍ଷିରୋଦ୍ର ପଟେଲ ଓ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚୂନପଥର ଖଣି ଶ୍ରମିକ।

# ଚୂନପଥର ଖଣିରେ ଶ୍ରମିକ ଅଶାନ୍ତି

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀ ଖଣିରେ ଚୂନପଥର ଉତ୍ତୋଳନ କାର୍ଯ୍ୟ ବନ୍ଦ ରହିଥିବା ଯୋଗୁ କାର୍ଯ୍ୟରତ ଶ୍ରମିକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏହାକୁ ନେଇ ଉକ୍ତ ଖଣିର ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଶ୍ରମିକମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ନିବେଦନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ଖଣିରେ ଗତବର୍ଷ ଅକ୍ଟୋବର ୧ତାରିଖରୁ ଚୂନପଥର ଉତ୍ତୋଳନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ସେହିପରି ଶ୍ରମିକମାନଙ୍କୁ ମାସିକ ୨୨ଦିନ ବଦଳରେ ୧୩ଦିନର କାର୍ଯ୍ୟ ନିର୍ଦ୍ଧାରିତ କରାଯାଇଛି। ଏ ନେଇ ଶ୍ରମିକମାନେ ଖଣି ପରିଚାଳକଙ୍କୁ କହିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ୧୩ଦିନର କାମକୁ ଦିନେ ଛଡ଼ା ଦିନେ କରି ବାକି ଦିନ ଅନ୍ୟତ୍ର କାମ କରିବାକୁ କୁହାଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ଖଣିର ଲିଜ୍ ଅବଧି ୨୦୩୦ ସୁଦ୍ଧା ରହିଥିବା ସତ୍ତ୍ୱେ ଖଣି କର୍ତ୍ତୃପକ୍ଷ କାହିଁକି ଉତ୍ତୋଳନ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି, ତାହା ଶ୍ରମିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠାରେ ଉତ୍ତୋଳନ କାର୍ଯ୍ୟ ବନ୍ଦ ହେଲେ ୩୦୦ ଶ୍ରମଜୀବୀ ପରିବାର ପ୍ରଭାବିତ ହେବା ଆଶଙ୍କା ଦେଖାଯାଇଛି। ଫଳରେ ଖଣିରୁ ଉତ୍ତୋଳନ କାର୍ଯ୍ୟ ପୂର୍ବଭଳି ଜାରି କରାଯିବା ସହିତ ଶ୍ରମିକଙ୍କୁ ମାସିକ ୨୨ଦିନର କାମ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି । ବୃନ୍ଦାବନ ସାହୁ, ବିଦ୍ୟାଧର ପଶାୟତ, ସୁନିଲ କୁମାର ବେହେରାଙ୍କ ସମେତ ବହୁ ସଂଖ୍ୟ ଶ୍ରମିକ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଡୁମ୍ବେରପାଲିରେ ଆଇନ ସଚେତନତା ଶିବିର

**ସୋହେଲା,୧୧।୩(ଅଶ୍ୱିନୀ କୁମାର ପାତ୍ର)**

ସୋହେଲା ବ୍ଲକ ଛୁରିଆପାଲି ପଞ୍ଚାୟତ ଡୁମ୍ବେରପାଲି ଗ୍ରାମରେ ତାଲୁକ ଆଇନ ସେବା ସମିତି ତରଫରୁ ଏକ ଆଇନ ସଚେତନତା ଶିବିର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ତଥା ସବ୍‌ଜଜ ଅମିତ ସ୍ୱରୂପ ସେଠ ଅଧ୍ୟକ୍ଷତା କରିଥିଲେ। ସରକାରୀ ଓକିଲ ଅଶୋକ କୁମାର ବାରିକ ସ୍ୱାଗତ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମିତିର ଆଭିମୁଖ୍ୟ ଉପରେ ଆଇନଜୀବୀ ପ୍ରମୋଦ କୁମାର ସାହୁ ଆଲୋକପାତ କରିଥିଲେ। ଅନ୍ୟତମ ବରିଷ୍ଠ ଆଇନଜୀବୀ ମିର୍ଜା ଆକବର ବେଗ ମହିଳାଙ୍କ ଶିକ୍ଷା ପାଇଁ ସଂଘର୍ଷ କରିଥିବା ସାବିତ୍ରୀ ବାଇ ଫୁଲେଙ୍କ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏତଦବ୍ୟତୀତ ଆଦିବାସୀ ଓ ହରିଜନଙ୍କ ସୁରକ୍ଷା ପାଇଁ ଥିବା ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରି ସଚେତନ କରିଥିଲେ। ବରିଷ୍ଠ ଆଇନଜୀବୀ ଅଶୋକ କୁମାର ବାରିକ ଆଦିବାସୀ ଓ ହରିଜନଙ୍କ ପାଇଁ ହେଉଥିବା ନିର୍ଯ୍ୟାତନା ଓ ତାହାର ପ୍ରତିକାର ପାଇଁ ଥିବା ଆଇନ ବ୍ୟବସ୍ଥା ଓ ଦଣ୍ଡବିଧାନ ଉପରେ ସଚେତନ କରିଥିଲେ। ସବ୍‌ଜଜ ସେଠ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ପୂର୍ବରୁ ଦେଶରେ ଯାହା ସାମାଜିକ ବ୍ୟବସ୍ଥା ଥିଲା ସେ ଉପରେ ବକ୍ତବ୍ୟ ରଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଆଦିବାସୀ ଓ ହରିଜନଙ୍କ ସୁରକ୍ଷା ପାଇଁ କିପରି ଆଇନ ପ୍ରଣୟନ କରାଯାଇଛି ସେ ବିଷୟରେ ସଚେତନ କରିଥିଲେ। ସୋହେଲା ସିଡିପିଓ ରାସେଶ୍ୱରୀ ସାହୁ ମଧ ତାଙ୍କ ବକ୍ତବ୍ୟରେ ଝଗଡ଼ା ଆଦିକୁ କୋର୍ଟ କଚେରୀକୁ ନ ନେଇ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛୁରିଆପାଲି ଓ ଟୁଙ୍ଗିବନ୍ଧଲୀ ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଏସଏଚଜି ମହିଳା ତଥା ଗ୍ରାମର ବହୁ ମହିଳା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ କ୍ଷମାନିଧି ନାୟକ, ସିଧିରା ପଞ୍ଚାୟତର ସରପଞ୍ଚ ଆନନ୍ଦ କୁମାର ଜାଲ, ଛୁରିଆପାଲି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ବାରିକ ଓ ବେହେରାପାଲି ସରପଞ୍ଚ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ସା ଯୋଗ ଦେଇଥିଲେ। ଶେଷରେ ହରେକୃଷ୍ଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କୀଟନାଶକର ଠିକ୍ ବ୍ୟବହାରକୁ ଗୁରୁତ୍ୱ

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

କୀଟନାଶକର ନିରାକରଣ, ସଠିକ୍ ବ୍ୟବହାର ତଥା ନିରାପଦ ଖାଦ୍ୟ ଉତ୍ପାଦନ ଉପରେ ସୋମବାର ବରଗଡ଼ କୃଷକ ବଜାର ପରିସରରେ ଏକଦିବସୀୟ ସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ମେଳାରେ ୧୨ବ୍ଲକରୁ ୪୦୦ରୁ ଊର୍ଦ୍ଧ୍ୱ ଚାଷୀ, କୀଟନାଶକ ବିକ୍ରେତା, ନିର୍ମାଣକର୍ତ୍ତା, ବିଭାଗୀୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ମେଳାରେ ୧୦ଷ୍ଟଲ ଖୋଲାଯାଇ ବିଭିନ୍ନ ପ୍ରକାର ଜୈବିକ କୀଟନାଶକ, ଜୈବିକ ସାର, ଅପେକ୍ଷାକୃତ କମ୍ ବିଷାକ୍ତ ରାସାୟନିକ ସାର, ଜୈବିକ ଉପାୟରେ ପ୍ରସ୍ତୁତ କ୍ଷୁଦ୍ରଶସ୍ୟ, ଜାତୀୟ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଚାଷୀ ଜଗଦାନନ୍ଦ ପ୍ରଧାନ, ଶ୍ୟାମଘନ ପ୍ରଧାନ, ଟିକରାମ ସାହୁ, କୌଶଲ୍ୟା ଉନସନା, ଜେଠୁ ଭୋଇ ପ୍ରମୁଖ ମେଳାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ କୁମାର ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ସୁଶାନ୍ତ ନାଏକ, ଭଟଲି କୃଷି ଜିଲା ଅଧିକାରୀ ବିରେନ ଛୁରିଆଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତାବିରା ବ୍ଲକ କୃଷି ଅଧିକାରୀ ପିଙ୍କୁସେନ କର, ସହକାରୀ କୃଷି ଅଧିକାରୀ ସୁପ୍ରିୟା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ବିଭାଗୀୟ କର୍ମଚାରୀ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ସଚେତନତା ମେଳାରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

## ରାମକୃଷ୍ଣ ପରମ ହଂସଙ୍କ ଜୟନ୍ତୀ ପାଳିତ

**ବରପାଲି,୧୧।୩(ଚିତ୍ତରଞ୍ଜନ ସାହୁ)**

ରାମ କୃଷ୍ଣ ପରମହଂସଙ୍କ ୧୮୮ତମ ଜୟନ୍ତୀ ବରପାଲି ବ୍ଲକ ବାରଗୁଡାଠାରେ ରବିବାର ଅନୁଷ୍ଠିତ ହୋଇଛି। କଦଳୀପାଲି ଆଇଏସଟିଓ୍ୱାଇ ଶାଖା ତରଫରୁ ବାର ଗୁଡ଼ାଠାରେ ଏହି ଜୟନ୍ତୀ ପାଳିତ ହୋଇଛି। ଏଥିରେ ଗୁରୁ ଆନନ୍ଦ ପ୍ରଧାନଙ୍କ ସମେତ ବଳବନ୍ତ ଛତ୍ରିଆ, ଧନପତି ବିଶି, ମହେନ୍ଦ୍ର ମହାନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରୋଜ ଖମାରୀ, ସଞ୍ଜୟ ପ୍ରଧାନ, ଦଶରଥ ପ୍ରଧାନ, କୈଳାଶ କର୍ଣ୍ଣ, ମମତା ବିଶି, ବାସନ୍ତୀ ସାହୁ, ବିଳାସିନୀ ସାହୁ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅମୃତଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରକାଶ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ।

## ଶିବରାତ୍ରି ଉତ୍ସବ ଉଦ୍‌ଯାପିତ

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ମହାଶିବରାତ୍ରି ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସବୁଦିନ ଆଧ୍ୟାତ୍ମିକ କଥା ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ପୂର୍ବତନ ମନ୍ତ୍ରୀ ବିଦ୍ୟାଧର କୁଅଁର, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ରାଜଯୋଗନୀ ବି.କେ ଯଶୋଦା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଡ. ତପସ୍ୱିନୀ ଗୁରୁ, ସୁକାନ୍ତୀ ଦାଶ, ସୁଜାତା ସାହୁ, ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ, ମମତା ପୁରୋହିତ, ସ୍ନେହଲତା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବି.କେ ଯଶୋଦା, ବି.କେ କୁନୀ, ବି.କେ କୁନ୍ତୀ, ବି.କେ ସୁଚିତ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବି.କେ ବିମଳ ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବିବାହର ପ୍ରତିଶ୍ରୁତି ଦେଇ ନାବାଳିକା ସହ ଶାରୀରିକ ସମ୍ପର୍କ ମାମଲା**

## ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ, ୧୧।୩ (ଅଜିତ କୁମାର ବାରିକ)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ବୁଧବାର ଏକ ମାମଲାର ବିଚାର କରି ଅଭିଯୁକ୍ତ ପ୍ରମୋଦ ବାଘଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲାର ହରଭଙ୍ଗା ଥାନାର ମହାଲିକପଡା ଗ୍ରାମର ଜନୈକ ନାବାଳିକା ସହ ପ୍ରେମ ସମ୍ପର୍କ ରଖି ବିବାହର ପ୍ରତିଶ୍ରୁତି ଦେଇଥିଲେ ଅଭିଯୁକ୍ତ ବୌଦ୍ଧ ଜିଲା ହରଭଙ୍ଗା ଥାନାର ଯାବର ଗ୍ରାମର ପ୍ରମୋଦ ବାଘ (୩୨)। ସେ ଗତ ୨୦୧୩ ମସିହାରେ ନାବାଳିକାଙ୍କୁ ଭୁବନେଶ୍ୱର ଧରି ପଳାଇଥିଲେ। ସେଠାରେ ଅଭିଯୁକ୍ତ ନାବାଳିକାଙ୍କ ସହ ଶାରିରୀକ ସମ୍ପର୍କ ରଖିବା ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ପରେ ଅଭିଯୁକ୍ତ ନାବାଳିକାଙ୍କୁ ଧରି ନାବାଳିକାଙ୍କ ବାପଘର ମହାଲିକପଡାକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ଜଣକ କିଛି ଦିନ ରହିବା ପରେ ନାବାଳିକାଙ୍କୁ ଛାଡି ପଳାଇଥିଲେ। ନାବାଳିକା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ଏନେଇ ହରଭଙ୍ଗା ଥାନାରେ ଗତ ୧୬।୧୨।୨୦୧୩ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ହରଭଙ୍ଗା ଥାନାରେ ଏକ ମାମଲା (ନଂ. ୫୯/୨୦୧୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନଂ ୩୫/୧୪ (ପୋସ୍କ) ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ପ୍ରମାଣ ଥିବା ନେଇ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଧୁରୀଣ କୁମାର ଦେହୁରୀ ପରିଚାଳନା କରୁଥିଲେ।

## ଗୁଣ୍ଡୁରୀସାହିରେ ଅଗ୍ନିକାଣ୍ଡ, ୪ ବଖରା ପୋଡି ପାଉଁଶ

**ତଳଗାଁ, ୧୧।୩(କୁନା ବେହେରା):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗ ପଞ୍ଚାୟତର ଗୁଣ୍ଡୁରୀସାହି ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ବିଦ୍ୟୁତ୍ ଶଟସର୍କିଟରୁ ଅଗ୍ନିକାଣ୍ଡ ଘଟିବାରୁ ଗ୍ରାମର ବିକ୍ରମ ବେହେରା, ଦୁର୍ଯ୍ୟୋଧନ ବେହେରାଙ୍କର ଚାରି ବଖରା ଘର ପୋଡି ପାଉଁଶ ହୋଇଛି। ଖବରପାଇ ହରଭଙ୍ଗା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁ ଉଭୟ ପରିବାରର ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ଲୁଗାପଟା ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

## ବିଏସ୍‌କେୱାଇ କାର୍ଡ ବାଣ୍ଟିଲେ ବିଧାୟିକା ଛୁରିଆ

**ସରଣ୍ଡା,୧୧।୩(ଯୁଧିଷ୍ଠିର ମହାପାତ୍ର )**

ବରଗଡ଼ ଜିଲା ଅତାବିରା ବ୍ଲକ ଅଫିସ ପରିସରରେ ସୋମବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ନବୀନ କାର୍ଡ ବଣ୍ଟନ କରାଯାଇଛି। ୩୭୭୯ ହିତାଧିକାରୀଙ୍କୁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଡ ବଣ୍ଟନ କରିଥିଲେ। ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ନାୟକ ଏଥିରେ ଅଧ୍ୟକ୍ଷତାସ୍କରିଥିଲେ। ଜିଲାପରିଷଦ ସଦସ୍ୟ ରଣଜିତ ସାହୁଙ୍କ ସମେତ ଅନ୍ୟ ଜିଲାପରିଷଦ ସଦସ୍ୟ, ଏବିଡିଓ ଗିରିନ୍ଦ୍ର ସାହୁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ) ମହମ୍ମଦ ଆକବର, ବ୍ଲକ ଯୋଗାଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଯୋଗାଣ ଅଧିକାରୀ, ପଞ୍ଚାୟତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ନାଏକ ଯୋଗଦେଇଥିଲେ। ହିତାଧିକାରୀଙ୍କୁ ସମ୍ବୋଧିତ କରି ମୁଖ୍ୟଅତିଥି ଛୁରିଆ କହିଥିଲେ, ବିଏସ୍‌କେୱାଇ ନବୀନ କାର୍ଡ ବଣ୍ଟନ କରି ଆଜି ମୁଁ ବହୁତ ଖୁସି। କାରଣ ୨ ମାସ ପୂର୍ବେ କୋର କମିଟି ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସ୍ତାବ ଦେଇଥିଲି। ଏହାର ଆବଶ୍ୟକତାକୁ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି।




ଜଣେ ହିତାଧିକାରୀଙ୍କୁ ବିଧାୟିକା କାର୍ଡ ବଣ୍ଟନ କରୁଛନ୍ତି।

# ଆଦର୍ଶ କୃଷକ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ

**୫୧ଟି ଦୋକାନ ଘର, ଶପିଂ ମଲ, ଗେମ୍ ଜୋନ୍, ଫୁଡ କୋର୍ଟ, ଥିଏଟର ଓ ସେଲ୍‌ଫି ଜୋନ ରହିବ**

**ସୋନପୁର,୧୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ନଳିନି ଛକରେ ନିର୍ମାଣ ହେବ ଅତ୍ୟାଧୁନିକ ଆଦର୍ଶ କୃଷକ ବଜାର। ଡୁଙ୍ଗୁରିପାଲି ଆର୍‌ଏମ୍‌ସିର ଅନୁଦାନରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ନିର୍ମାଣ ହେବ। ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କୃଷକ ବଜାରର ଭିତ୍ତିପ୍ରସ୍ତର କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପୂଜାରୀ କହିଥିଲେ, ରାଜ୍ୟରେ ପ୍ରଥମ ଥର ପାଇଁ ୪ ମହଲା କୋଠା ବିଶିଷ୍ଟ ଏଭଳି ଅତ୍ୟାଧୁନିକ ମୋଡେଲ ମାର୍କେଟ୍ କମ୍ପ୍ଲେକ୍ସ ସରକାରଙ୍କ ପକ୍ଷରୁ ନିର୍ମାଣ ହେବାକୁ ଯାଉଛି। ଏଥିରେ ମୋଟ ୫୧ଟି ଦୋକାନ ଘର, ଶପିଂ ମଲ, ଗେମ୍ ଜୋନ, ଫୁଡ୍ କୋର୍ଟ, ରେଷ୍ଟୁରାଣ୍ଟ, ସେଲ୍‌ଫି ଜୋନ୍, ଥିଏଟର ଓ ପାର୍କିଂ ଅଞ୍ଚଳ ରହିବ। ମିଶନ ଶକ୍ତିର ମହିଳା ଓ ବ୍ୟବସାୟୀଙ୍କ ପାଇଁ ଏଥିରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଏହା ସହରକୁ ଅଧିକ ସୁନ୍ଦର ଓ ବ୍ୟବସ୍ଥିତ କରିବ ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ତଥା ଡୁଙ୍ଗୁରିପାଲି ଆରଏମ୍‌ସିର ଅଧ୍ୟକ୍ଷ ଅନ୍ୟା ଦାସ ସମ୍ମାନିତ ଭାବେ ଯୋଗଦେଇ ସରକାରଙ୍କ ଅନୁଦାନରେ ବସଷ୍ଟାଣ୍ଡ ନିକଟରେ ନିର୍ମାଣ ହେବାକୁ ଥିବା ଏହି ମାର୍କେଟ୍ କମ୍ପ୍ଲେକ୍ସ ଜିଲାବାସୀଙ୍କୁ ଉନ୍ନତ ସେବା ଯୋଗାଇବ ବୋଲି ଆଶାପ୍ରକାଶ କରିଥିଲେ। ସୁବର୍ଣ୍ଣପୁର ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ ଯୋଗଦେଇ ୭୮ହଜାର ୩୬୨ବର୍ଗଫୁଟ ପରିମିତ ଏହି ମାର୍କେଟ୍ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ଏଥିରେ ୪ଟି ଲିଫ୍ଟ ଏବଂ ସବୁ ମହଲାରେ ସ୍ୱତନ୍ତ୍ର ଟଏଲେଟ୍ ବ୍ଲକ ରହିବ ବୋଲି ସୂଚନା ଦେଇଥିଲେ। ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ ଓ ସୋନପୁର ତହସିଲଦାର ଡ. ସୌମ୍ୟାରୂପା ରଥ କୃଷକ ବଜାରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ ବାବୁ ସଭାକୁ ସଂଯୋଜନା କରି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ସୋନପୁର ବିଧାୟକ, ପ୍ରାକ୍ତନ ଓ ବର୍ତ୍ତମାନର ଜିଲାପାଳ ଏବଂ ତହସିଲଦାର ଡ. ରଥଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଶୈଳେଶ ଡେଲ୍‌କି, ସହକାରୀ ଯନ୍ତ୍ରୀ ରଞ୍ଜିତ କୁମାର ବେହେରା, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, କାଉନସିଲର ବୃନ୍ଦ ଓ ସହରର ବୁଦ୍ଧିଜୀବୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ କୃଷକ ବଜାରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ବ୍ଲକ ଅଧକ୍ଷା, ଉପାଧ୍ୟକ୍ଷ, ୨୨ ପଞ୍ଚାୟତର ସରପଞ୍ଚ ଧର୍ମଗଡ଼ ନିର୍ବାଚନମଣ୍ଡଳୀ

ଭୁବନେଶ୍ୱର,୧୧।୩(ଅନିଲଦାସ)

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଅଧକ୍ଷା, ଉପାଧ୍ୟକ୍ଷ, ୨୨ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନଙ୍କ ସହ ଧର୍ମଗଡ଼ ଓ କଲ୍ୟାଣପୁର ବ୍ଲକର ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ସୋମବାର ଶଙ୍ଖଭବନ ଠାରେ ରାଜ୍ୟ ସଭା ଏମପି ସୁଜିତ କୁମାର, ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ଉଭୟ ସୁଜିତ ଓ ପ୍ରଣବ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

ଭାଜପା ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କଳାହାଣ୍ଡି ଜିଲାରେ ଦଳୀୟ ସଙ୍ଗଠନ ଆହୁରି ମଜଭୂତ ହେବ ବୋଲି ଉଭୟ କହିଛନ୍ତି। ବିଜେଡିରେ ଯୋଗ ଦେବା ପରେ କୋକସରା ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ ଓ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ କହିଛନ୍ତି ଯେ, ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛୁ । ଦଳ ସେମାନଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ କୋକସରା ବ୍ଲକ ଅଧକ୍ଷା ରୀତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସରପଞ୍ଚ ରୁକ୍ମୁଣୀ ବାନୁଆ, ନିରୁପମା ସେଠୀ, ଯମୁନା ନାୟକ, ଜୟରାମ ନାଗ, ଈଶାରାମ କୋଲଥିଆ, ଖୀତିରାମ ପାତ୍ର, ମାମି ବାଗ, ମାଧବୀ ଧାରୁଆ ଅକ୍ଷୟ ନାୟକ, କୁରୁକ୍ଷେତ୍ରବେହେରା, ବାସନ୍ତୀ ନାୟକ, କୁଞ୍ଜଲତା ନାୟକ, ପୁଷ୍ପାଞ୍ଜଳି ନାୟକ, ଗଜାନନ ପୂଝାରୀ, ଇଶାରାମ ସୁନାନି, ପଦ୍ମିନୀ ପାତ୍ର, ପଦ୍ମିନୀ ପୂଝାରୀ,ଯୋଗିନ୍ଦ୍ର ପଟ୍ଟନାୟକ, ନକୁଳ ନାୟକ, ଧର୍ମଗଡ଼ ଜୋନ-୧ କଂଗ୍ରେସ ସଭାପତି ଅଜୟ ପୂଝାରୀ, ପୂର୍ବତନ ଯୁବ କଂଗ୍ରେସ ସଭାପତିଡାକେ ଲାହଜାଲ, ଯୁବ କଂଗ୍ରେସ ଉପସଭାପତି ଜଗନ୍ନାଥ ସତନାମୀ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ସତନାମୀ, ଅବସରପ୍ରାପ୍ତ, ଜେଲର ପ୍ରମୋଦ ଚନ୍ଦ୍ର ହନ୍ସଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ତଥା କଳାହାଣ୍ଡିଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ମୌସଧି ବାଘ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡ଼ି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# କେବିକେ ଅଞ୍ଚଳରେ ରେଳପଥ ବିକାଶ ଜରୁରୀ

## ପ୍ରବୁଦ୍ଧ ପାଠକ ସଂସଦ ପକ୍ଷରୁ ଆଲୋଚନାଚକ୍ର

ବଲାଙ୍ଗୀର, ୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)


ଅତିଥିମାନେ ରେଳଉପଭୋକ୍ତା ସଂଘ ସଭାପତି ତରୁଣ ମିଶ୍ରଙ୍କୁ ସମ୍ମାନିତ କରୁଛନ୍ତି।

ପ୍ରବୁଦ୍ଧ ପାଠକ ସଂସଦ ପକ୍ଷରୁ ରବିବାର ସ୍ଥାନୀୟ ପତିତପାବନ ଏକାଡେମୀ ସମ୍ମିଳନୀ କକ୍ଷରେ ଭିଜନ ୨୦୩୪: କେବିକେ ଅଞ୍ଚଳରେ ଆଗାମୀ ଦଶ ବର୍ଷ ମଧ୍ୟରେ ରେଳପଥ ବିକାଶର ବ୍ଲୁ ପ୍ରିଣ୍ଟ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସକ ନୀଳମଣି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡ. ଶ୍ରୀକର ମିଶ୍ର, ମୁଖ୍ୟବକ୍ତା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏବଂ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଆଲୋଚନାଚକ୍ରକୁ କସ୍ତୁରୀ ରଥ ସଂଯୋଜନା କରିଥିଲେ। ପ୍ରଫେସର ତରୁଣ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭ୍ୟା କବିତା ମିଶ୍ର ଏବଂ ଅନୁପ୍ରିୟା ମିଶ୍ର ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଉପସଭାପତି ଜୟରାମ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଂସଦ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନେ କେବିକେ ଅଞ୍ଚଳର ହେଲେ କେବିକେର ବିକାଶ ତ୍ୱରାନ୍ୱିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ବଲାଙ୍ଗୀର-ନୂଆପଡା ଏବଂ ବରଗଡ-ରାୟପୁର ନୂତନ ରେଳପଥର ନିର୍ମାଣ ତଥା ସମ୍ବଲପୁର ଟିଟିଲାଗଡ ରେଳପଥରକୁ ତିନିଲେନ୍ ବିଶିଷ୍ଟ କରିବା ଓ ଅନ୍ୟାନ୍ୟ ବିକାଶ କାମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ରେଳ ଉପଭୋକ୍ତା ସଂଘ ପୂର୍ବତନ ସଭାପତି ନୀଳମଣି ମିଶ୍ର, ବିକ୍ରମାନନ୍ଦ ବହିଦାର, ଧମବ୍ରତ ରଥ, ପୂର୍ବତନ ସମ୍ପାଦକ ଜୟରାମ ମିଶ୍ର, ଗୋପବନ୍ଧୁ ପୁରୋହିତ ଏବଂ ସଭାପତି ପ୍ରଫେସର ତରୁଣ ମିଶ୍ର, ସମ୍ପାଦକ ଦିବାକର ହୋତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ପୂର୍ବତନ ସମ୍ପାଦକ ଶଙ୍କର ପ୍ରସାଦ ହୋତା ଏବଂ ନାରାୟଣ ପାଢୀଙ୍କ ମାନପତ୍ର ପାଠ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ଧନଞ୍ଜୟ ମିଶ୍ର, ପ୍ରଭାକର ମିଶ୍ର, ମଧୁସୂଦନ ନାୟକ, ଧର୍ମବ୍ରତ ରଥ, ପ୍ରସନ୍ନ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ଗିରିଜା ଶଙ୍କର ରଥ, ରତୁରାଜ ସିଂ, ମହେଶ୍ୱର ସାହୁ, ଗୌରଚନ୍ଦ୍ର ପୁରୋହିତ, ମୋତିଲାଲ ସାହୁ, ଅନନ୍ତ ବିଶୋଇ, ବ୍ରଜରାଜ ପୁରୋହିତ, ନରେନ୍ଦ୍ର ବର୍ଗର୍ତ୍ତି, ଅଜିତ ପୂଜାରୀ, ଅନନ୍ତ ବିଶୋଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସମ୍ପାଦକ ଶୁଭ୍ରାଂଶୁ ଶେଖର ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ବରପଦର-ଅର୍ଜୁନପୁର ରାସ୍ତାର ଶିଳାନ୍ୟାସ


ବିଧାୟକ ନରସିଂହ ମିଶ୍ର ବରପଦର-ଅର୍ଜୁନପୁର ଭାୟା ଅଇଁଲାଚୁଆଁ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର, ୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ଲୋକଙ୍କ ଭିତରେ ରହି ଲୋକଙ୍କ ସେବା କରିବା ରାଜନୀତିର ମୂଳ ଲକ୍ଷ୍ୟ ହେବା ଉଚିତ। କିନ୍ତୁ ସ୍ଥାନୀୟ ଶାସକ ଦଳର ନେତା ଓ ତାଙ୍କ ପରିବାର କେବଳ ନିର୍ବାଚନ ସମୟରେ ବଲାଙ୍ଗୀର ଆସି ମିଛ ତଥ୍ୟ ଏବଂ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏଭଳି ରାଜନେତାଙ୍କ ପ୍ରତି ବଲାଙ୍ଗୀରବାସୀ ସତର୍କ ରୁହନ୍ତୁ ବୋଲି ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ବରକାନୀ ଗ୍ରାମ ପଞ୍ଚାୟତର ଅଏଁଲାଚୁଆଁଠାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର କହିଛନ୍ତି। ସେ ଆହୁରି କହିଥିଲେ ଯେ, ବଲାଙ୍ଗୀରର ବିକାଶରେ ବ୍ରେକ ଲଗେଇଥିଲା ଲୋକେ ଆଜି ମିଛ ବିକାଶର ବାର୍ତ୍ତା ଦେଉଛନ୍ତି। ଯେତେ ବି ଉନ୍ନୟନ ପ୍ରକଳ୍ପ ବଲାଙ୍ଗୀରରେ ନିର୍ମାଣ ହୋଇଛି ଏମାନଙ୍କ ପାଖରେ ତାର କୌଣସି ତଥ୍ୟ ବି ନାହିଁ। ସରକାରଙ୍କ ଆଗରେ ପ୍ରକଳ୍ପ ଦାବି କରିବାକୁ ଏମାନେ ଭୟ କରନ୍ତି। ଏମାନେ କେବଳ ନିର୍ବାଚନ ଆସିଲେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ନିଜ ପାଇଁ ଲୋକସଭା, ରାଜ୍ୟ ସଭା ଏବଂ ବିଧାନସଭା ଟିକେଟ ଦାବି କରନ୍ତି। ତେଣୁ ବଲାଙ୍ଗୀରବାସୀ ଏଭଳି ରାଜନେତାଙ୍କୁ ଭଲ ଭାବେ ଚିହ୍ନି ଆଗାମୀ ନିର୍ବାଚନରେ ତାର ଜବାବ ଦିଅନ୍ତୁ ବୋଲି ସମରେନ୍ଦ୍ର କହିଥିଲେ। ଏହି ଅବସରରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବରପଦର-ଅର୍ଜୁନପୁର ଭାୟା ଅଇଁଲାଚୁଆଁ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଅଏଁଲାଚୁଆଁ ଲୋକଙ୍କ ଦାବି ମୁତାବକ ପ୍ରତ୍ୟେକ କାମ ଠିକ ଭାବେ କରାଯାଇଛି। ଅଞ୍ଚଳର ବିକାଶ ଏତିକିରେ ଅଟକିବ ନାହିଁ, ଆପଣମାନେ ଏକଜୁଟ ହୁଅନ୍ତୁ ବୋଲି ବିଧାୟକ ମିଶ୍ର କହିଥିଲେ। ସ୍ଥାନୀୟ ସରପଞ୍ଚ ବଳଦେବ ସାହୁ ସଭା ସଂଯୋଜନା କରିଥିଲେ। ସଭାରେ ପୂର୍ବତନ ସରପଞ୍ଚ ସତ୍ୟବାନ ସାହୁ, ବରକାନି ଗୌନ୍ତିଆ ମାଝିବାବୁ ସମେତ ବରିଷ୍ଠ ନାଗରିକ ମଞ୍ଚସୀନ ଥିଲେ।

# ପାତାଳେଶ୍ୱର ମହୋତ୍ସବ ଉଦ୍‌ଯାପିତ



ପାତାଳେଶ୍ୱର ମହୋତ୍ସବ ଉଦ୍‌ଯାପନୀରେ ଉପସ୍ଥିତ ଅତିଥି।

କୋମନା,୧୧।୩(ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ବୁଢ଼ିକୋମନାଠାରେ ଚାଲିଥିବା ପାତାଳେଶ୍ୱର ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଅବନୀ ରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସର ପ୍ରଧାନ ଶିକ୍ଷକ ଡ. କପିଳେନ୍ଦ୍ର ଦାସ ଯୋଗଦେଇ ମହାଶିବ ରାତ୍ରିର ପାଳନ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ନିଜ ଅଞ୍ଚଳର ଲୋକକଳା, ସଂସ୍କୃତି, ସଂକୀର୍ତ୍ତନ, ଘୁମୁରା ନାଚ ଓ ଇତିହାସକୁ ସବୁଦିନ ପାଇଁ ବଞ୍ଚାଇ ରଖିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ସାହୁ, ସମୀର କୁମାର ପାଢ଼ୀ, ଭବାନୀଶଙ୍କର ପଣ୍ଡା, ଯଶୋବନ୍ତି ମେହେର, କଲ୍ୟାଣୀ ଦାସ, ପ୍ରଶାନ୍ତ କୁମାର ନାୟକ, ସଞ୍ଜୀବ କ୍ଷତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ସମ୍ପାଦକ ନେତ୍ରମଣୀ ବାଗ ବିବରଣୀ ପାଠ କରିଥିଲେ। ଖଗେଶ୍ୱର ବାଗ ମଞ୍ଚ ପରିଚାଳନା ଏବଂ ବିଭୁତି ଭୂଷଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ମହେନ୍ଦ୍ର ଦାସ, ଯୁବରାଜ ପଟେଲ, ଦେବୀପ୍ରସାଦ ଖମାରି, ସୌମ୍ୟ ରଞ୍ଜନ ପାଢ଼ୀ, ଶିବଶଙ୍କର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲା ସଂସ୍କୃତି ଅଧିକାରିଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭବାନୀପାଟଣା,୧୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ସଂସ୍କୃତି ଅଧିକାରିଣୀ ଅର୍ପିତା ବେହେରାଙ୍କୁ ସୋମବାର ଭବାନୀପାଟଣାରେ ଜିଲା ସଂସ୍କୃତି ପରିଷଦ ଓ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସମସ୍ତ ସଂସ୍କୃତି ପରିଷଦ ସଦସ୍ୟ, ସଦସ୍ୟା ତଥା ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ସଭାପତି, ସମ୍ପାଦକ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଉପସ୍ଥିତ ରହିଥିଲେ। ଏହାସହ ନୂତନ ଭାବେ ଓଡିଶା ସଂଗୀତ ନାଟକ ଏକାଡେମୀ ସଦସ୍ୟ ମନୋନୀତ ଚିଣ୍ଟୁ ପ୍ରସାଦ ନାଏକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ଘୁମୁରା ଗବେଷକ ଗୁରୁ ଜୟନ୍ତ କୁମାର ବେହେରା, ଜୁନାଗଡ କର୍ତ୍ତବ୍ୟ ଅନୁଷ୍ଠାନ ସଭାପତି ଅଶୋକ ପଟ୍ଟନାୟକ, କେସିଙ୍ଗାରୁ ଅକ୍ଷୟ କୁମାର ଦାସ, ଗୁରୁ ଭୀମସେନ ସାହୁ, ବିଶିଷ୍ଟ ସଙ୍ଗୀତଜ୍ଞ ଜଗନ୍ନାଥ ତ୍ରିପାଠି, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୁରୁ ପ୍ରଦୀପ କୁମାର ସିଂହ, ଥୁଆମୂଳ ରାମପୁର ଶୁଭମ ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ସିଂହ, ବିଶ୍ୱକବି ଭବାନୀଶଙ୍କର ନିଆଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଦୁର୍ନୀତି ଖୋର ମନ୍ତ୍ରୀ ଇସ୍ତଫା ଦିଅନ୍ତୁ

## ଖବରଦାତା ସମ୍ମିଳନୀରେ କଂଗ୍ରେସର ଦାବି



ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଉଛି।

ନୂଆପଡ଼ା,୧୧।୩(ମକାରୁ ବେମାଲ)

ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ପ୍ରତ୍ୟେକ କାର୍ଯ୍ୟରେ ୧୦ ପ୍ରତିଶତ ପିସି ନେବା ସହ ସରକାରୀ କାର୍ଯ୍ୟାଳୟରୁ ମାସିକ ଚାନ୍ଦା ଆଦାୟ କରୁଛନ୍ତି। ବ୍ୟକ୍ତିଗତ ବିଦ୍ୟାଳୟରେ ସରକାରୀ ଅନୁଦାନ ଖର୍ଚ୍ଚ କରିବା ଅନ୍ୱେଷା ଯୋଜନାରେ ଅର୍ଥ ହଡପ କରିବା ଭଳି ସାଂଘାତିକ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଅନେକ ଦୁର୍ନୀତିରେ ଜଡିତ ଅଛନ୍ତି। ଏହାର ବିଧିବଦ୍ଧ ଭାବେ ସିବିଆଇ ତଦନ୍ତ କରି ଦୋଷୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନୂଆପଡା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ସୋମବାର ଆହୁତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁରେଶ ଆଜାଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହିଭଳି ଦୁର୍ନୀତି ଖୋର ମନ୍ତ୍ରୀ ଜିଲାରେ ରହିଲେ ବିକାଶ ବଦଳରେ ବିନାଶ ଆଡକୁ ଜିଲା ଗତି କରିବ, ଶୀଘ୍ର ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଦେବଦତ ଦୀକ୍ଷିତ, ଅଭୟ ଶଙ୍କର ଯୋଶୀ, ସଦର ଏନଏସି ସଭାପତି କୂଳଦୀପ ସୁରଜ, ସଦର ବ୍ଲକ ସଭାପତି ଚୁନୁଲାଲ ଶବର, ବରିଷ୍ଠ ନେତା ଗୋବିନ୍ଦ ସିଂ ଠାକୁର, ଅନୀଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଟେନ୍ତୁଲିଖୁଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜୁନାଗଡ଼,୧୧।୩(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଟେନ୍ତୁଲିଖୁଣ୍ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମକରଧ୍ୱଜ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶିବ ଶଙ୍କର ନାଏକ, ମୁଖ୍ୟବକ୍ତା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବିରେନ୍ଦ୍ର ବାଗ, ସମ୍ମାନିତ ଅତିଥି ଭାବେ ଏବିଇଓ କ୍ଷିରୋଦ ଭୋଇ, ସ୍ଥାନୀୟ ନାଏବ ସରପଞ୍ଚ ପଦ୍ମିନୀ ହଂସ, ସ୍କୁଲ ପରିଚାଳନା କମିଟିର ଚେୟାରପର୍ସନ ସନ୍ତୋଷ ପଟେଲ, ଭାଇସ ଚେୟାରପର୍ସନ ସରିତା ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରିୟମ୍ବଦା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ଉତ୍ସବରେରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶିକ୍ଷକ ସମରେନ୍ଦ୍ର ଶେଖର ଦାଶ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ମୋନାଲିସା ମହାନ୍ତି ସହଯୋଗ କରିଥିଲେ। ସେହିପରି ଶିକ୍ଷକ ଟଙ୍କଧର ଶବର ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାହାକି ବେଶ ଚିତାକର୍ଷକ ହୋଇଥିଲା।

## ଚଣ୍ଡୀ ଓ ଭୈରବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବେଲପଡ଼ା, ୧୧।୩(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ସନ୍ନିକଟ ଡୁଙ୍ଗୁରିପାଲି ଶିବ ମନ୍ଦିର ପରିସରରେନବ ନିର୍ମିତ ଚଣ୍ଡୀ ଓ ଭୈରବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠାତା ସୁଜାତା ମିଶ୍ର ବିଘ୍ନରାଜ ମିଶ୍ର ପୂଜା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମାଁ ଙ୍କ ପ୍ରାଣ ପ୍ରତିଷ୍ଠା ପରେ ଦୁର୍ଗା ସପ୍ତସତୀ ଚଣ୍ଡୀ ପାଠ,ଚଣ୍ଡୀ ହବନ ହୋମ ଯଜ୍ଞ କାର୍ଯ୍ୟ ହୋଇଥିଲା । ଡୁଙ୍ଗୁରିପାଲି ଗ୍ରାମ ର ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇଥିଲେ ।

# ଆଲୋଚନାଚକ୍ର, ଭଜନ ସମାରୋହ

ଖଡ଼ିଆଳ,୧୧।୩(ସୁଜିତ୍ କୁମାର ପ୍ରଧାନ)



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଏଲସିଏଟି ପ୍ରେକ୍ଷାଳୟରେ ଉତ୍କଳୀୟ ଜନଜୀବନରେ ଶ୍ରୀଜଗନ୍ନାଥ ଶୀର୍ଷକ ଉପରେ ଆଲୋଚନାଚକ୍ର ଏବଂ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅଭୟ ଚଲାନ ସାହିତ୍ୟ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ପରିଷଦର ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ବଳଭଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଐତିହାସିକ ଡକ୍ଟର ଫଣିନ୍ଦମ ଦେଓ, ମୁଖ୍ୟବକ୍ତା ଭାବେ ଜଗତସିଂହପୁରସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡକ୍ଟର ଅଶୋକ କୁମାର ରାଉତ ଯୋଗଦେଇଥିଲେ। ପରିଷଦ ମୁଖ୍ୟ ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ତଥା ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପରିଷଦ ଯୁଗ୍ମ ସମ୍ପାଦକ ବିଭୁଦତ୍ତ ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟକ ଡକ୍ଟର ଅଶୋକ କୁମାର ରାଉତଙ୍କୁ 'ଅଭୟ ଚଲାନ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା । ପରିଷଦର ଉପଦେଷ୍ଟା ଡକ୍ଟର ଶରତ ଚନ୍ଦ୍ର ଚଲାନ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନର ଭଜନ ସମାରୋହରେ କଣ୍ଠଶିଳ୍ପୀ ସଞ୍ଜୀବ କୁମାର ଦାଶ ଭଜନ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ର ଶିଳ୍ପୀ ଭାବରେ ସତ୍ୟଦେବ ବନଛୋର, ଉଜେନ୍ଦ୍ର ବାରିକ ଓ ମନମୋହନ ସିଂ ବାବୁ ପ୍ରମୁଖ ସହଯୋଗ ଦେଇଥିଲେ। ରଜତ ରଞ୍ଜନ ଚଲାନ, ରାକେଶ ଚଲାନ, ଉଗ୍ରେଶ୍ୱର ଚଲାନ, ସଞ୍ଜୟ କୁମାର ଚଲାନ ପ୍ରମୁଖ ସହଯୋଗ କରିଥିବା ବେଳେ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ଦ୍ୱାରା ସୁଦୃଢ଼ ହେଉଛି ଭିତ୍ତିଭୂମି

- ସୁବିଧା ପାଉଛନ୍ତି ସବୁ ବର୍ଗର ଜନସାଧାରଣ
- କେସିଙ୍ଗା ଏନ୍‌ଏସି

କେସିଙ୍ଗା,୧୧।୩(ତୁମେଶ୍ୱର ସାହୁ)



କେସିଙ୍ଗା ଏନ୍‌ଏସି।

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ସହର ଜିଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। ୧୯୬୫ରେ ଗଠନ ହେଇଥିଲା ଏନଏସି। ଗତ ୫୮ବର୍ଷ ମଧ୍ୟରେ ସହରରେ ଅନେକ ଉନ୍ନତୀମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ବିକାଶର ଗତିକୁ ଦ୍ୱିଗୁଣିତ କରିଛି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ। ବର୍ତ୍ତମାନ ଭିତ୍ତିଭୂମିର ବିକାଶ ସୁବିଧା ପାଉଛନ୍ତି ପ୍ରତ୍ୟେକବର୍ଗର ଲୋକ। ସହରରେ ବିକାଶର ଝଲକ ଦେଖାଉଛି ଆମ ଓଡ଼ିଶା ନବୀନ ଓଡ଼ିଶା। ସହରର ୩୩୧୪ ପରିବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲାଭ ପାଉଥିବା ବେଳେ ୨୩୯୦ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। ସେହିପରି ଜାଗା ମିଶନ ଅଧୀନରେ ୬୦୭ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ମଞ୍ଜୁର ହେଇଥିବା ବେଳେ ୯ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତିକରଣ କରାଯାଇଛି। ସେହିପରି ମୁକ୍ତା ଯୋଜନାରେ ୧୧ଟି ରାସ୍ତାର ରୂପାନ୍ତରିକରଣ ପାଇଁ ୪୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୫ କୋଟି ଟଙ୍କା ବ୍ୟୟରେ ୧୧୮ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମିଶନ ଶକ୍ତି ଜରିଆରେ ୧୪୬ ମିଶନ ଶକ୍ତି ଗୋଷ୍ଠୀଙ୍କୁ ପ୍ରାୟ ୭୯ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ କରାଯାଇ ମା'ମାନଙ୍କୁ ଆର୍ଥିକ ଅନଟନରୁ ମୁକୁଳା କରାଯାଇଛି। ସେହିପରି ସହରରେ ମମତା ଯୋଜନାରେ ୮୦୭ ଗର୍ଭବତୀଙ୍କୁ ମମତା ସହାୟତା ମିଳିଥିବା ବେଳେ ୨ କୋଟି ଟଙ୍କା ବିନିଯୋଗରେ ସ୍ମାର୍ଟ ପାର୍କ ଏବଂ ମଡେଲ ଶ୍ମଶାନ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। ସେହିପରି ସହରର ରାସ୍ତା ଆଲୋକିକାରଣ ପାଇଁ ୩.୦୩ କୋଟି ଟଙ୍କା ବ୍ୟୟରେ ୨୨୪୯ଟି ଷ୍ଟ୍ରିଟ ଲାଇଟ କରାଯାଇଛି। ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଯୋଜନାରେ ପରିମଳ ପରିଚାଳନା ପାଇଁ ଅଣୁ ଖତ କେନ୍ଦ୍ର (ଏମସିସି) ଏବଂ ଗୋଟିଏ ବସ୍ତୁ ପୁନରଲାଭ କେନ୍ଦ୍ର (ଏମଆରଏଫ) ନିର୍ମାଣ କରାଯାଇଥିବା ବେଳେ ୯୭ ପଥ ପାର୍ଶ ବିକାଳିଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୦୫.୮୨ ଲକ୍ଷ ଟଙ୍କା ସହାୟତା ମିଳିଛି। ସହର ମଧ୍ୟ ଭାଗରେ ୪.୬୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ବିଜୁ ପଟ୍ଟନାୟକ ଖେଳ ଭବନ। ସୁବିଧା ପାଉଛନ୍ତି ସବୁବର୍ଗର ଖେଳାଳି। ଲକ୍ଷ୍ମୀ ବସ ଦ୍ୱାରା ଅଞ୍ଚଳର ପ୍ରତ୍ୟେକ ଗ୍ରାମଞ୍ଚଳଠାରୁ ସହରାଞ୍ଚଳରେ ମହିଳାଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ଯୁବବର୍ଗମାନେ ଏହି ସେବା ପାଇଁ ପାରୁଛନ୍ତି। ଏ ସଂକ୍ରାନ୍ତରେ ଅଧ୍ୟକ୍ଷ ନୃପରାଜ ଯାଦବଙ୍କୁ ପଚାରିବାରୁ ସହରର ୧୨ଟି ୱାର୍ଡ଼ର ପ୍ରତ୍ୟେକ ଗଳିକନ୍ଦିରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆମ ଏନ୍‌ଏସି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ହତ୍ୟା ଅଭିଯୋଗ, ପୋଲିସର ତଦନ୍ତ

ନର୍ଲା,୧୧।୩(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଭାଟେଲ ଗାଁରେ ସୋମବାର ଅଭାବନୀୟ ଘଟଣା ଘଟିଛି। ଗାଁର ଜଣେ ବୃଦ୍ଧଙ୍କୁ କେହି ପିଟିପିଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଚଚରାପଡାର ରାମକୃଷ୍ଣ ରଣା (୬୫)। ନର୍ଲା ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ ଭାଟେଲ ଗାଁର ଚଚରାପଡା ବାସିନ୍ଦା ରାମକୃଷ୍ଣଙ୍କୁ କେଉଁ ଅଜଣା ଦୁର୍ବୃତ୍ତମାନେ ପିଟି ପିଟି ହତ୍ୟା କରିଥିବା ବେଳେ ସକାଳେ ମୃତଦେହ ଗାଁ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗାଁ ଦାଣ୍ଡରେ ତାଙ୍କର ଦୁଇ ଚପଲ ପଡ଼ିଥିବା ବେଳେ ନିକଟସ୍ଥ ଚାଷ ଜମିରେ ମୃତଦେହ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲା। ଗାଁ ଲୋକେ ହତ୍ୟା ସନ୍ଦେହ କରି ନର୍ଲା ପୋଲିସକୁ ଖବର ଦେବାପରେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଆସି ଅଧିକ ତଦନ୍ତ କରିଛନ୍ତି। ବୃଦ୍ଧଙ୍କୁ ଧାରୁଆ ଅସ୍ତ୍ର ଓ ଲୁହାଛଡ଼ରେ ଆକ୍ରମଣ କରାଯାଇଥିବା ଓ ଦେହରେ କ୍ଷତାକ୍ତ ଲାଗି ଥିବା ଜଣାପଡ଼ିଛି। ତାଙ୍କୁ କିଏ କାହିଁକି ଏଭଳି ହତ୍ୟା କରି ଫେରାର ମାରିଛି, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ



ବେହେରା,୧୧।୩(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ମାଲପଡା ଗ୍ରାମର ଜଣେ ଧର୍ମପରାୟଣା ମହିଳା ସୁବର୍ଣ୍ଣ ନାଗଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନରୁ ଅସୁସ୍ଥ ରହିଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ପାଖରେ ପୁଅ ବୋହୂ ନାତି ନାତୁଣୀ ରହିଥିଲେ। ତାଙ୍କର ମିଷ୍ଟଭାଷି ଓ ପରୋଉପକାରୀ ପ୍ରକୃତି ଯୋଗୁ ଲୋକେ ତାଙ୍କୁ ଝୁରଛନ୍ତି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକଛାୟା ଖେଳିଯାଇଛି। ସୋମବାର ଅନ୍ତିମ ସତ୍କାର ଗାଁ ମଶାଣିରେ କରାଯାଇଥିଲା। ବନ୍ଧୁ ବାନ୍ଧବ ଓ ପରିଜନ ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ମୌଷଧି ବାଗ, ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, କଂଗ୍ରେସ ବରିଷ୍ଠ ନେତା ଦିଗାମ୍ବର ଦୁରିଆ, ସରପଞ୍ଚ ଜୟନ୍ତୀ ବାଗ, ଢ଼ମ୍ଭ ସମାଜ ସଭାପତି ବିରଞ୍ଚି ନାରାୟଣ ଖମାରୀ, ଯଶୋବନ୍ତ ପାଣିଗ୍ରାହୀ, ସୁନୀଲ ଦୁରିଆ, ହେରମ୍ବ ସୁନାନୀ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ପ୍ରସ୍ତାବ, ପ୍ରତିଶ୍ରୁତି ଅନେକ, ବାସ୍ତବତା ଦୁର୍ବଳ

## କଳାହାଣ୍ଡିରେ ରେଳ ସେବା

ଭବାନୀପାଟଣା,୧୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଧାନ, କପାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଜଳସେଚନ, ବିଦ୍ୟୁତ୍‌କରଣ ଓ ଖଣି, ଶିଳ୍ପ ଓ ମାନବ ଶକ୍ତିର ବିକାଶ ପାଇଁ ରାଜ୍ୟରେ ଚର୍ଚ୍ଚାରେ ରହିଛି। ହେଲେ ରେଳ ସେବା କ୍ଷେତ୍ରରେ ଜିଲା ପଛରେ ରହିଯାଇଥିବା ମନେହୁଏ। ଏପରିସ୍ଥଳେ ଦୀର୍ଘ ୧୩ ବର୍ଷର ଦାବି ପରେ ନର୍ଲାଠାରେ ଗତ ୫ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ଇଲେକ୍ଟ୍ରି ଇଞ୍ଜିନ ଲୋକୋମେଟିକ କାରଖାନାର ଶିଳାନ୍ୟାସ କରିଥିଲେ। କଳାହାଣ୍ଡି ଜିଲାରେ ୧୦୦ ସିଟ ବିଶିଷ୍ଟ ମେଡିକାଲ କଲେଜ, କୃଷି ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମେତ ବହୁ ଶିକ୍ଷାନୁଷ୍ଠାନ ରହିଛି। ଏଠାରେ ବିଭିନ୍ନ ଅଞ୍ଚଳର ହଜାର ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେହିପରି ଆକାଂକ୍ଷା ଜିଲା ରୂପେ ପରିଗଣିତ ହୋଇଛି କଳାହାଣ୍ଡି। ନିକଟ ଅତୀତରେ ଆରମ୍ଭ ହୋଇଥିବା ଉତ୍କେଳାରୁ ଭୁବନେଶ୍ୱର ବିମାନ ସେବା ଜିଲା ବିକାଶର ସୂଚୀପତ୍ରରେ ସ୍ଥାନ ପାଇଛି। ବି ବିଷୟ ରେଳ ସେବା କଥା ଯଦି କୁହାଯାଏ ପ୍ରସ୍ତାବ ଓ ପ୍ରତିଶ୍ରୁତି ପ୍ରବଳ କିନ୍ତୁ ବାସ୍ତବତା ନିହାତି ଦୁର୍ବଳ। କେସିଙ୍ଗାଠାରୁ ଟ୍ରେନ ଯୋଗେ ଯାତ୍ରା କରିବା ପାଇଁ ସୁବିଧା ଥିଲେ ମଧ୍ୟ ଭବାନୀପାଟଣା ସହରରୁ ୩୫ କି.ମି. ଦୂରରେ ଥିବା ଯୋଗୁ ଅଧିକାଂଶ ଯାତ୍ରୀଙ୍କୁ କେସିଙ୍ଗା ଷ୍ଟେଶନ ପହଞ୍ଚିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। ଏବେ ଜୁନାଗଡ଼-ଭୁବନେଶ୍ୱର ଟ୍ରେନକୁ ଛାଡିଦେଲେ ଅନ୍ୟ ଟ୍ରେନ ଉପରେ ବିଶେଷ ଭରସା କରିପାରୁନାହାନ୍ତି ଜିଲାର ରେଳ ଯାତ୍ରୀ। ଅନେକ ନୂତନ ଟ୍ରେନର ସମ୍ପ୍ରସାରଣ ଓ ନୂତନ ରେଳ ଲାଇନ ପ୍ରତିଷ୍ଠା କେବଳ ପ୍ରସଙ୍ଗ ହୋଇ ରହିଛି। କଳାହାଣ୍ଡି ପ୍ରତି ରେଳ ମନ୍ତ୍ରାଳୟ ଗୁରୁତ୍ୱ ଦେଲେ ଯାତ୍ରୀ ସୁବିଧା ପାଇବା ସଙ୍ଗେ ସଙ୍ଗେ ନିଯୁକ୍ତି ସୃଷ୍ଟି ହେବ। ବହୁ କୁଶଳୀ, ଅର୍ଦ୍ଧ କୁଶଳୀ ଓ ଅଣକୁଶଳୀ ବ୍ୟକ୍ତିମାନେ ରୋଜଗାରକ୍ଷମ ହୋଇପାରନ୍ତେ। ଏହାଛଡା କଳାହାଣ୍ଡି ଭଳି ଜିଲାରେ ରେଳ ଚଳାଚଳ ଏକ ପ୍ରକାର ବିକାଶର ଭାଗିଦାରୀ ମଧ୍ୟ ହେବା ନିଶ୍ଚିତ। କଳାହାଣ୍ଡିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ବିଦ୍ୟୁତ୍ ସେବା ସହିତ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱାରୋପ କରି ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ଏପରିକି ଉତ୍କେଳାଠାରେ ଏୟାରଷ୍ଟ୍ରିପ ପ୍ରତିଷ୍ଠା କରି ସେଠାରୁ ଭୁବନେଶ୍ୱରକୁ ଉଡାନ ସେବା ପାଇଁ ଜମି ଯୋଗାଇ ଜିଲାବାସୀଙ୍କ ଉତ୍କଣ୍ଠାକୁ ଅନୁଭବ କରି ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିପାରିଛନ୍ତି। ଅନ୍ୟପକ୍ଷରେ ରେଳ ବିଭାଗର କ୍ରମାଗତ ବୈମାତୃକଭାବ କେନ୍ଦ୍ର ସରକାର ଶାସନାଧୀନ ଛାମୁଆ ନେତାମାନଙ୍କ ଅସଲ ସ୍ୱରୂପ ପଦାରେ ପଡୁଛି। ସେହିପରି ଜିଲାରେ ଜୁନାଗଡ ରୋଡ-ନବରଙ୍ଗପୁର ରେଳପଥ ପ୍ରକଳ୍ପ ପାଇଁ ନା ଗନ୍ଧ ନାହିଁ, ରାୟପୁର-ରାଜିମ-ଗରିଆବନ୍ଧ-ଦେଭୋଗ-ଧର୍ମଗଡ-ଜୁନାଗଡ ରେଳପଥ ପାଇଁ ସର୍ଭେ ସକାଶେ ଅନୁମୋଦନ ମିଳିଥିଲେ ମଧ୍ୟ ତାହାର ସ୍ଥିତି ସମ୍ପର୍କରେ ଜଣାପଡୁନାହିଁ। ଭବାନୀପାଟଣା-କେସିଙ୍ଗା ରେଳପଥ ପ୍ରକଳ୍ପ କେଉଁ ସ୍ଥିତିରେ ଅଛି ଜାଣିବା ମୁସ୍କିଲ। ହାଓଡା-ଟିଟିଲାଗଡ, ଟିଟିଲାଗ ଏକ୍ସପ୍ରେସକୁ ଜୁନାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ, ରାୟଗଡାରେ ସମତା ଏକ୍ସପ୍ରେସରେ ଯାତ୍ରା କରିବାକୁ ରାୟଗଡା ଏବଂ ଜୁନାଗଡ ପର୍ଯ୍ୟନ୍ତ ସମ୍ପ୍ରସାରଣ, ଜୟପୁର ଓ ଜୁନାଗଡ ରୋଡ ମଧ୍ୟରେ ନୂଆ ରେଳପଥ ନିର୍ମାଣ, ଜୁନାଗଡ ଓ ଆମ୍ବାଗୁଡା ମଧ୍ୟରେ ଭାୟା ନବରଙ୍ଗପୁର ଓ କୋକସରା ଏକ ନୂଆ ରେଳପଥ ନିର୍ମାଣ ଦାବି, ଭୁବନେଶ୍ୱର ଇଣ୍ଟରସିଟି ବଲାଙ୍ଗୀର ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ଆଦି ଦାବିକୁ ଜିଲାର ବିଭିନ୍ନ ଅନୁଷ୍ଠାନ ତଥା ରାଜନୈତିକ ବ୍ୟକ୍ତି ବିଶେଷ, ଅନ୍ୟାନ୍ୟ ସଙ୍ଗଠନ ଏପରିକି କଳାହାଣ୍ଡି ରେଳ ଯାତ୍ରୀ ସଂଘ ଅଧ୍ୟକ୍ଷ ଭବାନୀ ନିଆଲ ମଧ୍ୟ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି କଳାହାଣ୍ଡିରେ ରେଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ରେଳ ସେବା ମାଲ ଓ ଯାତ୍ରୀ ପରିବହନ କ୍ଷେତ୍ରରେ ଲାଇଫ ଲାଇନ ବୋଲି କୁହାଯାଉଥିବା ବେଳେ କଳାହାଣ୍ଡି ଜିଲାରେ ଏହାର ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଜିଲାରେ ରେଳପଥର ଅଭିବୃଦ୍ଧି ସହିତ ନୂତନ ରେଳ ଲାଇନ ନିର୍ମାଣ ଓ ନୂଆ ଟ୍ରେନ ଚଳାଚଳ ଦ୍ୱାରା ଅନେକ ଯାତ୍ରୀ ଉପକୃତ ହେବେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଲାଞ୍ଜିଗଡ଼ରେ ଆୟୋଜିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର।

ଲାଞ୍ଜିଗଡ଼,୧୧।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ବିଡିଓ ଶଶାଙ୍କ ପାତ୍ର, ତହସିଲଦାର କିରଣ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ଯୋଗଦେଇଥିବା ବେଳେ ୧୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ଶୁଣାଣି ଶେଷ ହେବା ପରେ ଜିଲାପାଳ ୫-ଟି ରୂପାନ୍ତରିତ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କାଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଏନ୍‌ଏସି ଘୋଷଣା ଦାବିରେ ୫ ଘଣ୍ଟିଆ କୋମନା ବନ୍ଦ



ଏନ୍‌ଏସି ଦାବିରେ ଧାରଣା ଦିଆଯାଇଛି।

କୋମନା,୧୧।୩(ସୋବିନ ଛତ୍ରିଆ)

## ଏନ୍‌ଏସି ଘୋଷଣା ନ କଲେ ଭୋଟ ବର୍ଜନ

ନୂଆପଡା ଜିଲା କୋମନାକୁ ଏନ୍‌ଏସି ଘୋଷଣା ଦାବିରେ ସୋମବାର ସ୍ଥାନୀୟ ବସଷ୍ଟାଣ୍ଡଠାରେ ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ୫ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ପ୍ରସ୍ତାବିତ କୋମନା ଏନ୍‌ଏସି ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫ ଘଣ୍ଟିଆ ବନ୍ଦ ପାଳନରେ କୋମନା ସହରର ଦୋକାନ, ବଜାର, ସ୍କୁଲ, କଲେଜ, ସରକାରୀ, ବେସରକାରୀ, ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦଥିଲା। ପ୍ରସ୍ତାବିତ କୋମନା ଏନ୍‌ଏସି ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ସଭାପତି ଗଙ୍ଗାଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅଞ୍ଚର ଶତାଧିକ ଲୋକ ସାମିଲ ହୋଇ ବନ୍ଦ ଡାକରାକୁ ସଫଳ କରିଛନ୍ତି। ଯାତାୟାତରେ ଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ନୂଆପଡା ଜିଲାର କୋମନା ଏକ ବହୁ ପୁରାତନ ଆବଶ୍ୟକ ଜନସଂଖ୍ୟା ଓ ଏନଏସି ଯୋଗ୍ୟ ସହର ତେଣୁ କୋମନା ଅଞ୍ଚଳବାସୀ କୋମନାକୁ ଏନଏସି ଘୋଷଣା ପାଇଁ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ଆଗାମୀ ନିର୍ବାଚନ ପୂର୍ବରୁ ସରକାର କୋମନାକୁ ଏନଏସି ଘୋଷଣା ନ କଲେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ଓ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବୁ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ପ୍ରସ୍ତାବିତ କୋମନା ଏନ୍‌ଏସି ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ସଭାପତିଙ୍କ ନେତୃତ୍ୱରେ ଶରତ ଚନ୍ଦ୍ର ପାଣିଗ୍ରାହୀ, ସଦନ ତିୱାରୀ, ମନୋଜ ମିଶ୍ର, ପ୍ରସନ୍ନ ପାଢ଼ୀ, ଜୟଦେବ ପ୍ରଧାନ, ଅଭିନ୍ନ ପୁରୋହିତ ସଲିଲ ପାଳ, ପ୍ରବୀଣ ଭୋଇ, ଗୋଲାପ ସେଠି, କୈଳାଶ ବାଗ, ଗଣେଶ ମିଶ୍ର, ମନୋଜ ମୋହନ ମଲ୍ଲିକ, ମନୋଜ ଅଦାଙ୍କ ସମେତ ଶତାଧିକ ବ୍ୟକ୍ତି କୋମନା ବନ୍ଦ ଡାକରାରେ ସାମିଲ ଥିଲେ।

### ଖପ୍ରାଖୋଲ ସିଏଚ୍‌ସିରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ଅନଶନ

ଖପ୍ରାଖୋଲ, ୧୧।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବିରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧଣ୍ଡାମୁଣ୍ଡା ଯୁବଶକ୍ତି ସଂଗଠନ ସଭାପତି ଶୋଭନମୟ ମିଶ୍ର ସୋମବାର ଆମରଣ ଅନଶନରେ ବସିଥିଲେ । ପ୍ରଥମେ ଯୁବକମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ସ୍ଥାନୀୟ ବସଷ୍ଟାଣ୍ଡରୁ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ।ସୂଚନା ଅନୁସାରେ ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ୨୦୧୨ ରେ ମାନ୍ୟତା ମିଳିଥିଲେ ମଧ୍ୟ କୌଣସି ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହୋଇନାହାନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟରେ ଶିଶୁରୋଗ, ମେଡ଼ିସିନ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନିଯୁକ୍ତି ରହିବା କଥା। କିନ୍ତୁ କୌଣସି ବିଶେଷଜ୍ଞ ଡାକ୍ତର ନଥିବାରୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସନ୍ଧ୍ୟାରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର , ମେଡିକାଲ ଅଫିସର ଡ଼ା ସୁରଜ କୁମାର ଦୀପ, ସରପଞ୍ଚ ବୈଦ୍ୟନାଥ ମିଶ୍ର, ଉପେନ୍ଦ୍ର ଭୋଇ ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ବୁଝାଶୁଝା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

# ଗଜଲକ୍ଷ୍ମୀ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନରେ ଉପସ୍ଥିତ ଅତିଥି।

ରିଷିଡ଼ା,୧୧।୩(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ପଞ୍ଚାୟତ ସଲଣ୍ଡିଆମୁଣ୍ଡାଠାରେ ଗଜଲକ୍ଷ୍ମୀ ପୂଜା ମଣ୍ଡପ ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବିଧାୟକ ଭୂପିନ୍ଦର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା ଯୋଗଦେଇଥିବା ବେଳେ ପୂଜା କମିଟି ସମ୍ପାଦକ ନରୋତ୍ତମ ସେଲମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପାଇଁ ଭୂମିଦାନ କରିଥିବା ଗ୍ରାମ ଝାଙ୍କର ଉମାକାନ୍ତ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିବଲାଲ କେଡ଼ିଆ, ନେମିଚାନ୍ଦ ଜୈନ, ଅନ୍ତର୍ଯ୍ୟାମୀ ସାହୁ, ନାରାୟଣ ରଣା, ବାସୁଦେବ ସେଲମା, ହେମନ୍ତ ଭୋଇ, ଲଳିତ ଦାସ, ସୋନୁ ରଣା, ଲିପୁନ ରଣାଙ୍କ ସମେତ ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ହତ୍ୟା ମାମଲାର ରାୟ ପ୍ରକାଶ: ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଭବାନୀପାଟଣା,୧୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅନ୍ତର୍ଗତ ଡୋଲାବାହାଲି ଗ୍ରାମରେ ୨୦୧୮ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ହତ୍ୟାକାଣ୍ଡର ରାୟ ସୋମବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ଦିପ୍ତୀ ରଞ୍ଜନ କାନୁନ୍‌ଗୋ ମୋଟ ୧୮ଜଣ ସାକ୍ଷୀ ଓ ୧୯ଟି ପ୍ରମାଣ ଭିତ୍ତିକରି ଉକ୍ତ ଗ୍ରାମର ଅଭି ଭୋଇ (୫୪)ଙ୍କୁ ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାରେ ଅନ୍ୟ ଜଣେ ବିଚାରଧୀନ ଅଭିଯୁକ୍ତ କରଫୁଲ ଭୋଇ ସାକ୍ଷ୍ୟ ଅଭାବରୁ ନିର୍ଦ୍ଦୋଶରେ ଖଲାସ ହୋଇଥିବାବେଳେ ଏବେ ବି ୨ ଅଭିଯୁକ୍ତ ନବୀନ ଭୋଇ ଓ ଜନ୍ମେଜୟ ଭୋଇ ଫେରାର ଅଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୨୦୧୮ ସେପ୍ଟେମ୍ବର ୧୪ ତାରିଖ ସନ୍ଧ୍ୟା ୭ଟାରେ ଅଭି, କରଫୁଲ ଓ ତାଙ୍କ ୨ପୁଅ ନବୀନ ଓ ଜନ୍ମେଜୟ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ସୁକଲ ପାତ୍ରଙ୍କୁ ତାଙ୍କ ଘର ପାଖରେ ଗାଳିଗୋଲଜ କରିଥିଲେ। ପରେ ଅଭି ଉତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସୁକଲଙ୍କୁ ୨ ଚୋଟ ମାରିଥିଲେ। ଏହି ସମୟରେ ପ୍ରତ୍ୟକ୍ଷଦର୍ଶୀ ଟାଙ୍ଗିଆକୁ ଧରି ଲୋକଙ୍କୁ ଡାକିଥିଲେ। ଲୋକମାନେ ଆସିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ସୁକଲଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ସୁକଲଙ୍କ ସ୍ତ୍ରୀ ବେଦମତୀ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ସେତେବେଳେ ଉପରୋକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲା ସରକାରୀ ଓକିଲ ନିର୍ଦ୍ଦଶିନୀ ରଥ ପରିଚାଳନା କରିଥିଲେ।

# କ୍ଷତିପୂରଣ ଦାବିରେ ଦାବିପତ୍ର

ନୂଆପଡ଼ା/କୋମନା,୧୧।୩
(ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ତରବୋଡଠାରୁ କାଣ୍ଡେତରା ଯାଇଥିବା ରାସ୍ତା କଡରେ ଚାଷୀଙ୍କ ଜମି ଡିମାରକେସନ ନ କରି ରାସ୍ତା ତିଆରି କରାଯାଉଥିବାରୁ ବିରୋଧ କରି ପୂର୍ତ୍ତ ବିଭାଗ ଏସଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାୟପୁର-ଗୋପାଳପୁର ସଂଯୋଗ କରୁଥିବା ୩୫୩ ନମ୍ବର ଜାତୀୟ ରାଜପଥଠାରୁ ତରବୋଡ-କାଣ୍ଡେତରାକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଚାଲିଛି। ତରବୋଡଠାରୁ ଭରୁଆମୁଣ୍ଡା ପର୍ଯ୍ୟନ୍ତ ଅଧିକାଂଶ ଚାଷୀଙ୍କ ଜମି ରାସ୍ତାକୁ ଲାଗି ରହିଛି। ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଡିମାରକେସନ ବା ଚାଷୀଙ୍କୁ ନ ଜଣାଇ ନିଜ ମନମୁଖୀ କାର୍ଯ୍ୟ କରୁଥିବାରୁ ଚାଷୀଙ୍କ ଚାଷ ଜମି ଭିତରକୁ ମାଟି ପଶି ଯାଉଛି। ରାସ୍ତାର ଉଭୟ ପାର୍ଶ୍ୱକୁ ଡିମାରକେସନ କରି ରାସ୍ତାରେ ଯାଉଥିବା ଜମିର କ୍ଷତି ପୂରଣ ଦିଆଯାଉ, କ୍ଷତି ପୁରଣ ନ ଦେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିବେକାନନ୍ଦ ବାଗ, ମିନକେତନ ମେହେର, ଜଗଦୀଶ ମାଝି, ଚୈତନ ନାଏକ, ସୁବନ ମାଝି, ଡୋଲାମଣି ବାରିକ, ଈଶ୍ୱରଲାଲ ବିଶି,ହୃଦେ ସିଂ ମାଝି,ସୁନ୍ଦର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ମା’ଗଙ୍ଗାଦିବୁଡି ନାଇଟ ସାର୍କିଲ କ୍ରିକେଟ: ଦି ଡିସାଇଡର ଚାମ୍ପିୟନ



ଚାମ୍ପିୟନ ଟିମ ଖେଳାଳିଙ୍କ ସହ ଅତିଥି।

ଭବାନୀପାଟଣା,୧୧।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ମନ୍ଦାର ବଗିଚାପଡା ଦର୍ପଣ ସାଗର ନିକଟରେ ଗତ ୭ ତାରିଖଠାରୁ ଚାଲିଥିବା ମା’ ଗଙ୍ଗାଦିବୁଡି ନାଇଟ ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଦି ଡିସାଇଡର ବନାମ ସେଭେନ ପ୍ଲେୟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଭେନ ପ୍ଲେୟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୧୨୭ ରନ କରିଥିଲା। ଜବାବରେ ଦି ଡିସାଇଡର ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇ ଶେଷ ଓଭର ପର୍ଯ୍ୟନ୍ତ ସଂଘର୍ଷ କରି ଫାଇନାଲ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କଂଗ୍ରେସର ଯୁବନେତା ସାଗର ଚରଣ ଦାସ ଯୋଗଦେଇ ଚାମ୍ପିୟନ ଦି ଡିସାଇଡର ଟିମକୁ ନଗଦ ୩୦ ହଜାର ଟଙ୍କା ସହ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର ଅପ୍ ଟିମ ସେଭେନ ପ୍ଲେୟାରକୁ ୧୮ ହଜାର ଟଙ୍କା ସହ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବା ରାଜୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରିଥିବା କରନଙ୍କୁ ମ୍ୟାନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ମା’ ଗଙ୍ଗାଦିବୁଡି କ୍ଲବ ପକ୍ଷରୁ ଅନୁଷ୍ଠିତ ଏହି ପ୍ରଥମ ରାତ୍ରିକାଳୀନ ସାର୍କିଲ ଟୁର୍ନାମେଣ୍ଟ ଆୟୋଜିତ କରିବା ପାଇଁ ଅଞ୍ଚଳବାସୀ, କନିଷ୍ଠ, ଯୁବକ ଓ ପଡାର ବରିଷ୍ଠ ଓ ବୁଦ୍ଧିଜୀବୀମାନେ ସହଯୋଗ କରିଥିଲେ।

# ନୂଆପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ନୂଆପଡ଼ା,୧୧।୩(ମକାରୁ ବେମାଲ)

- ଜିଲାରେ ୫୪.୬% ଡାକ୍ତର ପଦବୀ ଖାଲି
- ଯକ୍ଷ୍ମା ଓ କୁଷ୍ଠ ରୋଗ ବିଭାଗରେ ଡାକ୍ତର ଶୂନ୍ୟ



ଜିଲା ମୁଖ୍ୟ ଚିକିତ୍ସାଳୟ।

ନୂଆପଡା ଜିଲାରେ ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଆବଶ୍ୟକ ଡାକ୍ତର ଅଭାବରୁ ସାମାନ୍ୟ ରୋଗୀଙ୍କୁ ମଧ୍ୟ ବୁର୍ଲା କିମ୍ବା ରାୟପୁର ସ୍ଥାନାନ୍ତର ହେବାକୁ ପଡୁଛି। ଭିତ୍ତିଭୂମି ରହିଛି ହେଲେ କାମରେ ଆସୁନି। ବାହାରୁ ଚକ୍ମକ ଦିଶୁଛି ଭିତରେ ଫମ୍ପା। ଜିଲା ମୁଖ୍ୟାଳୟରେ ରୋଗୀଙ୍କୁ ସର୍ବୋତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ୩ଶହ ଶର୍ଯ୍ୟା ବିଶିଷ୍ଟ ୭ ମହଲା କୋଠା ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଛି। ଆବଶ୍ୟକ ଡାକ୍ତର ଯୋଗାଇ ଦିଆ ଯାଉନାହିଁ। ଚକାଚକ କୋଠାକୁ ଦେଖି ଲୋକେ ରୋଗୀ ସେବା ଭଲ ହେଉଥିବା ଭାବି ଡାକ୍ତରଖାନାକୁ ଆସୁଛନ୍ତି। ସେବା ନ ପାଇ ନିରାଶ ହୋଇ ଫେରି ଯାଉଛନ୍ତି। ନ ହେଲେ ସାମାନ୍ୟ ରୋଗଙ୍କୁ ମଧ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଅଲଟ୍ରାସାଉଣ୍ଡ, ଡାଇଲାସିସ, ସୋନୋଗ୍ରାଫି ବ୍ୟାବସ୍ଥା ନ ଥିବାରୁ ଲୋକେ ଅଧିକ ଖର୍ଚ୍ଚାନ୍ତ ହେବା ସହ ଦୁର ସ୍ଥାନକୁ ହଇରାଣ ହୋଇଯିବାକୁ ପଡୁଛି। ନୂଆପଡା ଜିଲାରେ ଗୋଟେ ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ଗୋଟିଏ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଖଡିଆଳ, ୬ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ମାତ୍ର ୧୧୪ଜଣ ଡାକ୍ତର ରହିଛନ୍ତି। ଜିଲାରେ ମଞ୍ଜୁରିପ୍ରାପ୍ତ ଡାକ୍ତର ସଂଖ୍ୟା ମୋଟ ୨୫୧ଜଣ ଡାକ୍ତର ସ୍ଥାନରେ ୧୧୪ଜଣ ରହିଛନ୍ତି। ୧୩୭ଜଣ ଡାକ୍ତର ପଦବୀ ଖାଲି ପଡିଛି। ଜିଲାରେ ୪୫.୪% ଡାକ୍ତର ରହିଥିବା ବେଳେ ୫୪.୬ %ପଦବୀ ଖାଲି ପଡିଥିବାରୁ ରୋଗୀ ସେବା କିପରି ଚାଲିଥିବ ସହଜେ ଅନୁମେୟ। ଜିଲା ମୁଖ୍ୟାଳୟରେ ୩ଜଣ ଭେଷଜ ବିଶେଷଜ୍ଞ, ଜଣେ ଅସ୍ଥିଶଲ୍ୟ ବିଶେଷଜ୍ଞ, ୨ଜଣ କର୍ଣ୍ଣ ଗଳା ନାସା ବିଶେଷଜ୍ଞ, ଜଣେ ନଶ୍ଚେତକ ବିଶେଷଜ୍ଞ, ଜଣେ ଚକ୍ଷୁ ବିଶେଷଜ୍ଞ, ଜଣେ ଶିଶୁ ରୋଗ ବିଶେଷଜ୍ଞ, ୨ଜଣ ସ୍ତ୍ରୀ ଓ ପ୍ରସୁତି ରୋଗ ବିଶେଷଜ୍ଞ, ଜଣେ ରୋଗ ନିଦାନ ବିଶେଷଜ୍ଞ, ଜଣେ ସୂକ୍ଷ୍ମଜୀବ ବିଜ୍ଞାନ ବିଶେଷଜ୍ଞ, ଜଣେ ଅସ୍ତ୍ରୋପଚାର ବିଶେଷଜ୍ଞ, ୧୫ଜଣ ବିଶେଷଜ୍ଞଙ୍କ ସମେତ ୧୪ଜଣ ସାଧାରଣ ବର୍ଗ ଡାକ୍ତର ରୋଗୀ ସେବା କରୁଛନ୍ତି। ଯକ୍ଷ୍ମା ଓ କୁଷ୍ଠ ରୋଗ ବିଭାଗରେ ଡାକ୍ତର ଶୂନ୍ୟ ରହିଛି। ୭ଟି ଦନ୍ତ ଚିକିତ୍ସକ ପଦ ମଧ୍ୟରୁ ୩ଟି ପଦ ଖାଲି ପଡିଛି। ୨୦ଟି ଆୟୁଷ ଡାକ୍ତର ମଧ୍ୟରୁ ଗୋଟିଏ ଖାଲି ରହିଛି। ସେହିପରି ୪୬ଟି ଫର୍ମାସିଷ୍ଟ ପଦବୀ ମଧ୍ୟରୁ ୧୧ଟି ଓ ୨୨୯ଟି ନର୍ସିଂ ଅଫିସର ପଦବୀରୁ ୧୮ଟି ପଦବୀ ଖାଲି ପଡିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧରଣୀଧର ସେନାପତିଙ୍କୁ ପଚାରିବାରୁ ଏହି ବିଷୟ ପ୍ରତି ସରକାରଙ୍କୁ ଲିଖିତ ଭାବରେ ଜଣାଇଛୁ। ଡାକ୍ତର ଅଭାବ ଥିଲେ ମଧ୍ୟ ଅଭିଜ୍ଞା ଡାକ୍ତରମାନେ ଅଛନ୍ତି। ସବୁ କାର୍ଯ୍ୟକୁ ସମ୍ଭାଳି ନେଉଛନ୍ତି। ବର୍ତ୍ତମାନ ସୁଧା ରୋଗୀ ସେବା ଭଲ ଭାବେ ଚାଲିଛି ବୋଲି କହିଥିଲେ।

## ସଂକ୍ଷେପରେ

### ୪ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ, ୧୦ହଜାର ଜରିମାନା

**୧୮ କପାଚାଷୀଙ୍କୁ ଠକେଇ ମାମଲା**

ମୁରିବାହାଲ, ୧୧।୩(ଶ୍ରୀବତ୍ସ ବେହେରା) ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଗ୍ରାମ ପଞ୍ଚାୟତ ଚିତ୍ରମୁଣ୍ଡା ଗ୍ରାମର ୧୮ ଜଣ କପାଚାଷୀଙ୍କୁ ଠକେଇ ମାମଲାର ବିଚାର କରି ମୁରିବାହାଲ ଜେଏମ୍‌ଏଫ୍‌ସି ସୋମବାର ୪ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ୨୦୨୨ ମସିହାରେ ଉକ୍ତ ଗ୍ରାମରୁ ୧୮ ଜଣଙ୍କ ଚାଷୀଙ୍କଠାରୁ ପ୍ରାୟ ୧୭ଲକ୍ଷ ୫୭ ହଜାର ଟଙ୍କା କପା ଧାର ଆକାରରେ ଡୁରେକେଲା ଗ୍ରାମର ବିବେକାନନ୍ଦ ସାହୁ, ଚିତ୍ରମୁଣ୍ଡା ଗ୍ରାମର ବିନୋଦ ସାହୁ, ଭୈରିଗୁଡା ଗ୍ରାମର ଭୈରବ ସାହୁ ଓ ଗରାମୁଣ୍ଡା ଗ୍ରାମର ବ୍ରହ୍ମାନନ୍ଦ ସାହୁ ନେଇଥିଲେ। କିନ୍ତୁ କପା ନେଲା ପରେ ଆଉ ଟଙ୍କା ଦେବାପାଇଁ ବାରମ୍ବାର ତାରିଖ ଗଡେଇ ଚାଲିଥିଲେ ବୋଲି ଅଭିଯୋଗ ହୋଇଥିଲା। ଅନେକ ଦିନ ପର୍ଯ୍ୟନ୍ତ କପାର ଟଙ୍କା ନଦେବା ପରେ ଏକ ୧୦ ଟଙ୍କିଆ ଷ୍ଟାମ୍ପ ଏକ ଚୁକ୍ତିନାମ କରାଯାଇଥିଲା। ପରେ ଉକ୍ତ ଚୁକ୍ତିକୁ ଖିଲାପ. କରିବାରୁ ୨୦୨୩ ମାର୍ଚ୍ଚ ୨୫ ତାରିଖରେ ଚିତ୍ରମୁଣ୍ଡା ଗ୍ରାମର କମଲୋଚନ ସାହୁ ମୁରିବାହାଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ମୁରିବାହାଲ ଥାନାରେ ଏକ ଠକେଇ ମାମଲା(୫/୨୩) ଠକେଇ ରୁଜୁ କରାଯାଇଥିଲା। ଉକ୍ତ ମାମଲା ଜେଏମଏଫସି କୋର୍ଟକୁ ଆସିବା ପରେ ୧୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ସୋମବାର ୪ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ସରକାରୀ ଓକିଲ ବିଶ୍ୱନାରାୟଣ ବହିଦାର ଓ ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ଗୋପୀନାଥ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିଲେ।

### ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲିରେ ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଏହି କ୍ରମରେ ପ୍ରଥମ ଦିବସରେ କଳସ ଯାତ୍ରା ହୋଇଥିଲା। ସ୍ଥାନୀୟ ଚକ୍ରପୁଷ୍କରିଣୀରୁ ମହିଳାମାନେ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଦଧିବାମନ ମନ୍ଦିରକୁ ପହଞ୍ଚିଥିଲେ। ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ପୂଜାରମ୍ଭ ହୋଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହେରୁଲାଲ ଶତପଥୀ, ଜୟଦେବ ପଣ୍ଡା, ଗୋକୁଳେଶ୍ୱର ରଥ, ବେଣୁଧର ମହାପାତ୍ର, ରାଜେଶ କୁମାର ମିଶ୍ର, ରୋହିତ ରଥ, ଗୌରଚନ୍ଦ୍ର ରଥ, ଭୋଗେନ୍ଦ୍ର ପଣ୍ଡା, ରବିଲାଲ ଶତପଥୀ, ସୁରେନ୍ଦ୍ର ଦାଶ, ବିଷ୍ଣୁ ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ସଂସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ହୋଇଥିଲା। ପ୍ରତାପ ମହାପାତ୍ର, ଆନନ୍ଦ ମହାପାତ୍ର ସହଯୋଗ କରିଥିଲେ। ସରୋଜ କୁମାର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ଯୁବ ସଙ୍ଗଠକ ସୁବ୍ରତ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସୀତାରାମ ଦାଶ ପ୍ରବଚନ ଦେଇଥିଲେ। ସନ୍ଧ୍ୟାରେ ବୃନ୍ଦାବନରୁ ଆସିଥିବା ସ୍ମୃତି ଦିଦି ଯଜ୍ଞ ମଣ୍ଡପରେ ପ୍ରବଚନ ଦେଇଥିଲେ। ରାତ୍ରିରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା।



ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ଓ ଅନ୍ୟ ଅତିଥି।

# ବୌଦ୍ଧରେ ଲୋକାର୍ପଣ ହେଲା ୩ ସେତୁ

ବୌଦ୍ଧ, ୧୧।୩(ଅଜିତ କୁମାର ବାରିକ)

**ବୌଦ୍ଧ-ମର୍ଯ୍ୟାକୁଦ, ଧଳପୁର-ଆଠମଲ୍ଲିକ ଓ ଫାସେଡ-ରାକଡୋଲ ସେତୁକୁ ଲୋକାର୍ପିତ**

ବୌଦ୍ଧ ଜିଲାବାସୀଙ୍କ ବହୁ ପ୍ରତିକ୍ଷୀତ ସେତୁ ବୌଦ୍ଧ-ମର୍ଯ୍ୟାକୁଦ, ଧଳପୁର-ଆଠମଲ୍ଲିକ ଓ ଫାସେଡ-ରାକଡୋଲ ସୋମବାର ଲୋକାର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଜିଲାର ଏହି ତିନିଗୋଟି ସେତୁର ଲୋକାର୍ପଣ କରିଛନ୍ତି। ସେହିପରି ମହାନଦୀ ଉପରେ ବାଉଁଶୁଣୀ-ବୀରମହାରାଜପୁର ନୂତନ ସେତୁର ଶିଳାନ୍ୟାସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଛି। ସେତୁଗୁଡିକର ଲୋକାର୍ପିତ ନେଇ ଏକ ଉତ୍ସବ ବୌଦ୍ଧ ସହର କଟେରୀ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବୌଦ୍ଧ ବିଧାୟକ ତଥା ଜଙ୍ଗଲ ଓ ପରିବେଶ, ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ବିଧାୟକ ମହୀଧର ରଣା, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବୌଦ୍ଧ ଜିଲାପାଳ ଜେ. ସୋନାଲ, ଏସ୍‌ପି ରାଜପ୍ରସାଦ, ଜିଲା ପରିଷଦର ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୟନିକା ସଭାପତି ପ୍ରକାଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୦୧୬ ମସିହାରେ ଧଳପୁର-ଆଠମଲ୍ଲିକ ସେତୁର ଶିଳାନ୍ୟାସ ହୋଇଥିବା ବେଳେ ସେତୁ ନିର୍ମାଣ ପାଇଁ ୧୫୯ କୋଟି ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ମର୍ଯ୍ୟାକୁଦ ସେତୁର ଶିଳାନ୍ୟାସ ୨୦୧୮ରେ ହୋଇଥିବାବେଳ ସେତୁ ନିର୍ମାଣ ପାଇଁ ୭୧ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ସେହିପରି ତେଲ ନଦୀର ଫାସେଡ-ରାକଡୋଲ ସେତୁର ଶିଳାନ୍ୟାସ ୨୦୧୭ରେ ହୋଇଥିବା ବେଳେ ୪୫ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଜିଲାବାସୀଙ୍କ ଆଉ ଏକ ଦୀର୍ଘ ଦିନର ଦାବି ମହାନଦୀର ବାଉଁଶୁଣିଠାରୁ ବୀରମହାରାଜପୁର ସେତୁର ଶିଳାନ୍ୟାସ ହୋଇଛି। ଏହି ସେତୁ ନିର୍ମାଣ ପାଇଁ ୧୫୫ କୋଟି ୭୨ ଲକ୍ଷ ଟଙ୍କା ଅଟକଳ ରହିଛି। ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବୌଦ୍ଧ ଜିଲା ପାଇଁ ଆଜି ଏକ ଖୁସିର ଦିନ ବୋଲି ମତବ୍ୟକ୍ତ କରିଥିଲେ। ବୌଦ୍ଧ ଜିଲା ଓ ସୋନପୁର ଜିଲାର ବିକାଶପଥରେ ଆଉ ଏକ ମାଇଲ ଖୁଣ୍ଟ ସ୍ଥାପନ ହୋଇଛି। ଯାହା ବାଉଁଶୁଣୀ- ବୀରମହାରାଜପୁର ସେତୁର ଶିଳାନ୍ୟାସ ହୋଇଛି ବୋଲି କହିଥିଲେ।

# ଫାଇନାନ୍ସ କର୍ମଚାରୀ ଗିରଫ

ଭେଡ଼େନ, ୧୧।୩ (ସୁଦନ ମହାକୁର)

**ଜାଲ୍ ଦସ୍ତଖତ କରି ଟଙ୍କା ଆତ୍ମସାତ୍**

ମହିଳାଙ୍କ ନାଁରେ ଜାଲ୍ ଦସ୍ତଖତ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଣେଶ ସାଥୁଆ। ପୋଲିସ ତାଙ୍କଠାରୁ ଋଣ ସମ୍ବନ୍ଧୀୟ ବିଭିନ୍ନ କାଗଜପତ୍ର ଏବଂ ମୋବାଇଲ ଫୋନ ଜବତ କରିଛି। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଭେଡେନ ଥାନାରେ ଏକ ମାମଲା (ନଂ.୭୨/୨୪) ରୁଜୁ ହୋଇଛି। ପ୍ରକାଶ ଯେ, ଭାରତ ପ୍ରାଇଭେଟ ଫାଇନାନ୍ସ କମ୍ପାନୀର କର୍ମଚାରୀ ପରିଚୟ ଦେଇ କେତେଜଣ ଲୋକ ଗତ ଦୁଇମାସ ତଳେ ଭେଡ଼େନ ଥାନା ଅଧୀନ ଅର୍ଜୁଣ୍ଡା ପଞ୍ଚାୟତ ବଘିଆପାଲି ଗ୍ରାମକୁ ଯାଇଥିଲେ। ସେମାନେ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଟିପ ଚିହ୍ନ ଦିଅ, ସରକାରଙ୍କଠାରୁ ଟଙ୍କା ପାଇବ ବୋଲି କହି କାଗଜପତ୍ର ହାସଲ କରି ଚାଲିଯାଇଥିଲେ। ପରେ ସେମାନେ ଜାଲିଆତି କରି ଉକ୍ତ ମହିଳାମାନଙ୍କ ଅଜାଣତରେ ଲକ୍ଷାଧିକ ଟଙ୍କା ଋଣ ଉଠାଇଥିଲେ। କିଛିଦିନ ପରେ ଉକ୍ତ ମହିଳାମାନେ ଅନ୍ୟ କମ୍ପାନୀରେ ଋଣ କରିବାକୁ ଯିବାବେଳେ ସେମାନଙ୍କ ନାମରେ ଲକ୍ଷାଧିକ ଟଙ୍କାର ଋଣ ଉଠିଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅର୍ଜୁଣ୍ଡା ଗ୍ରାମର ମହିଳାମାନେ ଗତ ୬ତାରିଖରେ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ଅବକାରୀ ଆୟୁକ୍ତ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

ସୋନପୁର,୧୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ନିକଟରେ ଅବକାରୀ ଅଧୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଅବକାରୀ ଆୟୁକ୍ତ ନରସିଂହ ଭୋଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ସୁବର୍ଣ୍ଣପୁର ଏସ୍‌ପି ଯଶପ୍ରତାପ ଶ୍ରୀମାଲ୍, ସମ୍ବଲପୁରର ଯୁଗ୍ମ ଅବକାରୀ ଆୟୁକ୍ତ ରାଜେନ୍ଦ୍ର ଭୋତ୍ରା ଓ ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଯୋଗଦାନ କରିଥିଲେ। ପ୍ରାୟ ୧କୋଟି ୫୨ଲକ୍ଷ ଟଙ୍କା ବ୍ୟୟରେ ଦୁଇ ମହଲା ବିଶିଷ୍ଟ ଅବକାରୀ ଅଧୀକ୍ଷକଙ୍କ ଅତ୍ୟାଧୁନିକ ସୁବିଧା ଥିବା ନୂତନ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଏଥିରେ କମ୍ପ୍ୟୁଟର ଲ୍ୟାବ, ସଭାଗୃହ, ଅବକାରୀ ଅଧୀକ୍ଷକଙ୍କ ଅଫିସ ଆଦି ରହିଛି। ପୂର୍ବରୁ ଅବକାରୀ ବିଭାଗର ସୋନପୁର ରେଞ୍ଜ ଅଫିସର ପୁରୁଣା କୋଠାରେ ଅସ୍ଥାୟୀ ଭାବେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଚାଲି ଆସିଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲାର ଅବକାରୀ ବିଭାଗର ଇନିସପେକ୍ଟର, ସବ୍‌ଇନିସପେକ୍ଟର, ହାବିଲଦାର ଓ କନେଷ୍ଟବଳମାନେ ଉପସ୍ଥିତ ଥିଲେ ।

# ଦେଢ଼ଶୁର, ଭାଇ ବୋହୂ ସମେତ ୩ ଗିରଫ

ଅମରପାଲି,୧୧।୩(ପୀତାମ୍ବର ସାହୁ)

**ହିଲୁଙ୍ଗରେ ବୃଦ୍ଧାଙ୍କ ତଣ୍ଟି କାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ସଦର ହିଲୁଙ୍ଗ ଗ୍ରାମରେ ଜଣେ ବୃଦ୍ଧାଙ୍କୁ ବେକ କାଟି ହତ୍ୟା କରି ଏକ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇଥିବା ଘଟଣାର ରହସ୍ୟ ପର୍ଦ୍ଦାଫାଶ ହୋଇଛି। ଏହି ହତ୍ୟା ଘଟଣାରେ ୩ ଜଣକୁ ବୀରମହାରାଜପୁର ପୋଲିସ ଗିରଫ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହିଲୁଙ୍ଗ ଗ୍ରାମର ରାଜକିଶୋର ଜଗଦଲା(୩୫), ନନ୍ଦିନୀ ମେହେର(୨୨) ଓ ନିକଟସ୍ଥ ପଥରଘାଟ ଗ୍ରାମର ଶାନ୍ତନୁ ପ୍ରଧାନ(୨୭) ବୋଲି ପୋଲିସ ସୂଚନା ଦେଇଛି। ଗିରଫ ନନ୍ଦିନୀ ଓ ରାଜକିଶୋର ସମ୍ପର୍କରେ ଦେଢ଼ଶୁର ଓ ଭାଇବୋହୂ ଅଟନ୍ତି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ଫେବୃଆରୀ ୧୦ ତାରିଖ ସକାଳୁ ବୀରମହାରାଜପୁର ଥାନା ହିଲୁଙ୍ଗ ଗ୍ରାମର ୬୫ ବର୍ଷିୟା ବୃଦ୍ଧା ଶୋଭା ଭୋଇଙ୍କ ମୃତଦେହ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଉଦ୍ଧାର ହୋଇଥିଲ। ବୃଦ୍ଧାଙ୍କୁ କୌଣସି ଏକ ଧାରୁଆ ଅସ୍ତ୍ରରେ ବେକ କାଟି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଥିଲା। ଏନେଇ ମୃତ ବୃଦ୍ଧାଙ୍କ ଝିଅଙ୍କ ଅଭିଯୋଗ ଆଧାରରେ ଏକ ମାମଲା ମଧ ରୁଜୁ ହୋଇଥିଲା। ତଦନ୍ତରେ ମିଳିଥିବା ତଥ୍ୟ ଅନୁସାରେ ହିଲୁଙ୍ଗ ଗ୍ରାମରେ ଗିରଫ ନନ୍ଦିନି ମେହେର (୨୨) ଅନୈତିକ କାର୍ଯ୍ୟ ଚଳେଇ ଆସୁଥିଲେ। ବୃଦ୍ଧା ଜଣକ ଉକ୍ତ ମହିଳାଙ୍କ ସମ୍ପର୍କୀୟା ହୋଇଥିବାରୁ ତାଙ୍କୁ ଏହି କାମରୁ ନିବୃତ୍ତ ରହିବାକୁ କହୁଥିଲେ। ଘଟଣା ଦିନ ବୃଦ୍ଧା ଜଣକ ଉକ୍ତ ମହିଳାଙ୍କୁ ତାଙ୍କ ଦେଢ଼ଶୁର ରାଜକିଶୋର ଓ ଅନ୍ୟ ଜଣେ ଯୁବକ ଶାନ୍ତନୁଙ୍କ ସହିତ ଅନୈତିକ କାର୍ଯ୍ୟ କରୁଥିବାବେଳେ ଦେଖି ପକାଇଥିଲେ। କାଳେ ବୃଦ୍ଧା ଜଣକ ଉକ୍ତ ଘଟଣାକୁ ପ୍ରଘଟ କରିଦେବ ଭାବି ତିନିଜଣ ମିଶି ବୃଦ୍ଧାଙ୍କୁ ପ୍ରଥମେ ତଣ୍ଟି ଚିପି ହତ୍ୟା କରି ଏକ ଧାରୁଆ ବ୍ଲେଡରେ ତଣ୍ଟି କାଟି ଦେଇଥିଲେ। ସମସ୍ତେ ମିଶି ମୃତଦେହକୁ ନିକଟସ୍ଥ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇଥିଲେ। ବୀରମହାରାଜପୁର ଥାନା ଏସ.ଆଇ ଦୀପ୍ତିରଞ୍ଜନ ଦିଗାଲ ହତ୍ୟାକାଣ୍ଡରେ ସାମିଲ ଥିବା ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଅପରାହ୍ନରେ ଏଡିଜେଏମ କୋର୍ଟ ଚାଲାଣ କରିଥିବା ପ୍ରକାଶ କରିଛନ୍ତି।

# ବିନିକାକୁ ସବ୍‌ଡିଭିଜନ ଦାବିନେଇ ଧାରଣା ଜାରି

ବିନିକା, ୧୧।୩ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକାକୁ ସବଡ଼ିଭିଜନ ଦାବିରେ ଧାରଣା ଜାରି ରହିଛି। ସୋମବାର ଧାରଣା ଷଷ୍ଠ ଦିବସରେ ପହଞ୍ଚିଛି। ସବଡ଼ିଭିଜନ ଘୋଷଣା ଦାବିନେଇ ବିନିକା ଅଞ୍ଚଳର ଲୋକମାନେ ମାସେରୁ ଅଧିକ ସମୟ ହେଲା ବିଭିନ୍ନ ପ୍ରକାରେ ଆନ୍ଦୋଳନ ଆରମ୍ଭ କରି ବର୍ତ୍ତମାନ ପ୍ରତୀକାତ୍ମକ ଭାବେ ତହସିଲ ସମ୍ମୁଖରେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେଲେ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସବଡ଼ିଭିଜନ ସଂଘର୍ଷ କମିଟିର ଆବାହକ କ୍ଷୀର ସାଗର ବିଭାର ପ୍ରକାଶ କରିଛନ୍ତି।

# ମନ୍ତ୍ରୀଙ୍କ ବିରୋଧରେ ରାଲି

ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁରରେ ମନ୍ତ୍ରୀ ରୀତା ସାହୁଙ୍କ ବିରୋଧରେ ସୋମବାର ରାଲି ହୋଇଥିଲା। ମନ୍ତ୍ରୀ ସାହୁ, ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁଙ୍କ ବିରୋଧରେ ଲେଖାଥିବା ବ୍ୟାନର ଧରି ସ୍ଥାନୀୟ କିଛି ନାଗରିକ ରାଲିରେ ସାମିଲ ହୋଇ ବିଜେପୁର ବସଷ୍ଟାଣ୍ଡରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସିଥିଲେ। ବାଟରେ ସେମାନେ ମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମିତି ବୈଠକ ଚାଲିଥିଲା। ରାଲିରେ ସାମିଲ ଥିବା ଲୋକେ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ ଏବଂ ଏହାକୁ ନେଇ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଉପସ୍ଥିତ ପୋଲିସ କର୍ମଚାରୀମାନେ ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲେ। ସେହିପରି ବିଜେପୁରର ବିଭିନ୍ନ ସ୍ଥାନରେ ମନ୍ତ୍ରୀ ଏବଂ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ବ୍ୟାନର ମଧ୍ୟ ଲଗାଯାଇଥିବା ଦେଖିବାକୁ ମିଳିଛି। ପ୍ରକାଶଥାଉକି, ଗତ କିଛିଦିନ ତଳେ ବିଜେପୁରରେ ଜେଏମ୍‌ଏଫ୍‌ସି କୋର୍ଟ ଉଦଘାଟନ ହେବାର ଥିଲା। ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇ ସାରିଥିଲା। ମାତ୍ର ଅନ୍ତିମ ପର୍ଯ୍ୟାୟରେ ଉଦ୍‌ଘାଟନ ହୋଇ ପାରି ନ ଥିଲା। ସେହିଦିନଠାରୁ ମନ୍ତ୍ରୀ ସାହୁ ଏବଂ ବ୍ଲକ ଅଧ୍ୟକ୍ଷ ସାହୁଙ୍କ ବିରୋଧରେ ବିଜେପୁରରେ ପୁଞ୍ଜିଭୂତ ଅସନ୍ତୋଷ ଲାଗି ରହିଛି। ଏହା ତାର ପ୍ରତିଫଳନ ବୋଲି ସାଧାରଣରେ ଆଲୋଚନା ହେଉଛି।

# ବୟନିକା ପକ୍ଷରୁ ବୁଣାକାର ସଚେତନତା ଶିବିର

ବାଉଁଶୁଣୀ,୧୧।୩(ଦେବାଶିଷ ନେପାକ)



ବୁଣାକାର ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ବୌଦ୍ଧ ଜିଲା ବାଉଁଶୁଣୀଠାରେ ବୟନିକା ପକ୍ଷରୁ ବୁଣାକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବାଳମୁକୁନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ଉପନିର୍ଦ୍ଦେଶକ ବୟନ ଶିଳ୍ପ ବୌଦ୍ଧ, ସରପଞ୍ଚ ଅଇଁଠୁ ମଲ୍ଲିକ, ଭୂମିସୂତା ମେହେର, ବୈଦ୍ୟନାଥ ହୋତା ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ଉପନିର୍ଦ୍ଦେଶକ ବୟନ ଶିଳ୍ପ ବୌଦ୍ଧ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଣାକାରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବୁଣାକାରମାନଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ବୁଣାକାର ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନା ବିଷୟରେ ଜାଣିବା ସହ କେଉଁ ଥିରେ ଉପକୃତ ହେବେ ତାହା ମୁଖ୍ୟଅତିଥିଙ୍କ ଅଭିଭାଷଣରୁ ବୁଝିଥିଲେ।

**ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

# ଶିକାରୀପାଲି ଚାମ୍ପିୟନ

ପଦ୍ମପୁର ୧୧।୩ (ପ୍ରଦୀପ୍ତଦାଶ )




ମୁଖ୍ୟ ଅତିଥି ବିଧାୟିକା ବର୍ଷା ସିଂ ବରିହା ବିଜେତା ଦଳକୁ ପୁରସ୍କୃତ କରୁଛନ୍ତି।

ରାଜବୋଡ଼ାସମ୍ବର ହାଇସ୍କୁଲ ପଡିଆରେ ନେହେରୁ ସ୍ପୋର୍ଟିଂ ଦ୍ୱାରା ଆୟୋଜିତ ସ୍ୱର୍ଗତ ପ୍ରେମାନନ୍ଦ ସିଂ ବରିହା ଓ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଶିକାରୀପାଲି ଓ ସାପଲହର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶିକାରୀପାଲି ଦଳ ଟସ ଜିଣି ୧୦ ଓଭରରେ ୯ ଉଇକେଟ ବିନିମୟରେ ୮୪ ରନ ସଂଗ୍ରହ କରିଥିଲା। ତାର ପ୍ରତିବାଦରେ ସାପଲହର ଦଳ ୮ ଉଇକେଟ୍ ବିନିମୟରେ ୭୦ ରନ ସଂଗ୍ରହ କରି ପରାଜୟ ହୋଇଥିଲା । ମୁଖ୍ୟ ଅତିଥି ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି କାଦମ୍ବିନୀ ସିଂ ବରିହା ଯୋଗଦେଇ ବିଜେତା ଶିକାରୀପାଲି ଦଳକୁ ୫୧୦୦୦ ସହ ଟ୍ରଫି ଓ ଉପବିଜେତା ଦଳକୁ ୩୧୦୦୦ ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ସାପଲହର ଦଳର ନାରା, ଓ ମ୍ୟାନ ଅଫ ଦି ମ୍ୟାଚ ଶିକାରୀ ପାଲି ଦଳର କମଳେଶଙ୍କୁ ପୁରସ୍କୃତ କରଯାଇଥିଲା। ବିକାଶ ବରିହା ଓ ରାଜୁ ଭୋଇ ଖେଳ ପରିଚାଳନା କରିଥିବା ବେଳେ ନିଖିଲ ପଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ତବ୍ରେଜ, ସାୱନ, ବବଲୁ, ସୁଜିତ, ଟିନ୍ନୁ, ସାହିଲ ଖେଳ ପରିଚାଳନାରେ ସହଯୋଗ କରିଥିବା ବେଳେ ନିଖିଲ, ରାଜୁ, ପିଣ୍ଟୁ, ବିକାଶ, ଶୁଭଙ୍କର, ସତ୍ୟମଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସ୍କୁଲର ସାମଗ୍ରିକ ବିକାଶକୁ ଗୁରୁତ୍ୱ

ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)



ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ ।

ବରଗଡ଼ ଜିଲା ଭଟଲି ବ୍ଲକସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମାସିକ ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରି ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ କୁମାର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବିମଳ ବିଶ୍ୱାଳ ବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ, ଅଣଶୈକ୍ଷିକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ବିଦ୍ୟାଳୟର ନିର୍ମାଣାଧୀନ କାର୍ଯ୍ୟ, ଖେଳ ପଡ଼ିଆ, ମୁଖ୍ୟରାସ୍ତା ନିର୍ମାଣ, ରାସ୍ତାରେ ସ୍ପିଡ୍ ବ୍ରେକର, ବିଦ୍ୟାଳୟରେ ଡେସ୍କ, ବେଞ୍ଚ ଆବଶ୍ୟକତା, ମଧ୍ୟାହ୍ନ ଭୋଜନ, ରୋଷେଇ ଘର ତିଆରି, ବିଦ୍ୟୁତ ସମସ୍ୟା, ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଡାଲେଶ୍ୱରୀ ପଟେଲ, ଭଗବାନ ବେହେରା, ରାଜୀବ ପ୍ରଧାନ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଗଜେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ପରେ ପ୍ରକଳ୍ପ ନିର୍ଦ୍ଦେଶକ ୫-ଟି ସ୍ମାର୍ଟ କୋଠରୀ, ବିଜ୍ଞାନାଗାର, ଲାଇବ୍ରେରୀ, ଶୌଚାଳୟ ପରିଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷକ ମାଧବ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# କଳିଙ୍ଗରେ ଭାରତୀୟ ପୁରୁଷ ହକି କୋଚିଂ କ୍ୟାମ୍ପ

**ଭୁବନେଶ୍ୱର, ୧୧।୩**
**(ତପନ ସ୍ୱାଇଁ)**



- ମଙ୍ଗଳବାରଠାରୁ ୩୦ ପର୍ଯ୍ୟନ୍ତ ଚାଲିବ
- କ୍ୟାମ୍ପ ପାଇଁ ୨୮ ଜଣିଆ କୋର୍ ଗ୍ରୁପ୍ ଘୋଷିତ
- ଓଡ଼ିଶାରୁ ଅମିତ ରୋହିଦାସ ସାମିଲ

କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ସିନିୟର ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ମଙ୍ଗଳବାର ଆରମ୍ଭ ହେବ। ଏହା ୩୦ ପର୍ଯ୍ୟନ୍ତ ଚାଲିବ। ଆଗକୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଆସୁଥିବାରୁ ଏହି କ୍ୟାମ୍ପ ଦଳପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ପ୍ରୋ ଲିଗ୍‌ର ଅନ୍ତିମ ଚରଣ ଏବଂ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପଦେବା ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ ହେବ। କ୍ୟାମ୍ପ ଲାଗି ସୋମବାର ୨୮ ଜଣିଆ ସମ୍ଭାବ୍ୟ ଭାରତୀୟ କୋର୍ ଗ୍ରୁପ୍ ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ତାରକା ଡିଫେଣ୍ଡର ଅମିତ ରୋହିଦାସ ସାମିଲ ଅଛନ୍ତି।

୨୦୨୩-୨୪ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ର ପ୍ରଥମ ଚରଣରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଥିଲା। କିଛି ଦିନର ବ୍ରେକ୍ ପରେ ଭାରତୀୟ ଖେଳାଳିମାନେ କ୍ୟାମ୍ପକୁ ଫେରୁଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଭାରତୀୟ ଦଳ ମୋଟ ୮ଟି ପ୍ରୋ ଲିଗ୍ ମ୍ୟାଚ ଖେଳି ୧୫ ପଏଣ୍ଟ ପାଇଛି। ଭାରତ ୩ ମ୍ୟାଚରେ ବିଜୟୀ ହୋଇଥିବାବେଳେ ୨ଟି ଶୁଟ୍ ଆଉଟ ବିଜୟ, ୨ଟି ଶୁଟ୍ ଆଉଟ ପରାଜୟ ଓ ଗୋଟିଏ ମ୍ୟାଚରେ ପରାଜୟ ସ୍ୱାଦ ଚାଖିଛି। ପଏଣ୍ଟ ଟେବୁଲରେ ଭାରତ ଏବେ ନେଦରଲାଣ୍ଡ୍ସ (୧୨ ମ୍ୟାଚରୁ ୨୬) ଓ ଅଷ୍ଟ୍ରେଲିଆ (୮ ମ୍ୟାଚରୁ ୨୦) ପଛକୁ ତୃତୀୟ ସ୍ଥାନରେ ରହିଛି। ପ୍ରୋ ଲିଗ୍‌ର ପରବର୍ତ୍ତୀ ପର୍ଯ୍ୟାୟ ବେଲଜିୟମର ଆଣ୍ଟୱେର୍ପରେ ମେ’ ୨୨ରୁ ଆରମ୍ଭ ହେବ। ଏହାପରେ ଜୁନ୍ ୧ରୁ ଲଣ୍ଡନ ଏବଂ ଶେଷ ପର୍ଯ୍ୟାୟ ନେଦରଲାଣ୍ଡ୍ସରେ ଅନୁଷ୍ଠିତ ହେବ।

ଜାତୀୟ କୋଚିଂ କ୍ୟାମ୍ପ ପାଇଁ ଘୋଷିତ କୋର୍ ଗ୍ରୁପ୍‌ରେ ୩ ଗୋଲକିପର, ୭ ଡିଫେଣ୍ଡର, ୮ ମିଡ୍‌ଫିଲ୍ଡର ଓ ୧୦ ଫରୱାର୍ଡଙ୍କୁ ନିଆ ଯାଇଛି। ଓଡ଼ିଶାରୁ ଏକମାତ୍ର ଅମିତ ସ୍ଥାନ ପାଇଛନ୍ତି। ଆଗକୁ ପ୍ରୋ ଲିଗ୍‌ର ଅନ୍ତିମ ଚରଣ ଏବଂ ଅଲିମ୍ପିକ୍ସ ଆସୁଥିବାରୁ ଏହି କ୍ୟାମ୍ପକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଉଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ। ‘‘କ୍ୟାମ୍ପପରେ ଭାରତୀୟ ଦଳ ଅଷ୍ଟ୍ରେଲିଆ ଯାଇ ଏକ ଟେଷ୍ଟ ସିରିଜ ଖେଳିବ। ତା’ ପୂର୍ବରୁ ଏହି କ୍ୟାମ୍ପରେ ପ୍ରତିଟି ବିଭାଗ ଉପରେ ଫୋକସ ରଖାଯିବ। ଟେଷ୍ଟ ସିରିଜ ପୂର୍ବରୁ ଆମେ ଯେପରି ସବୁ ବିଭାଗରେ ଦୃଢ଼ ହୋଇପାରିବୁ ତା’ ଉପରେ ଦୃଷ୍ଟି ଦେବୁ। କ୍ୟାମ୍ପ ପାଇଁ ଆମେ ଅଭିଜ୍ଞ ଖେଳାଳିଙ୍କୁ ସାମିଲ କରିଛୁ। ଯେଉଁ କେତେଜଣ ଯୁବ ଖେଳାଳି ସାମିଲ ହୋଇଛନ୍ତି ସେମାନେ ପ୍ରୋ ଲିଗ୍ ଖେଳି ସାରିଛନ୍ତି। ଓଡ଼ିଶାରେ ପ୍ରୋ ଲିଗ୍ ଏକ ମିନି ଟୁର୍ନାମେଣ୍ଟ ଏବଂ ଏହା ଏକ ଟେଷ୍ଟିଂ ଗ୍ରାଉଣ୍ଡ ସଦୃଶ ଥିଲା। ତେବେ ଏବେ ମଧ୍ୟ ଆମକୁ କେତେକ ବିଭାଗରେ ଉନ୍ନତି କରିବାର ଅଛି। ପ୍ରୋ ଲିଗ୍‌ର ଅନ୍ତିମ ଚରଣ ଏବଂ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଆମେ ଯେପରି ପ୍ରତିଟି ବିଭାଗରେ ଦୃଢ଼ ହୋଇପାରିବୁ ତା’ ଉପରେ ଫୋକସ ରହିବ’’ ବୋଲି ଫୁଲଟନ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳ ଗ୍ରୁପ୍ ‘ବି’ରେ ବେଲଜିୟମ, ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ସହିତ ସ୍ଥାନ ପାଇଛି।

## ୨୮ ଜଣିଆ କୋର୍ ଗ୍ରୁପ୍

ଗୋଲକିପର୍ସ: କ୍ରିଷ୍ଣନ ବାହାଦୂର ପାଠକ, ପି.ଆର. ଶ୍ରୀଜେଶ, ସୂରଜ କରକେରା। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଅମିର ଅଲୀ। ମିଡ୍‌ଫିଲ୍ଡର୍ସ: ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍, ଶମଶେର ସିଂ, ନିଳକାନ୍ତ ଶର୍ମା, ରାଜକୁମାର ପାଲ, ବିଷ୍ଣୁକାନ୍ତ ସିଂ। ଫରୱାର୍ଡ୍ସ: ଆକାଶଦୀପ ସିଂ, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ଗୁରଜାନ୍ତ ସିଂ, ମହମ୍ମଦ ରାହିଲ ମୌସିନ, ବବି ସିଂ ଧାମି, ଅରାଇଜିତ ସିଂ ହୁଣ୍ଡାଲ।

# ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍




ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

**କ୍ରିଷ୍ଟଚର୍ଚ୍ଚ, ୧୧।୩(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ୩ ଉଇକେଟରେ ଜିତିବା ସହ ଅଷ୍ଟ୍ରେଲିଆ ସିରିଜ୍ କ୍ଲିନ୍ ସୁଇପ୍ କରିଛି। ଅଷ୍ଟ୍ରେଲିଆକୁ ବିଜୟ ପାଇଁ ୨୦୨ ରନ୍ ଆବଶ୍ୟକ ଥିବା ବେଳେ ନ୍ୟୁଜିଲାଣ୍ଡକୁ ଦରକାର ଥିଲା ୬ ଉଇକେଟ। ତେବେ ଆଲେକ୍ସ କାରେ ଅପରାଜିତ ୯୮ ରନ୍ ସ୍କୋର କରିବା ସହ ଦଳକୁ ବିଜୟୀ କରିଥିଲେ। ପ୍ରଥମ ଇନିଂସରେ ୯୪ ରନ୍ ପଛରେ ରହିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ୩୭୨ ରନ୍ କରିଥିଲା। ୨୭୯ ରନ୍‌ର ଲକ୍ଷ୍ୟ ରହିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଅଷ୍ଟ୍ରେଲିଆ ୪ ଉଇକେଟ ହରାଇ ୭୭ ରନ୍ କରିଥିଲା।

ଚତୁର୍ଥ ଦିନ ଆଉ ୩ ରନ୍ ଯୋଡି ଦଳୀୟ ସ୍କୋର ୮୦ ରନ୍‌ରେ ଟ୍ରାଭିସ୍ ହେଡ୍(୧୮)ଙ୍କ ଉଇକେଟ ହରାଇଥିଲା ଅଷ୍ଟ୍ରେଲିଆ। ତେବେ ମିଚେଲ ମାର୍ଶ (୮୦) ଓ ଆଲେକ୍ସ କାରେ(୯୮*) ଚମତ୍କାର ବ୍ୟାଟିଂ କରି ୧୪୦ ରନ୍ ଯୋଡିଥିଲେ। ୧୦୨ ବଲ୍ ଖେଳି ୧୦ ଚୌକା ଓ ୧ ଛକା ମାରିଥିବା ମିଚେଲ୍ ମାର୍ଶଙ୍କୁ ଆଉଟ କରିଥିଲେ ପଦାର୍ପଣକାରୀ ବେନ୍ ସିଅର୍ସ। ଏହାର ପରବର୍ତ୍ତୀ ବଲ୍‌ରେ ଖାତା ଖୋଲିବା ଆଗରୁ ମିଚେଲ୍ ଷ୍ଟାର୍କଙ୍କୁ ଆଉଟ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ ସିଅର୍ସ। ତେବେ ଆଲେକ୍ସ କାରେ ଓ ଅଧିନାୟକ ପ୍ୟାଟ୍ କମିନ୍ସ(୩୨*) ଅବିଭାଜିତ ୬୧ ରନ୍ ଯୋଡି ଦଳକୁ ବିଜୟୀ କରିଥିଲେ। କାରେ ୧୨୩ ବଲ୍ ଖେଳି ୧୫ ଚୌକା ସହ ୯୮ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟ ପକ୍ଷରେ କମିନ୍ସ ୪୪ ବଲ୍ ଖେଳି ୪ ଚୌକା ସହ ୩୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ବେନ୍ ସିଅର୍ସ ୪ ଉଇକେଟ ନେଇଥିବା ବେଳେ ମ୍ୟାଟ୍ ହେନରୀ ୨ ଓ ଟିମ୍ ସାଉଦି ୧ ଉଇକେଟ ନେଇଥିଲେ। ଆଲେକ୍ସ କାରେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ମ୍ୟାଟ୍ ହେନରୀଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୬୨/୧୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୫୬/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୩୭୨/୧୦। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୬୫ ଓଭରରେ ୨୮୧/୭(ଆଲେକ୍ସ କାରେ-୯୮*, ମିଚେଲ୍ ମାର୍ଶ-୮୦, ପ୍ୟାଟ୍ କମିନ୍ସ-୩୨*, ବେନ୍ ସିଅର୍ସ-୪/୯୦, ମ୍ୟାଟ୍ ହେନରୀ-୨/୯୪, ଟିମ୍ ସାଉଦି-୧/୩୯)।

# ରୁଦ୍ରାଂଶ ଖଣ୍ଡେଲୱାଲଙ୍କୁ ରୌପ୍ୟ

**ପାରା ୱାର୍ଲ୍ଡ କପ୍**

**ନୂଆଦିଲ୍ଲୀ, ୧୧।୩ (ପି.ଟି.)**




ରୁଦ୍ରାଂଶ ଖଣ୍ଡେଲୱାଲ

ଭାରତର ରୁଦ୍ରାଂଶ ଖଣ୍ଡେଲୱାଲ ଓ ନିହାଲ ସିଂ ଯଥାକ୍ରମେ ଏଠାରେ ଚାଲିଥିବା ପାରା ଶୁଟିଂ ବିଶ୍ୱକପ୍‌ର ତୃତୀୟ ଦିବସରେ ମିକ୍ସଡ ୫୦ ମିଟର ପିସ୍ତଲ (ଏସ୍ଏଚ୍-୧) କାଟେଗୋରିରେ ଯଥାକ୍ରମେ ଗୋଟିଏ ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରୁଦ୍ରାଂଶ, ନିହାଲ ଓ ଟୋକିଓ ପାରାଲିମ୍ପିକ୍ସ ରୌପ୍ୟ ବିଜେତା ସିଂହରାଜ ଆହୁରି ମଧ୍ୟ ମିକ୍ସଡ ୫୦ ମିଟର ପିସ୍ତଲ (ଏସ୍ଏଚ୍-୧) ଟିମ୍ ରୌପ୍ୟ ପଦକ ପାଇଛନ୍ତି। ଚାଇନା ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଗତବର୍ଷ ପ୍ୟାରିସ ପାରାଲିମ୍ପିକ୍ସ ଲାଗି ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ସ୍ୱଳ୍ପ ବୟସ୍କ ଶୁଟର ରୁଦ୍ରାଂଶ ଫାଇନାଲରେ ୨୨୩.୨ ଶଟ ସହ ଦ୍ୱିତୀୟ ହୋଇଥିବା ବେଳେ ଇଟାଲୀର ଡେଭିଡ୍ ଫ୍ୟାନ୍‌ସେସ୍‌ଚେଟି ମୋଟ ୨୩୦.୦ ସ୍କୋର ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିହାଲ ୨୦୨.୮ ପଏଣ୍ଟ ସହ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୂର୍ବରୁ କ୍ୱାଲିଫିକେଶନ ରାଉଣ୍ଡରେ ରୁଦ୍ରାଂଶ ୫୩୦ ଶଟ୍ ଓ ନିହାଲ ୫୨୭ ସହ ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ୮ଜଣ ଶୁଟରଙ୍କୁ ନେଇ ଅନୁଷ୍ଠିତ ଫାଇନାଲକୁ ଉନ୍ନୀତ ହୋଇଥିଲେ। ମିକ୍ସଡ ୫୦ ମିଟର ପିସ୍ତଲ (ଏସ୍ଏଚ୍) ଟିମ୍ ଇଭେଣ୍ଟରେ ରୁଦ୍ରାଂଶ (୫୩୦), ନିହାଲ (୫୨୭) ଓ ସିଂହରାଜ (୫୧୬) ଏଗ୍ରିଗେଟ୍ ୧୫୭୩ ସହ ରୌପ୍ୟ ଜିତିଥିବା ବେଳେ ଚାଇନା ମିଳିତ ଭାବେ ୧୬୧୧ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଭ କରିଛି। ସମ୍ମାନଜନକ ପାରା ୱାର୍ଲ୍ଡ କପ୍‌ରେ ରାଇଫଲ ଶୁଟର ମୋନା ଅଗ୍ରୱାଲ କେବଳ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି।

# ପୂର୍ବାଞ୍ଚଳ ପେନ୍‌ଚାକ୍ ସିଲାଟରେ ଓଡ଼ିଶାକୁ ୨୧ ପଦକ

**ଭୁବନେଶ୍ୱର, ୧୧।୩**
**(ତପନ ସ୍ୱାଇଁ)**



ପୂର୍ବାଞ୍ଚଳ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

କୋଲକତାଠାରେ ଗତ ୮ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ୫ମ ପୂର୍ବାଞ୍ଚଳ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୨୧ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୧୨ସ୍ୱର୍ଣ୍ଣ , ୫ ରୌପ୍ୟ ପଦକ, ୪ ବ୍ରୋଞ୍ଜ ପଦକ ସାମିଲ। ଟିମ୍ କୋଚ୍ ନବ କିଶୋର ପାଇକରାୟ, ଶ୍ରୀତମ ସାହୁ ଓ ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରୁ ୨୬ଜଣ ପ୍ରତିଭାବାନ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ରାଜଶ୍ରୀ ସିଂ, ତୁଷାର ବେହେରା, ସାଇସ ପ୍ରେମ ସାହୁ, ଅଭିଷେକ ସ୍ୱାଇଁ, ଆୟୁଷ ବଳିୟାର ସିଂ,କହ୍ନେୟା ପାତ୍ର, ଅର୍ପିତା ଜାଲି, ହର୍ଷିତା ହରପ୍ରିୟା ଧଳ, ସାନ ଅଲ ନୱାଜ୍ ଖାନ୍, ଅନୁଜ ଚୌଧୁରୀ, ପ୍ରିଜାଲିନ ତରାଇ, ପଲଭି କିଶନ ସ୍ୱର୍ଣ୍ଣ ପଦକ, ରୁଦ୍ର ପ୍ରସନ୍ନ ମିଶ୍ର, ବଶ୍ୱ ପ୍ରକାଶ ଜେନା, ଦେବେନ୍ଦ୍ର ନାଥ ଧଳ, ଯୋଗାଂଶୁ ଦାଶ, ଚାନ୍ଦିନୀ ନାୟକ ରୋପ୍ୟ ଓ ଶ୍ୟାମ ଧାରୁଆ, ପ୍ରକାଶ ବେହେରା, ରଞ୍ଜିତ ନାୟକ, ଦିବ୍ୟ ରଞ୍ଜନ ପ୍ରଧାନ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଜୀତେନ୍ଦ୍ର କୁମାର ରାଉତ, ଆଶୁତୋଷ ନାୟକ, ଅମରେନ୍ଦ୍ର ଦେ, ମୁନା ବାରିକ ରେଫରି ଭାବରେ ଯୋଗ ଦେଇଥିଲେ।

# ବାଂଲାଦେଶ ସିରିଜ ବେଳକୁ ଫେରିପାରନ୍ତି ଶାମି

**ଧର୍ମଶାଳା, ୧୧।୩ (ପି.ଟି.)**

ଭାରତର ପ୍ରମୁଖ ପେସ୍ ବୋଲର ମହମ୍ମଦ ଶାମି ସେପ୍ଟେମ୍ବରରେ ହେବାକୁ ଥିବା ବାଂଲାଦେଶ ବିପକ୍ଷ ଘରୋଇ ସିରିଜ ବେଳକୁ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଗତ ମାସରେ ଶାମିଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଛି। ଏଥିପାଇଁ ସେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଖେଳିପାରି ନ ଥିଲେ। ସେ ଆଇପିଏଲ୍‌ରେ ଖେଳିପାରିବେ ନାହିଁ। ସେ ଆହୁରି ମଧ୍ୟ ଜୁନ୍‌ରେ ୱେଷ୍ଟଇଣ୍ଡିଜ ଓ ଆମେରିକା ମିଳିତ ଭାବେ ଆୟୋଜନ କରୁଥିବା ଟି୨୦ ବିଶ୍ୱକପ୍ ଖେଳିବାକୁ ବଞ୍ଚିତ ହେବେ। ଶାମି ଶେଷଥର ଭାରତ ପାଇଁ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍‌ରେ ଖେଳିଥିଲେ। ଏଥିରେ ତାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା।

# ରଣଜୀ ଫାଇନାଲ: ଦୃଢ଼ ସ୍ଥିତିରେ ମୁମ୍ବାଇ

**ମୁମ୍ବାଇ,୧୧।୩(ପି.ଟି.)**




ଉଇକେଟ ନେବା ପରେ ଧୱଲ କୁଲକର୍ଣ୍ଣୀଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ୱାଙ୍ଖେଡେ ଷ୍ଟାଡିୟମରେ ଖେଳା ଯାଉଥିବା ରଣଜୀ ଟ୍ରଫି ଫାଇନାଲରେ ଦୃଢ଼ ସ୍ଥିତିରେ ରହିଛି ମୁମ୍ବାଇ। ପ୍ରଥମ ଦିନରେ ଶାର୍ଦ୍ଦୂଳ ଠାକୁରଙ୍କ ଲଢୁଆ ବ୍ୟାଟିଂ ବଳରେ ୨୨୪ ରନ୍ କରିଥିବା ବେଳେ ବୋଲରଙ୍କ ସଫଳତା ବଳରେ ବିଦର୍ଭକୁ ୧୦୫ ରନ୍‌ରେ ଅଲଆଉଟ କରିଥିଲା। ୧୧୯ ରନ୍‌ରେ ଆଗୁଆ ରହିବା ପରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୨ ଉଇକେଟରେ ୧୪୧ ରନ୍ କରି ୨୬୦ ରନ୍‌ରେ ଆଗୁଆ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୩୧/୩ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। କୌଣସି ବ୍ୟାଟର ମୁମ୍ବାଇ ବୋଲରଙ୍କ ମୁକାବିଲା କରିବାରେ ସମର୍ଥ ହୋଇ ନ ଥିବା ବେଳେ ବିଦର୍ଭ ୧୦୫ ରନ୍‌ରେ ଅଲଆଉଟ ହୋଇଥିଲା। ସେମିର ପ୍ଲେୟର ଅଫ୍ ଦ ମ୍ୟାଚ୍ ଯଶ ରାଠୋଡ ସର୍ବାଧିକ ୨୭ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଥର୍ବ ତାଇଡେ ୨୩, ଆଦିତ୍ୟ ଠାକରେ ୧୯ ଓ ଯଶ ଠାକୁର ୧୬ ରନ୍ କରିଥିଲେ। ଏହି ୪ ଖେଳାଳିଙ୍କୁ ବାଦ ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ମୁମ୍ବାଇ ପକ୍ଷରୁ ତନୁଶ କୋଟିଆନ୍, ସାମ୍ସ ମୁଲାନି ଓ ଧୱଲ କୁଲକର୍ଣ୍ଣୀ ୩ଟି ଲେଖାଏ ଉଇକେଟ ନେଇଥିବା ବେଳେ ଶାର୍ଦ୍ଦୂଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ।

ମୁମ୍ବାଇ ଦ୍ୱିତୀୟ ଇନିଂସ ଆରମ୍ଭ କରି ୩୪ ରନ୍ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ପୃଥ୍ୱୀ ଶ(୧୧) ଓ ଭୂପେନ ଲାଲୱାନି(୧୮) ବିଫଳ ହୋଇଥିଲେ। ତେବେ ଅଧିନାୟକ ଅଜିଙ୍କ୍ୟ ରାହାନେ(୫୮) ଓ ମୁଶିର୍ ଖାନ(୫୧) ଚମତ୍କାର ବ୍ୟାଟିଂ କରି ତୃତୀୟ ଉଇକେଟରେ ଅବିଭାଜିତ ୧୦୭ ରନ୍ ଯୋଡିଥିଲେ। ରାହାନେ ୧୦୯ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ମୁଶିର ୧୩୫ ବଲ୍ ଖେଳି ୩ ଚୌକା ମାରିଥିଲେ। ବିଦର୍ଭ ପକ୍ଷରୁ ଯଶ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୨୨୪/୧୦। ବିଦର୍ଭ ପ୍ରଥମ ଇନିଂସ: ୧୦୫/୧୦(ଯଶ ରାଠୋଡ-୨୭, ଅଥର୍ବ ତାଇଡେ-୨୩, ଆଦିତ୍ୟ ଠାକରେ-୧୯, ତନୁଶ କୋଟିଆନ-୩/୭, ସାମ୍ସ ମୁଲାନି-୩/୩୨, ଧୱଲ କୁଲକର୍ଣ୍ଣୀ-୩/୧୫)। ମୁମ୍ବାଇ ଦ୍ୱିତୀୟ ଇନିଂସ ୫୦ ଓଭରରେ ୧୪୧/୨ (ଅଜିଙ୍କ୍ୟ ରାହାନେ-୫୮*, ମୁଶିର୍ ଖାନ୍-୫୧*, ଯଶ ଠାକୁର-୧/୨୫, ହର୍ଷ ଦୁବେ-୧/୪୬)।

ମହିଳାଙ୍କ ଅସୁବିଧା
ଜଟିଳ ସମସ୍ୟାଗୁଡ଼ିକ
ପାଇଁ ସ୍ଥାୟୀ ସମାଧାନ ଏବେ ହିଁ କଲ୍ କରନ୍ତୁ
7710644444




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ମୃତ୍ୟୁ ପରେ ଅଙ୍ଗଦାନ କରିବେ ଯୁବକ

ମୁରିବାହାଲ, ୧୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ତରଣୀସେନ ମେହେର(୪୦) ମୃତ୍ୟୁ ପରେ ଅଙ୍ଗଦାନ କରିବେ। ଏଥିପାଇଁ ମାର୍ଚ୍ଚ ୫ତାରିଖରେ ସେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଅଙ୍ଗଦାନ ୱେବସାଇଟରେ ନିଜର ସହମତି ଦେଇ ପଞ୍ଜୀକରଣ କରାଇଛନ୍ତି। ଲିଭର୍, କିଡ଼ନୀ, ବୃକକ, ଚକ୍ଷୁ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଦାନ କରିବାକୁ ସହମତି ପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କର ଅଙ୍ଗଗୁଡିକ ଅନ୍ୟ କାହାର ଜୀବନ ବଞ୍ଚାଇ ପାରିଲେ ସେ ଖୁସି ହେବେ ବୋଲି କହିଛନ୍ତି। ଜଣେ ସାମ୍ବାଦିକ ଭାବେ ମୁରିବାହାଲ ଅଞ୍ଚଳରେ ଜଣାଶୁଣା ତରଣୀସେନଙ୍କର ଏହି କାର୍ଯ୍ୟ ଯୁବପିଢୀଙ୍କ ପାଇଁ ଏକ ପ୍ରେରଣା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହି ଖବର ଜଣା ପଡିବା ପରେ ବିଭିନ୍ନ ମହଲରୁ ତରଣୀସେନଙ୍କୁ ପ୍ରଶଂସା କରାଯାଉଛି।

### ଯୁବକଙ୍କୁ ହତ୍ୟା ଘଟଣାରେ ୫ ଅଟକ

ଖଡ଼ିଆଳ,୧୧।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ସରଧାପୁର ପଞ୍ଚାୟତର ଢ଼ଙ୍କସର ଗ୍ରାମରେ ସାମାନ୍ୟ ବଚସାକୁ ନେଇ ଶରତ କାଣ୍ଡ (୪୬)ଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ୫ଜଣଙ୍କୁ ଅଟକ ରଖିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମୃତକଙ୍କ ସ୍ତ୍ରୀ ବଡକାଣ୍ଡ ତାଙ୍କ ସ୍ୱାମୀ ଶରତଙ୍କୁ ମାର୍ଚ୍ଚ ୨ ତାରିଖରେ କୌଣସି କାରଣକୁ ନେଇ ୫ଜଣ ବ୍ୟକ୍ତି ମାଡ ମାରି ଗୁରୁତର ଆହତ କରିଥିଲେ। ଗୁରୁତର ଶରତଙ୍କୁ ଉଦ୍ଧାର କରି ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଧିକ ଗୁରୁତର ହେବାରୁ ରାୟପୁର ସ୍ଥାନାନ୍ତର କରିଥିଲେ। ୯ଦିନର ଚିକିତ୍ସା ପରେ ସୋମବାର ସକାଳେ ଶରତଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ପରେ ପୂର୍ବରୁ ଅଭିଯୋଗ ହୋଇଥିବା ୫ଜଣ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ସାଇନଣ୍ଟିଫିକ ଟିମ ଓ ଖଡ଼ିଆଳ ପୋଲିସ ପହଞ୍ଚି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ପ୍ରଦୀପ ଧରୁଆ ପ୍ରକାଶ କରିଛନ୍ତି।

### ବଢୁଛି ତାତି, ଖୋଲିନି ଜଳଛତ୍ର

ଖଡ଼ିଆଳ,୧୧।୩(ସୁଜିତ୍ କୁମାର ପ୍ରଧାନ)

ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢି ଚାଲିଛି। ଗ୍ରୀଷ୍ମ ପ୍ରବାହ ଦୃଷ୍ଟି ଦେଇ ପ୍ରମୁଖ ସ୍ଥାନଗୁଡ଼ିକରେ ଜଳଛତ୍ର ପ୍ରଶାସନ ପକ୍ଷରୁ ଖୋଲାଯାଇ ନ ଥିବା ବେଳେ ଯାତ୍ରୀ ଓ ସ୍ଥାନୀୟ ଲୋକେ ପିଇବା ପାଣି ପାଇଁ ସମସ୍ୟାରେ ପଡୁଛନ୍ତି। ଖାଲି ସେତିକି ନୁହେଁ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ନିଜ କାର୍ଯ୍ୟ ପାଇଁ ଆସୁଥିବା ଲୋକଙ୍କ ପାଇଁ ପାନୀୟ ଜଳ ଓ ଛାଇ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକେ ବର୍ତ୍ତମାନ ତାତିରେ ଉହଳ ବିକଳ ହେବାକୁ ପଡୁଛି। ପ୍ରଶାସନ ପ୍ରତି ବର୍ଷ ଗାଁରୁ ସହରର ମୁଖ୍ୟ ସ୍ଥାନଗୁଡିକରେ ଜଳ ଛତ୍ର ଖୋଲିଥାଏ। କିନ୍ତୁ ଏସବୁ ବ୍ୟବସ୍ଥାରେ ବିଳମ୍ବ ଯୋଗୁ ଲୋକେ ସମସ୍ୟାରେ ପଡିଥାନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଓ ତାତି ବୃଦ୍ଧି ପାଇ ଆସୁଥିବା ବେଳେ ପାନୀୟ ଜଳ ସମସ୍ୟା ସୁବିଧା ସହ ଜଳଛତ୍ର ଶୀଘ୍ର ଖୋଲିବା ପାଇଁ ଦାବି ହେଉଛି।

# କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାମାନେ ଥାନାର ଦ୍ୱାରସ୍ଥ

## ଗ୍ରୁପ ଋଣ ନାଁରେ ଠକେଇ ମାମଲା

ଲୋଇସିଂହା,୧୧।୩ (ସୁଶାନ୍ତ ବାରିକ)


ଠକେଇର ଶିକାର ଲୋକେ ଲୋଇସିଂହା ଥାନାକୁ ଅଭିଯୋଗ କରିବାକୁ ଆସିଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ୯୯ ଜଣ ମହିଳା ଗ୍ରୁପ ଋଣ ନାଁରେ ଠକେଇର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଓ ଠକେଇର ଶିକାର ମହିଳାଙ୍କୁ ନ୍ୟାୟ ଦାବିରେ ସୋମବାର ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସିନୀ ନାୟକଙ୍କ ଦ୍ୱାରସ୍ଥ ହୋଇଥିଲେ । ଠକେଇ ସଂକ୍ରାନ୍ତ କାଗଜାତ ଥାନାରେ ଦାଖଲ କରି ନ ଥିବାରୁ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବିଳମ୍ବିତ ହେଉଛି । ଆବଶ୍ୟକ କାଗଜାତ ୪ ଦିନ ମଧ୍ୟରେ ଥାନାରେ ଦାଖଲ କରିବାକୁ ଠକେଇର ଶିକାର ମହିଳାଙ୍କୁ କହିଥିଲେ ଥାନା ଅଧିକାରୀ ନାୟକ ।

ଅଭିଯୋଗ ଅନୁଯାୟୀ ଗ୍ରାମର ଗୋଟିଏ ପରିବାର ମା'ଝିଅ ଗ୍ରାମର ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନାମରେ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥା ଓ କେତେକ ବ୍ୟାଙ୍କରୁ ଟଙ୍କା ଉଠାଇଛନ୍ତି। ଦସ୍ତାବିଜ ଦେଇଥିବା ମହିଳାଙ୍କୁ ଉଠାଣ ଟଙ୍କାରୁ କିଛି ଦେଇ ବଡଅଂଶ ସମ୍ପୃକ୍ତ ମା'ଝିଅ କୁଆଡେ ରଖୁଥିଲେ । ମହିଳାଙ୍କ ନାମରେ ଉଠାଯାଇଥିବା ଟଙ୍କାର ମାସିକ ଏବଂ ସାପ୍ତାହିକ କିସ୍ତି କୁଆଡେ ସେହି ମା'ଝିଅ ପରିଶୋଧ କରୁଥିଲେ। ଏପରିକି କେତେଜଣଙ୍କ କାଗଜପତ୍ର ଜାଲିଆତି କରି ଟଙ୍କା ଉଠାଇଥିବା ଅଭିଯୋଗ ହୋଇଛି। ଗତ କିଛି ମାସ ହେଲା ସେହି ମା'ଝିଅ ଅର୍ଥଲଗାଣକାରୀ ସଂସ୍ଥା ଏବଂ ବ୍ୟାଙ୍କକୁ ଟଙ୍କା ପରିଶୋଧ କରୁନାହାନ୍ତି। ଯେଉଁ ମହିଳାଙ୍କ ନାମରେ ଟଙ୍କା ଉଠାଇଣ ହୋଇଛି ସେମାନଙ୍କ ଘରକୁ ଯାଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀ ଟଙ୍କା ଶୁଝିବାକୁ କହୁଛନ୍ତି। ଏଭଳି ସ୍ଥିତିରେ ମହିଳାମାନେ ଅସହାୟ ହୋଇ ପଡିଛନ୍ତି। ଏହାକୁ ନେଇ ସମ୍ପୃକ୍ତ ମା' ଝିଅ ଓ ମହିଳାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାପରେ ସେହି ମା' ଝିଅ ଗାଁରୁ କୁଆଡେ ଫେରାର ହୋଇଯାଇଥିଲେ। ଏହାପରେ ଠକେଇର ଶିକାର ମହିଳାମାନେ ଲୋଇସିଂହା ଥାନାରେ ଫେରାଦ ହୋଇଥିଲେ। ସୋମବାର ମହିଳାଙ୍କ ସହ କେତେକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ। ଅର୍ଥ ଲଗାଣ କର୍ମଚାରୀଙ୍କୁ ଠକେଇ ବାବଦ କାଗଜପତ୍ର ଦୁଇଦିନ ମଧ୍ୟରେ ଥାନାରେ ଦାଖଲ କରିବାକୁ ଥାନା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ କେତେକଙ୍କୁ ପୋଲିସ ପଚରାଉଚରା କରୁଛି ।

# ଲକ୍ଷ୍ମୀନାଳରେ ୭ ଚେକ୍‌ଡ୍ୟାମର ଶିଳାନ୍ୟାସ


ମନ୍ତ୍ରୀ ଟୁକୁନୀ ସାହୁ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ଟିଟିଲାଗଡ଼, ୧୧।୩ (ଶରତ ମିଶ୍ର)

ଟିଟିଲାଗଡ଼ ସହରକୁ ଘେରି ରହିଥିବା ଲକ୍ଷ୍ମୀ ନାଳ ଅବହେଳିତ ହୋଇ ପଡି ରହିଥିଲା। ଏହାକୁ ଜୀବନ୍ୟାସ ଦେବା ପାଇଁ ପ୍ରାୟ ୩କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲକ୍ଷ୍ମୀ ନାଳରେ ୭ଟି ଚେକଡ୍ୟାମର ସୋମବାର ଶିଳାନ୍ୟାସ କରିଛନ୍ତି ମନ୍ତ୍ରୀ ଟୁକୁନୀ ସାହୁ। ଏହାଦ୍ୱାରା ସହରର ବିଭିନ୍ନ ଦିଗରେ ଜଳ ସଂରକ୍ଷଣ ସହ ତାପମାତ୍ରାକୁ ହ୍ରାସ ସହ ଜଳସ୍ତର ବୃଦ୍ଧିରେ ସହାୟକ ହୋଇପାରିବ। ଏଥିସହ ଟିଟିଲାଗଡ଼ ସହରରେ ପାନୀୟ ଜଳ ସୁବ୍ୟବସ୍ଥିତ ନେଇ ଥାନା ପରିସରରେ ୩୫୦ଲକ୍ଷ ଲିଟର ବିଶିଷ୍ଟ ଓଭରହେଡ଼ ଟ୍ୟାଙ୍କ ଏବଂ ୫ଲକ୍ଷ ଲିଟର ବିଶିଷ୍ଟ ଭୂତଳ ଜଳ ଭଣ୍ଡାର (ସମ୍ପ)ର ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ ସାହୁ। ନୂତନ ଭାବେ ନିର୍ମାଣ ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ୫୨ଷ୍ଟଲ ବିଶିଷ୍ଟ ମିଶନ ଶକ୍ତି ହାଟକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ସଭାରେ ୪୫୦ଜଣଙ୍କୁ ଗୃହ କାର୍ଯ୍ୟାଦେଶ ସେ ବଣ୍ଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଟିଟିଲାଗଡ଼ ଅଞ୍ଚଳର ବିକାଶ ପାଇଁ ସେ ସର୍ବଦା ପ୍ରୟାସ କରି ଆସିଥିବା କହିଥିଲେ । ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହ ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ କ୍ଷେତ୍ରରେ ନୂଆଇତିହାସ ଯୋଡ଼ିଥିବା କହିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଡ଼ିଓ ସୁଶାନ୍ତ ରଣା, ଜନସ୍ୱାସ୍ଥ୍ୟ ବିଭାଗ ବଲାଙ୍ଗୀର ଅଧିକ୍ଷଣ ଯନ୍ତ୍ରୀ ଇନ୍ଦ୍ରଜିତ ସାହୁ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ପୌର ନିର୍ବାହୀ ଅଧିକାରୀ ଜୟସେନ ଧରୁଆ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପ୍ରେମଚନ୍ଦ ଜୈନ, ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ମିଶନ ଶକ୍ତି ଜିଲା ସଂଯୋଜିକା ସୁମନ ଦ୍ୱିବେଦୀ, ଜିଲା ମିଶନ ଶକ୍ତି ଫେଡେରେଶନ ଅଧ୍ୟକ୍ଷା ଆରତୀ କର, ସମ୍ପାଦିକା ସୁରୁଲତା ବାଗ ପ୍ରମୁଖ ମଞ୍ଚାସିନ ଥିଲେ । ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଜନସ୍ୱାସ୍ଥ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟରାମ ଜଗତ, ସହକାରୀ ଯନ୍ତ୍ରୀ ମିହିରକାନ୍ତ ମହାନ୍ତି, ବରିଷ୍ଠ ଆଇନଜୀବୀ ଶ୍ୟାମାପ୍ରସାଦ ଗରିଆ, ସ୍ନେହାଞ୍ଜଳି ମହାନ୍ତି, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ଗୋପାଳକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ହରିଶଙ୍କର ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ


ପାଟଣାଗଡ଼ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାଟଣାଗଡ, ୧୧।୩ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ଏନଏସିସ୍ଥିତ ଗଡଭିତର ଯାତ୍ରାପଡିଆରେ ପ୍ରସିଦ୍ଧ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ କ୍ଷେତ୍ର ହରିଶଙ୍କର ବିକାଶ ରୂପାନ୍ତରୀକରଣ ପ୍ରକଳ୍ପକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ବିଧାୟକ ସରୋଜ ମେହେର, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲାପାଳ ଗୌରବ ଶିବାଜି ଇସଲୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଶିକେଶ, ଉପଜିଲାପାଳ ଅମିତ ନାୟକ, ଏସ୍‌ଡିପିଓ ସଦାନନ୍ଦ ପୂଝାରୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ତତ୍ତ୍ୱାବଧାନରେ ୫୪କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରୁପାନ୍ତରୀକରଣ କରାଯାଇଛି। ଆଗାମୀ ଦିନେରେ ସମଲେଶରୀ, ପାଟଣେଶ୍ୱରୀ ଓ କୁଶଲେଶ୍ୱର ମନ୍ଦିର ସହ ଗଡଭିତର ଯାତ୍ରାପଡିଆର ବିକାଶ ମଧ୍ୟ କରାଯିବ ବୋଲି ବିଧାୟକ ମେହେର ଏହି ଅବସରରେ କହିଥିଲେ । ଏହା ସହ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ରାସ୍ତାଘାଟ, ପାନୀୟ ଜଳ ସମସ୍ୟା, ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ, ନୂତନ ହସ୍ପିଟାଲ ଓ ଏନଏସି , ୬ ଗୋଟି କଲେଜ ସମେତ ଆଇଟିଆଇ କଲେଜ, ନୂତନ ପାର୍କ ପ୍ରଭୃତିର ବିକାଶ ହୋଇଛି। ଆଗାମୀ ଦିନରେ ଖପ୍ରାଖୋଲ ଓ ବେଲପଡାରେ ନୂତନ ଜେଏମଏଫସି କୋର୍ଟ ସ୍ଥାପନ କରାଯିବ । ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଓ ଖପ୍ରାଖୋଲ ବ୍ଲକର ସମସ୍ତ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଶଶୁର ଘର ଗାଁରୁ ସ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଜବତ

ମୁରିବାହାଲ, ୧୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଗୁଡିଘାଟ ପଞ୍ଚାୟତ ବାବେଜୁରୀ ଗ୍ରାମରେ ଥିବା ଏକ ମହୁଲ ଗଛରୁ ସୋମବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଖପ୍ରାଖୋଲ ବ୍ଲକ ଲାଠୋର ଥାନା କଲୋନୀ ପଡାର ନୀଳା ମାଝି(୨୫)। ଶିବରାତ୍ରି ପାଇଁ ସେ ଶ୍ୱଶୁର ଘର ବବେଜୁରିକୁ ସ୍ତ୍ରୀଙ୍କ ସହ ଆସିଥିଲେ। ରବିବାର ରାତିରେ କୌଣସି କାରଣକୁ ନେଇ ସ୍ତ୍ରୀ ଶାନ୍ତିଙ୍କ ସହ ନୀଳାଙ୍କର ପାଟୁତୁଣ୍ଡ ହୋଇଥିଲା। ସୋମବାର ସକାଳେ ଗ୍ରାମରେ ଥିବା ଏକ ମହୁଲ ଗଛରେ ନୀଳାଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମୁରିବାହାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କର ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ମୁରିବାହାଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ଏସଆଇ ପ୍ରମୋଦ କୁମାର ପଧାନ କହିଛନ୍ତି ।

# ପାରମ୍ପରିକ ବିହନ ସଂରକ୍ଷଣ ପାଇଁ ଆହ୍ୱାନ


ମହିଳାମାନେ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଛନ୍ତି।

ଖପ୍ରାଖୋଲ, ୧୧।୩(ଅଭୟ ତ୍ରିପାଠୀ)

- ପାରମ୍ପରିକ ବିହନ, ଖାଦ୍ୟ ଓ ଜୈବ ବିବିଧତା ମେଳା
- ଶୋଭାଯାତ୍ରା ସହ ସଚେତନତା ସଭା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କନ୍ଦରାଭଟାଠାରେ ଆର୍‌ସିଡିସିଓ ଗନ୍ଧମାର୍ଦ୍ଦନ ଖାଦ୍ୟ ସୁରକ୍ଷା ମହାସଂଘର ମିଳିତ ଉଦ୍ୟମରେ ପାରମ୍ପରିକ ବିହନ, ଖାଦ୍ୟ ଓ ଜୈବ ବିବିଧତା ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରି ଗାଁ ପରିକ୍ରମା କରିଥିଲେ। ପରେ ଦେବରାଜ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ବିହନ ବିଶେଷଜ୍ଞ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ରତନ ସାହୁ, ଆରସିଡିସି ଜିଲା ସଂଯୋଜକ ଶମ୍ଭୁ ସାହୁ, ଜିଲା ଜଙ୍ଗଲ ସୁରକ୍ଷା ଫୋରମ ଆବାହକ କୁଳମଣି ସାହୁ, ଗୁରୁଦେବ ପ୍ରଧାନ, ମିଲେଟ ମିଶନ ସଂଯୋଜକ ଉମେଶ ଗୁପ୍ତା, ଜୈବିକ କୃଷି ତାଲିମଦାତା ଅଭୟ ତ୍ରିପାଠୀ, ଟିକେନ୍ଦ୍ର ଜାଲ, କୃଷି କର୍ମଚାରୀ ସୁଧାଂଶୁ ଜାଲ, ବନରକ୍ଷୀ ମହେନ୍ଦ୍ର କାଲସାଏ ଯୋଗଦେଇଥିଲେ। ଅତିଥିମାନେ ପାରମ୍ପରିକ କୃଷି, ଦେଶୀ ବିହନ, ପାରମ୍ପାରିକ ଖାଦ୍ୟ ଓ ଜୈବ ବିବିଧତା ଉପରେ ଆଲୋକପାତ କରିବା ସହ ଦେଶୀ ବିହନର ସଂରକ୍ଷଣ, ବିହନ ବ୍ୟାଙ୍କ ଗଠନ, ପରିବେଶ ସୁରକ୍ଷା ଉପରେ ସଚେତନ ହେବାକୁ କହିଥିଲେ। ଏହି ଅବସରରେ ଅନେକ ଦେଶୀ ବିହନ, ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। କେତେକ ପାରମ୍ପରିକ ଚାଷୀଙ୍କୁ ଏହି ଅବସରରେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିମାଇ ନାଗ, ମଧୁସୂଦନ ମାଝିଙ୍କ ସହିତ ମହିଳାମାନେ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ସଂଯୋଜିକା ଟ୍ୱିଙ୍କିଲ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ସ୍ୱାଭିମାନ ମଞ୍ଚର କର୍ମୀ ସମ୍ମିଳନୀ

ଲୋଇସିଂହା,୧୧।୩(ସୁଶାନ୍ତ ବାରିକ)


କର୍ମୀ ସମ୍ମିଳନୀରେ ଉପସ୍ଥିତ ମହିଳା କର୍ମୀ।

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ନିର୍ବାଚନ ମଣ୍ଡଳୀ ବିଜେଡି ସ୍ୱାଭିମାନ ମଞ୍ଚର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ମଣ୍ଡଳୀରେ ଦଳ ସଶକ୍ତ ହେଲେ ୨୦୨୪ ନିର୍ବାଚନରେ ବିଜେଡି ନିଶ୍ଚିତ ବିଜୟୀ ହେବ। ତେବେ ଏଥିପାଇଁ ନିର୍ବାଚନ ମଣ୍ଡଳୀ ବାହାର ନୁହେଁ, ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ଚୟନ କରିବାକୁ ହେବ ବୋଲି ମଞ୍ଚ ନେତୃବୃନ୍ଦ କହିଥିଲେ। ମଞ୍ଚ ନେତାମାନେ କହିଥିଲେ ଯେ, ସୀମା ପୁନଃ ନିର୍ଦ୍ଧାରଣ ପରେ ଲୋଇସିଂହା ଆସନ ଅନୁସଚିତ ଜାତି ବର୍ଗ ପାଇଁ ସଂରକ୍ଷଣ ରଖାଯାଇଛି । ଏଥିରୁ ନିର୍ବାଚନ ମଣ୍ଡଳୀର ବାହାର ବ୍ୟକ୍ତି ପ୍ରାର୍ଥୀ ହେବାକୁ ଆଖି ପକାଇଛନ୍ତି। ଏଠାରୁ ବିଜୟୀ ହେବା ପରେ ନିର୍ବାଚନ ମଣ୍ଡଳୀର ବିକାଶକୁ ଭୁଲି ଯାଇଛନ୍ତି। ଏହାର ପରିଣାମ ସ୍ୱରୂପ ୨୦୧୯ରେ ଏଠାରେ ଦଳକୁ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ବୋଲି କହିଥିଲେ ପ୍ରହଲ୍ଲାଦ ସୁନା। ହକ୍ ପାଇଁ ମା ମାଟିର ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇବାକୁ କହିଥିଲେ ଶଶି ଶର୍ମା । ଚଳିତ ଥର ଦଳ ସ୍ଥାନୀୟ ନେତୃତ୍ୱକୁ ପ୍ରାର୍ଥୀ କରିବାରେ ଦଳ ଯଦି ଅଣଦେଖା କରେ ତେବେ ଦରକାର ପଡିଲେ ସ୍ୱାଧୀନ ପ୍ରାର୍ଥୀ ଛିଡା କରାଯିବ ବୋଲି କହିଥିଲେ ରାଧାନାଥ ବିଶ୍ୱାଳ । ଅନ୍ୟମାନଙ୍କ ମଧ୍ୟରେ ନବକିଶୋର ନାଏକ, ସୀତାକାନ୍ତ ସାଏ, ଅନନ୍ତ ସାହୁ, ବିଜ୍ଞାନ କୁମ୍ଭାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପରେ ଲୋଇସିଂହାର ସ୍ୱାଭିମାନ ମାଟି ବିଦେଶୀ ତୁମେ ନାଇଁ ହ କଟି, ନିହାର ହଟାଅ ଲୋଇସିଂହା ବଞ୍ଚାଓ ଆଦି ସ୍ଲୋଗାନ ଦେଇ ଅଗ୍ରେସନ ଭବନରୁ ଆଦିବାସୀ ଭବନ ପର୍ଯ୍ୟନ୍ତ ସ୍ୱାଭିମାନ ମଞ୍ଚ ସଦସ୍ୟମାନେ ଶୋଭାଯାତ୍ରାରେ ଯାଇଥିଲେ ।

# ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର


ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ମୁରିବାହାଲ, ୧୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଉଯାଇଛି। ଜିଲାପାଳ ଗୌରବ ଶିବାଜି ଇସଲୱାର, ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଶିକେଶ ଯୋଗଦେଇ ମୋଟ ୯୯ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୨୫ଟି ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା ସମ୍ପର୍କିତ ଥିଲା। ସାମୂହିକ ଅଭିଯୋଗ ମଧ୍ୟରେ କଣ୍ଟାବାଞ୍ଜିଠାରୁ ହଳଦୀ ପର୍ଯ୍ୟନ୍ତ ଚାଲିଥିବା ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟକୁ ଗମ୍ଭାରୀଖୋଲା ଗ୍ରାମର ବାହାରେ ଦେଇ ରାସ୍ତା କରିବାକୁ ମୁରିବାହାଲ ବିକାଶମଞ୍ଚ ତରଫରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡିଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବି କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଡିଏମ ପବିତ୍ରମୋହନ ବେହେରା, ଏପିଡି ତରୁଣ ସୁନା, ଟିଟିଲାଗଡ଼ ଉପଜିଲାପାଳ ରୋହନ କ୍ଷେତ୍ରୀ, ଡିଇଓ ଧ୍ରୁବଚରଣ ବେହେରା, ଡିପିଓ ପ୍ରମୋଦ ମିଶ୍ର, ଡିଡବ୍ଲ୍ୟୁଓ ଅଲେଖ ବିଶ୍ୱାଳ, ଡିଏସଏସଓ ମଦନଜିତ ହୋତା, ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେରଙ୍କ ସମେତ ବହୁ ଜିଲା ଏବଂ ମୁରିବାହାଲ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମହୁଲି ସଂଗ୍ରହ : ଜିଲାୱାରୀ ତଥ୍ୟରେ ବିସଙ୍ଗତି

ବଲାଙ୍ଗୀର, ୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ମହୁଲି ମଦରୁ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କାର ବାର୍ଷିକ ରାଜସ୍ୱ ପାଉଛନ୍ତି। ରାଜ୍ୟର ବିଭିନ୍ନ ଜିଲାର ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟରୁ ଏହା ଜଣାପଡିଛି। ଏହି ରାଜସ୍ୱ ଆଦାୟରେ ବ୍ୟାପକ ଅସଙ୍ଗତି ଓ ଅନିୟମିତତା ରହିଥିବା ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଅଭିଯୋଗ କରିଛନ୍ତି। ପଣ୍ଡାଙ୍କ ସୂଚନା ମୁତାବକ ମହୁଲ ଫୁଲ ସଂଗ୍ରହ ପାଇଁ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ମଦଭାଟିମାନଙ୍କ ପକ୍ଷରୁ ସଂଗୃହୀତ ମହୁଲ ଫୁଲର ପରିମାଣ ଓ ମହୁଲି ମଦରୁ ସରକାର ଆଦାୟ କରୁଥିବା ଅବକାରୀ ରାଜସ୍ୱ ଆୟର ପରିମାଣରେ ଜିଲା ଜିଲା ମଧ୍ୟରେ ତାଳମେଳ ନାହିଁ। ନିର୍ଦ୍ଦିଷ୍ଟ ପରିମାଣ ଓଜନର ମହୁଲରୁ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ପରିମାଣର ମହୁଲି ମଦ ପ୍ରସ୍ତୁତ ହୋଇଥାଏ ଏବଂ ମହୁଲି ମଦରୁ ସରକାର ଏକ ନିର୍ଦ୍ଦିଷ୍ଟ ଅଙ୍କର ଅର୍ଥ ରାଜସ୍ୱ ଭାବେ ସଂଗ୍ରହ କରିଥାନ୍ତି। ହେଲେ କେତେକ ଜିଲାରେ କମ୍ ପରିମାଣର ସଂଗୃହୀତ ମହୁଲରୁ ଅଧିକ ପରିମାଣରେ ରାଜସ୍ୱ ସଂଗ୍ରହ ହୋଇଥିବା ବେଳେ କେତେକ ଜିଲାରେ ଅଧିକ ପରିମାଣର ସଂଗୃହୀତ ମହୁଲରୁ କମ୍ ପରିମାଣର ରାଜସ୍ୱ ଆଦାୟ ହୋଇଥିବା ତଥ୍ୟରେ ଦର୍ଶାଯାଇଛି । ସରକାରୀ ରାଜସ୍ୱ ଫାଙ୍କି ଦେବାକୁ ଭାଟି ମାଲିକ ଓ ଜିଲା ସ୍ତରର ସରକାରୀ ବ୍ୟବସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ସନ୍ଦେହ ଦୃଢୀଭୂତ ହୋଇଛି। କିଛି ମାସ ତଳେ ବଲାଙ୍ଗୀର ମଦଭାଟିରୁ ଜବତ ହୋଇଥିବା ବିପୁଳ ଟଙ୍କା ଏହାର ଏକ ପରିଣାମ ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି ।

ସମଗ୍ର ପଶ୍ଚିମ ଓଡ଼ିଶା, ଅବିଭକ୍ତ କୋରାପୁଟ ଓ ମୟୂରଭଞ୍ଜ ଜିଲାରେ ବିଶେଷ କରି ମହୁଲ ସଂଗ୍ରହ କରାଯାଇ ପ୍ରାୟତଃ ମହୁଲି ମଦ ପ୍ରସ୍ତୁତ କରାଯାଇଥାଏ । ଏହି ଅଞ୍ଚଳର ମହିଳାମାନେ ବିଶେଷ କରି ମହୁଲ ସଂଗ୍ରହ କରିଥାନ୍ତି । ବରଗଡ ଜିଲାରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୨୮୪୪୩୯.୮୨ କୁଇଣ୍ଟାଲ ମହୁଲଫୁଲ ଅଧିକୃତ ସଂସ୍ଥାମାନଙ୍କ ପକ୍ଷରୁ କିଣାଯାଇ ଥିବାବେଳେ ରାଜ୍ୟ ସରକାର ମହୁଲି ମଦରୁ ୧୦୯ କୋଟି ୫୯ ଲକ୍ଷ ୪୩ ହଜାର ୭୫୮ ଟଙ୍କା ଅବକାରୀ ରାଜସ୍ୱ ସଂଗ୍ରହ କରିଛନ୍ତି ବୋଲି ବରଗଡ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ପଣ୍ଡାଙ୍କୁ ସୂଚନା ପ୍ରଦାନ କରାଯାଇଛି। ଅର୍ଥାତ ମହୁଲଫୁଲ କୁଇଣ୍ଟାଲ ପିଛାରୁ ପ୍ରାୟ ୩୮୫୦ ଟଙ୍କା ଅବକାରୀ ରାଜସ୍ୱ ଆଦାୟ ହୋଇଛି । ବରଗଡ ଜିଲାର ଲକ୍ଷାଧିକ ମହୁଲ ଗୋଟାଳିଙ୍କୁ ଏହି ଆଧାରରେ ମିଳୁଥିବା ପ୍ରାପ୍ୟ ଅତ୍ୟନ୍ତ ନଗଣ୍ୟ ବୋଲି ପଣ୍ଡା ଜଣାଇଛନ୍ତି।

ବୌଦ୍ଧ ଜିଲାରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ୮୬୦୦୦ କୁଇଣ୍ଟାଲ ମହୁଲ ଫୁଲ ମଦଭାଟିର ସ୍ୱୀକୃତିପ୍ରାପ୍ତ କ୍ରେତାମାନେ କିଣିଥିବା ବେଳେ ରାଜସ୍ୱ ଆଦାୟ ହୋଇଛି ୨୨ କୋଟି ୫୧ ଲକ୍ଷ ୯୧ ହଜାର ୪୨୪ ଟଙ୍କା । ଅର୍ଥାତ୍ ମହୁଲ ଫୁଲ କୁଇଣ୍ଟାଲ ପିଛାରୁ ରାଜସ୍ୱ ଆଦାୟ ହୋଇଛି ମାତ୍ର ପ୍ରାୟ ୨୬୨୦ ଟଙ୍କା । ଅନୁଗୋଳ ଜିଲାରେ ୨୦୨୨-୨୦୨୩ ବର୍ଷରେ ୬୬୯୧୪.୪୪ କୁଇଣ୍ଟାଲ ମହୁଲ କିଣା ଯାଇଥିବା ବେଳେ ରାଜସ୍ୱ ଆଦାୟ ହୋଇଛି ୩୭ କୋଟି ୩୩ ଲକ୍ଷ ୫୨ ହଜାର ୮୦୫ ଟଙ୍କା । ଅର୍ଥାତ୍ ମହୁଲ କ୍ୱିଣ୍ଟାଲ ପିଛାରୁ ରାଜସ୍ୱ ଆଦାୟ ହୋଇଛି ପ୍ରାୟ ୫୫୮୦ ଟଙ୍କା। ରାୟଗଡା ଜିଲାରେ ୨୦୨୨-୨୦୨୩ ବର୍ଷରେ ୪୭୬୭୩ କୁଇଣ୍ଟାଲ ମହୁଲଫୁଲ କିଣା ଯାଇଥିବା ବେଳେ ରାଜସ୍ୱ ଆଦାୟ ହୋଇଛି ୧୮ କୋଟି ୪୬ ଲକ୍ଷ ୧୪ ହଜାର ୮୦୫ ଟଙ୍କା । କୁଇଣ୍ଟାଲ ପିଛା ମହୁଲଫୁଲରୁ ମହୁଲି ମଦ ପ୍ରସ୍ତୁତି ପରିମାଣରେ ବିଶେଷ ତାରତମ୍ୟ ନଥିବା ବେଳେ ରାଜସ୍ୱ ଆଦାୟରେ ଆକାଶ ପାତାଳ ତାରତମ୍ୟ କାହିଁକି ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି। ପୁନଶ୍ଚ ଅନେକ ଜିଲାରେ ମଦଭାଟି ଲାଇସେନ୍ସ ପାଇଁ ପ୍ରତି ବର୍ଷ ନିଲାମ କରା ନ ଯାଇ ଭାଟି ମାଲିକଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି କେବଳ ବର୍ଷବର୍ଷ ଧରି ଲାଇସେନ୍ସ ନବୀକରଣ କରାଯାଉଛି । ମହୁଲ ଗୋଟାଳୀଙ୍କୁ ଶୋଷଣ କରାଯାଇ ତଥା ଉଚିତ ପ୍ରାପ୍ୟ ନଦେଇ ମହୁଲି ମଦରୁ ସରକାର ଓ ମହୁଲି ମଦ ବେପାରୀ ଶହ ଶହ କୋଟି ଟଙ୍କା ଲାଭ କରୁଛନ୍ତି। ରାଜ୍ୟର ଲକ୍ଷ ଲକ୍ଷ ମହୁଲ ଗୋଟାଳୀ ବିଶେଷ କରି ମହିଳାମାନଙ୍କୁ ସରକାର ସଂଗ୍ରହ କରୁଥିବା ଅବକାରୀ ରାଜସ୍ୱରୁ ବୋନସ ରାଶି ପ୍ରଦାନ କରିବାକୁ ସୂଚନା କର୍ମୀ ପଣ୍ଡା ଦାବି କରିବା ସହ ଆର୍ଥିକ ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ସରକାରଙ୍କ ଭୁଲ ନୀତି ଓ ମନ୍ଦ ଉଦ୍ଦେଶ୍ୟ ଯୋଗୁ ଓଡିଶାର ଦାରିଦ୍ର୍ୟ ଅଧ୍ୟୁଷିତ ଅଞ୍ଚଳର ଲୋକେ ମହୁଲ ଭଳି ପ୍ରାକୃତିକ ସମ୍ପଦରୁ ଲାଭବାନ ହେବା ପରିବର୍ତ୍ତେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି ସୂଚନା କର୍ମୀ ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ।

### ଗୋଟାଳିଙ୍କ ଅପେକ୍ଷା ସରକାର, ବେପାରୀ ମାଲାମାଲ


ମହୁଲ ଫୁଲର ଫାଇଲ ଫଟୋ।







ମେଧାବୀ ଆକାଂକ୍ଷୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତମ ସଫଳତା ହାସଲ ଲାଗି ରାଜ୍ୟ ସରକାର ସବୁ ପ୍ରକାର ସହାୟତା ଦେବାକୁ ପ୍ରୟାସ କରିବେ।

**– ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**

# ଦ୍ୱୈତ ନଗରୀରେ ନୂଆ-ଓ ଛାତ୍ରବୃତ୍ତି

ଭୁବନେଶ୍ୱର ଏକାମ୍ର ଡିଗ୍ରୀ କଲେଜ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ମହର୍ଷି କଲେଜ ଏବଂ ରାଜଧାନୀ କଲେଜର ୫,୩୫୮ ଛାତ୍ରୀଛାତ୍ରଙ୍କୁ ୫.୨୬ କୋଟି ଟଙ୍କା ପ୍ରଦାନ

କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ, ଜେ.କେ.ବି.କେ କଲେଜ ଏବଂ ଶୈଳବାଳା ମହିଳା ମହାବିଦ୍ୟାଳୟର ୮,୧୧୬ ଛାତ୍ରୀଛାତ୍ରଙ୍କୁ ୮.୧୩କୋଟି ଟଙ୍କା ପ୍ରଦାନ



ନୁଆ-ଓ' ଛାତ୍ରବୃତ୍ତି ଉଚ୍ଚଶିକ୍ଷାରେ ବିଶେଷ ପ୍ରଭାବ ପକାଇବ ଏବଂ ଯୁବପିଢ଼ିଙ୍କୁ ସେମାନଙ୍କର ସ୍ୱପ୍ନ ସାକାର କରିବାକୁ ସଶକ୍ତ କରିବ।

**– କାର୍ତ୍ତିକ ପାଣ୍ଡିଆନ୍ , ୫-ଟି ଅଧ୍ୟକ୍ଷ**

## ସଶକ୍ତ କରିବ ମ୍ୟାଜିକ୍ କାର୍ଡ

ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପାଇଁ ଗତ ୫ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଅଗଷ୍ଟ ୧୫ତାରିଖରୁ ଏହି କାର୍ଡ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ସମସ୍ତ ଛାତୀଛାତ୍ରଙ୍କୁ ପ୍ରଦାନ କରାଯିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଶାରୀରିକ ଏବଂ ଡିଜିଟାଲ ସୁବିଧା ଯୋଗାଇ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡକୁ ଛାତ୍ରୀଛାତ୍ରଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍ ଭାବେ ବିଭକ୍ତୀକରଣ କରାଯିବ। ଏହି କାର୍ଡ ମାଧ୍ୟମରେ ବସ୍, ଟ୍ରେନ, ବିମାନରେ ଯାତ୍ରା ସମୟରେ ରିହାତି, ମୋବାଇଲରେ ଇଣ୍ଟରନେଟ୍ ରିଚାର୍ଜ, ୱାଇଫାଇ, ଇ-ଲାଇବ୍ରେରୀ, ଅନଲାଇନ ପାଠ୍ୟକ୍ରମ, ବୃତ୍ତି ପରାମର୍ଶ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଓ କର୍ମଶାଳା, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିଅର ଚୟନ ପାଠ୍ୟକ୍ରମ, ଓଡ଼ିଆ ଓ ଇଂଲିଶ ପରି ଭାଷା ପାଠ୍ୟକ୍ରମ, ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ସମୟରେ ଷ୍ଟାଡିଅମରେ ପ୍ରବେଶ, ଜର୍ନାଲ ଏବଂ ସେମିନାରଗୁଡିକର ପ୍ରବେଶ, ସଂଗ୍ରହାଳୟ ଓ ପର୍ଯ୍ୟଟନ ସ୍ଥଳୀକୁ ପ୍ରବେଶ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ଯୋଗାଇବ।







ୟୁଜି ଏବଂ ପିଜି ପାଠ୍ୟକ୍ରମର ସମସ୍ତ ଛାତ୍ରୀଛାତ୍ର www.magiccard.odisha.gov.in ୱେବଥସାଇଟ ପରିଦର୍ଶନ କରି ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ ପାଇଁ ପଞ୍ଜୀକରଣ କରିବାକୁ ଯୋଗ୍ୟ ଅଟନ୍ତି।

### ସହାୟକ ହେବ ନୂଆ-ଓ ଛାତ୍ରବୃତ୍ତି



ମୁଁ ମଧ୍ୟବିତ୍ତ ପରିବାରର ହୋଇଥିବାରୁ ଅର୍ଥାଭାବ ଅନେକ ସମୟରେ ପାଠପଢ଼ାରେ ବାଧା ସୃଷ୍ଟି କରିଥାଏ। ଫର୍ମ ପୂରଣ ହେଉ କି ନାମଲେଖା କିମ୍ବା ବହି କିଣିବା, ସବୁ କ୍ଷେତ୍ରରେ ଅର୍ଥାଭାବ ଯୋଗୁ ଠିକ୍ ସମୟରେ କିଛି କରିବା ସମ୍ଭବ ହୋଇପାରେ ନାହିଁ। ତେଣୁ ସରକାରଙ୍କ ଏହି ନୂଆ-ଓ ଛାତ୍ରବୃତ୍ତି ବହୁ ମାତ୍ରାରେ ମୋତେ ସହାୟକ ହେବ। ଯେହେତୁ ଏସ୍‌ସି/ଏସ୍‌ଟି ବର୍ଗରୁ ମୁଁ ଯାଉଛି, ତେଣୁ ମୋତେ ୧୧ ହଜାର ଟଙ୍କା ମିଳିଛି। ସେଥିପାଇଁ ମୁଁ ବହୁତ ଖୁସି ଅଛି।

**– ଜସ୍ମିତା ପିଙ୍ଗୁଆ, ଯୁକ୍ତ୩ ଦ୍ୱିତୀୟବର୍ଷ ଛାତ୍ରୀ, ରାଜଧାନୀ କଲେଜ, ଭୁବନେଶ୍ୱର**

### ଉଚ୍ଚଶିକ୍ଷା ପାଇଁ ଖର୍ଚ୍ଚ କରିବି



ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯିବା ରାଜ୍ୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଛାତ୍ରବୃତ୍ତି ପିଲାଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବ। କେବଳ ମୁଁ ନୁହେଁ, ସାରା ଓଡ଼ିଶାର ଛାତ୍ରୀଛାତ୍ର ଏଥିରେ ଉପକୃତ ହେବେ। ଏଥିପାଇଁ ମୁଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ପାଇଥିବା ଟଙ୍କାକୁ ବର୍ତ୍ତମାନ ଖର୍ଚ୍ଚ କରିବି ନାହିଁ। ସଞ୍ଚୟ କରି ରଖିବି ଏବଂ ଆଗକୁ ଉଚ୍ଚଶିକ୍ଷା ପାଇଁ ସେହି ଟଙ୍କାକୁ ଖର୍ଚ୍ଚ କରିବି ବୋଲି ଚିନ୍ତା କରିଛି।

**– ଶୁଭ୍ରାପ୍ରିୟ ପ୍ରିୟଦର୍ଶିନୀ, ଯୁକ୍ତ୩ ଶେଷବର୍ଷ ଛାତ୍ରୀ, କମଳା ନେହେରୁ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର।**

### ଛାତ୍ରବୃତ୍ତି ପାଇ ଅତ୍ୟନ୍ତ ଆନନ୍ଦିତ



ରାଜ୍ୟ ସରକାରଙ୍କ ତରଫରୁ ଛାତ୍ରବୃତ୍ତି ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ। ବୃତ୍ତି ଅର୍ଥ ରାଶିରେ ପ୍ରତିଯୋଗିତା ମୂଳକ ପୁସ୍ତକ କିଣି ଭବିଷ୍ୟତ ପରୀକ୍ଷା ପାଇଁ ନିଜକୁପ୍ରସ୍ତୁତକରିବି।ପାଣ୍ଡିଆନସାର୍‌ଙ୍କଠାରୁଏହିରାଶିଗ୍ରହଣକରିବା ପାଇଁ ମନୋନୀତ କରାଯାଇଥିବାରୁ ମୁଁ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ।

**– ସ୍ମିତା ପଣ୍ଡା, ଶୈଳବାଳା ମହିଳା ମହାବିଦ୍ୟାଳୟ**

### ପାଠପଢ଼ା ପାଇଁ ଉପଯୋଗୀ ହେବ



ପାଠପଢ଼ା ପାଇଁ ଉପଯୋଗୀ ହେବ, ନୂଆ ଓ ବୃତ୍ତି ଅର୍ଥରେ ବହି ଖାତା କିଣିବା ସହ ଅନ୍‌ଲାଇନ କୋର୍ସ କରିବାକୁ ଦେୟ ଦେବି, ସରକାରଙ୍କ ଏହା ଭଲ ପଦକ୍ଷେପ, ଏହି ବୃତ୍ତି ସବୁ ବର୍ଷ ଜାରି ରହିବା ଦରକାର।

**– ସୁଟୁଲ୍ ସାହୁ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**



